Volume : 1 • Issue : 1 • March 2022 • Monthly • Price : ₹ 30 • Bhubaneswar
ଭାଗ – ୧ • ସଂଖ୍ୟା – ୧ • ମାର୍ଚ୍ଚ ୨୦୨୨ • ମାସିକ • ମୂଲ୍ୟ : ₹ ୩୦ • ଭୁବନେଶ୍ୱର

# ସାହିତ୍ୟ ଚର୍ଚ୍ଚା

## SAHITYA CHARCHA



ଓଡିଆ ସାହିତ୍ୟର ନବ ଦିଗନ୍ତ

**RECOGNISED BY:**

MINISTRY OF TOURISM GOVERNMENT OF INDIA | Jharkhand Tourism | Telangana Tourism | Eco Tour Odisha

# Destination Unlimited
*tour and travels*

## Hot Deal for all Hotels of Odisha & Tour Packages of Odisha, Jharkhand & Kerala available at best rate...

## We Create Happy Travelers...








## Services Offered

- Air Ticketing (Pre Purchased Rate/Group Fare/Coupon Fare) • Hotel Booking
- Corporate Booking • Car Rental • MICE • Visa Assistance • Sightseeing
- Destination Wedding • Honeymoon Holidays • International Tour Package
- Cruise • Aroma Tourism • Educational Tour • Event Management

Allow us to be your travel guide/partner in seeking beguiling holidays to leave your footprints all over the country.

**Head Office :** T-5, 3rd Floor, Om Plaza, Aambagan, Sakchi, Jamshedpur- 831001 (Jharkhand)
E-mail : reservation@destination-unlimited.in | Mob.: 7004602064, 7209997776

**Bhubaneswar Office :** Saptasati Vihar Pandra, Rasulgarh, Bhubaneswar - 751010 | Mob.: 9937049143

**Kerala Office :** Venice Nogan-30, Lajanath Ward, Alappugha, Kerala-01 | Mob.: 9037179598

Vol-1 • Issue-1 • March 2022 • Monthly • Rs. 30 • 64 Pages • Bhubaneswar

# ସାହିତ୍ୟ ଚର୍ଚ୍ଚା

**SAHITYA CHARCHA**

ଓଡ଼ିଆ ସାହିତ୍ୟର ନବ ଦିଗନ୍ତ

**www.sahityacharcha.com**

ଭାଗ-୧ • ସଂଖ୍ୟା-୧ • ମାର୍ଚ୍ଚ ୨୦୨୨ • ମାସିକ • ଟ.୩୦ • ୬୪ ପୃଷ୍ଠା • ଭୁବନେଶ୍ୱର

ମୂଳ ପ୍ରେରଣା ସ୍ରୋତ

**ମହାପ୍ରଭୁ ଶ୍ରୀ ଜଗନ୍ନାଥ**

ଉପଦେଷ୍ଟା ମଣ୍ଡଳୀ

**ଦୁର୍ଗା ଚରଣ ଷଡ଼ଙ୍ଗୀ**

**ବଳଦେବ ମହାରଥା**

**ପ୍ରଶାନ୍ତ ଭୂୟାଁ**

ସଂପାଦକ

**ନିହାର ରଂଜନ ଶତପଥୀ**

ବ୍ୟବସ୍ଥାପକ

**ବିକାଶ ମହାପାତ୍ର**

ବୈଷୟିକ ସହଯୋଗ

**ଶଚିନ୍ଦ୍ର କୁମାର ରାଉତରାୟ**

ୱେବ୍‌ସାଇଟ୍ ପରିଚାଳନା

**ପ୍ରଭଞ୍ଜନ ବଳିୟାରସିଂ**

ପ୍ରଚ୍ଛଦ ଫଟୋ

**ଧୀରେନ୍ଦ୍ର କର**

ଯୋଗାଯୋଗ

**ସାହିତ୍ୟ ଚର୍ଚ୍ଚା**, ୧୯, ଆର୍ଯ୍ୟ ଭିଲେଜ୍,
ଡୁମୁଡୁମା, ଫେଜ୍-୪,
ଭୁବନେଶ୍ୱର-୭୫୧୦୧୯
ଫୋନ୍ : (୦୬୭୪) ୩୫୫୨୯୪୭
ମୋବାଇଲ : ୯୩୬୮୭୭୨୫୦୬
E-mail: info@sahityacharcha.com

**ମୂଲ୍ୟ : ଟ. ୩୦/-**

## ।। ସୂଚୀ ।।

| | |
|---|---|
| ସାହିତ୍ୟ ସମାଚାର : | ୦୨ |
| କଳ୍ପନା-ରହିତ ସାହିତ୍ୟ (ସଂପାଦକୀୟ) : ନିହାର ଶତପଥୀ | ୦୩ |
| ସାହିତ୍ୟର ଅନ୍ଦର ମହଲ (ବ୍ୟଙ୍ଗ ଚିତ୍ର) : ଅମର ସ୍ୱାଇଁ | ୦୪ |
| ଓଡ଼ିଆ ସାହିତ୍ୟରେ ଉତ୍ତର ଆଧୁନିକତା (ପ୍ରବନ୍ଧ) : ଅନ୍ତର୍ଯ୍ୟାମୀ ମିଶ୍ର | ୦୫ |
| ଶୂନ୍ୟ ପଣତ (ଗଳ୍ପ) : ଜୟନ୍ତୀ ସାହୁ | ୧୦ |
| କୁନି ପାଇଁ ଝାଡୁ (ଲଳିତ ନିବନ୍ଧ) : ଅଜୟ ମହାଲା | ୧୨ |
| ଯୁଦ୍ଧ (କବିତା) : ଗଗନ ପାଣିଗ୍ରାହୀ | ୧୪ |
| ରମାକାନ୍ତ ରଥଙ୍କ : ଶ୍ରୀରାଧା (ସମାଲୋଚନା) : ଉଦୟନାଥ ସାହୁ | ୧୫ |
| ଆମ ଲୋକୋକ୍ତିରେ ହାଣ୍ଡି (ପ୍ରବନ୍ଧ) : ଅଜୟ କୁମାର ମିଶ୍ର | ୧୯ |
| ଜଟିଆ (ଗଳ୍ପ) : ସନ୍ତୋଷ କୁମାର ପଟ୍ଟନାୟକ | ୨୨ |
| ଦନାଇ ଦାସଙ୍କ ପ୍ରୀତିତତ୍ତ୍ୱ (ପ୍ରବନ୍ଧ) : ଅଶୋକ କୁମାର ପଣ୍ଡା | ୨୫ |
| କଥାକାର ବିଭୂତି ପଟ୍ଟନାୟକଙ୍କ ସହ ଏକ ଆଲୋଚନା (ସାକ୍ଷାତକାର) | ୩୦ |
| କେଇପଦ ସମ୍ବଲପୁରୀ (କବିତା): ପ୍ରଫୁଲ୍ଲ କୁମାର ତ୍ରିପାଠୀ | ୩୪ |
| ଭୀମଭୋଇଙ୍କ ତମସାଚ୍ଛନ୍ନ ଜୀବନ ରହସ୍ୟ (ପ୍ରବନ୍ଧ):ରମାକାନ୍ତ ନାୟକ | ୩୫ |
| କୁହେଳିରେ ଥିବା ଗୌତମୀମାନେ (ଜୀବନୀ) : ସରୋଜିନୀ ସାହୁ | ୪୧ |
| ଏଇ ମଣିଷ (ରମ୍ୟରଚନା) : ଅଭୟ ଦାଶ | ୪୫ |
| ତୃଷ୍ଣା- ତୁ ନ ଗଲେ (ଅନୁବାଦ ଗଳ୍ପ) : କିଶୋର ମହାନ୍ତି | ୪୭ |
| ତୁମେ (କବିତା) : ପୁଷ୍ପାଞ୍ଜଳି ପଣ୍ଡା | ୫୦ |
| ଘୋଡ଼ା ମୁହାଁ (ବ୍ୟଙ୍ଗ) : ଧର୍ମଛଡା | ୫୧ |
| ପାଲା ପରମ୍ପରାରେ ସାହିତ୍ୟିକ ମୂଲ୍ୟବୋଧ (ପ୍ରବନ୍ଧ) : କୃଷ୍ଣଚନ୍ଦ୍ର ରଥ | ୫୪ |
| ପାପଗର୍ଭ (ଗଳ୍ପ) : ଚୈଧୁରୀ ବରଦାପ୍ରସନ୍ନ ଦାସ | ୫୬ |
| ଇଟାଲୀଆନ୍ ସେଲୁନ (ଅନୁଭୂତି) : ପ୍ରକାଶ ନାୟକ | ୫୯ |
| ମାନିବ ନାଇଁରେ ମାନିବ ନାଇଁ (ଶିଶୁ ଗଳ୍ପ) : ସଂଗ୍ରାମ କେଶରୀ ପୃଷ୍ଟି | ୬୧ |
| ବିରହ ଶତକ (ପୁସ୍ତକ ସମୀକ୍ଷା) : ନିହାର ଶତପଥୀ | ୬୩ |
| ଅମଣଖମଣ (ଶେଷ ପୃଷ୍ଠା) : ପ୍ରଶାନ୍ତ ଭୂୟାଁ | ୬୪ |

# ସାହିତ୍ୟ ସମାଚାର

## ସାହିତ୍ୟ ଏକାଡେମୀ ପକ୍ଷରୁ ଭୁବନେଶ୍ୱରରେ ଲେଖିକା ମହୋତ୍ସବ



କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ଭୁବନେଶ୍ୱରଠାରେ ମାର୍ଚ୍ଚ ଆଠ ତାରିଖ ଦିନ ଏକ ସର୍ବଭାରତୀୟ ଲେଖିକା ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ସେହିଦିନ ପାଳିତ ହେଉଥିବା ଅନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ଏହା ଆୟୋଜିତ ହୋଇଥିଲା। ଦେଶର ବିଭିନ୍ନ ପ୍ରାନ୍ତରୁ ବହୁ ଲେଖିକା ଓ କବୟିତ୍ରୀ ଏଥିରେ ଯୋଗ ଦେଇଥିଲେ।

କାର୍ଯ୍ୟକ୍ରମଟିର ଉଦ୍ଘାଟନ କରିଥିଲେ ପଦ୍ମଭୂଷଣ ସମ୍ମାନରେ ବିଭୂଷିତା ବିଶିଷ୍ଟ ଲେଖିକା ପ୍ରତିଭା ରାୟ। ସାହିତ୍ୟର କୌଣସି ଲିଂଗଗତ ବୈଷମ୍ୟ ନଥାଏ ବୋଲି ସେ ନିଜ ବକ୍ତବ୍ୟରେ ମତ ଦେଇଥିଲେ। ଏହି ଉଦ୍ଘାଟନୀ ସମାରୋହରେ ସଭାପତିତ୍ୱ କରିଥିଲେ ସ୍ୱନାମଧନ୍ୟ କବି ରମାକାନ୍ତ ରଥ। ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ ବିଶିଷ୍ଟ କବୟିତ୍ରୀ ପ୍ରତିଭା ଶତପଥୀ।

ଏହି ଅବସରରେ ଏକ କବିତା ପାଠୋତ୍ସବ ମଧ୍ୟ ଅନୁଷ୍ଠିତ ହୋଇଥିଲା। ଦ୍ୱିତୀୟ ଅଧିବେଶନରେ 'ନାରୀମାନଙ୍କ ସାହିତ୍ୟରେ ବୈପ୍ଳବିକ ପରିବର୍ତ୍ତନ' ବିଷୟରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା ଯେଉଁଥିରେ ସଂଯୁକ୍ତା ଦାସଗୁପ୍ତ ସଭାପତିତ୍ୱ କରିଥିଲେ। ପରବର୍ତ୍ତୀ ଅଧିବେଶନରେ ବିଶିଷ୍ଟ ଗାଳ୍ପିକା ଯଶୋଧାରା ମିଶ୍ରଙ୍କ ସଭାପତିତ୍ୱରେ ଏକ ଗଳ୍ପ ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ଉପଲକ୍ଷେ ଏକ ପୁସ୍ତକ ପ୍ରଦର୍ଶନୀ ମଧ୍ୟ ଆୟୋଜିତ ହୋଇଥିଲା ।

## ପରଲୋକରେ ପ୍ରଥିତଯଶା କବି ହରପ୍ରସାଦ ପରିଚ୍ଛା ପଟ୍ଟନାୟକ



ଉତ୍ତର ଆଧୁନିକ ଓଡ଼ିଆ କବିତାର ଅନ୍ୟତମ ଅଗ୍ରଦୂତ ତଥା ବିଶିଷ୍ଟକବି ଶ୍ରୀ ହରପ୍ରସାଦ ପରିଚ୍ଛା ପଟ୍ଟନାୟକ ଫେବୃଆରୀ ୧୬ ତାରିଖ ଅପରାହ୍ନରେ ପରଲୋକ ଗମନ କରିଛନ୍ତି। ସେ ଦୀର୍ଘଦିନ ଧରି ଅସୁସ୍ଥ ଅବସ୍ଥାରେ ଭୁବନେଶ୍ୱର ସ୍ଥିତ କେଆର ହସପିଟାଲ୍ ର ଆଇ.ସି.ୟୁ ରେ ଚିକିତ୍ସିତ ହେଉଥିଲେ। ତାଙ୍କ ବିୟୋଗରେ ଓଡ଼ିଆ ସାହିତ୍ୟ ଜଗତ ଜଣେ ଉଜ୍ଜ୍ୱଳ ଜ୍ୟୋତିଷ୍କଙ୍କୁ ହରାଇଲା।


### FORM - IV

Statement about ownership and other particulars about newspaper SAHITYA CHARCHA to be published in the first issue every year after the last day of February

1. Place of publication : Bhubaneswar
2. Periodicity of its publication : Monthly
3. Printer's Name : Nihar Ranjan Satpathy
   Nationality : Indian
   Address : SB-19, Arya Village, Dumduma, Phase-4, Bhubaneswar - 751019
4. Publisher's Name : Nihar Ranjan Satpathy
   Nationality : Indian
   Address : SB-19, Arya Village, Dumduma, Phase-4, Bhubaneswar - 751019
5. Editor's Name : Nihar Ranjan Satpathy
   Nationality : Indian
   Address : SB-19, Arya Village, Dumduma, Phase-4, Bhubaneswar - 751019
6. Names and addresses of individuals who own the newspaper and partners or shareholders holding More than one per cent of the total capital : Nihar Ranjan Satpathy, SB-19, Arya Village, Dumduma, Phase-4, Bhubaneswar - 751019

I, Nihar Ranjan Satpathy hereby declare that the particulars given above are true to the best of my knowledge and belief.

(Nihar Ranjan Satpathy)
Signature of Publisher

Date: 10.03.2022

ସଂପାଦକୀୟ

# କଳ୍ପନା-ରହିତ ସାହିତ୍ୟ

ଅନୁଭୂତି ବା ଜ୍ଞାନ ଓ କଳ୍ପନାର ଏକ ସଂବେଦନାତ୍ମକ ସଂଯୋଗରୁ ହିଁ ସାହିତ୍ୟର ସୃଷ୍ଟି। ଯେତେବେଳେ ଏକଦା ମହର୍ଷି ବାଲ୍ମିକୀ ବ୍ୟାଧ ଦ୍ୱାରା ଶରାହତ କ୍ରୌଂଚ ପକ୍ଷୀଟିଏ ମର୍ମନ୍ତୁଦ ଭାବେ ଛଟପଟ ହୋଇ ପ୍ରାଣ ତ୍ୟାଗ କରିବାର କରୁଣ ଦୃଶ୍ୟ ପ୍ରତ୍ୟକ୍ଷ କଲେ, ସେତେବେଳେ ସେ ଶୋକାକୁଳ ହୋଇ ଗାଇ ଉଠିଥିଲେ:

ମା ନିଷାଦ ପ୍ରତିଷ୍ଠାଂ ତ୍ୱମଗମଃ ଶାଶ୍ୱତୀଃ ସମାଃ ।<br>
ଯତ୍‌କ୍ରୌଞ୍ଚମିଥୁନାଦେକମବଧୀଃ କାମମୋହିତମ୍ ॥

ଏହାହିଁ ଭୂପୃଷ୍ଠର ପ୍ରଥମ କବିତା। ଏହି ଶ୍ଳୋକର ସ୍ଫୁଲିଙ୍ଗଟି ସୃଷ୍ଟି ହୋଇଥିଲା ମର୍ମସ୍ପର୍ଶୀ ବାସ୍ତବ ଘଟଣାଟିଏରୁ। ପରବର୍ତ୍ତୀକାଳୀନ ସାହିତ୍ୟର ବିହଙ୍ଗାବଲୋକନ କଲେ ଆମେ ଦେଖିବା ଯେ ଏହିଭଳି କିଛିନା କିଛି ବାସ୍ତବ ଅନୁଭୂତିରୁ ହିଁ ସାହିତ୍ୟ ନିଜର ରୂପ ପରିଗ୍ରହଣ କରିଥାଏ। କବି ବା ଲେଖକ ସେହି ଘଟିତ ଅନୁଭୂତି ବା ଜ୍ଞାନ ଉପରେ




କଳ୍ପନାର ପୁଟ ଦେଇ ସୃଷ୍ଟି କରନ୍ତି କବିତା ଓ ଗଳ୍ପ ଭଳି କାଳ୍ପନିକ ସୃଷ୍ଟି ସମ୍ଭାର। ଏହି ଶ୍ରେଣୀର ସୃଷ୍ଟିରେ ପ୍ରକୃତ ଘଟଣାମାନ ସିଧାସଳଖ ଭାବରେ ବର୍ଣ୍ଣିତ ହୋଇନଥାଆନ୍ତି। ବରଂ ଏଥିରେ ସ୍ରଷ୍ଟା ନିଜର ଅନ୍ତର୍ଦୃଷ୍ଟି ବା କଳ୍ପନାର ପ୍ରୟୋଗ ପୂର୍ବକ ନିଜ ସର୍ଜନାଟିକୁ ରୂପାୟିତ କରିଥାଆନ୍ତି। ଆମେ ଜାଣୁ ଯେ ଏହି ଶ୍ରେଣୀର କଳ୍ପନା ଆଶ୍ରିତ ରଚନାବଳୀରେ ଏବର ଓଡ଼ିଆ ସାହିତ୍ୟ ଭରପୁର। ଅର୍ଥାତ୍ ଆଜିକାଲି ସାହିତ୍ୟ ଧର୍ମୀ ପୁସ୍ତକ ଓ ପତ୍ରପତ୍ରିକା ଖେଳାଇଲେ ଦେଖିବାକୁ ମିଳେ ଯେ ସେହି ରଚନା-ସମଗ୍ରର ରାଜଭାଗ ଅକ୍ତିଆର କରନ୍ତି କବିତା, ଗଳ୍ପ, ଉପନ୍ୟାସ ବା ନାଟକ ଭଳି କଳ୍ପନାଶ୍ରିତ ସୃଷ୍ଟିମାନ। ଅବଶ୍ୟ 'କଳ୍ପନାଶ୍ରିତ' ବୋଲି କହିବା ବେଳେ ଆମେ ଇତିହାସ ବା ଘଟଣା ଆଧାରିତ କାବ୍ୟ-କବିତା ଓ ଉପନ୍ୟାସଗୁଡିକୁ ଏଥିରେ ଅନ୍ତର୍ଭୁକ୍ତ କରୁନାହୁଁ।

ଏହି ପ୍ରସଙ୍ଗରେ ଆଉ ଏକ ଶ୍ରେଣୀର ରଚନା ମଧ୍ୟ ବେଳେବେଳେ ଆମ ଦୃଷ୍ଟିରେ ପଡେ, ଯେଉଁଥିରେ ଗଳ୍ପକାର ବା ଉପନ୍ୟାସକାର ନିଜ ଲେଖାର ପାଦଟୀକାରେ ସୂଚାଇଥାଆନ୍ତି ଯେ ତାଙ୍କର ରଚନା 'ବାସ୍ତବ ଘଟଣା ଉପରେ ଆଧାରିତ'। ଏମନ୍ତ ସ୍ଥଳେ ଲେଖକ ବାସ୍ତବ ଘଟଣାବଳୀର ସ୍ଥାନ, କାଳ ଓ ପାତ୍ର ଆଦି ପରିବର୍ତ୍ତନ କରି ନିଜକୁ ନିରାପଦ ଦୂରତାରେ ରଖିବା ପାଇଁ ଚେଷ୍ଟା କରିଥାଆନ୍ତି। ଆମେ ଏଠାରେ ଏହି ପର୍ଯ୍ୟାୟର ରଚନାମାନଙ୍କ ବିଷୟରେ ବି ଆଲୋଚନା କରିବାକୁ ଯାଉନାହୁଁ।

ଆମର ବିଚାରଣୀୟ ହେଲା ସାହିତ୍ୟର ସେହି ବିଭାଗଟିମାନ ଯେଉଁଥିରେ ବାସ୍ତବ ଘଟଣାବଳୀ ସଂପୂର୍ଣ୍ଣ ଓ ସିଧାସଳଖ ଭାବରେ ବର୍ଣ୍ଣିତ ହୋଇଥାଆନ୍ତି। ଜୀବନୀ, ଭ୍ରମଣ କାହାଣୀ, ଓ ଅନୁଭୂତି ଆଦି ଏହି ଶ୍ରେଣୀର ଅନ୍ତର୍ଭୁକ୍ତ। ଲକ୍ଷ୍ୟ କରାଯାଏ ଯେ ସାହିତ୍ୟର ଏହି ବିଭାଗଗୁଡିକୁ ସବଳ ଓ ଲୋକପ୍ରିୟ କରିବାପାଇଁ ସାରସ୍ୱତ ମହଲରେ ଯଥାଯଥ ଦୃଷ୍ଟି ଦିଆଯାଇନାହିଁ। ଏଥିମଧ୍ୟରୁ ଶେଷୋକ୍ତ, ଅର୍ଥାତ 'ଅନୁଭୂତି' ଶ୍ରେଣୀୟ ରଚନା ଆମ ଭାଷାରେ ପ୍ରାୟ ନାହିଁ କହିଲେ ଚଳେ।

ଏହି ଅନୁଭୂତି ବା ସଂସ୍ମରଣ ପର୍ଯ୍ୟାୟର ଲେଖାକୁ ଯଥାଯଥ ମାନ୍ୟତା ଦେବା ଏବର ଅନ୍ୟତମ ଆବଶ୍ୟକତା। କାରଣ ସମସ୍ତ ସାରସ୍ୱତ ରଚନାକ୍ଷମ ଲେଖକ ଯେ କବିତା ଓ ଗଳ୍ପ ଭଳି କଳ୍ପନାଶ୍ରିତ ସର୍ଜନା ପାଇଁ ସମ ଭାବରେ ଦକ୍ଷତା ସଂପନ୍ନ ସେ କଥା ମଧ୍ୟ କହିହେବନାହିଁ। ତେଣୁ କୌଣସି ସମୟରେ ନିଜେ ଅଙ୍ଗେନିଭାଇଥବା ଘଟଣା ବା ଅନୁଭବ ସବୁକୁ ଯଦି ଜଣେ ଲେଖକ କଲମରେ ସିଧାସଳଖ ଉପସ୍ଥାପନା କରନ୍ତି ତେବେ ତାହାକୁ ଉପଯୁକ୍ତ ମୂଲ୍ୟ ବା ନଦେବା କାହିଁକି। ଏହି ଅଭିପ୍ରାୟରେ ଆମେ ନିଜ ପତ୍ରିକାରେ ବାସ୍ତବ ଅନୁଭୂତିର ବର୍ଣ୍ଣନା ସମ୍ବଳିତ ଲେଖାଗୁଡ଼ିକୁ ପ୍ରୋତ୍ସାହିତ କରିବାପାଇଁ ଯତ୍ନଶୀଳ। ଏହି ସନ୍ଦର୍ଭରେ ଆମର ଚଳିତ ସଂଖ୍ୟାରେ ପ୍ରକାଶିତ ହୋଇଛି ପ୍ରକାଶ ନାୟକଙ୍କ ଏକ ଅନୁଭୂତିର ଆଲେଖ୍ୟ, 'ଇଟାଲିଆନ୍ ସେଲୁନ୍'। ବିଶିଷ୍ଟ କଥାକାର ସ୍ୱର୍ଗତ ଜଗଦୀଶ ମହାନ୍ତିଙ୍କ ଜୀବନର କେତେକ ରୋଚକ ଘଟଣାବଳୀକୁ ନେଇ ରଚିତ, ତାଙ୍କ ସହଧର୍ମିଣୀ ତଥା ସୁଲେଖିକା ସରୋଜିନୀ ସାହୁଙ୍କ ଦ୍ୱାରା ଲିଖିତ ଜୀବନ ଚରିତରୁ ଅଧ୍ୟାୟଟିଏ ମଧ୍ୟ ଆମେ ଏହି ମର୍ମରେ ସ୍ଥାନିତ କରିଛୁ। ଆଶା, ସହୃଦୟ ପାଠକଙ୍କ ଦ୍ୱାରା ଏହା ଆଦୃତ ହେବ।

*ନିହାର ଶତପଥୀ*

## ସାହିତ୍ୟର ଅନ୍ଦର ମହଲ

ଅମର ସ୍ୱାଇଁ




*ଏବେ ଅଧିକାଂଶ କବି ଓ ଲେଖକ କଳ୍ପନା ପ୍ରସୂତ ସାହିତ୍ୟ ରଚନାରେ ପ୍ରବୃତ୍ତ। ବାସ୍ତବ ଜ୍ଞାନ ବା ଅନୁଭୂତି ଜଡ଼ିତ ସାହିତ୍ୟ ରଚନା ପାଇଁ ବିଶେଷ ରୁଚି ନାହିଁ। ଏହାରି ଉପରେ ଏଥରର ବ୍ୟଙ୍ଗ ଚିତ୍ର। ପ୍ରସଙ୍ଗ ପାଇଁ ଚଳିତ ସଂଖ୍ୟାର 'ସମ୍ପାଦକୀୟ' ଦ୍ରଷ୍ଟବ୍ୟ।*

---

## 'ସାହିତ୍ୟ ଚର୍ଚ୍ଚା'କୁ ଲେଖା ପଠାଇବାର ନିୟମାବଳୀ

୧. 'ସାହିତ୍ୟ ଚର୍ଚ୍ଚା'ରେ ମୁଖ୍ୟତଃ ପ୍ରବନ୍ଧ, ରମ୍ୟରଚନା, ଲଳିତ ନିବନ୍ଧ, ବ୍ୟଙ୍ଗ, ସମାଲୋଚନା, ଗଳ୍ପ ଓ କବିତା ପର୍ଯ୍ୟାୟର ଲେଖା ପ୍ରକାଶ ପାଏ। ଆଗ୍ରହୀ ଲେଖକମାନେ ଉପରୋକ୍ତ ଯେକୌଣସି ବିଭାଗ ପାଇଁ ଲେଖା ପଠାଇ ପାରନ୍ତି।

୨. ଲେଖାଗୁଡ଼ିକୁ ଟାଇପ୍ କରି ଇ-ମେଲ୍ ଯୋଗେ info@sahityacharcha.com ଠିକଣାରେ ପଠାଇବାକୁ ଅନୁରୋଧ। ଆବଶ୍ୟକ ସ୍ଥଳେ ସ୍ୱହସ୍ତଲିଖିତ ରଚନା ସ୍କାନିଂ କରି ମଧ୍ୟ ପଠାଇ ପାରନ୍ତି।

୩. ଅନ୍ୟତ୍ର ପ୍ରକାଶିତ କୌଣସି ଲେଖା ନ ପଠାଇବାକୁ ଅନୁରୋଧ।

୪. ଲେଖା ସହିତ ଲେଖକ ବା ଲେଖିକାଙ୍କର ଏକ ଫଟୋ, ମୋବାଇଲ୍ ନମ୍ବର ଏବଂ ଇ-ମେଲ୍ ଠିକଣା ରହିଥିବା ଆବଶ୍ୟକ।

୫. ଅତି ଦୀର୍ଘ ଲେଖା ନ ପଠାଇବାକୁ ଅନୁରୋଧ।

୬. ଚୟନିତ ଲେଖାର ପ୍ରକାଶନ ପାଇଁ ଅନ୍ତତଃ ଦୁଇମାସ ଅପେକ୍ଷା କରିବା ପାଇଁ ନିବେଦନ।

୭. ଅପ୍ରକାଶିତ ଲେଖାର କାରଣ ଦର୍ଶାଇବା ପାଇଁ ସମ୍ପାଦନାମଣ୍ଡଳୀ ବାଧ୍ୟ ନୁହନ୍ତି।

୮. ପ୍ରକାଶନ ପୂର୍ବରୁ ଲେଖାଗୁଡ଼ିକୁ ଆବଶ୍ୟକ ମୁତାବକ ସଂପାଦନା, ସଂଶୋଧନ ବା ପୁନର୍ଲିଖନ କରିବାର ଅଧିକାର ସଂପାଦନା ମଣ୍ଡଳୀର ରହିଛି।

## 'ସାହିତ୍ୟ ଚର୍ଚ୍ଚା'ର ଗ୍ରାହକ ଯୋଜନା

ଆଗ୍ରହୀ ଗ୍ରାହକମାନେ ଅର୍ଦ୍ଧବାର୍ଷିକ ଗ୍ରାହକ ଦେୟ ଟ. ୧୮୦/- ମାତ୍ର ପଠାଇ ଛଅମାସ ପର୍ଯ୍ୟନ୍ତ ଡାକ ଯୋଗେ ଏହି ପତ୍ରିକା ପାଇପାରିବେ। ଏଥିପାଇଁ ନିମ୍ନଲିଖିତ ଖାତା ନମ୍ବରକୁ (କିମ୍ବା ଦିଆଯାଇଥିବା କ୍ୟୁ.ଆର୍ କୋଡ୍ କୁ) ଟ.୧୮୦/- ପଠାଇବା ପରେ ଆମର ହ୍ୱାଟ୍‌ସଆପ୍ ନଂ. ୯୩୬୮୭୭୨୫୦୬ କିମ୍ବା ଇ-ମେଲ୍ ଠିକଣା info@sahityacharcha.com ରେ ନିଜର ନାମ, ଡାକଠିକଣା ଓ ମୋବାଇଲ ନମ୍ବର ଜଣାନ୍ତୁ।

*IFS Code* :
CNRB0018007
*Account No.* :
120000048648
*Account Name* :
Sahitya Charcha

**ପ୍ରବନ୍ଧ**

# ଓଡ଼ିଆ ସାହିତ୍ୟରେ ଉତ୍ତର ଆଧୁନିକତା



ପଣ୍ଡିତ ଡ. ଅନ୍ତର୍ଯ୍ୟାମୀ ମିଶ୍ର

ଓଡ଼ିଆ ସାହିତ୍ୟର ବିକାଶର ଗତିଧାରା ନିରୀକ୍ଷଣ କଲେ ହୃଦ୍‌ବୋଧ ହୁଏ ଯେ ରାଧାନାଥ ଓ ମଧୁସୂଦନଙ୍କ କବିତାବଳୀ ପ୍ରକାଶ ପରେ ଓଡ଼ିଆ ସାହିତ୍ୟରେ ଆଧୁନିକତାର ସୂତ୍ରପାତ ଘଟିଥିଲା। ଏହି ଆଧୁନିକ ପ୍ରକ୍ରିୟା ୧୮୭୬ ମସିହାରୁ ଆରମ୍ଭ ହୋଇଥିଲେ ହେଁ ୧୯୨୦ ମସିହା ଅର୍ଥାତ୍ ସବୁଜ ସାହିତ୍ୟ ସୃଷ୍ଟି ପର୍ଯ୍ୟନ୍ତ ଏହା ପାରମ୍ପରିକ ସାହିତ୍ୟ ସହିତ ତାଳ ଦେଇ ଗତି କରିଥିଲା। ଅର୍ଥାତ୍, ଇଂରାଜୀ ବା ପାଶ୍ଚାତ୍ୟ ସାହିତ୍ୟର ଢ଼ାଞ୍ଚାରେ ଓଡ଼ିଆ ସାହିତ୍ୟ ଏକ ଆତ୍ମିକ ସନନ୍ଦ ରୂପେ ପରମ୍ପରାର ପରିଧି ଭିତରେ ପ୍ରତିଭାତ ହୋଇଥିଲା। ସବୁଜ ସାହିତ୍ୟ ସୃଷ୍ଟି ପରେ ଏହା ପରମ୍ପରାର ପରିଧି ବାହାରକୁ ଚାଲି ଆସିଥିଲା, ଅଥଚ କୌଣସି ଦୁର୍ଘଟଣା ନ ଘଟାଇ ନୂତନ ଭାବବୋଧରେ ଅଭିମନ୍ତ୍ରିତ ହେଲା। ଅନ୍ୟ ଭାଷାରେ ଲେଖିଲେ, ଓଡ଼ିଆ ସ୍ରଷ୍ଟାଙ୍କ ମାନସରେ ପାଶ୍ଚାତ୍ୟଚେତନ ଦାନା ବାନ୍ଧିଲା ତଥା ନୂତନ ମାନସିକତା ସୃଷ୍ଟି ହେଲା।

**ଦୀର୍ଘ ଚାଳିଶ ବର୍ଷ ଧରି ଉତ୍ତର ଆଧୁନିକତା ଜନ୍ମ ନେଲାଣି ବୋଲି କେତେକେ ମତ ପ୍ରଦାନ କରୁଥିଲେ ହେଁ ଏଯାବତ ଏହାର ଆସ୍ଥାନ ସୁଦୃଢ଼ ହୋଇପାରି ନାହିଁ।**

ଏହା ସତ୍ୟ ଯେ, ସବୁଜ ଗୋଷ୍ଠୀର କବି କୋବିଦ ବୃନ୍ଦ ଇଂରେଜ ରୋମାଣ୍ଟିକ ସାହିତ୍ୟିକ ଓ ରବୀନ୍ଦ୍ରନାଥଙ୍କ ସାହିତ୍ୟ ଦର୍ଶନରେ ଅନୁପ୍ରାଣିତ ହେଲେ। ସାହିତ୍ୟରେ ଗୋଟିଏ ପରମ୍ପରା ବେଶୀ ଦିନ ସ୍ଥାୟୀ ହୋଇପାରେ ନାହିଁ। ପାରମ୍ପରିକ ପରିଧିରେ ଆତ୍ମିକ ସନନ୍ଦ ଭାବରେ ପ୍ରତିଭାତ ହୋଇ ଓଡ଼ିଆ ସାରସ୍ୱତ ଧାରା ବିଶ୍ୱମୁଖୀ ହେଲା। ପାଶ୍ଚାତ୍ୟ କବିକୋବିଦବୃନ୍ଦ ଓଡ଼ିଆ ସ୍ରଷ୍ଟାଙ୍କ ଗୁରୁ ବନିଗଲେ। କ୍ରମେ ବୌଦ୍ଧିକ ଉଚ୍ଚାରଣ ଓ ବ୍ୟକ୍ତିମଗ୍ନତାର ରୂପଚିତ୍ର ନେଇ ଆଧୁନିକ ଓଡ଼ିଆ ସାହିତ୍ୟ ଉଦ୍‌ବେଳିତ ହେଲା। ଅଶୀ ଦଶକରୁ ଓଡ଼ିଆ ସାହିତ୍ୟର ରୂପରଙ୍ଗ ବଦଳିଗଲା। ଏହା କୌଣସି ସୀମାସରହଦ, ନୀତି, ବାଦ ଓ ଶୃଙ୍ଖଳା ଭିତରେ ଆବଦ୍ଧ ହୋଇ ରହିଲା ନାହିଁ। କେତେକ ଓଡ଼ିଆ ସାହିତ୍ୟର ଏତାଦୃଶ ସ୍ଥିତିକୁ ଉତ୍ତର ଆଧୁନିକତା ଆଖ୍ୟା ପ୍ରଦାନ କଲେ।

ଉତ୍ତର ଆଧୁନିକତାର ପ୍ରଜ୍ଞା ଓ ପରିଭାଷା ପାଶ୍ଚାତ୍ୟ ଚେତନା ସମ୍ଭୂତ। ପାଶ୍ଚାତ୍ୟରେ ଉତ୍ତର ଆଧୁନିକତାର ପ୍ରବକ୍ତା ହେଉଛନ୍ତି ଲେଭିଷ୍ଟ୍ରସ, ରୋଲାଣ୍ଡ ବାର୍ଥସ୍, ଜାକ୍ୟୁସିସାନ, ଜାକୁସ୍ ଡେରିଡା ପ୍ରଭୃତି। ସେମାନଙ୍କ ମତରେ ଆଧୁନିକତା ପରି ଉତ୍ତର ଆଧୁନିକତା ଏକ ଶୃଙ୍ଖଳିତ ସ୍ଥିର ନିଶ୍ଚିତ ତତ୍ତ୍ୱ ନୁହେଁ, ବରଂ କୌଣସି ସ୍ଥିର ନିଶ୍ଚିତ ପରିଭାଷା ଓ ତତ୍ତ୍ୱବୟାନର ଏହା ବିରୁଦ୍ଧାଚରଣ କରେ। ସଂକ୍ଷେପରେ ଉଲ୍ଲେଖ କଲେ, ଆଧୁନିକତାର ସ୍ଥିତିର ନିଶ୍ଚିତ ଢ଼ଙ୍ଗକୁ ଅସ୍ୱୀକାର କରିବା ବୋଧହୁଏ ଉତ୍ତର ଆଧୁନିକତା। କେତେକଙ୍କ ମତରେ, ଓଡ଼ିଆ ସାହିତ୍ୟରେ ବିଶେଷତଃ କାବ୍ୟ କବିତାରେ ଅଶୀଦଶକରୁ ଏହା ଉତ୍ତର ଆଧୁନିକତାର କାଳ ସୃଷ୍ଟି ହୋଇଛି। ସାଧାରଣତଃ, ସାହିତ୍ୟରେ ଯେତେବେଳେ ନୂଆ କାଳଟିଏ ସୃଷ୍ଟି ହୁଏ, ସେତେବେଳେ ବହୁଦିନରୁ ଗଡ଼ି ଆସୁଥିବା କୌଣସି ସାରସ୍ୱତ ଧାରା ବା ସୃଜନଶୀଳ ଅନୁଚିନ୍ତନର ରାଗରୀତିର ଅବସାନ ଘଟେ ନାହିଁ। ନୂତନ ସୃଷ୍ଟି ଏକ ଉଗ୍ର ମାନସିକତାକୁ ବୁଝାଇଥାଏ, ଯେଉଁ ମାନସିକତା ଏକ ନୂଆ ରୁଚିବୋଧ ତିଆରି କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ଓଡ଼ିଆ ସାହିତ୍ୟରେ ଠିକ୍ ସେଇଆ ଘଟିଛି। ଦୀର୍ଘ ଚାଳିଶ ବର୍ଷ ଧରି ଉତ୍ତର ଆଧୁନିକତା ଜନ୍ମ ନେଲାଣି ବୋଲି କେତେକେ ମତ ପ୍ରଦାନ କରୁଥିଲେ ହେଁ ଏଯାବତ ଏହାର ଆସ୍ଥାନ ସୁଦୃଢ଼ ହୋଇପାରି ନାହିଁ। ଅଗଣିତ ପାଠକ ଉତ୍ତର ଆଧୁନିକ ଓଡ଼ିଆ ସାହିତ୍ୟକୁ ଦୁର୍ବୋଧ, ରୁଚିହୀନ ତଥା ସାମାଜିକ ଚେତନାର ଉତ୍ତରଣ ଘଟାଇବାକୁ ଅସମର୍ଥ ବୋଲି ବିଚାରିଛନ୍ତି। ସେହି ପାଠକମାନଙ୍କ ମତ ହେଉଛି, "ଉତ୍ତର ଆଧୁନିକ ଓଡ଼ିଆ ସାହିତ୍ୟ

ଦ୍ୱାରା କୌଣସି ହିତ ସାଧନ ହୋଇ ପାରୁନାହିଁ, ସେହି ସାହିତ୍ୟରେ ଜୀବନ ନିର୍ମାଣର କଳା ନାହିଁ ଏବଂ ସାମାଜିକ ଚେତନା ସୃଷ୍ଟି ନିମିତ୍ତ ଉତ୍ତର ଆଧୁନିକ ଓଡ଼ିଆ ସାହିତ୍ୟର ଭୂମିକା ଓ ଅର୍ଥହୀନ।" ପାଠକ ହିଁ ସାହିତ୍ୟର ଉପଭୋକ୍ତା, ପାଠକୀୟ ରୁଚିକୁ ଆଖି ଆଗରେ ରଖି ସାହିତ୍ୟ ସୃଷ୍ଟି ହେଲେ ସେହି ସାହିତ୍ୟ ପାଠକାଦୃତି ଲାଭ କରେ। ଅଥଚ ପାଠକଙ୍କ ରୁଚିବିହୀନ କିଛି ଉଦ୍ଭଟ, ଅର୍ଥହୀନ ଓ ଦୁର୍ବୋଧ ସାହିତ୍ୟକୁ ଉତ୍ତର ଆଧୁନିକ ସଂଜ୍ଞା ପ୍ରଦାନ କରିବା ସମୀଚୀନ ନୁହେଁ।

ବର୍ତ୍ତମାନ ଓଡ଼ିଆ ସାହିତ୍ୟର ଉତ୍ତର ଆଧୁନିକତା ଉପଲବ୍ଧ ବୋଲି କେତେକେ ମତ ପ୍ରଦାନ କରୁଥିବା ବେଳେ ସେହି ନୂଆ ଓଡ଼ିଆ ସାହିତ୍ୟରେ ସଂଜ୍ଞା ଓ ସ୍ୱରୂପ କ'ଣ ଏବଂ ଏହା କିପରି ବିକାଶ ଲାଭ କରିଛି ଏବଂ ଏହାର ମୌଳିକତା କ'ଣ ଏହା ଚିନ୍ତା କଲାବେଳେ ଯେଉଁ କେତୋଟି ମୌଳିକ ପ୍ରଶ୍ନ ଆମକୁ ବାରମ୍ବାର ଆନ୍ଦୋଳିତ କରିଥାଏ, ସେଗୁଡ଼ିକ ହେଲା:-

(୧) ଉତ୍ତର ଆଧୁନିକ ସାହିତ୍ୟର ଉନ୍ମେଷ ଓ ବିକାଶର କାରଣ କ'ଣ ?

(୨) ଉତ୍ତର ଆଧୁନିକ ଓଡ଼ିଆ ସାହିତ୍ୟ ପୂର୍ବବର୍ତ୍ତୀ ସାହିତ୍ୟଠାରୁ କେଉଁ ଭଳି ଭିନ୍ନ ଏବଂ ସେହି ଭିନ୍ନତାର ରୂପରେଖ କ'ଣ ?

(୩) ଉତ୍ତର ଆଧୁନିକ ଓଡ଼ିଆ ସାହିତ୍ୟର ସ୍ୱତନ୍ତ୍ର ବୈଶିଷ୍ଟ୍ୟ କ'ଣ ? ଏବଂ ଏହି ବୈଶିଷ୍ଟ୍ୟ କିପରି ଜନମାନସକୁ ପ୍ରଭାବିତ କରୁଛି ?

(୪) ଉତ୍ତର ଆଧୁନିକ ସାରସ୍ୱତ ସାଧକ କେଉଁମାନେ ଏବଂ ସେମାନଙ୍କର ଉତ୍ତର ଆଧୁନିକ ସାହିତ୍ୟର ବିକାଶ ଓ ପ୍ରଗତି ପାଇଁ ସାମୁହିକ ଅବଦାନ କ'ଣ ?

ଉତ୍ତର ଆଧୁନିକ ଓଡ଼ିଆ ସାହିତ୍ୟ ଉନ୍ମେଷ ଓ ବିକାଶରେ ପାଶ୍ଚତ୍ୟ ସାହିତ୍ୟର ପ୍ରଭାବ ହିଁ ମୁଖ୍ୟ କାରଣ। ଅନେକ କ୍ଷେତ୍ରରେ ଓଡ଼ିଆ ସାହିତ୍ୟର ଏହି ଆନ୍ତର୍ଜାତିକ ସ୍ୱରୂପକୁ ପାଠକ, ପାଠିକା ଓ ସମାଲୋଚକ ସମାଲୋଚନା କରିବାକୁ ପଛେଇ ନାହାନ୍ତି। ଏପରି ସାହିତ୍ୟ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବା ସଙ୍ଗେ ସଙ୍ଗେ ଏହାକୁ ଦୁର୍ବୋଧ, ଅଶ୍ଳୀଳ ଓ ବ୍ୟକ୍ତି କୈନ୍ଦ୍ରିକ କୁହାଯାଇଛି। ଅନେକେ ଏହାକୁ ଓଡ଼ିଆ ସାହିତ୍ୟର ପରିପନ୍ଥୀ ବୋଲି ବିବେଚନା କରିଛନ୍ତି। ପ୍ରକୃତରେ ଦେଖିବାକୁ ଗଲେ ପାଶ୍ଚତ୍ୟ ଅନୁପ୍ରେରଣାରେ ସୃଷ୍ଟ ଓଡ଼ିଆ କବିତା କ୍ଲିଷ୍ଟ, ଜଟିଳ, ଦୁର୍ବୋଧ ହୋଇ ପାଠକଙ୍କ ଠାରୁ ଦୂରେଇ ଯାଉଛି। ଉତ୍ତର ଆଧୁନିକ ଓଡ଼ିଆ କବିତାର ବିକାଶ ପଛରେ ଅନ୍ୟ ଯେଉଁ କାରଣଟି ଅଛି ତାହା ହେଉଛି କବି କାବ୍ୟିକ କ୍ଳାନ୍ତି। ଅନେକ କବି ଲେଖିବାକୁ ଚାହୁଁନଥିଲେ ମଧ୍ୟ ପାଠକଙ୍କ ବାଧ୍ୟବାଧକତା ତାକୁ ସୃଷ୍ଟି ସୃଷ୍ଟିଶୀଳ କରାଇଛି, ରମାକାନ୍ତଙ୍କ 'ସଚିତ୍ର ଅନ୍ଧାର' ଏହାର ନିଛକ ଉଦାହରଣ। ତେଣୁ ସେ ଆପଣାର କାବ୍ୟିକ କୌଶଳ ବା ସ୍ୱରକୁ ବଦଳାଇବାକୁ ବାଧ ହୋଇଛନ୍ତି। ଉଦାହରଣ ସ୍ୱରୂପ, କବି ରମାକାନ୍ତ ରଥ ତାଙ୍କ ପୂର୍ବବର୍ତ୍ତୀ ସମସ୍ତ କବିଙ୍କର ସକଳ କଠୋରତା ଓ ଜଟିଳତାକୁ ପରିତ୍ୟାଗ କରି ଉପଲବ୍ଧିର ସୁନ୍ଦର, ମନୋରମ ପରିସରକୁ ଗତିଶୀଳ କରିଛନ୍ତି "ଶ୍ରୀରାଧା"ରେ। ସେହିପରି କବି ସୀତାକାନ୍ତ ମହାପାତ୍ର 'ଅଷ୍ଟପଦୀ'ରେ ଗ୍ଲାନି, ହତାଶା ଏବଂ ମୃତ୍ୟୁଜନିତ ଦୁର୍ବିପାକରେ ହନ୍ତସନ୍ତ ହୋଇ ଜ୍ଞାତି, ବନ୍ଧୁ ତଥା ପରିବାରର ଶାନ୍ତକୋମଳ ପରିବେଶକୁ ଆଦରି ନେଇଛନ୍ତି। କବି ସୌଭାଗ୍ୟ ମିଶ୍ର 'ମଧ୍ୟ ପଦଲୋପୀ'ରେ ନିରସ ଗଦ୍ୟର ଅଣରୋମାଣ୍ଟିକ ଆବର୍ତ୍ତରୁ ସଙ୍ଗୀତର ବିପୁଳ ମାଧୁର୍ଯ୍ୟ ଆଡକୁ ଗତି କରିଛନ୍ତି। ସେମାନଙ୍କ କବିତାରେ ପାଶ୍ଚତ୍ୟ ଛାପ ନାହିଁ, ରହିଛି ଓଡ଼ିଆ ସାରସ୍ୱତ ଚେତନାର ସାଂପ୍ରତିକ ପ୍ରତିଧ୍ୱନି। ଏସବୁ କବିତାକୁ ଉତ୍ତର ଆଧୁନିକ ବିଚାରିବା ସମୀଚୀନ ନୁହେଁ।



ଏ ସମ୍ପର୍କରେ ଅନ୍ୟ ଏକ ପ୍ରସଙ୍ଗ ଉଲ୍ଲେଖନୀୟ। ଆଧୁନିକ ଓଡ଼ିଆ କବିତାରେ ଗଣ ଓ ଜଣ ଚେତନାର ଅନୁପସ୍ଥିତି ଲକ୍ଷ୍ୟ କରିବାକୁ ଗଣ ଓ ଜଣଙ୍କ ମଧ୍ୟରେ ସେତୁ ସ୍ଥାପନ କରିବାର ଏକ ଦୃଢ଼ ସଂକଳ୍ପ ନେଇ ମୁଣ୍ଡ ଟେକିଥିଲା ଅନାମ ଆନ୍ଦୋଳନ। ଅଶୀଦଶକ ପୂର୍ବରୁ କତିପୟ କବି, ଆଧୁନିକ ଓଡ଼ିଆ କବିତାକୁ ଐତିହ୍ୟ, ସଂସ୍କୃତି ଓ ପରମ୍ପରା ସଚେତନ କରାଇବା ପୂର୍ବକ ଅଙ୍ଗ ଓ ଆତ୍ମାର ବିବର୍ତ୍ତନ ପାଇଁ ଆହ୍ୱାନ

ଦେଇଥିଲେ। ସେମାନଙ୍କ କ୍ଷୋଭ ଓ ଅଭିଯୋଗ ଥିଲା ଯେ ଓଡ଼ିଆ କବିତାରେ ପାଶ୍ଚାତ୍ୟ ସଂସ୍କୃତିର ଅନୁପ୍ରବେଶ ଓଡ଼ିଆ ପ୍ରାଣର ମୌଳିକତାକୁ ହତ୍ୟା କରିଛି ଏବଂ ଓଡ଼ିଆ ଜାତିର ସାଂସ୍କୃତିକ ସଙ୍କଟ ଓଡ଼ିଆ କାବ୍ୟ ପରମ୍ପରାକୁ ଅନ୍ତଃସାର ଶୂନ୍ୟ କରିଦେଇଛି ତଥା ଓଡ଼ିଆ କବିତାର ଭାଷା ଗଦ୍ୟକୁ ଆଦରି ନେଇ କାଳକାଳ ଧରି ପ୍ରତିଷ୍ଠିତ ଓଡ଼ିଶୀ କାବ୍ୟକଳାକୁ ଧ୍ୱଂସ ଆଡକୁ ଟାଣି ନେଇଛି। ପରିଣାମ ସ୍ୱରୂପ ସେମାନେ ଗୀତିକବିତା ଛଳରେ କବିତା ଲେଖି ସାଂସ୍କୃତିକ କ୍ରାନ୍ତିର ବୀଜବପନ କରିଥିଲେ ‘ଅନାମ’ କବିତା ମାଧ୍ୟମରେ। କିନ୍ତୁ ଉତ୍ତର ଆଧୁନିକ କାଳର ବ୍ୟୁତ୍ପତ୍ତି ସମୟକୁ ଅନାମ ଆନ୍ଦୋଳନ ପ୍ରାୟ ଶିଥିଳ ହୋଇଯାଇଥିଲା। କାରଣ ଏହାର ଉଦ୍ୟୋକ୍ତାଙ୍କ ମଧ୍ୟରେ କୁମାର ମହାନ୍ତି ଓ ହରିହର ମିଶ୍ରଙ୍କ ବ୍ୟତୀତ ଅନ୍ୟ କୌଣସି କବି ଉଚ୍ଚ କୋଟିର ନ ଥିଲେ ଏବଂ କବିତା ଅପେକ୍ଷା ତତ୍ତ୍ୱରେ ମାତି ମୂଳ ଲକ୍ଷ୍ୟରୁ ବିଚ୍ୟୁତ ହୋଇଗଲେ। ଫଳରେ ସେମାନଙ୍କ କବିତା ସାଧାରଣରେ ଗ୍ରହଣୀୟ ହେଲାନି। କିଛି ବର୍ଷ ପରେ ଅନାମ ଆନ୍ଦୋଳନରେ ଭଙ୍ଗା ପଡିଲା।

ଦ୍ୱିତୀୟ ପ୍ରଶ୍ନ ହେଉଛି ଉତ୍ତର ଆଧୁନିକ ସାହିତ୍ୟ ପୂର୍ବବର୍ତ୍ତୀ ସାହିତ୍ୟ ଠାରୁ କେଉଁ ପରି ଭିନ୍ନ ଓ ସେ ଭିନ୍ନତାର ରୂପ ରେଖ କିପରି ? ଉତ୍ତର ଆଧୁନିକତାର ଭିନ୍ନତା ହେଉଛି, ଅଗ୍ରଜ କବିଙ୍କ ଅନୁସୃତ ଆଧାରରୁ ନିଜକୁ ପୃଥକ ରଖିବାର ଉପାୟ। ଉତ୍ତର ଆଧୁନିକ ଓଡ଼ିଆ ସାହିତ୍ୟ ଜୀବନ ଓ ଅନୁଭୂତି ସହ ଏକ ଅଭେଦ୍ୟ ସଂପର୍କ ଯୋଡି ସାହିତ୍ୟକୁ ଏକ ଲୋଭନୀୟ ବ୍ୟାପକତା ଯୋଗାଇଛି ବୋଲି କୁହାଯାଉଛି। ମିଥ୍ୟା ବୌଦ୍ଧିକତା ଓ ଆଳଙ୍କାରିକ ବିଦଗ୍ଧତାକୁ ପରିତ୍ୟାଗ ପୂର୍ବକ ସରଳ ଓ ତରଳ ହୋଇଛି ବୋଲି ପ୍ରତିପାଦନ କରାଯାଉଛି। ପୂର୍ବଜଙ୍କ ଅନୁସୃତ ଧାରା ଓ ଶୈଳୀରୁ ଅତି ଚତୁରତାର ସହିତ ନିଜକୁ ଦୂରେଇ ନେଇଛି ବୋଲି ବିଚାର କରାଯାଉଛି। ଉତ୍ତର ଆଧୁନିକ କାବ୍ୟ ପୁରୁଷ ପ୍ରେମରେ ଦୈହିକ ବ୍ୟଭିଚାର ଅପେକ୍ଷା ନିଷ୍କପଟ କୁଳାଚାରକୁ ବେଶୀ ପସନ୍ଦ କରିଛି ବୋଲି କୁହାଯାଉଛି। ଭାଷା ଓ ଶୈଳୀ ଦୃଷ୍ଟିରୁ ସାଂପ୍ରତିକ ଆଧୁନିକ ଓଡ଼ିଆ ସାହିତ୍ୟରେ କେତୋଟି ବିଶେଷତ୍ୱ ରହିଛି। ଏହାର ଶବ୍ଦ ଜୀବନ ଯାତ୍ରାରେ ଗାଁ, ତାର ନିର୍ମଳ ପରିବେଶ, ସଂସ୍କୃତ ଓ ଗ୍ରାମୀଣ ଶବ୍ଦରୁ ଗ୍ରହଣ କରିଛି। ଏହାର କବିତାର ଭାଷା ପୂର୍ବବର୍ତ୍ତୀ କବିତା ପରି ବିଶ୍ୱ ସର୍ବସ୍ୱ ନୁହେଁ। ବହୁ ଓଡ଼ିଆ କବି ଏତାଦୃଶ ଆଧୁନିକ ଓଡ଼ିଆ କବିତା ଲେଖି ପାଠକାଦୃତି ଲାଭ କରିଛନ୍ତି। ମହନୀୟତା ହେଉଛି ସେହିସବୁ ଓଡ଼ିଆ କବି ଶୁଷ୍କନୀରସ ଓ ଗଦ୍ୟର ବନ୍ଧନରୁ ମୁକ୍ତ ହୋଇ ଗୀତିମୟତାକୁ ଆଦରି ନେଇଛନ୍ତି। ସମସ୍ତ କବିଙ୍କର ଉଦାହରଣ ଦେବା ସମ୍ଭବ ନ ହେଲେ ହେଁ କେତେଜଣଙ୍କର ଉଦାହରଣ ଦେବା ପ୍ରାସଙ୍ଗିକ ମନେ ହୁଏ। ଏ ସମ୍ପର୍କରେ ପ୍ରସନ୍ନ ପାଟଶାଣୀଙ୍କ “ଦେଖା ହେଲେ କହିବି ସେ କଥା”, ନୃସିଂହ ତ୍ରିପାଠୀଙ୍କ “ଯଶୋଧାରା-ପ୍ରଣୟ ପରମଦେବ”, ସେନାପତି ପ୍ରଦ୍ୟୁମ୍ନ କେଶରୀଙ୍କ “ଅହଲ୍ୟା”, ଅକ୍ଷୟ ବେହେରାଙ୍କ “ବଡ଼ଭାଇ”, ଭଗବାନ ଜୟସିଂହଙ୍କ “ବାର୍ତ୍ତା”, ଗୁରୁପ୍ରସାଦ ମହାନ୍ତିଙ୍କ “କାଳପୁରୁଷ”, ସୀତାକାନ୍ତ ମହାପାତ୍ରଙ୍କ “ଅଷ୍ଟପଦୀ”, ପ୍ରସନ୍ନ ମହାନ୍ତିଙ୍କ “ଶବ୍ଦଖେଳ” ପ୍ରଭୃତି ବିଶେଷ ପ୍ରଣିଧାନ ଯୋଗ୍ୟ। ଏମାନଙ୍କ ବ୍ୟତୀତ ଅମରେଶ ପଟ୍ଟନାୟକ, ମମତା ଦାସ, ଅଶ୍ୱିନୀ ମିଶ୍ର, ଆଶୁତୋଷ ପରିଡା, ଶତ୍ରୁଘ୍ନ ପାଣ୍ଡବ, ଅଜୟ ପ୍ରଧାନ, ଶ୍ରୀହରି ଧଳ, ବାସୁଦେବ ଦାସ, ସଦାଶିବ ଦାଶ, ସୁନୀଳ ପୃଷ୍ଟି, ଗିରିବାଳା ମହାନ୍ତି, ଗିରିଜା ଶଙ୍କର ବଳିୟାର ସିଂହ, ସୁଚେତା ମିଶ୍ର, ନୀଳମଣି ପରିଡା, କମଳାକାନ୍ତ ପଣ୍ଡା, ପ୍ରଭାସିନୀ ମହାକୁଡ, ସୁଶୀଲ ନନ୍ଦ, ହୃଦାନନ୍ଦ ପାଣିଗ୍ରାହୀ, ସୌଭାଗ୍ୟ ବନ୍ତ ମହାରଣା, ବସନ୍ତ ମୁଦୁଲି, ଗଜାନନ ମିଶ୍ର, ମନୋଜ ମେହେର ପ୍ରଭୃତିଙ୍କ ନାମ ଉଲ୍ଲେଖ ଯୋଗ୍ୟ। ଏମାନେ ସମାଜ ସହିତ ତାଳଦେଇ ଓଡ଼ିଆ କବିତା ରଚନା କରିଛନ୍ତି, କିନ୍ତୁ ସେମାନଙ୍କ ରଚିତ କବିତାକୁ ଉତ୍ତର ଆଧୁନିକ କବିତା ବୋଲି ଜଣାଯିବ କି ନାହିଁ ପାଠକ ବିଚାର କରିବେ। ଯଦି ଏହିସବୁ କବିତାକୁ ଉତ୍ତର ଆଧୁନିକ କୁହାଯାଏ ଏହାର ପରବର୍ତ୍ତୀ କାଳରେ ଲେଖା ହେବାକୁ ଥିବା କବିତାକୁ କେଉଁ ଆଧୁନିକ ବୋଲି କୁହାଯିବ। ଏ ସଂପର୍କରେ ପାଠକ ହିଁ ଶ୍ରେଷ୍ଠ ବିଚାରକ। କବି

**ଯଦି ଏହିସବୁ କବିତାକୁ ଉତ୍ତର ଆଧୁନିକ କୁହାଯାଏ ଏହାର ପରବର୍ତ୍ତୀ କାଳରେ ଲେଖା ହେବାକୁ ଥିବା କବିତାକୁ କେଉଁ ଆଧୁନିକ ବୋଲି କୁହାଯିବ ? ଏ ସଂପର୍କରେ ପାଠକ ହିଁ ଶ୍ରେଷ୍ଠ ବିଚାରକ।**

ନିଜେ ଉତ୍ତର ଆଧୁନିକ କହି ଢେଙ୍ଗୁରା ପିଟିବା ଶୋଭନୀୟ ନୁହେଁ। କେତେକଙ୍କର ମତ, କିଛି ନୂତନତା ଓ ସତେଜତା ସୃଷ୍ଟି କରିବା ଉତ୍ତର ଆଧୁନିକ ଓଡ଼ିଆ ସାହିତ୍ୟର ଲକ୍ଷ୍ୟ। ଏହା ସତ୍ୟ ଯେ, ତାହା କେବଳ କବିତାରେ ସୀମିତ ରହି ସାହିତ୍ୟର ଅନ୍ୟ ବିଭାଗ ମାନଙ୍କୁ ସ୍ପର୍ଶ କରିପାରିନାହିଁ। କବିତା କେବଳ ବିଜ୍ଞ ପ୍ରାଜ୍ଞ କବି କୋବିଦବୃନ୍ଦଙ୍କ ମାନସ ମନ୍ଥନ କରୁଥିଲେ ହେଁ ସାର୍ବଜନୀନ ସ୍ୱୀକୃତିରୁ ବଞ୍ଚିତ। ସ୍ମରଣ ରଖିବା ଉଚିତ, ସାହିତ୍ୟ ହିଁ ସଭ୍ୟତାର ଉଜ୍ଜ୍ୱଳ ସ୍ୱାକ୍ଷର। ସମାଜର ପ୍ରତ୍ୟେକଟି ଚିତ୍ର ସାହିତ୍ୟରେ ପ୍ରତିବିମ୍ବିତ ହେଲେ ସାହିତ୍ୟ ସାର୍ବଜନୀନ ସ୍ୱୀକୃତି ଲାଭ କରିଥାଏ। ସାହିତ୍ୟକୁ ଦର୍ପଣ କୁହାଯାଉଥିଲେ ହେଁ ଏହା ଦର୍ପଣ ଠାରୁ ବହୁ ଶକ୍ତିଶାଳୀ। ମନୁଷ୍ୟ ଦର୍ପଣରେ କେବଳ ନିଜକୁ ଦେଖିଥାଏ, ଅଥଚ ସାହିତ୍ୟରେ ସେ ନିଜକୁ, ନିଜ ପରିବାରକୁ, ପ୍ରତିବେଶୀଙ୍କୁ, ସମାଜକୁ, ରାଷ୍ଟ୍ରକୁ ଓ ବିଶ୍ୱକୁ ଦେଖିଥାଏ। ଦୁଃଖର ବିଷୟ, ସଂପ୍ରତି କେତେକ କବି ଆପଣାକୁ ପ୍ରକାଶିତ ଓ ବିଜ୍ଞାପିତ କରିବାରେ ମନୋନିବେଶ କରି କବିତା ରଚନା କରୁଛନ୍ତି। ଅଧିକନ୍ତୁ, ସାଂପ୍ରତିକ କବିତାର ଉତ୍ତର ଆଧୁନିକତାର ନାମରେ ବିଲକ୍ଷଣତା ପ୍ରକାଶ ପାଉଛି। ଜୀବନ ଯାପନଧାରାକୁ ସମ୍ପୂର୍ଣ୍ଣ ବେଖାପ କେତୋଟି ଅବାନ୍ତର ଘଟଣା କବିତାରେ ଚିତ୍ରଣ କରି କେତେଜଣ କବି ଆତ୍ମସନ୍ତୋଷ ଲାଭ କରୁଛନ୍ତି। ସେମାନଙ୍କ କବିତାରେ ସତେଜ ଅନୁଭୂତି, ମୌଳିକ ଅଭିବ୍ୟକ୍ତି ଓ ପ୍ରାଣସ୍ପର୍ଶୀ ଭାଷା ପ୍ରତିଫଳିତ ହେଉନଥିବାରୁ ସ୍ରଷ୍ଟା ଓ ପାଠକ ମଧ୍ୟରେ ଦୂରତ୍ୱ ବୃଦ୍ଧି ପାଇବାରେ ଲାଗିଛି। ତଥାପି ସେମାନେ ଉତ୍ତର ଆଧୁନିକତାର ଦ୍ୱାହି ଦେଇ କବିତା ରଚନାରେ ମଗ୍ନ।



ଗଳ୍ପ ଓ ଉପନ୍ୟାସରେ ମଧ୍ୟ ବହୁ ଅସ୍ପଷ୍ଟ ଚିତ୍ର ପୂର୍ବେ ପ୍ରଦାନ କରାଯାଉଥିଲେ ହେଁ ନୂତନ ଲେଖାରେ ସେଭଳି ପ୍ରଚେଷ୍ଟା ନାହିଁ। ନୀତିପୂର୍ଣ୍ଣ ରୂପକ ଏକ ବିରାଟ ପ୍ରବଞ୍ଚନା ଅଥବା ଏକ ନିର୍ମମ ପରିହାସରେ ପରିଣତ ହୋଇଛି। ପାରମ୍ପରିକ ଗଳ୍ପ ଉପନ୍ୟାସରେ ପୁରାତନ ମିଥ୍ ଓ ସ୍ଥାୟୀ ପ୍ରତୀକର ବହୁଳ ବ୍ୟବହାର ହେଉଥିଲେ ହେଁ ଉତ୍ତର ଆଧୁନିକ କୁହାଯାଉଥିବା ଗଳ୍ପ ଉପନ୍ୟାସ ସମସାମୟିକ ମିଥ୍ ଓ ପ୍ରତୀକ ସବୁର ସାମନା କରୁଛି ଏବଂ ସେ ସବୁକୁ ଯୁକ୍ତି ଦ୍ୱାରା ଖଣ୍ଡନ କରୁଛି। ପୂର୍ବ ସମୟର ପ୍ରବନ୍ଧରେ ପ୍ରଚଳିତ ରାଷ୍ଟ୍ରୀୟ ଚିନ୍ତାଧାରା ପ୍ରତିପାଦିତ ହୋଇଥିଲେ ହେଁ ଆଜି ବ୍ୟକ୍ତି ଚିନ୍ତାଧାରା ଓ ରାଷ୍ଟ୍ରୀୟ ଚିନ୍ତାଧାରାର ସଂଘର୍ଷ ପ୍ରତିଫଳିତ। ସଂପ୍ରତି ରାମଚନ୍ଦ୍ର ବେହେରା, ଶ୍ୟାମ ପ୍ରସାଦ ଚୌଧୁରୀ, ଜଗନ୍ନାଥ ଦାସ, ହୃଷୀକେଶ ପଣ୍ଡା, ନାରୁ ମହାନ୍ତି, ପଦ୍ମଜ ପାଳ, ପ୍ରଫୁଲ୍ଲ ତ୍ରିପାଠୀ, ଜଗଦୀଶ ମହାନ୍ତି, ଯଶୋଧାରା ମିଶ୍ର, କହ୍ନେୟାଲାଲ ଦାସ, ତରୁଣକାନ୍ତି ମିଶ୍ର, ସତ୍ୟମିଶ୍ର, ସମରେନ୍ଦ୍ର ପ୍ରସାଦ ଦାସ, ସୁରେଶ ଶତପଥୀ, ଅଶୋକ ଚନ୍ଦନ, ପରେଶ କୁମାର ପଟ୍ଟନାୟକ, ବିଷ୍ଣୁ ସାହୁ, ଜ୍ୟୋତି ନନ୍ଦ, ଦୀପ୍ତିରଞ୍ଜନ ପଟ୍ଟନାୟକ, ସୁଶୀଳ ନନ୍ଦ, ସନ୍ତୋଷୀ ସ୍ୱାଇଁ ଓ ଅନ୍ୟମାନେ ଆଧୁନିକ ଗଳ୍ପର ନାମୀ କାଥାକାର। ଅନ୍ୟାନ୍ୟ ବହୁ ଗାଳ୍ପିକଙ୍କ ନାମ ସ୍ଥାନିତ କରାଯାଇ ପାରି ନାହିଁ। ଏମାନଙ୍କ ମଧ୍ୟରୁ କେଉଁମାନେ ଉତ୍ତର ଆଧୁନିକ ଗାଳ୍ପିକ ବା ଔପନ୍ୟାସିକ ତାହା ହିଁ ବିଚାର୍ଯ୍ୟ। ଆଧୁନିକ ଓଡ଼ିଆ ପ୍ରବନ୍ଧ ରଚନାରେ ଯେଉଁମାନେ ଖ୍ୟାତି ଅର୍ଜନ କରିଛନ୍ତି ସେମାନେ ହେଲେ ବୈଷ୍ଣବ ଚରଣ ସାମଲ, ଦାଶରଥୀ ଦାସ, ବିଜୟ କୁମାର ନନ୍ଦ, ଦୀପକ ପାଲ, ବାବାଜୀ ପଟ୍ଟନାୟକ, ବିଜୟଲକ୍ଷ୍ମୀ ମହାନ୍ତି, ହେମନ୍ତ କୁମାର ଦାସ, ଗୋବିନ୍ଦ ଚନ୍ଦ୍ର ସାହୁ, ଚିତ୍ତରଞ୍ଜନ ମିଶ୍ର, ଦାଶ ବେନହୁର, ଅସିତ ମହାନ୍ତି, ଆଦିକନ୍ଦ ସାହୁ, ପଞ୍ଚାନନ ମହାନ୍ତି, ସ୍ମିତା ମହାନ୍ତି, ଚିନ୍ମୟୀ ମହାପାତ୍ର, ଅଭୟ ଦ୍ୱିବେଦୀ, ଶୈଳଜ

ରବି, ଅଲେଖ ଚନ୍ଦ୍ର ପଢ଼ିଆରୀ, ଉଦୟନାଥ ସାହୁ, ବିଷ୍ଣୁପ୍ରିୟା ଓତା, ପ୍ରଫୁଲ୍ଲ କୁମାର ମହାନ୍ତି, ଲାବଣ୍ୟଚନ୍ଦ୍ର ସାହୁ, ପୁରୁଷୋତ୍ତମ ବିଶ୍ୱାଳ, ଛାୟାକାନ୍ତ ଷଡଙ୍ଗୀ, ଦୋଳଗୋବିନ୍ଦ ବିଶି, ରମାକାନ୍ତ ରାଉତ, ଉପେନ୍ଦ୍ର ବିଶ୍ୱାଳ ଓ ଆହୁରି ଅନେକ। ଏହି ପ୍ରାବନ୍ଧିକ ମାନଙ୍କ ମଧ୍ୟରୁ କେତେଜଣ ଉତ୍ତର ଆଧୁନିକତାକୁ ଯେ ଆପଣେଇ ନେଇଛନ୍ତି ତାହା ନିର୍ଣ୍ଣୟ କରିବା ଏତେ ସହଜ ନୁହେଁ। ନାଟକ ଓ ଏକାଙ୍କିକାରେ ନୀଳାଦ୍ରି ଭୂଷଣ ହରିଚନ୍ଦନ, ବିଜୟ ମିଶ୍ର, ଚନ୍ଦ୍ରଶେଖର ନନ୍ଦ, ବିଜୟ ଶତପଥୀ, ଆନନ୍ଦଚନ୍ଦ୍ର ପହୀ, ଦିଲ୍ଲୀଶ୍ୱର ମହାରଣା, ଦୀନେଶ ଦାସ, ରତିରଞ୍ଜନ ମିଶ୍ର, ନାରାୟଣ ସାହୁ, ସରୋଜ ମିଶ୍ର ଓ ଅନ୍ୟମାନେ ସୁନାମ ଅର୍ଜନ କରିଛନ୍ତି। ସେମାନେ ଉତ୍ତର ଆଧୁନିକତାର ଚିତ୍ର ଆଙ୍କିଛନ୍ତି କି ନାହିଁ ଦର୍ଶକ ହିଁ କହିପାରିବେ।

ଅନେକେ ମତ ରଖନ୍ତି, ଉତ୍ତର ଆଧୁନିକ ସାହିତ୍ୟରେ ସକଳ ବାଦର ବିଲୋପ ଘଟିଛି ଏବଂ ଏହା ଏକ ମାନସିକ ସ୍ଥିତି ସଂଘର୍ଷର ପ୍ରତିରୂପ। ସୂକ୍ଷ୍ମ ଦୃଷ୍ଟିରେ ଦେଖିଲେ, ଏହା ଆନ୍ଦୋଳନ, ବିଚାର ଧାରା ବା ଫେସନ ନୁହେଁ, ଦର୍ଶନ, ଚିନ୍ତନ, ବ୍ୟବସ୍ଥା, ସଭ୍ୟତା ସେଥିରେ ବାନ୍ଧି ହୋଇଯିବାକୁ ଚାହେଁ ନାହିଁ। ସେ ଚାହେଁ ମୁକ୍ତି ଓ ସ୍ୱାୟତ୍ତତା। ବିଶିଷ୍ଟ ସମାଲୋଚକ ଲଡନାରଙ୍କ ଭାଷାରେ ଉତ୍ତର ଆଧୁନିକତା ଏକ ନୂତନ ଯୁଗ ନୁହେଁ, ବରଂ ଏହା ଆଧୁନିକତାର କେତେକ ତତ୍ତ୍ୱକୁ ନିଜ ଭିତରେ ସାମିଲ କରିନେଇଛି। ଏଥିରେ ବିଜ୍ଞାନ ଓ ପ୍ରଦ୍ୟୋଗ ମାନବତାକୁ ମୁକ୍ତି ଦେବାକୁ ପ୍ରୟାସ ରହିଛି। ସାଂପ୍ରତିକ ସଭ୍ୟତାରେ ନାନାପ୍ରକାର ପରିବର୍ତ୍ତନ ପରିଦୃଷ୍ଟ। ଆଜି ମନ କାଲିକୁ ଅନିଶ୍ଚିତ। ବାକ୍ୟରେ ତିକ୍ତତା ଓ ଭିତରେ ଶୂନ୍ୟତା। ଏହା ସତ୍ତ୍ୱେ ନିରାଶ ନ ହୋଇ ନୂତନ ଭୂମିକା ଆବିଷ୍କାର ନିମିତ୍ତ ଆତ୍ମିକ ସନନ୍ଦ ରୂପେ ପ୍ରତିଭାତ ହେବା ସମୀଚୀନ। ୧୯୬୮ରେ ପ୍ୟାରିସ୍ ଛାତ୍ର ବିଦ୍ରୋହକୁ କେହି କେହି ଉତ୍ତର ଆଧୁନିକତା ବୋଲି ଆଖ୍ୟା ଦେଲେ। ଶ୍ରୀଜଗନ୍ନାଥଙ୍କ କରୁଣାରୁ ଓଡ଼ିଆ ସାହିତ୍ୟର କେହି ପ୍ରବକ୍ତା ଏପରି ନକୁହନ୍ତୁ ବା ପ୍ରଶୟ ନ ଦିଅନ୍ତୁ। ଓଡ଼ିଆ ସାହିତ୍ୟରେ ଆଧୁନିକତା ଏବେ ମଧ୍ୟ ଅସଂପୂର୍ଣ୍ଣ। ତେଣୁ ଉତ୍ତର ଆଧୁନିକତାକୁ ନେଇ ବ୍ୟସ୍ତ ହେବାର କୌଣସି କାରଣ ନାହିଁ। ଉତ୍ତର ଆଧୁନିକତାରେ କୌଣସି ଆଦର୍ଶର ସ୍ଥାନ ନାହିଁ। ବିଚାରଧାରାକୁ ଉତ୍ତର ଆଧୁନିକତା ସ୍ୱୀକାର କରେ ନାହିଁ।

ଓଡ଼ିଆ ସାହିତ୍ୟରେ ଉତ୍ତର ଆଧୁନିକତା ବିଚାର ବିମର୍ଷ ଦୀର୍ଘ ଚାରିଦଶନ୍ଧି ଧରି ହୋଇଆସିଛି। ଏହାଦ୍ୱାରା ସାହିତ୍ୟକୁ ତାର ସ୍ୱାୟତ୍ତ କେନ୍ଦ୍ରରୁ ଦୂରେଇ ଦିଆଯାଉଛି। ମନେ ହେଲା ଏହା ଯେମିତି ବୁଦ୍ଧିକୁ ନେଇ କସରତ କରୁଥିବା ଲୋକମାନଙ୍କର ଏକ କୌତୁକ ବିଳାସ। ଏହା ସତ୍ୟ ଯେ ସାହିତ୍ୟ ବିନା ମଣିଷର ମୁକ୍ତି ନାହିଁ। ସାହିତ୍ୟରେ ଏପରି ଅସୀମଶକ୍ତି ଅଛି ଯେ ତା ଉପରେ କୌଣସି ଅଦରକାରୀ ବିଚାରଧାରାକୁ ଜବରଦସ୍ତ ଚାପିଦେଲେ ଓ ଗୋଟିଏ ବୈଚାରିକ କାରାବାସରେ ସାହିତ୍ୟକୁ ଆବଦ୍ଧ ରଖିଲେ ତାହା ଦିନେ ନା ଦିନେ କାରା ପ୍ରାଚୀର ଭାଙ୍ଗି ମୁକ୍ତ ହୋଇ ଆସିବ। ସାହିତ୍ୟ ବିଚାରଧାରା ଦ୍ୱାରା ପ୍ରଭାବିତ ହୁଏ ସତ୍ୟ, ମାତ୍ର ତାହା ଯଦି ମନୁଷ୍ୟ ମୁକ୍ତିର ମାର୍ଗକୁ ଅବରୋଧ କରିଦିଏ, ତେବେ ମଧ୍ୟ ସାହିତ୍ୟ ସେହି ବିଚାରଧାରାକୁ ଅସ୍ୱୀକାର କରିଦିଏ, ଆମ ସାହିତ୍ୟ ଏବେ ମଧ୍ୟ ୟୁରୋପ କୈନ୍ଦ୍ରିକ। ଏବେ ମଧ୍ୟ ସାହିତ୍ୟ ପାଇଁ ଆମର ମୌଳିକ ଉପାଦାନ ବାହାରି ନାହିଁ। ଯେଉଁଦିନ ସାହିତ୍ୟ ଉପପାଦ୍ୟ ଆମର ସୃଜନାତ୍ମକ ସାହିତ୍ୟ ଭିତରୁ ସୃଷ୍ଟି ହେବ ସେହି ଦିନ ଆମ ସାହିତ୍ୟ ରାଜମାର୍ଗ ଆବିଷ୍କାର କରିପାରିବ, ଅଯଥା ଉତ୍ତର ଆଧୁନିକତା ନାମରେ ଗୁଡାଏ ଧୂଆଁବାଣ ସୃଷ୍ଟି କରି ସାରସ୍ୱତ ପରିବେଶକୁ ଧୂମାୟିତ କରିଦେବା ବୋଧହୁଏ ଠିକ୍ ନୁହେଁ ବୋଲି କହିଲେ ଅତିରଞ୍ଜିତ ହେବ ନାହିଁ।

**ସାହିତ୍ୟରେ ଏପରି ଅସୀମଶକ୍ତି ଅଛି ଯେ ତା ଉପରେ କୌଣସି ଅଦରକାରୀ ବିଚାରଧାରାକୁ ଜବରଦସ୍ତ ଚାପିଦେଲେ ଓ ଗୋଟିଏ ବୈଚାରିକ କାରାବାସରେ ସାହିତ୍ୟକୁ ଆବଦ୍ଧ ରଖିଲେ ତାହା ଦିନେ ନା ଦିନେ କାରା ପ୍ରାଚୀର ଭାଙ୍ଗି ମୁକ୍ତ ହୋଇ ଆସିବ।**

□□

ଲେଖକଙ୍କ ଇ-ମେଲ୍ ଠିକଣା:
antaryamimishra@gmail.com



গল্প

ଗଳ୍ପ

# ଶୂନ୍ୟ ପଣତ

ଜୟନ୍ତୀ ସାହୁ

ନୂଆ ବର୍ଷର ଆଶାୟୀ ଅପରାହ୍ନରେ ଘର ବାହୁଡ଼ା ଅନିରୁଦ୍ଧଙ୍କ ବାଟ ଚାହିଁ ବସିଥାନ୍ତି ଅର୍ଚ୍ଚନା । ସାମ୍ନା ତାଳ ଗଛର କିଚିରିମିଚିରି ଶବ୍ଦରେ ଏଥର ଆଗକୁ ଚାହିଁଲେ । ତାଳଗଛରେ ବାଇ ଚଢ଼େଇ ବସାଟି ଧୀର ପବନର ମୃଦୁ ଆଘାତରେ ବେଶ୍ ଛନ୍ଦାୟିତ ହୋଇ ଦୋହଲୁଛି । ତା ଭିତରୁ କେତୋଟି ବାଇ ଚଢ଼େଇ ଛୁଆ ବହୁତ ଜୋର୍‌ରେ ପାଟି କରୁଛନ୍ତି । ସେ ଚଢ଼େଇ ଛୁଆଙ୍କ ମା', ମାଈ ବାଇ ଚଢ଼େଇଟି ବୋଧେ ତା ଚଞ୍ଚୁରେ କିଛି ଆଧାର ଆଣି ତା ଛୁଆମାନଙ୍କ ଚଞ୍ଚୁରେ ବାଣ୍ଟି ଦେଉଛି । ତା ସାଙ୍ଗରେ ବାଣ୍ଟି ଦେଉଛି ମଧ୍ୟ ତା ମାତୃତ୍ୱ, ଚିପୁଡ଼ା ମମତାର ମନ୍ଦାକିନୀ କେଇ ଠୋପା । ସେଇ ସ୍ୱର୍ଗୀୟ ରସକୁ ପାନ କରି ଚଢ଼େଇ ଛୁଆ ଗୁଡିକ ଖୁସିରେ ଉନ୍ମତ୍ତ ପ୍ରାୟ ଶବ୍ଦ କରୁଛନ୍ତି ବୋଧେ ।

ଭାବାବିଷ୍ଟ ଅର୍ଚ୍ଚନା ଏଭଳି ମନୋମୁଗ୍ଧକର ଦୃଶ୍ୟରେ ଅତ୍ୟନ୍ତ ବିଚଳିତ ହୋଇ ଉଠିଲେ । କାରୁଣ୍ୟରେ ଛାଏଁ ଭରିଗଲା ଅନ୍ତର ତଳର ସୁପ୍ତ ନାରୀତ୍ୱ । ଟିକି ମୁହଁଟିଏ ଛାତିରେ ଚାପି ଧରିବାର ଅଦମନୀୟ ଅଭୀପ୍‌ସା ତାଙ୍କୁ ବେଳୁ ବେଳ ବିବ୍ରତ କରି ପକାଇଲା । ବିଶ୍ୱନିୟନ୍ତାଙ୍କ ଉଦ୍ଦେଶ୍ୟରେ ପୁନର୍ବାର ଲୋତକ ଭିଜା ନୟନରେ ପଣତ ପାତି ଭିକ୍ଷା କଲେ "ବାରବାର ଗର୍ଭବତୀ ହେବାର ଇଚ୍ଛା ମୋ ଲୋଡ଼ା ନାହିଁ ପ୍ରଭୁ, ଥରଟିଏ ଖାଲି ମତେ ସନ୍ତାନ ସମ୍ଭବା କର । ଅମୃତ ପରଶରେ କେବଳ ଥରଟିଏ ପାଇଁ ବୁହାଇ ଦିଅ ପ୍ରଭୁ ପୀୟୁଷର ଧାରା । କିନ୍ତୁ ତାଙ୍କର ଏ ପଣତ ପଣ ପ୍ରାର୍ଥନାରେ ଜଗନ୍ନାଥଙ୍କର ସେ ହସ ହସ ମୁହଁଟି ବି କେମିତି ପାଣ୍ଡୁର ଦିଶିଲା । ମହାଦାନୀ ଜଗନ୍ନାଥଙ୍କର ଶକ୍ତ ବାହୁ ଯୁଗଳ କାର୍ପଣ୍ୟତାରେ ବୋଧେ ଛୋଟ ହୋଇଗଲା । ଅର୍ଚ୍ଚନା ଜାଣିଲେ ଏ ମହିମାମୟ କରୁଣାସାଗରଙ୍କ ଦରବାରରେ ବି ତାଙ୍କ ପାଇଁ ଯୋଜନ ଯୋଜନ ବ୍ୟାପୀ ଭଟ୍ଟା । ନିରାଶା ଆଉ ହତାଶାବୋଧରେ ଭାଙ୍ଗିପଡିଲା ଅର୍ଚ୍ଚନାଙ୍କ ମନ । ମନେ ପଡ଼ିଲା ଡାକ୍ତର ସାହେବଙ୍କର ସେହି ରୋକ୍‌ଠୋକ୍ ରୁକ୍ଷ ମନ୍ତବ୍ୟ । ଅନିରୁଦ୍ଧ ଆଉ ଅର୍ଚ୍ଚନାଙ୍କୁ ନେଇ ଏ ସହରର ପ୍ରଖ୍ୟାତ ଗାଇନୋକୋଲୋଜିଷ୍ଟ ଡକ୍ଟର ପଟ୍ଟନାୟକ ଅନେକ ପରୀକ୍ଷା ନିରୀକ୍ଷା କରିଛନ୍ତି । ଏମିତିକି ଦୁଇଜଣଙ୍କର ରକ୍ତର ଉପଯୁକ୍ତ ଉଚ୍ଚସ୍ତରୀୟ ଡାକ୍ତରୀ ଗବେଷଣା ପାଇଁ ଆମେରିକାର ପ୍ରତିଷ୍ଠିତ ଗବେଷଣାଗାରକୁ ରକ୍ତ ପଠାଇଯାଇଥିଲା । କିନ୍ତୁ ଯୁଗେ ଯୁଗେ ଭାଗ୍ୟର ପ୍ରତିକୂଳରେ କେବେ ବି ସୌଭାଗ୍ୟର ଉଦୟ ହୁଏନି । ଏ ଦୁନିଆରେ ଯେତେ ବଡ ଡାକ୍ତର, ଯେତେବଡ ଗବେଷକ ହେଲେ ବି ନିୟତିର ସେଇ କ୍ରୁର ନିୟମରେ ହିଁ ସମସ୍ତେ ବନ୍ଧା । ଏ ବିଶାଳ ସଂସାରରେ ଏଭଳି କୌଣସି ଶକ୍ତି ନାହିଁ, ଯିଏ କି ବିଡମ୍ବିତ ଭାଗ୍ୟକୁ ବଦଳାଇ ପାରିବ । ତେଣୁ ସର୍ବଶେଷ ରାୟ ସେଦିନ ଅର୍ଚ୍ଚନା ଓ ଅନିରୁଦ୍ଧ ଶୁଣିବାକୁ ପାଇଥିଲେ ଯେ ପିତୃତ୍ୱ ଓ ମାତୃତ୍ୱ ଲାଭ କରିବା ଦୁହିଁଙ୍କର ଏ ଜନ୍ମରେ କଦାପି ସମ୍ଭବ ନୁହେଁ । ଏ ରାୟ ଶୁଣିବା ପରେ ସମ୍ବେଦନଶୀଳ ଆଖି ନେଇ ପରସ୍ପର ପରସ୍ପରକୁ ଚାହିଁବା ଛଡା ଆଉ କିଛି ଉପାୟ ନ ଥିଲା । ସେହିଦିନଠାରୁ ଏ ଯାବତ୍ ଅର୍ଚ୍ଚନା ଆଉ କେଉଁଆଡେ ନ ଯାଇ ଖାଲି ଏଇ ଜଗନ୍ନାଥଙ୍କ ବିଗ୍ରହ ପାଖରେ ଦିନର ଅନେକ ସମୟ ପ୍ରାର୍ଥନାରେ କଟାନ୍ତି । ସେ ଶୁଣିଛନ୍ତି ମଣିଷ ଯେତେବେଳେ ନିତାନ୍ତ ଅସହାୟ ହୋଇପଡେ, ସେତେବେଳେ ଭଗବାନଙ୍କ ସହାୟତାର ହାତ ଛାଏଁ ମଣିଷ ପାଖକୁ ଲମ୍ବି ଆସେ । ଏ ବିଶ୍ୱରେ କେବଳ ସେହି ଜଣକ ହିଁ ଅସମ୍ଭବକୁ ସମ୍ଭବ କରିପାରନ୍ତି । ଶୁଖିଲା ମରୁଭୂମିରେ ଅବାରିତ ବର୍ଷାର ପ୍ଲାବନ ଘଟାନ୍ତି ।



ଏତିକିବେଳେ ଅନିରୁଦ୍ଧଙ୍କ ସ୍କୁଟରର ହର୍ଣ୍ଣରେ ଚମକିପଡିଲେ ଅର୍ଚ୍ଚନା । ଅସ୍ତବ୍ୟସ୍ତ ମୁହଁର ଭାବକୁ ସ୍ୱାମୀଙ୍କୁ ଲୁଚାଇବାର ପ୍ରୟାସ ପୂର୍ବକ ମୁହଁରେ ସ୍ମିତ ହସ ଖେଳାଇ ସ୍ୱାମୀଙ୍କୁ ଚାହିଁଲେ । କିନ୍ତୁ ଏ କାହାକୁ ସେ ଦେଖୁଛନ୍ତି ? ସ୍ୱାମୀଙ୍କ ସ୍କୁଟର ଆଗରେ ଅନିରୁଦ୍ଧଙ୍କ

ଦୁଇବାହୁ ମଧ୍ୟରେ ତିନିବର୍ଷ ପୁଅଟିଏ ସ୍କୁଟର ହ୍ୟାଣ୍ଡେଲ୍ ଧରି ଠିଆ ହୋଇଛି। ପିଲାଟିର ପରିଚୟ ଜାଣିବା ପୂର୍ବରୁ ତାକୁ କାଖ କରି ନେଲେ ଅର୍ଚ୍ଚନା। ପୁରୁଷ ସୁଲଭ ରସିକତା ନେଇ ଅନିରୁଦ୍ଧ ପ୍ରଶ୍ନ କଲେ, "ଯାକୁ ପୂର୍ବରୁ ଜାଣିଥିଲ ନା କଣ ? କାହିଁ ତାର ପରିଚୟ ଜିଜ୍ଞାସା କରୁ ନାହଁ ତ ?" ପିଲାଟିକୁ ସେମିତି ପାଖରେ ଧରି ଅର୍ଚ୍ଚନା ଉତ୍ତର ଦେଲେ, "ସବୁ ନାରୀମାନଙ୍କ ଅନ୍ତର ତଳେ ମା'ର ମନଟିଏ ଲୁଚିଥାଏ। ତେଣୁ ପିଲାଟିଏ ଦେଖିଲେ ସେ ଯାହା ପିଲା ହେଲେ ବି କୋଳରେ ଧରିବା ପାଇଁ ଆପଣାଛାଏଁ ଏମିତି ହାତ ତା ପାଖକୁ ଲମ୍ବି ଆସେ। ତା' ପରେ ପରିଚୟ ବା କଣ ଜାଣିବା ଦରକାର ! ଏ ନିଶ୍ଚୟ ତମର କେଉଁ ବଂଧୁଙ୍କର ପିଲା ହୋଇଥିବ।"

ଅନିରୁଦ୍ଧ କେତେ ସମୟ ନିର୍ବାକ ରହିବା ପରେ ଅର୍ଚ୍ଚନାଙ୍କୁ ଚାହିଁ କହିଲେ, ଏ ଯାହାର ପିଲା ହୋଇଥାଉ ପଛକେ, ଆଜିଠାରୁ ଏ ହେବ ଆମରି ପିଲା ଏ ଆମରି ପୁଅ। ମୃତ୍ୟୁ ପରେ ଏହାରି ହାତରୁ ପିଣ୍ଡ ପାଇ ଆମେ ଦୁହେଁ ଯମପୁରର ତପ୍ତ ବୈତରଣୀକୁ ଅକ୍ଳେଶରେ ପାର ହୋଇପାରିବା ଅର୍ଚ୍ଚନା। ଆଉ ଏଣିକି ତମେ ଦୁଃଖ କର ନାହିଁ। ଜନ୍ମ ଜନ୍ମର ଅପତ୍ୟ ଜନିତ ଅବସୋସକୁ ଆମେ ଏହାରି ମୁହଁ ଚାହିଁ ଭୁଲିଯାଇ ପାରିବା। ଅର୍ଚ୍ଚନା କିନ୍ତୁ ଅନିରୁଦ୍ଧଙ୍କ କଥା କିଛି ବୁଝି ପାରୁ ନ ଥିଲେ। ବୁଝି ପାରୁ ନ ଥିଲେ ମଧ୍ୟ ଅନ୍ୟର ପିଲା ଆଣି ଅନିରୁଦ୍ଧ ନିଜର ବୋଲି କେମିତି ବାରବାର ଉପସ୍ଥାପିତ କରୁଛନ୍ତି। ଅର୍ଚ୍ଚନାଙ୍କର ଅବୁଝା ଆଖିର ଚାହାଣୀକୁ ଅନିରୁଦ୍ଧ ବୁଝିପାରି କହିଲେ "ଆଜି ଗୋପାଳ ଜୀଉ ଅନାଥାଶ୍ରମର ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେବାକୁ ମତେ ହଠାତ୍ ନିମନ୍ତ୍ରଣ ଆସିଲା। ଅନାଥାଶ୍ରମର ନିଷ୍ପାପ କଳିକାଗୁଡିକୁ ସସ୍ନେହରେ ଛୁଉଁ ଛୁଉଁ ଏଇ ପିଲାଟି ପ୍ରତି କାହିଁକି କେଜାଣି ଅହେତୁକ ମମତା ମୋ ଅନ୍ତରକୁ ରୁଦ୍ଧ କଲା। ଶେଷରେ ବାଧ୍ୟ ହୋଇ ତାଙ୍କ ବଡ଼ ଦିଦିଙ୍କ ଠାରୁ ଏଇ ପିଲାଟିକୁ ଭିକ୍ଷା କଲି।" "ସେ ସ୍ୱୀକୃତି ଦେଲେ ନା ନାହିଁ ?" ଅର୍ଚ୍ଚନା ଏଥର ପିଲାଟିକୁ ଭଲରେ ଚାହିଁଲେ। କେଉଁ କୁଆଁରୀ ମାତା ଅପଯଶର କବଳରୁ ଆତ୍ମରକ୍ଷା ପାଇଁ ହୁଏତ ଏଭଳି ସ୍ୱର୍ଗୀୟ ସୁଷମାକୁ କୋଳରୁ ଛଡା କରି, କେଉଁଠି ନିଭୃତ ଲୁହ ଢ଼ାଳୁଥିବ, ଅବା ସୂତପୁତ୍ରକୁ କର୍ଣ୍ଣର ଗୌରବରେ ଦିନେ ଗୌରବାନ୍ୱିତ କରିବା ପାଇଁ ନିତି ବ୍ରହ୍ମାଣ୍ଡ ବୃନ୍ଦାବନ ଚନ୍ଦ୍ରଙ୍କୁ ପ୍ରାର୍ଥନା କରୁଥିବ। ଅର୍ଚ୍ଚନା ସାମ୍ନା କାନ୍ଥକୁ ଚାହିଁଲେ। ପ୍ରଭୁ ନୀଳମାଧବଙ୍କ ଦୟା ଏବେ କାହିଁ କେତେଦୂର ଯାଏଁ ଲମ୍ବି ଯାଉଥିଲା। ବାଙ୍କ ଅଧରର ବଙ୍କିମ ହସ ଆହୁରି ଟହ ଟହ ଅର୍ଚ୍ଚନାଙ୍କୁ ଦିଶିଯାଉଥିଲା ସେହି ହସ ମଧ୍ୟରେ ହିଁ ପ୍ରଭୁ ଯେପରି କହୁଛନ୍ତି ମୋ ଦେବାଟା ଏମିତି ଅଚାନକ ଆସିଥାଏ। ଆଉ ପ୍ରାର୍ଥନାର ଫଳ ଡେରିରେ ହେଲେ ବି ଏମିତି ଆକସ୍ମିକ ଭାବେ ମିଳିଥାଏ। ତମେ ଏ ଅସହାୟ ଶିଶୁକୁ ସହାୟ ଦିଅ ଅର୍ଚ୍ଚନା। ଆପଣେଇ ନିଅ ଏ ବୃନ୍ତଚ୍ୟୁତ କୋମଳ କଳିଟକୁ। ଦେଖ, ଟଳମଳ ପଦ ଦୁଇଟି ତାର କେମିତି ତମ ଶକ୍ତ ବାହୁର ଆଶ୍ରୟ ଖୋଜୁଛି। ଅବଲମ୍ବନହୀନ ଏଇ ନିରୀହ ଶିଶୁଟିକୁ ସମାଜରେ ଦୃଢ଼ ଭାବେ ଠିଆ କରିବା ପାଇଁ ତମେ ହାତ ବଢ଼ାଅ ଅର୍ଚ୍ଚନା। ନ ହେଲେ ଉପଯୁକ୍ତ ଅବଲମ୍ବନ ନ ପାଇ ଟଳମଳ ପାଦ ତାର ତଳକୁ ଖସିଯିବ। ମଣିଷ ଭିତରେ ହୁଏତ ଅମଣିଷଟିଏ ହୋଇ ଶେଷରେ ସମାଜ ପାଇଁ କଳଙ୍କ ହେବ।

**ସେ ଅନୁଭବ କଲେ କଳାକାହ୍ନୁ ପାଇଁ ତାଙ୍କ ବକ୍ଷ ଦେଶରୁ ଝର ଝର ହୋଇ ଝରି ଯାଉଛି ଯେମିତି କାହିଁ କେଉଁ ଯୁଗର ସାଇତା ଅମୃତର ଧାରା।**

ଏଥର ଅସୁମାରୀ ମମତାରେ ଭରିଗଲା ଅର୍ଚ୍ଚନାଙ୍କର ବୁକୁସ୍ଥଳ। ପ୍ରସୂତି ନ ହୋଇ ବି ସେ ଅନୁଭବ କଲେ କଳାକାହ୍ନୁ ପାଇଁ ତାଙ୍କ ବକ୍ଷ ଦେଶରୁ ଝର ଝର ହୋଇ ଝରି ଯାଉଛି ଯେମିତି କାହିଁ କେଉଁ ଯୁଗର ସାଇତା ଅମୃତର ଧାରା। ଭାବିଲେ, ଦଶ ମାସ ଗର୍ଭ ଯନ୍ତ୍ରଣା ସହି ଦେବକୀ ନ ହେଲେ ନାହିଁ ପଛକେ, ବାକିଥିବା ସମସ୍ତ ଯତ୍ନର ଫୁଆରା ଢ଼ାଳି ଏମିତି ଯଶୋଦାଟିଏ ହେବେ ଯେ ଜନ୍ମ ଜନ୍ମ ବିତିଗଲେ ବି ଦେବକୀର ଡାକ ଆଉ ତାଙ୍କ ସ୍ନେହର, ମମତାର ଦୁର୍ଭେଦ୍ୟ ପାଚେରି ଡେଇଁ ପ୍ରାଣର କଳାକାହ୍ନୁ ପାଖେ ପହଞ୍ଚି ପାରିବ ନାହିଁ।

ଅନିରୁଦ୍ଧ, ଅର୍ଚ୍ଚନାଙ୍କର ଠାରୁ ଏଯାବତ୍ ପିଲାଟିର ଅଭୟ ସ୍ୱୀକୃତିକୁ ଚାହିଁ ରହିଥିଲେ। ଆଉ ଅର୍ଚ୍ଚନା, ଖୁବ୍ ଜୋର୍‌ରେ କଳାକାହ୍ନୁକୁ ବକ୍ଷରେ ଚାପି ଧରି ଭରା ମାତୃତ୍ୱର ଆବେଗରେ ତଲ୍ଲୀନ ହୋଇଯାଉଥିଲେ।

□□

ଲେଖିକାଙ୍କ ଇ-ମେଲ ଠିକଣା:
jayantisahoo10@gmail.com



ଲଳିତ ନିବନ୍ଧ

# କୁନି ପାଇଁ ଝାଡୁ

ଅଜୟ ମହାଲା

ଭଉଣୀ କୁନି ତା ଶାଶୁଘରେ ନିର୍ଯ୍ୟାତିତ ହେଲା ପରେ ମୁଁ ଉତ୍କଳ ପ୍ରାନ୍ତରେ ବ୍ୟବହାର ହେଉଥିବା ବିଭିନ୍ନ ଝାଡୁ ବିଷୟରେ ଜାଣିବାକୁ ହଠାତ ଉତ୍ସୁକ ହୋଇ ପଡ଼ିଥିଲି। ଶେଷରେ ଏହାର ସୁଫଳ ମିଳିଲା। ଏବେ କୁନି ତା ଶାଶୁଘରେ ଖୁସିରେ ଅଛି। ମୁଁ ଝାଡୁ ବିଷୟରେ ସଂଗ୍ରହ କରିଥିବା ତଥ୍ୟ ଏଠାରେ ରଖୁଛି, ହୁଏ ତ ଆଉ କାହା କାମରେ ଲାଗିବ।

**ଫୁଲ ଝାଡୁ :** ଏଇଟା ଫୁଲ ଝାଡୁ। ଜଙ୍ଗଲରୁ ଟ୍ରକ ଟ୍ରକ ବୋଝେଇ କରି ନେଇ କମ୍ପାନୀମାନେ ପ୍ଲାଷ୍ଟିକ ହ୍ୟାଣ୍ଡଲ ଲଗେଇ ବ୍ରାଣ୍ଡିଙ୍ଗ କରି ବିକୁଛନ୍ତି। କିଣିବାକୁ ଗଲେ ପଇସା ଟିକେ ଅଧିକା ପଡିବ। ଏହାର ଲମ୍ବା ହ୍ୟାଣ୍ଡଲ ଅନେକ ପ୍ରୟୋଗ ପାଇଁ ସୁବିଧାଜନକ। ହ୍ୟାଣ୍ଡଲ ଲମ୍ବା ଥିବାରୁ ଡେଙ୍ଗା ପତିଙ୍କୁ ସହଜରେ ପିଟି ହେବ। ଦରକାର ପଡିଲେ ଝାଡୁ ପଟ ଧରି ହ୍ୟାଣ୍ଡଲରେ ସ୍ୱାମୀଙ୍କୁ ପିଟି ହେବ। ଏହା ବେଶୀ ଜାଗା ମାଡି ବସେନା। ଏହାକୁ ଘର କୋଣରେ ଡେରି ରଖିହେବ।



**ବ୍ୟବହାର ବିଧି:** ପ୍ରୟୋଗ କରିବା ପୂର୍ବରୁ ଗୋଟିଏ ଜାଗାରେ ପିଟି ଶୁଖିଲା ଗୁଣ୍ଡପରି ଝଡି ପଡୁଥିବା ଶୁଖିଲା ଫୁଲ ସବୁକୁ ଝାଡ଼ିଦେବେ।ଏପରି ଝାଡୁକୁ ଅନାବଶ୍ୟକ ଓଦା କରିବେ ନାହିଁ।

**ଫୁଲ ଝାଡୁର ଅନ୍ୟ ବ୍ୟବହାର:** ଖଟ ତଳକୁ ହାତ ନ ପାଉଥିଲେ ଫୁଲଝାଡୁଦ୍ୱାରା ସହଜରେ ଝାଡୁ କରି ହୁଏ। ଖଟ ତଳକୁ ଗଡ଼ି ଯାଇଥିବା କଏନ, ପଙ୍ଖାରେ ଉଡି ଯାଇଥିବା କାଗଜ ଗହୀର ଅନ୍ଧାରୁଆ ଜାଗାରୁ ଏହାଦ୍ୱାରା ଉଦ୍ଧାର କରି ହୁଏ। କାନ ଭିତର କୁଣ୍ଡାଇ ହେଉଥିଲେ ନୂଆଝାଡୁରୁ ଛୋଟ ଛୋଟ ଖଣ୍ଡ ଭାଙ୍ଗି କାନରେ ପୂରେଇଲେ ଆନନ୍ଦ ମିଳେ ଓ କଷ୍ଟ ଉପଶମ ହୁଏ।

ମାର୍ବଲ ଓ ଖସଡ଼ା ଘର ଝାଡୁ ପାଇଁ ଉତ୍ତମ।

ଗୋଟାକର ମୂଲ୍ୟ ୭୦ ଟଙ୍କା।

**ଦେଶୀ ଖଜୁରୀ ଝାଡୁ**

ଦେଶୀ ଖଜୁରୀ ଝାଡୁ। ସ୍ଥାନୀୟ କଥିତ ଭାଷାରେ ଦକ୍ଷିଣୀ ଝାଡୁ ବା ଶାନ୍ତି ସମାର୍ଜନୀ କହନ୍ତି। କନ୍ଧମାଳ ଓ କୋରାପୁଟର ଗ୍ରାମ୍ୟହାଟରୁ ସଂଗୃହିତ। ଏଥିରେ ଫୁଲଝାଡୁ ପରି ପ୍ଲାଷ୍ଟିକର ବ୍ୟବହାର ଦରକାର ପଡେନି। ଦୂରରୁ ଦେଖିଲେ ଗାହଣଙ୍କ ଚାମର ପରି ଲାଗେ। ଏହା ଦ୍ୱାରା ମାଡ଼ ମାରିଲେ ସ୍ୱାମୀଙ୍କୁ କୁତୁକୁତୁ ଲାଗିବ। ସେଥିପାଇଁ ଛୋଟ ମୋଟ ଆରୋପ ପାଇଁ ଏପରି ବ୍ୟବହାର କରିହେବ। ସାମୟିକରୂପେ ବିଗିଡିଯାଇଥିବା ସ୍ୱାମୀଙ୍କୁ ସୁଧାରିବା ପାଇଁ ଉତ୍ତମ।

**ଅନ୍ୟ ବ୍ୟବହାର:**

ଏହି ଝାଡୁ ପୁରାତନ ମାଟି ଘର ପାଇଁ ଉତ୍ତମ। ଫୁଲ ଝାଡୁପରି ସହଜରେ ଭାଙ୍ଗି ଯାଏ ନାହିଁ। ଘରେ ଚୁନ କିମ୍ବା ଚାଉଳ ଚୁନା ଝୋଟି ପାଇଁ ପେଣ୍ଟ ବ୍ରଶ କାମ କରେ। ମାଟି କାନ୍ଥକୁ କ୍ଷତି ପହୁଞ୍ଚାଏ ନାହିଁ। ଚୌଡା ହୋଇଥିବାରୁ ଧାବମାନ ମୂଷାଙ୍କୁ କାବୁ କରିବାରେ ସାହାଯ୍ୟ କରେ।

ପ୍ରତ୍ୟେକର ବଜାର ମୂଲ୍ୟ: ୩୭ ଟଙ୍କା।

**ବଣ ଖଜୁରୀ ଝାଡୁ**

ଏହା ବଣ ଖଜୁରୀ ଝାଡୁ। ଉଦଣ୍ଡ ସମାର୍ଜନୀ। କେତେକ ଏହାକୁ ଚିରୁଗୁଣି ବା ପିଶାଚୁଣୀ ଝାଡୁ କହିଥାନ୍ତି। ଫୁଲ ଝାଡୁ ଆଉ ଶାନ୍ତି ସମାର୍ଜନୀଠାରୁ ଅପେକ୍ଷାକୃତ ଛୋଟ ହ୍ୟାଣ୍ଡଲ। ପତ୍ର ରୁକ୍ଷ ଆଉ କର୍କଶ। ବ୍ୟବହାର ହେଲାପରେ ଝାଡୁ କ୍ରମଶଃ ନରମ ହୋଇଯାଏ। ଏହାଦ୍ୱାରା ଅଳ୍ପ ଉଚ୍ଚତା ଥିବା ସ୍ୱାମୀଙ୍କୁ ପିଟି ଅଳ୍ପ ସମୟରେ ଧରାଶାୟୀ କରିହେବ। ଫକୀରମୋହନଙ୍କ

ପେଟେଣ୍ଟ ମେଡ଼ିସିନ ଗଳ୍ପରେ ଏହି ସମାର୍ଜନୀ ବ୍ୟବହାର ହୋଇଥିଲା ବୋଲି ବିଶେଷଜ୍ଞମାନେ କହନ୍ତି। କିମ୍ବଦନ୍ତୀ ହିସାବରେ ଏହାର ପ୍ରାଚୀନତମ ପ୍ରୟୋଗ ଭାରତବର୍ଷରେ ହୋଇଥିଲା। କାଳିଦାସଙ୍କ ପତ୍ନୀ ବିଦ୍ୟାବତୀ କାଳିଦାସଙ୍କ ଉପରେ ଏହାର ପ୍ରୟୋଗ କରିଥିଲେ।

**ବ୍ୟବହାର ବିଧି** : ସ୍ୱାମୀଙ୍କ ଉପଚାର ପୂର୍ବରୁ ଏହା ପଛପଟେ ପତ୍ନୀ ନିଜର ମୁଖ ଚନ୍ଦ୍ରମା ଲୁଚାଇ ରଖିବେ। ଚନ୍ଦ୍ରମାରୁ ଗ୍ରହଣ ଧୀରେ ଧୀରେ ଛାଡିବା ପରି ନିଜେ ପ୍ରକଟ ହୋଇ ସ୍ୱାମୀଙ୍କ ଉପରେ ଝାଡୁବର୍ଷା କରି ଚାଲିବେ।

**ଅନ୍ୟ ବ୍ୟବହାର**: ସିମେଣ୍ଟ ପକ୍କାଘର ପାଇଁ ଉପଯୁକ୍ତ। ଗୁଣୀ ଗାରେଡି ପାଇଁ ଏହି ଝାଡୁ ବ୍ୟବହୃତ ହୋଇଥାଏ। ପିଲାମାନେ ଡରିଲେ କେବଳ ଏହି ଝାଡୁରୁ ପତ୍ର ଛିଣ୍ଡାଇ ବେକରେ ବନ୍ଧା ଯାଇଥାଏ। ବିବାହିତା ନାରୀଙ୍କ ଉପରେ କାହାର ନଜର ନ ପଡିବା ପାଇଁ ଶାଶୁମାନେ ଏହାକୁ ବୋହୂଙ୍କ ବେକରେ ବାନ୍ଧି ଦେଉଥିଲେ। ପରକୀୟା ପ୍ରୀତି, ମଦ, ଜୁଆ ଆଉ ଶେୟାର ମାର୍କେଟ ଖେଳିବା ପରି ପୁରୁଣା ନିଶା ଛଡାଇବାରେ ଏହା ସକ୍ଷମ।

**ବିବାହିତା ନାରୀଙ୍କ ଉପରେ କାହାର ନଜର ନ ପଡିବା ପାଇଁ ଶାଶୁମାନେ ଏହାକୁ ବୋହୂଙ୍କ ବେକରେ ବାନ୍ଧି ଦେଉଥିଲେ। ପରକୀୟା ପ୍ରୀତି, ମଦ, ଜୁଆ ଆଉ ଶେୟାର ମାର୍କେଟ ଖେଳିବା ପରି ପୁରୁଣା ନିଶା ଛଡାଇବାରେ ଏହା ସକ୍ଷମ।**

**ଚେତାବନୀ**: ଏହା ପରିଜନ ମାନଙ୍କୁ ଲୁଚାଇ କରିବା ବିଧେୟ। ପିଲାମାନଙ୍କ ସ୍କୁଲ ନ ଯାଇଥିଲାବେଳେ ଏହାର ପ୍ରୟୋଗ ବାଞ୍ଛନୀୟ ନୁହେଁ। 'ବାପା ଲୋ ବୋଉ ଲୋ' ପାଞ୍ଚ ଥର କହିଲା ପରେ ଏହାର ପ୍ରୟୋଗ ତୁରନ୍ତ ବନ୍ଦ କରି ଦେବା ଉଚିତ।

ବଜାର ମୂଲ୍ୟ: ୧୦୦ ଟଙ୍କାରେ ୪ ଗୋଟି।

**ନଡିଆ ଝାଡୁ**

ନଡ଼ିଆ ବାହୁଙ୍ଗାରୁ ପିଂଛ ବା ଖଡିକା କାଠି ଏକତ୍ର କରି ନଡ଼ିଆ ଝାଡୁ ତିଆରି କରାଯାଇଥାଏ। ସବୁଠୁଁ ଲୋକପ୍ରିୟ ନାଆଁ 'ପହଁରା'। ସୁନା ଖଡିକାରେ ତିଆରି ପହଁରାରେ ଜଗନ୍ନାଥ ମହାପ୍ରଭୁଙ୍କ 'ଛେରା ପହଁରା' ହୋଇଥାଏ। ଏହା ମୁଖ୍ୟତଃ ଆଉଟଡୋର ବ୍ୟବହାର ପାଇଁ। ଘର ବାହାରର ପଥୁରିଆ ଆଉ କର୍କଶ ଅଗଣା ପାଇଁ ବ୍ୟବହାର କରାଯାଇଥାଏ। ସକାଳେ ମାଆମାନେ ପହଁରା ଝାଡୁ କଲାବେଳେ ଏହାର 'ଖଅର ଖଅର' ଶବ୍ଦ ଶୟନରତ ଅନ୍ୟ ପୁରୁଷ ସଦସ୍ୟମାନଙ୍କ ପାଇଁ ସକାଳ ହୋଇଗଲା ବୋଲି ଅଲାର୍ମ ଘଡିର ପୂର୍ବ ରୂପ କହିଲେ ଭୁଲ ହେବନି।

କୁକୁର, ଚଣ୍ଡାଳ ଓ ଦୁଷ୍ଟ ମାନଙ୍କୁ ଘଉଡ଼ାଇବାକୁ ଏହାର ପ୍ରୟୋଗ କରା ଯାଇଥାଏ। ଖଡିକା ସଂଗ୍ରହ କରିବା କଷ୍ଟକର ବ୍ୟାପାର ହୋଇଥିବାରୁ ଏ ପ୍ରକାର ଝାଡୁର ମୂଲ୍ୟ ସର୍ବାଧିକ।

**ଅନ୍ୟ ପ୍ରୟୋଗ**: ଖଡିକା କାଠି ସରୁଆ, ଶକ୍ତ ଓ ମୁନିଆଁ ହୋଇଥିବାରୁ ଏହାର ଅନେକ ପ୍ରୟୋଗ ଅଛି। ଝିଅମାନେ ନାକ କାନ ଫୋଡାଇଲା ପରେ ଛିଦ୍ର ବନ୍ଦ ନ ହୋଇଯାଉ ସେଥିପାଇଁ ନିମ କାଠି ଅବା ଖଡିକାର ପ୍ରୟୋଗ କରିଥାନ୍ତି। ରଜପର୍ବ ପାଇଁ ଗୁଡି ତିଆରି କଲାବେଳେ ପୁଅ ପିଲାମାନେ ପହଁରାରୁ ଖଡିକା ଭାଙ୍ଗି ଥାଆନ୍ତି। କାଠଖଟ ଫାଙ୍କରେ ଛାରପୋକ ଲୁଚିଥିଲେ ପିଂଛ ପୂରାଇ ସେମାନଙ୍କୁ ସେମାନଙ୍କ ଗୋପନ ସ୍ଥାନରୁ ବାହାରକୁ ବାହାରିବାକୁ ବାଧ୍ୟ କରା ଯାଉଥିଲା। ଦହିବରା ପାଇଁ ପତ୍ର ଠୋଲା ତିଆରି କରିବାରେ ବି ପିଂଛ କାଠି ବ୍ୟବହାର ହୋଇଥାଏ।

**ଚେତାବନୀ**: ଏହାକୁ ନିଜ ପ୍ରିୟ ଲୋକଙ୍କ ଉପରେ ବ୍ୟବହାର କରିବା ସର୍ବାଦୌ ବର୍ଜିତ। ବିଦ୍ୱାନଙ୍କ ମତ ଅନୁସାରେ ସମାର୍ଜନୀର ପ୍ରୟୋଗ ମାନସିକ ଉପଚାର ପାଇଁ, କୌଣସି ଶାରୀରିକ କ୍ଷତି ପହଞ୍ଚାଇବା ନୁହେଁ।

ବଜାର ମୂଲ୍ୟ: ୮୦ ଟଙ୍କା।

ବି.ଦ୍ର : ଗଳ୍ପରେ ଦିଆଯାଇଥିବା ତଥ୍ୟ ଲେଖକଙ୍କ ସଂପୂର୍ଣ୍ଣ ନିଜର। ପ୍ରତ୍ୟେକ ଭଉଣୀ ନିଜର ବୁଦ୍ଧି ବିବେକ ହିସାବରେ କାମ କରିବେ। କିଛି ଦୁଷ୍ପରିଣାମ ଆସିଲେ ଲେଖକ ଦାୟୀ ନୁହେଁ।

□□

ଲେଖକଙ୍କ ଇ-ମେଲ୍ ଠିକଣା:
ajayamahala@gmail.com

କବିତା



# ଯୁଦ୍ଧ

ଡ. ଗଗନ ପାଣିଗ୍ରାହୀ

ଗଗନଭୁବନ କମ୍ପି ଉଠୁଛି
କମାଣ ବୋମାରେ ବାରମ୍ବାର,
ପ୍ରତିଧ୍ୱନି ରୂପେ ଆସଇ ତହିଁରୁ
ନିରୀହ ଜନର କରୁଣ ସ୍ୱର।

ଜୀବନ ବିକଳେ କିଏ ପଶିଅଛି
କେଉଁ ପୋଲତଳେ ବଞ୍ଚିବା ପାଇଁ,
କ୍ଷୁଧାରେ ଉଦର ଆଉଟୁ ପାଉଟୁ
ଆହାର ନିଦ୍ରାର ଠିକଣା ନାହିଁ।

ବାସଘର ବୋଲି ଯାହା ଖଣ୍ଡେ ଥିଲା
ଏବେ ଧୂଳିସାତ ବୋମା ମାଡରେ,
ପରିବାର ଜନେ କିଏ କାହିଁ ଗଲେ
ନପଡିଲା ଜଣା ଧୂଆଁ ଧୂଳିରେ।

ମାତା ଖୋଜୁଅଛି କାହିଁଗଲା ତାର
ଚାରି ବରଷର ବାଳୁତ ପୁଅ,
ଭଙ୍ଗାରୁଜା ଘର ଅଣ୍ଡାଳି ଅଣ୍ଡାଳି
ଖୋଜୁଛି ପୁଅକୁ ବୁହାଇ ଲୁହ।

ଚଉଦିଗେ ଶୁଭେ ଆର୍ତ୍ତନାଦ ଖାଲି
ନରକ ମରତ ନହୁଏ ବାରି,
ହୁଏନି ବିଶ୍ୱାସ ମଣିଷ ବି ଜଣେ
ଆନ ମଣିଷକୁ ପାରୁଛି ମାରି।

ଏବେବି ମଣିଷ ବିଭୀଷିକା ରଚି
ଖେଳିବାକୁ ଚାହେଁ ରକତେ ହୋରି,
ଦୁର୍ବଳ ଉପରେସବଳ ଚାହୁଁଛି
ଯୁଦ୍ଧର ବଳେ କର୍ତ୍ତୃତ୍ୱ ଜାରି।

ଯୁଦ୍ଧ, ଯାହାର ଲେଲିହାନ ଶିଖା
ଜାଳଇ ଜୀବନ, ଜାଳଇ ପ୍ରାଣ,
ବୁଝିବନି ସିଏ ହିନ୍ଦୁ, ଖ୍ରୀଷ୍ଟିଆନ
ନା ବୁଝିବ କିଏ ମୁସଲମାନ।

ଯୁଦ୍ଧେ କାନ୍ଦଇ ଶତ ପିତା ମାତା
ନୟନୁଝରାଇ ତତଲା ଲୁହ,
ଶତ ପୁତ୍ର କନ୍ୟା ଅଚିରେ ହରାନ୍ତି
ମାତା ପିତାଙ୍କର ସରାଗ ସ୍ନେହ।

ନବ ବିବାହିତା ହରାଇ ବସଇ
ଯୁଦ୍ଧ ଭୂଇଁରେ ସ୍ୱାମୀ ନିଜର,
ବନ୍ଧୁ ପରିଜନ ସଭିଙ୍କ ଆଗରେ
ଅଦିନେ ଜଳିଛି ଯୁଇ ପତିର।

ଦେଶର ବିକାଶ ହୋଇଛି ଶୀଥିଳ
ଜୀବନ ଜୀବିକା କରି ବିପନ୍ନ,
କ୍ରୋଧ ହିଂସା ଘୃଣା ଭରିଅଛି ହୃଦେ
ଭୟଭୀତ ହୋଇ କଟିଛି ଦିନ।

ଯୁଦ୍ଧରେ ଏ ଯାଏଁ ଜିତି ନାହିଁ କେହି
ଜିତିବେ ବି ନାହିଁ କସ୍ମିନ କାଳେ,
ହାର କିନ୍ତୁ ହୁଏ ମାନବିକତାର
ଜଳି ପୋଡି ହୋଇ ପଳେ ପଳେ।

ଯୁଦ୍ଧ ପରିଣତି ଅତି ଭୟାବହ
କହେ ଇତିହାସ ପୃଷ୍ଠା ମେଲି,
ଲାଗେ ଆଚମ୍ବିତ ତଥାପି ମାନବ
ପଢି ଶୁଣି ସବୁ ଯାଉଛି ଭୁଲି।

ଯୁଦ୍ଧ ହେଉ ବୋଲି ଯିଏ ଦିଏ ଡାକ
କରେନି କେବେ ବି ଯୁଦ୍ଧ ସିଏ,
ଚାହିଁବନି କେବେ ଯୁଦ୍ଧ ଆଉ ଥରେ
କରିଅଛି ଥରେ ଯୁଦ୍ଧ ଯିଏ।



□□

କବିଙ୍କ ଇ-ମେଲ ଠିକଣା:
g.panigrahi@rogers.com

ସମାଲୋଚନା

# ରମାକାନ୍ତ ରଥଙ୍କ କାବ୍ୟିକ ବିଭବ: ଶ୍ରୀରାଧା



ପ୍ରଫେସର ଉଦୟନାଥ ସାହୁ

ଶ୍ରୀ ରମାକାନ୍ତ ରଥଙ୍କ କବିତାର ଜୀବନ ଜିଜ୍ଞାସା ଓ ଜୀବନ ଚେତନା ଓଡ଼ିଆ କବିତା କ୍ଷେତ୍ରରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଛି। କବି ଶ୍ରୀରଥଙ୍କ 'ଶ୍ରୀରାଧା' (୧୯୮୫) କାବ୍ୟାନୁଭବର ଏକ ସଫଳ ପରିପ୍ରକାଶ। ଏହା କାବ୍ୟ ନୁହେଁ, କାବ୍ୟାଭାସ। ଏହା କବିତାର ମର୍ମକୁ ପ୍ରକାଶ କରେ। ଏହା ଆଧୁନିକ କବିତା ଚେତନାର ଏକ କ୍ଲାସିକ୍ ସୃଷ୍ଟି। 'ଶ୍ରୀରାଧା' କବିତାଟି ୬୧ ଭାଗରେ ବିଭକ୍ତ। ଶ୍ରୀରାଧା ହିଁ ଏ କବିତାର କେନ୍ଦ୍ରସତ୍ତା। ତାଙ୍କର ପ୍ରେମ କାହାଣୀ ଉପରେ ଏହା ପର୍ଯ୍ୟବସିତ। କବିଙ୍କ ନିଜ ଭାଷାରେ "ପୃଥିବୀର ସବୁ ପ୍ରଣୟ କାହାଣୀଠାରୁ ରାଧା ଓ କୃଷ୍ଣଙ୍କର ପ୍ରଣୟ କାହାଣୀ ଅଲଗା, କିନ୍ତୁ 'ରାଧା ଓ କୃଷ୍ଣ' ସବୁବେଳେ ଏକ ଓ ଅଭିନ୍ନ ବୋଲି ଭାବୁଥିବା ଦୃଷ୍ଟିକୋଣ ସେମାନଙ୍କର ଏକତ୍ୱକୁ ପ୍ରକୃତରେ ହୃଦୟଙ୍ଗମ କରିପାରେ ନାହିଁ।" ଦେହଜ ପ୍ରେମର ଦ୍ୱୈତାନୁଭୂତି ଓ ଦ୍ୱନ୍ଦ୍ୱ ଦେହାତୀତ ପ୍ରେମର ଅଦ୍ୱୈତାନୁଭବରେ କିପରି ଉପନୀତ ତାହା ଏହି କବିତାରେ ଅଭିବ୍ୟକ୍ତ।




ବୈଷ୍ଣବ ସୁଲଭ ଭାବାବେଗ ମଧ୍ୟରେ 'ଶ୍ରୀରାଧା'ର ଅବତାରଣା ଆଧୁନିକ ଓଡ଼ିଆ କବିତା କ୍ଷେତ୍ରରେ ଏକ ନୂତନ ଦିଗନ୍ତର ସନ୍ଧାନ ଦିଏ। ଏହା କବିଙ୍କ ମିଥ୍‌ପ୍ରବଣ କାବ୍ୟ-ଚିନ୍ତାର ସଫଳ ପରିପ୍ରକାଶ। ଏଥିରେ ମିଥ୍‌କୁ କେନ୍ଦ୍ର ସତ୍ତା ଭାବରେ ରଖି ଯେଉଁ ସବୁ ପ୍ରସଙ୍ଗ ଆସିଛି, ତାହା ସେହି କେନ୍ଦ୍ର ବିନ୍ଦୁରେ ଯେପରି ମିଳିଯାଇଛି। ଏଠି ବ୍ୟକ୍ତିସତ୍ତା ଓ ପରମ ସତ୍ତାର ଯେପରି ହୋଇଯାଇଛି ମଧୁମୟ ମିଳନ। ଏଠି ଅଶ୍ରୁ ଅଛି, ବିଷାଦ ଅଛି ସମାନ୍ତରାଳ ଭାବରେ ମଧ୍ୟ ଆନନ୍ଦ ଓ ଆଶା ଅଛି। ଏସବୁର ଭାବକେନ୍ଦ୍ର ସ୍ୱୟଂ କାବ୍ୟନାୟକ ଶ୍ରୀକୃଷ୍ଣ। କବି ପ୍ରତିସ୍ତରରେ ଶ୍ରୀରାଧାଙ୍କ 'ଏକକ ବ୍ୟକ୍ତି ସତ୍ତା'କୁ ପ୍ରାଧାନ୍ୟ ଦେଇ ତାଙ୍କ ସୂକ୍ଷ୍ମାତିସୂକ୍ଷ୍ମ ମାନସିକତାର ବିଶ୍ଳେଷଣରେ ଯଥେଷ୍ଟ ନିଷ୍ଠା ପ୍ରଦର୍ଶନ କରିଛନ୍ତି। ଶ୍ରୀରାଧାଙ୍କ ପ୍ରଣୟାନୁଭୂତିକୁ କାବ୍ୟରୂପ ଦେବାକୁ ଯାଇ କବି ରମାକାନ୍ତ କହିଛନ୍ତି- "ଅଧିକାଂଶ ସମୟରେ ମୁଁ ଉପଯୁକ୍ତ ଭାଷା ପାଇ ପାରିନାହିଁ। ଖାଲି ସେତିକି ନୁହେଁ, ଠିକ୍ ଯେତେବେଳେ ରାଧା ଅସାଧାରଣ ହେବାକୁ ଆରମ୍ଭ କଲେ, ଠିକ୍ ସେତେବେଳେ ଏକାଧାରରେ ଖୁବ୍ ସୁନ୍ଦର ଓ ଖୁବ୍ ଅନନ୍ୟ ସାଧାରଣ ଅର୍ଥରେ ସେ ନିଜର ସ୍ଥିତିକୁ ଅର୍ଥପୂର୍ଣ୍ଣ କରି ବସିଲେ, ଠିକ୍ ସେତେବେଳେ ଓ ଠିକ୍ ସେହି ଜାଗାରୁ ମୋର ଚିନ୍ତାଶକ୍ତି ବାରମ୍ବାର ଲେଉଟି ଆସିଲା। ଏ କବିତାଗୁଡିକରେ ତେଣୁ ରାଧା

ସେ ମୁହୂର୍ତ୍ତରେ ଓ ସେ ଜାଗାରେ ପହଞ୍ଚି ନ ଥିବା ବେଳର ଅବସ୍ଥା ବର୍ଣ୍ଣିତ ହୋଇଛି, ଗତାନୁଗତିକ ଜୀବନ ସହିତ ସବୁ ସମ୍ପର୍କ କଟିଯିବା ପରବର୍ତ୍ତୀ ଅବସ୍ଥା ନୁହେଁ।" କବି ଶ୍ରୀ ରଥ ଏକଥା କହିଥିଲେ ହେଁ ଶ୍ରୀରାଧାଙ୍କ ପ୍ରଣୟର ଯେଉଁ ଆଲେଖ୍ୟ ସେ ଅଙ୍କନ କରିଛନ୍ତି, ତାହା ଗୃହାଙ୍ଗନର ସଂକୀର୍ଣ୍ଣ ସୀମା ସରହଦ ଠାରୁ ସୁଦୂର ଆକାଶର ଅନନ୍ତ ନୀଳବିସ୍ତାର ପର୍ଯ୍ୟନ୍ତ ଯେପରି ପରିବ୍ୟାପ୍ତ, ମର୍ତ୍ତ୍ୟଲୋକର ପାର୍ଥିବ ପ୍ରଣୟର ହୋମଗନ୍ଧକୁ ଅତିକ୍ରମ କରି ସୁରଲୋକର ଦୈବୀ ପ୍ରେମର ପାରିଜାତ-ସୌରଭକୁ ଠିକ୍ ସେହିପରି ଉତ୍ତୀର୍ଣ୍ଣ ହୋଇଛି।

ଜନ୍ମ ଜନ୍ମାନ୍ତର ବ୍ୟାପ୍ତ ରାଧାକୃଷ୍ଣ ପ୍ରେମର ଉତ୍ତୁଙ୍ଗ, ଅବିଚଳିତ ଓ ନିରୁଦ୍‌ବିଗ୍ନ ବର୍ଣ୍ଣନା କବି ରମାକାନ୍ତଙ୍କ ବିବର୍ତ୍ତିତ କାବ୍ୟଚିନ୍ତାର ସଫଳ ନିଦର୍ଶନ। ଶ୍ରୀରାଧାଙ୍କ ପ୍ରଣୟ ମଧ୍ୟରେ ନିହିତ ଅଛି ସୁକଠିନ ଜୀବନ-ପ୍ରସ୍ତୁତି ଓ ଜୀବନ-ସାଧନା। ପାରିବାରିକ, ସାମାଜିକ, ଶାରୀରିକ, ମାନସିକ ସମସ୍ୟାର ଯେତେ ବିଚିତ୍ର ରୂପ ରହିଛି, କୃଷ୍ଣ ମିଳନର ଦୂରନ୍ତ ସଂକଳ୍ପରେ ଗୋଟିଏ ଗୋଟିଏ ସବୁକିଛିକୁ ଅଗ୍ରାହ୍ୟ ଓ ଅତିକ୍ରମ କରି ଶ୍ରୀରାଧା ଅଗ୍ରସର ହୋଇ ଚାଲିଛନ୍ତି। ସ୍ୱାମୀ ସନ୍ଦେହର ଶିକାର ହୋଇ ମଧ୍ୟ ଶ୍ରୀରାଧା ଅବିଚଳିତା, ବରଂ ସନ୍ଦେହର ସ୍ଥୂଳତା ଦେଖି ସେ ଦୁଃଖରେ ହସି ଉଠିଛନ୍ତି। ଜାତ୍ୟାଭିମାନ, କୁଳାଭିମାନ, ରୂପାଭିମାନ ଇତ୍ୟାଦି ଅନିତ୍ୟ ଓ ଖଣ୍ଡିତ 'ମୁଁ'ର ସହସ୍ର ମାନ-ଅଭିମାନର ନାଗଫାଶ ଏବଂ ଅଭୀଷ୍ଟର ମିଳନାଶାରେ ସକଳ ବନ୍ଧନ ଛିନ୍ନ କରି ଓ କଳଙ୍କର ରାଜଟୀକା ଲଲାଟରେ ଧାରଣ କରି ଦୃପ୍ତ କଣ୍ଠରେ କହିଛନ୍ତି, 'ଏତେ ଅପଯଶ କେତେ ଜନ୍ମର କେତେ ସୁକୃତି ଫଳ।' ଏଠାରେ ଶ୍ରୀରାଧାଙ୍କ ପ୍ରେମ ହୋଇଉଠିଛି ବାସ୍ତବ ଓ ଆଦର୍ଶ, ଦେହଜ ଓ ଦେହାତୀତ ପ୍ରେମର ଚିରନ୍ତନ ପ୍ରତିଭୂ। ସେ ନିଜର ସ୍ୱାମୀ, ଘରଦ୍ୱାର ଓ ସାଂସାରିକ ଐଶ୍ୱର୍ଯ୍ୟକୁ ବିସର୍ଜନ ଓ ଜଳାଞ୍ଜଳି ଦେଇ ହୋଇଛନ୍ତି ଏକ ଅସୀମ ନୂତନ ଜୀବନର ଉପାସିକା। ରାଧାଙ୍କ ପକ୍ଷରେ ବାସ୍ତବିକ, "ସଂସାର ଗୋଟାକ ଯେବେ ନିଜରେ ଅଚେତ/ ତମ ପାଇଁ ଉଜାଗର ରହେ ସାରାରାତି।"

**କବି ଶ୍ରୀ ରଥ ଶ୍ରୀରାଧା ପ୍ରଣୟ ଚିତ୍ର ଅଙ୍କନରେ ବୈଷ୍ଣବାନୁମୋଦିତ କୌଣସି ଆଲଙ୍କାରିକ ପଦ୍ଧତିର ଅନୁସରଣ ନ କରି ଏକ ଆଧୁନିକ ଓ ଅଭିନବ ଶୈଳୀର ଉପସ୍ଥାପନା କରିବା ସଙ୍ଗେ ସଙ୍ଗେ ନରନାରୀ-ପ୍ରେମର ସୂକ୍ଷ୍ମ ରହସ୍ୟ ଓ ଅବବୋଧକୁ ଉଦ୍‌ଘାଟନ କରିଛନ୍ତି।**

ପ୍ରକୃତରେ ରମାକାନ୍ତଙ୍କ 'ଶ୍ରୀରାଧା' ଓଡ଼ିଆ ସାହିତ୍ୟରେ ଏକ ପୁରାଣ-ଚେତନାର କଳେବରରେ ପରିବର୍ତ୍ତିତ ସମୟ ଓ ସମାଜର ପୀଠିକାରେ ନୂତନ ଭାବ ଓ ଭାଷାର ଶକ୍ତିମତ୍ତା ମଧ୍ୟରେ ଏକ ସଫଳ ପ୍ରୟାସ। ତାଙ୍କ କାବ୍ୟ-ଜୀବନର କ୍ରମ ପରିଣାମ ସତରେ ଏହା ଏକ ମାଇଲଷ୍ଟୋନ, ଏକ କ୍ଲାସିକ୍ ସୃଷ୍ଟି। ଭାରତୀୟ ସାହିତ୍ୟରେ 'ଶ୍ରୀରାଧା' ପରି ଦୀର୍ଘ କବିତାର ସ୍ଥାନ ଏକକ, ଅନନ୍ୟ ଓ ଅପ୍ରତିଦ୍ୱନ୍ଦ୍ୱୀ। କବି ସୀତାକାନ୍ତ ମହାପାତ୍ରଙ୍କ 'ପରକୀୟା'ର ଏହା ଏକ ଆପାତତଃ ସମାନ୍ତରାଳ ସୃଷ୍ଟି ବୋଲି କୁହାଗଲେ ମଧ୍ୟ 'ଶ୍ରୀରାଧା' ହିଁ ଏ ସମସ୍ତ ଚିନ୍ତାରୁ ଉର୍ଦ୍ଧ୍ୱରେ। 'ଶ୍ରୀରାଧା' ଆଧୁନିକ ଓଡ଼ିଆ କବିତା କ୍ଷେତ୍ରରେ ଏକ ନୂତନ ଦିଗନ୍ତର ସନ୍ଧାନ ଦିଏ।

କବି ରମାକାନ୍ତ ରଥଙ୍କ 'ଶ୍ରୀରାଧା' କବିତାଟି ଅପ୍ରାକୃତ ପ୍ରେମର ଏକ ସଫଳ ନିଦର୍ଶନ। ଏଠାରେ ପ୍ରେମ ବିରହର ବିଳାସ ନୁହେଁ, ଦୁଃସହ ପ୍ରେମ-ତପସ୍ୟାର ଦୀପ୍ତ ହୋମଶିଖା। କବି ଶ୍ରୀ ରଥ ଶ୍ରୀରାଧା ପ୍ରଣୟ ଚିତ୍ର ଅଙ୍କନରେ ବୈଷ୍ଣବାନୁମୋଦିତ କୌଣସି ଆଲଙ୍କାରିକ ପଦ୍ଧତିର ଅନୁସରଣ ନ କରି ଏକ ଆଧୁନିକ ଓ ଅଭିନବ ଶୈଳୀର ଉପସ୍ଥାପନା କରିବା ସଙ୍ଗେ ସଙ୍ଗେ ନରନାରୀ-ପ୍ରେମର ସୂକ୍ଷ୍ମ ରହସ୍ୟ ଓ ଅବବୋଧକୁ ଉଦ୍‌ଘାଟନ କରିଛନ୍ତି। ଶ୍ରୀରାଧାଙ୍କ ପ୍ରେମ ହୋଇଉଠିଛି ବାସ୍ତବ ଓ ଆଦର୍ଶ ଦେହଜ ଓ ଦେହାତୀତ ପ୍ରେମର ଚିରନ୍ତନ ପ୍ରତିଭୂ। ଶ୍ରୀକୃଷ୍ଣ ରାଧାଙ୍କ ପାଇଁ "ସତେ ବା ଫେରିଛି କେଉଁ ଦେଶାନ୍ତର ପ୍ରେମିକ, ରହୁଛି/ଆଖପାଖ କେଉଁଠାରେ ଛଦ୍ମବେଶ ଧରି।" ଶ୍ରୀରାଧା ନିଜର ସ୍ୱାମୀ, ଘରଦ୍ୱାର ଓ ସାଂସାରିକ ଐଶ୍ୱର୍ଯ୍ୟକୁ ଜଳାଞ୍ଜଳି ଦେଇଛନ୍ତି। ଆଜନ୍ମ ଦୁର୍ଭିକ୍ଷ-ପୀଡ଼ିତା ଜଣେ କାଙ୍ଗାଳୁଣୀ ପରି ଶ୍ରୀରାଧା ନିଜ ମନର ଅନନ୍ତ ବୁଭୁକ୍ଷାକୁ ଅନୁଭବ କରିଛନ୍ତି ଏବଂ ଇପ୍‌ସିତ ଆଶାମୂର୍ତ୍ତିର ଆନନ୍ଦାତିଶର୍ଯ୍ୟରେ କହିଛନ୍ତି-

"ଆମେ କ'ଣ ଜାଣିଥିଲୁ ମୟୂର ମନରେ

ଏତେ ଦୁଃଖ ଅଛି ବୋଲି, ରାସକ୍ରୀଡ଼ା ପାଇଁ
ଏତେ ଜାଗା ଅଛି ବୋଲି ନଈକୂଳେ ଓ
ନିଜ ଭିତରେ।"

ଶ୍ରୀରାଧା କୃଷ୍ଣ ପ୍ରେମରେ ନିଜକୁ ନିଃଶେଷ କରିଦେବାର ଭାବ ନେଇ ଅର୍ପଣ କରିଦେଇଛନ୍ତି ଏବଂ ଏଇ ଆତ୍ମସମର୍ପଣ ଆତ୍ମ ନିବେଦନ ମଧ୍ୟରେ ଘଟିଛି ତାଙ୍କର ଆତ୍ମ ପରିଚୟ ଓ ଆତ୍ମ ପ୍ରତିଷ୍ଠା। ପ୍ରେମର ଦିବ୍ୟଶକ୍ତିରେ ତିଳେ ତିଳେ ଆତ୍ମଦାନ କରି ଆପଣାକୁ ସେ ନୂତନ ଭାବରେ ସୃଷ୍ଟି କରିଛନ୍ତି, ଏ ଦୁର୍ଗମ ପଥର ଯାତ୍ରିଣୀ- ଏକ ଦୁଷ୍କର ପଞ୍ଚାଗ୍ନି- ତପସ୍ୟାର ବ୍ରତଧାରିଣୀ। ପ୍ରଣୟୀ ଶ୍ରୀକୃଷ୍ଣ ମଧ୍ୟ ଶ୍ରୀରାଧାଙ୍କ ନିକଟରେ ସତେ ଯେପରି ସକଳ କାମନାର 'ଶ୍ୟାମଳ ସାରାଂଶ' ଏବଂ ତାଙ୍କରି ପ୍ରେମ ପାଇଁ ସତେ ଯେପରି କୃଷ୍ଣଙ୍କର ଜନ୍ମ।



ସେ ନିଜର ସ୍ୱାଧୀନତା ବଜାୟ ରଖି ପଚାରିଛନ୍ତି-

"ସବୁ କିଛି ଯଦି ତମ କଳ୍ପନା
ପ୍ରସୂତ
ହେ ମହାମହିମ
ତେବେ ମୋ କୋଳକୁ
କାହିଁକି ଆସୁଛ ?
କାହିଁକି ଅଧୈର୍ଯ୍ୟ
ଭାବେ ମୋ ଖୋସଣି ଭିଡାଭିଡି କର ?
ତମ ଓଠ କାହିଁକି ମୋ ଓଠରେ ଯୋଡୁଛ ?"

- ଶ୍ରୀରାଧା -୧୭

ଶ୍ରୀରାଧା ହେଉଛନ୍ତି ପରକୀୟା। ତାଙ୍କର ପ୍ରେମ ଅନନ୍ୟ ସାଧାରଣ। ସାଧାରଣ ପ୍ରେମିକା ପରି ଶ୍ରୀରାଧାଙ୍କ ପ୍ରଣୟଲୀଳା ମୃତ୍ତିକାର ସୌରଭ ବହନ କରିଛି। ସେ କହିଛନ୍ତି-

(କ) "ଆଉ କ'ଣ ଲୁଚିଲୁଚି ଚାହୁଁଥିବ ଯେବେ
ଓଦା ଲୁଗା ପିନ୍ଧିଥିବ ଗାଧୋଇବା ପରେ ?"

- ଶ୍ରୀରାଧା - ୭

(ଖ) "ଦେହରେ ଲାଗିଲେ ଦେହ
ମୁଁ ନିଜକୁ ପାସୋରି ପକାଏ
ସୁତରାଂ ଜାଣିଶୁଣି କିନ୍ତୁ କିଛି
ନଜାଣିଲା ଭଳି
ବାରମ୍ବାର ତମ ଦେହେ ମୁଁ ଦେହ ବଜାଏ।"

- ଶ୍ରୀରାଧା-୧୭

ନିଜର ସନ୍ଦେହୀ ସ୍ୱାମୀଙ୍କ ଆଚରଣ ସମ୍ପର୍କରେ କହିଛନ୍ତି-

"କାଲି ମୋର ସ୍ୱାମୀ ମୋର ବାଳ ଝିଙ୍କିଲେ ଓ
ମୁଣ୍ଡକୁ କାନ୍ଥରେ ବାରମ୍ବାର କଚାଡ଼ିଲେ,
ମୁଁ କେଉଁଠି ପୂର୍ବରାତି ବିତାଇଲି ତାହା
ସାଫ୍ ସାଫ୍ ମାନିଯିବା ଲାଗି କହୁଥିଲେ।
ବେଶ୍ କିଛି କଷ୍ଟ ହେଲା ବେଶ୍ କିଛି ସମୟ, ତା'ପରେ
ଯେତେବେଳେ ସେ ମୋ ଅଙ୍ଗ ପ୍ରତ୍ୟଙ୍ଗ ସବୁକୁ
ତନ୍ନ ତନ୍ନ କରି ଦେଖି ବସିଲେ, ମୁଁ ଆଉ
କେତେବେଳେ ଚାପି ରଖିଥାଆନ୍ତି
ହସକୁ ?
କହିଲି ହାୟରେ ବିଧି ଏତେ ନିର୍ବୁଦ୍ଧିଆ
ସ୍ୱାମୀ ଲେଖିଥିଲୁ ମୋ କପାଳେ।
ମୋର ଅବିଶ୍ୱସ୍ତତାର ପ୍ରମାଣ
ଖୋଜୁଚି
ଶରୀରରେ, ପୁଣି
ଦିନବେଳେ।"

- ଶ୍ରୀରାଧା -
୭୫
ଶ୍ର1ରାଧା

ପୁଣି ପ୍ରେମର ଦାବି ଓ ଦମ୍ଭରେ ଶ୍ରୀକୃଷ୍ଣଙ୍କର ପତ୍ନୀ ବୋଲି ସ୍ୱୀକାର କରିଛନ୍ତି। ଶ୍ରୀକୃଷ୍ଣ ହିଁ ଶ୍ରୀ ରାଧାଙ୍କ ପାଇଁ ପ୍ରେମିକ- ତାଙ୍କ ଦେହଳ, ମନ, ସକଳ ସତ୍ତାର ଏକକ ଅଧିକାରୀ ରାଜାଧିରାଜ। ଯେତେବେଳେ ଶ୍ରୀକୃଷ୍ଣ ଆଉ ନାହାନ୍ତି ବୋଲି ଶ୍ରୀରାଧା ଖବର ପାଇଛନ୍ତି, ତାଙ୍କ ଜୀବନ ନାଟ୍ୟର ଶେଷ ଯବନିକା ପଡିଯାଇଛି। ସମଗ୍ର ବିଶ୍ୱଭୁବନ ଶ୍ରୀରାଧାଙ୍କ ପାଇଁ ଶୂନ୍ୟ ଓ ପୂର୍ଣ୍ଣ। କଳଙ୍କ ଅଙ୍କିତ ପ୍ରେମର ତିମିରାଭିସାର ପୂର୍ଣ୍ଣତମ ଚନ୍ଦ୍ରୋଦୟର ଶୁକ୍ଳାଭିସାରରେ ପରିଣତ ହୋଇଛି। ଭକ୍ତକବି କବୀରଙ୍କ ଅନିନ୍ଦ୍ୟ ସୁନ୍ଦର ଭାଷାରେ ପ୍ରେମ ସାଧନାର ଯେଉଁ ପରମ ଆଦର୍ଶ ରୂପାୟିତ କରିଛନ୍ତି, ତାହା ହିଁ ଏଠାରେ ପ୍ରଯୁଜ୍ୟ-

"ଜବ୍ ମୈଥା ତବ୍ ପିଚ୍ ଜହାଅବ୍ ପିଚ୍ ହୈ ମେ ନାହିଁ।
ପ୍ରେମ ଗଲୀ ଅତି ସାଁକରୀ ତା ମେ ଦୋ ନ ସମାଏଁ।"

ଅର୍ଥାତ୍, ପ୍ରିୟତମ ଯେତେବେଳେ ଥିଲେ, ମୁଁ ନ ଥିଲି।

ବର୍ତ୍ତମାନ ମୁଁ ଅଛି, କିନ୍ତୁ ସେ ନାହାନ୍ତି। ପ୍ରେମର ପଥ ଅତି ସଂକୀର୍ଣ୍ଣ। ଦୁହିଁଙ୍କର ଏଠାରେ ସ୍ଥାନ ନାହିଁ। 'ଶ୍ରୀରାଧା'ରେ ପ୍ରେମ ଭାବନା ସହ ଛନ୍ଦାଛନ୍ଦି ହୋଇ ରହିଛି ମଧ୍ୟ ମୃତ୍ୟୁଚେତନା। ଯଥା ସ୍ଥାନରେ ତାହାର ବିସ୍ତୃତ ଆଲୋଚନା ପ୍ରଦତ୍ତ।

କବି ଶ୍ରୀରଥଙ୍କ କବିତା 'ଶ୍ରୀରାଧା'ରେ ମଧ୍ୟ ପ୍ରେମ ଭାବନା ସହିତ ମୃତ୍ୟୁଚେତନା ରହିଛି। ପ୍ରେମକୁ ଗୋଟିଏ ଜନ୍ମରେ ପୁରାପୁରି ବୁଝି ଧରିହୁଏ ନାହିଁ ବୋଲି, ଜୀବନ ବାହାରେ ପ୍ରେମର ବିଶାଳ ଜଗତ ତଥାପି ଅନୁପଲଭ୍ୟ ରହିଯାଇଛି ମନେ ହୁଏ ବୋଲି, ଜନ୍ମାନ୍ତରକୁ ଅଭିଳାଷ ଲମ୍ବି ଯାଇଥାଏ। 'ଶ୍ରୀରାଧା' ଏଇ ଜନ୍ମାନ୍ତର ସଞ୍ଚାରିତ ବ୍ୟାକୁଳତା। ଅନ୍ତର୍ଭେଦୀ ତାର ମୃତ୍ୟୁ ଗୁଞ୍ଜରଣ। ଗତାନୁଗତିକ ଜୀବନ କାଟୁଥିବା ସାଧାରଣ ନାରୀଟିଏ ପରି ଶ୍ରୀରାଧା, ପ୍ରଥମ ଥର ପାଇଁ ପ୍ରେମର ଅନୁଭବ ପାଉଛନ୍ତି, ବଂଚିବାର ଆସ୍ୱାଦ ପାଉଛନ୍ତି। ସେଥିପାଇଁ ସୁଖଦୁଃଖର ଜୀବନ ଜଞ୍ଜାଳକୁ ହାତରେ ଆଡ଼େଇ ପ୍ରେମର ନୀଳ ଆକାଶରେ ଆଖି ବୁଲାଇବାର ସାହସ କରିଛନ୍ତି। ଜନ୍ମ-ଜନ୍ମାନ୍ତରର କାଙ୍ଗାଳୁଣୀ ସେ ଅନ୍ତରୀକ୍ଷ-ପ୍ରସାରିତ ଉଦ୍‌ଗ୍ରୀବ ବାହୁ ନେଇ ସେ ଶୂନ୍ୟ ହୃଦୟର ହାହାକାରଟିଏ ହୋଇ ଚାହିଁ ବସିଛନ୍ତି ପ୍ରେମର ସ୍ପର୍ଶଟିଏ, ସଂବେଗର ସ୍ୱୀକୃତିଟିଏ ପାଇବାକୁ। ଯିଏ ପ୍ରେମ ଓ କାଳକୁ ଏକ ମୁହୂର୍ତ୍ତରେ ଭେଟିଛି, ଉଲ୍ଲାସ ଓ ଉଦ୍‌ବେଗରେ ଏକ ମୁହୂର୍ତ୍ତରେ ଜାଗି ଉଠିଛି। 'ଶ୍ରୀରାଧା'ରେ ପ୍ରେମ ଓ ମୃତ୍ୟୁ ପରସ୍ପର ମୁହାଁମୁହିଁ ଏ ସକାଳରେ। "ଆଜିର ସକାଳ କହେ ନେଇଯିବ ମୋର ଚେତନା ଚୈତନ୍ୟ ଜନ୍ମ ଜନ୍ମାନ୍ତର ପାଇଁ।" (ଗୀତ-୧) ଏହା ହିଁ ରାଧାଙ୍କ ପ୍ରାଣରେ କାଳ ଓ କାଳାନ୍ତରର ମୃଦୁ ବିକ୍ଷେପଟିଏ ଜଗାଇ ଦେଇଛି। ଏ ଦୀର୍ଘ କବିତାଟିରେ କବି ମୃତ୍ୟୁର ଶୀତଳ ସ୍ପର୍ଶାନୁଭବର ବହୁ ଚିତ୍ରାଭାସ ଆଙ୍କିଛନ୍ତି।

'ଶ୍ରୀରାଧା' କବି ରମାକାନ୍ତ ରଥଙ୍କ ମିଥ୍ ପ୍ରବଣ କାବ୍ୟଚିନ୍ତାର ସଫଳ ପରିପ୍ରକାଶ। ବୈଷ୍ଣବ ସୁଲଭ ଭାବାବେଗ ମଧ୍ୟରେ 'ଶ୍ରୀରାଧା' ର ଅବତାରଣା। ଏହାର ପୃଷ୍ଠପଟ୍ଟରେ ଭାଗବତ ଓ ବୈଷ୍ଣବ ତତ୍ତ୍ୱ ନିହିତ। କୃଷ୍ଣ-ରାଧାଙ୍କ ସଂପର୍କ ସ୍ୱାମୀ-ସ୍ତ୍ରୀ ଲୌକିକ ସମ୍ପର୍କ ଠାରୁ ଯଥେଷ୍ଟ ଉର୍ଦ୍ଧ୍ୱରେ, ତାହା କବି ବାରମ୍ବାର ଘୋଷଣା କରିଛନ୍ତି। ଶ୍ରୀରାଧାଙ୍କ ପ୍ରଣୟ ଚିତ୍ର ଅଙ୍କନରେ ବୈଷ୍ଣବାନୁମୋଦିତ କୌଣସି ଆଳଂକାରିକ ପଦ୍ଧତିର ଅନୁସରଣ ନ କରି ଏକ ସମ୍ପୂର୍ଣ୍ଣ ଆଧୁନିକ ଓ ଅଭିନବ କାବ୍ୟ ଶୈଳୀରେ ଉପସ୍ଥାପନା କରିଅଛନ୍ତି। ସେଦିନ ସକାଳେ ନଈରେ ଗାଧୋଇବା ବେଳେ ଶ୍ରୀରାଧା ଅନୁଭବ କରିଛନ୍ତି-

"ଏ ଶରୀର ମୋର ନୁହେଁ, ମୋର ସବୁଆଶା ହତାଶାର
ଇତିହାସ ମୋର ନୁହେଁ, ସ୍ୱାମୀ ଘରଦ୍ୱାର
ପଲ ପଲ ଗାଇଗୋରୁ, କିଛି
ବୋଲି କିଛି ନୁହେଁ ମୋର,
ଏ ବଞ୍ଚିବା ମୋର ନୁହେଁ,
ଯେଉଁ ମୃତ୍ୟୁ ଦିନେ
ଅବଶ୍ୟ ଆସିବ ସେ ମୃତ୍ୟୁ ବି
ମୋର ନୁହେଁ।"

**କୃଷ୍ଣ-ରାଧାଙ୍କ ସଂପର୍କ ସ୍ୱାମୀ-ସ୍ତ୍ରୀ ଲୌକିକ ସମ୍ପର୍କ ଠାରୁ ଯଥେଷ୍ଟ ଉର୍ଦ୍ଧ୍ୱରେ, ତାହା କବି ବାରମ୍ବାର ଘୋଷଣା କରିଛନ୍ତି। ଶ୍ରୀରାଧାଙ୍କ ପ୍ରଣୟ ଚିତ୍ର ଅଙ୍କନରେ ବୈଷ୍ଣବାନୁମୋଦିତ କୌଣସି ଆଳଂକାରିକ ପଦ୍ଧତିର ଅନୁସରଣ ନ କରି ଏକ ସମ୍ପୂର୍ଣ୍ଣ ଆଧୁନିକ ଓ ଅଭିନବ କାବ୍ୟ ଶୈଳୀରେ ଉପସ୍ଥାପନା କରିଅଛନ୍ତି।**

ଏଇ ଅନୁଭୂତି ଭିତରେ ସେ ନିଜ ସ୍ୱାମୀ ଘରଦ୍ୱାର, ସାଂସାରିକ ଐଶ୍ୱର୍ଯ୍ୟକୁ ବିସର୍ଜନ ଓ ଜଳାଞ୍ଜଳି ଦେଇ ହୋଇଛନ୍ତି ଏକ ଅସୀମ ନୂତନ ଜୀବନର ଉପାସିକା। ଶ୍ରୀକୃଷ୍ଣ ହିଁ ଶ୍ରୀ ରାଧାଙ୍କ ଦୃଷ୍ଟିରେ ଏମିତି ଈଶ୍ୱର- "କିନ୍ତୁ ଏପରି ଈଶ୍ୱର/ଯାହାଙ୍କ ରାଜତ୍ୱ ସୁରୁ ହେବ ତାଙ୍କ ମରିବାର କାଳ କାଳପରେ/ ବିରାଜିତ ଈଶ୍ୱରଙ୍କ ରାଜତ୍ୱର ଅବସାନ ପରେ।" ବର୍ତ୍ତମାନ ସେ କେବଳ ପ୍ରେମିକ ଓ ନିଜର ରୂପରେ ହିଁ ପରମେଶ୍ୱର।

କବି ରମାକାନ୍ତ କାବ୍ୟ ଚିନ୍ତାର ବିବର୍ତ୍ତନରେ ଯେ ମିଥ୍ ଆଶ୍ରୟୀ ହୋଇଛନ୍ତି, 'ଶ୍ରୀରାଧା' ସଂକଳନ ଏହାର ଚରମ ସଫଳତା। ଏକ ପୁରାଣ ଚେତନାର କଳେବରକୁ କବି ନବଜନ୍ମର କାବ୍ୟଶ୍ରୀରେ ମଣ୍ଡିତ କରି ନୂତନ ଚେତନା ଓ ଚୈତନ୍ୟ ପ୍ରଦାନ କରି ଅଛନ୍ତି।

□□

ଲେଖକଙ୍କ ଇ-ମେଲ୍ ଠିକଣା:
udayanath28@gmail.com

ପ୍ରବନ୍ଧ

# ଆମ ଲୋକୋକ୍ତିରେ 'ହାଣ୍ଡି'



ଡ. ଅଜୟ କୁମାର ମିଶ୍ର

ଆମ ସଂସ୍କୃତିରେ ହାଣ୍ଡି ଏକ ଅତ୍ୟାବଶ୍ୟକ ଲୋକୋପକରଣ। ପାରମ୍ପରିକ ସାମାଜିକ ବ୍ୟବସ୍ଥାଠାରୁ ଚଳନ୍ତି ସମୟ ପର୍ଯ୍ୟନ୍ତ ଏହାର ବ୍ୟବହାର ରହିଥିବା ଦେଖାଯାଏ। 'ହାଣ୍ଡି'- ଅର୍ଥ ହେଉଛି ମାଟିର ଚଉଡାମୁହଁ ଧାନ ପାତ୍ର। ଆକାର ଓ ପ୍ରକାର ଦୃଷ୍ଟିରୁ ଏହା ଭିନ୍ନ ଭିନ୍ନ ହୋଇଥାଏ। ବୃହତ୍ତମ ହାଣ୍ଡି ନଉତା ଓ କ୍ଷୁଦ୍ରତମ ହାଣ୍ଡି ହେଉଛି ଆଟିକା। ପୁଣି ତାଡିଆ, କୁଡୁଆ, ଓଳି, ବଢ଼ା ଇତ୍ୟାଦି ଭେଦରେ ଛୋଟ ହାଣ୍ଡିର ବିଭିନ୍ନ ରୂପ ରହିଛି। ଆମ ପାରମ୍ପରିକ ସଂସ୍କୃତି ସହିତ ବିଭିନ୍ନ କିସମର ହାଣ୍ଡିର ସମ୍ବନ୍ଧ ରହିଆସିଛି। ହାଣ୍ଡିକୁ ନେଇ ମଧ ବିଭିନ୍ନ ଢ଼ଗଢ଼ମାଳି, ବୋଲି-ବଚନମାନ ସୃଷ୍ଟି ହୋଇଛି। ତେବେ ହାଣ୍ଡିକୁ ନେଇ ଗଢ଼ି ଉଠିଥିବା ଏକ ଲୋକୋକ୍ତି ଅନ୍ତରାଳରେ ରହିଛି ଆମ ଚଳଣି, ଆମ ଆଚାର-ବିଚାର ଏବଂ ଆମର ବ୍ୟବସ୍ଥା। ଏଠାରେ ତନ୍ମଧ୍ୟରୁ ସୀମିତ କେତୋଟିକୁ ବିଚାର କରାଯାଇପାରେ। ଯଥା:



'ଅମୃତ ହାଣ୍ଡିରେ ବିଷ କଣିକାଏ' - କଣିକାଏ ବିଷ, ହାଣ୍ଡିକ ଅମୃତକୁ ବିଷାକ୍ତ କରିଥାଏ। ସକଳ ମଧୁର ସମ୍ପର୍କକୁ ପଦେ ମାତ୍ର କଟୂବଚନ ନଷ୍ଟ କରିଥାଏ।

'ଭାତହାଣ୍ଡିରୁ ଗୋଟିଏ ଚିପିବା' - ଭାତ ରନ୍ଧା ସମୟରେ ଗୋଟିଏ ଭାତକୁ ଚିପି ଦେଲେ ହାଣ୍ଡିକ ଭାତର ଅବସ୍ଥା ଆକଳିତ ହୋଇପାରେ। ସେଇଭଳି କୌଣସି ଗ୍ରାମ, ପରିବାର ସମ୍ପର୍କରେ ଆକଳନ କରାଯିବା ସମୟରେ ଏଇ ଦୃଷ୍ଟାନ୍ତ ଦିଆଯାଏ।

'ସହସ୍ର ହାଣ୍ଡିକୁ ଗୋଟିଏ ଠେଙ୍ଗା'- ଗୋଟଏ ମାତ୍ର ଠେଙ୍ଗା ପାହାରରେ ବହୁ ସଂଖ୍ୟତ ହାଣ୍ଡି ଭାଙ୍ଗିଯାଏ। ସେମିତି ଜଣେ ବଳିଷ୍ଠ ବୀର୍ଯ୍ୟବନ୍ତ ମଣିଷ, ଅନେକ ନିର୍ବଳଙ୍କୁ ଧ୍ୱଂସ କରି ଦେଇପାରେ।

'ହାଣ୍ଡି ମୁହଁରେ ଉଖୁଡା' - ହାଣ୍ଡି ମୁହଁରେ ସାମାନ୍ୟ ଉଖୁଡା ରଖାଯାଇ ଉଖୁଡା ହାଣ୍ଡିର ଭ୍ରମ ସୃଷ୍ଟି କରାଯାଏ। ତେଣୁ ସାମାନ୍ୟ ଦ୍ରବ୍ୟ ଉପରେ ରଖି, ଅଭ୍ୟନ୍ତରର ସମସ୍ତ ମନ୍ଦକୁ ଢ଼ାଙ୍କି ଦିଆଯାଏ।

'ହାଣ୍ଡି ଭିତରେ ସରାଟିଏ' - ହାଣ୍ଡିର ଆକାରଠାରୁ ସରା କ୍ଷୁଦ୍ରାକାୟ। କ୍ଷୁଦ୍ରକାୟ ସତ୍ତାକୁ ହାଣ୍ଡି ଭାବରେ ଗଣନା କରିବା ଅର୍ଥ, ଦାରିଦ୍ୟ ପୀଡିତକୁ ଧନୀ ଭାବରେ ଗଣନା କରିବା।

'ଆଟିକା ମୁହଁରେ ମାଇପ ମରେ' - ଆଟିକା କ୍ଷୁଦ୍ରକାୟ, ଏଥିରେ ଅଳ୍ପ ପରିମିତ ଖାଦ୍ୟ ରନ୍ଧାଯାଏ। ମାତ୍ର ଯେଉଁ ପୁରୁଷ, ଆଟିକାକୁ ଲୋଭ କରିଥାଏ, ତା' ସ୍ତ୍ରୀ ବିନା ଭୋଜନରେ ଉପବାସ ରହିବା ସାର ହୁଏ।

'ହାଣ୍ଡିରେ ଖାଏ, ଗୋଡରେ ପଡିଲେ ଗାଧୋଇଯାଏ' - କିଛି ବ୍ୟକ୍ତିଙ୍କ ଆଚରଣ ପ୍ରତି ଏହା ତୀବ୍ର ବ୍ୟଙ୍ଗ। ହାଣ୍ଡିଖିଆ ଲୋକଟି ଗୋଡରେ ଅଇଁଠା ପଡିଲେ ସ୍ନାନ କରିବା ନ୍ୟାୟ। ଅତି ଅତ୍ୟାଚାରୀର ଲୋକ ଦେଖାଣିଆ ବାହ୍ୟାଚାରୀତାକୁ ଏହା ଇଙ୍ଗିତ କରିଥାଏ।

'ହାଣ୍ଡିରେ ଚାଉଳ ପକାଇବା' - ସାଧାରଣତଃ ହାଣ୍ଡିରେ ଚାଉଳ ପକାଇ ପାକଳରେ ଭାତ ରନ୍ଧାଯାଏ। ବାହାଘର ସମୟରେ ଯାହା ହାଣ୍ଡିରେ ଯିଏ ଚାଉଳ ପକାଇବା ପ୍ରସଙ୍ଗରେ ବର କାହା ପାଇଁ ଯିଏ ବର ତାହା ଜଣାପଡେ

'ହାଣ୍ଡି ଧୁଡୁ ଧୁଡୁ କଲା' - ଶିଶୁ ଗଳ୍ପରେ କଥକ କହେ ବଳିଆ ବଳଦ ଗଳାରେ ହାଣ୍ଡି ଧୁଡୁ ଧୁଡୁ କଲାରେ। ହାଣ୍ଡିଖିଆ ପ୍ରକୃତିର ଲୋକେ ଛପେଇ ଖାଦ୍ୟ ଖାଇବା ବେଳେ ହାଣ୍ଡି ସହିତ ହାଣ୍ଡି ବାଜି ଧୁଡୁ ଧୁଡୁ ଶବ୍ଦ ହୁଏ।

'ହାଣ୍ଡିକି ତେଙ୍ଗେଡା ଅନୁତାଣ'- ହାଣ୍ଡିର ତଳପଟ ବର୍ତ୍ତୁଳକାର, ତେଣୁ ତାକୁ ହାଣ୍ଡି ଶାଳରେ ମାପ ଅନୁଯାୟୀ

କରାଯାଇଥିବା ମାଟି ଖାଇବା ତେଙ୍ଗେଡାରେ ରଖାଯାଏ। ମାତ୍ର ବଡହାଣ୍ଡି ବସାଇବା ପାଇଁ ତେଙ୍ଗେଡା କ୍ଷୁଦ୍ର ହେଲେ ଏପରି କୁହାଯାଏ। ବିପୁଳ ସଂପଦକୁ ସଂରକ୍ଷଣ କରିବା ପାଇଁ ସୀମିତ ବ୍ୟବସ୍ଥା କ୍ଷେତ୍ରରେ ଏପରି ଉକ୍ତି ଚଳେ।

'ହାଣ୍ଡିମାରା ହେବା' – ଆମ ଚଳଣିରେ ଛୁତକ ବା ମୃତକ ଅଶୌଚରେ ହାଣ୍ଡି ମାରା ହୁଏ। ରଜସ୍ୱଳା ନାରୀକୁ ତିନିଦିନ ପାଇଁ ହାଣ୍ଡିଶାଳ ବାରଣ ଥାଏ। କୁକୁରାଦି ପ୍ରବେଶ କଲେ ହାଣ୍ଡି ମାରା ହୁଏ। ଛୁଆ ଲୁଗା ରାତ୍ର ଶୟନ ବସ୍ତ୍ର ପିନ୍ଧି, ହାଣ୍ଡି ଛୁଇଁଲେ ହାଣ୍ଡି ମାରାହୁଏ। ଏସବୁ ଭିତରେ ଓଡ଼ିଆ ସଂସ୍କୃତିର ସୂଚୀତାକୁ ମାନ୍ୟ ଦିଆଯାଇଥିବା ଲକ୍ଷ୍ୟ କରାଯାଏ। ପାକଶାଳାର ସୂଚୀତାକୁ ଅତି ଗୁରୁତ୍ୱର ବିବେଚନା କରି ଏପରି କୁହାଯାଇଛି।

'ହାଣ୍ଡି ପଶିଚି ପଣେ, ଧୋଇବା ପାଇଁ କି ଜଣେ' – ବହୁ କୁଟୁମ୍ବୀ ପରିବାରର ପାକଶାଳାରେ ବହୁ ସଂଖ୍ୟକ ହାଣ୍ଡି ରହିଥାଏ। ମାତ୍ର ଏହାକୁ ଧୁଆ ଧୋଇ କରିବା ଦାୟିତ୍ୱ ସାନ ବୋହୂ ଉପରେ ନ୍ୟସ୍ତ ଥାଏ। କୁଟୁମ୍ବୀ ପରିବାରରେ ଏତାଦୃଶ କାର୍ଯ୍ୟ ଏକ ପ୍ରକାରର ନିର୍ଯ୍ୟାତିତ ଜୀବନର କାରୁଣ୍ୟ ପ୍ରକାଶ କରିଥାଏ।

**ଚିନ୍ତାଗ୍ରସ୍ତ ମଣିଷ କ୍ଷୀଣ ହେବା ପ୍ରସଙ୍ଗ ପରି ଲୁଣ ହାଣ୍ଡିକୁ ଜୀର୍ଣ୍ଣଶୀର୍ଣ୍ଣ କରିବା ଘଟଣା ସହିତ ତୁଳିତ ହୋଇଛି।**

'ବିଛା ନାଉ ତ, ହାଣ୍ଡି ଖାଇକୁ ଘରୁ ଘଉଡ' – ସାଧାରଣତଃ ଟାଉକୀ ଓ ବିଲେଇ ପ୍ରବୃତ୍ତିର ନାରୀଙ୍କ ଅଲକ୍ଷ୍ମୀପଣ ପାଇଁ ତାକୁ ପାରିବାରିକ ଜୀବନରୁ ତଡି ଦେବା, ଆମ ଶାସନ ଶୃଙ୍ଖଳାର ଏକ ଭିନ୍ନ ଦୃଷ୍ଟାନ୍ତ।

'ଚୁଲିରେ ନ ବସେ ହାଣ୍ଡି, ପୁଅ ମାରୁଥାଏ ଭେଣ୍ଡି' – ଅତି ଦରିଦ୍ର ପରିବାରର ପୁଅଟି ବାହାରେ ବାହାସ୍ଫୋଟ ପ୍ରଦର୍ଶନ କରିବା ପ୍ରସଙ୍ଗରେ ଏହା ପ୍ରକାଶ କରାଯାଏ। ପଟିବିନ୍ଧା ମାଡ ସହିବ ନାହିଁ, ହାଣ୍ଡିଗଡ଼ା ଭାତ ଖାଇବି ନାହିଁ – ଏହା କୌଣସି ପତି ନିର୍ଯ୍ୟାତିତା ପତ୍ନୀର ସ୍ୱାଗୋତୋକ୍ତି। ହାଣ୍ଡିଶାଳ ଭାତ କରିଲେ ପନତ ଭାତ। ସମ୍ପନ୍ନ ପରିବାରରେ ଭାତ ଖିଆଯାଏ। ମାତ୍ର ମୁଠାଏ ବେତ ଖାଇବା ସେଥିରେ ମା ସ୍ୱାମୀ ଗୃହରେ ନ ରହିବାର ଘୋଷଣା କରିଛି।

'ହାଣ୍ଡିଛାଡ ହେବା' – ସୂର୍ଯ୍ୟ ପରାଗ ଓ ଚନ୍ଦ୍ରଗ୍ରହଣ ସମୟର ପାକ ନିଷେଧ ଅବସ୍ଥାର ସୂଚନା।

'ଭେଣ୍ଡିଆ ସାଙ୍ଗକୁ ଭେଣ୍ଡେଇ ମୁଣ୍ଡେଇଲେ ହାଣ୍ଡି କୁଣ୍ଢେଇ' – ହାଣ୍ଡିକୁ କୁଣ୍ଢେଇ କରିଲେ ଯାବତୀୟ ପାକ ସରଞ୍ଜାମ। ଯୁବକ ଦରିଦ୍ର ଯୁବଦମ୍ପତ୍ତି, ହାଣ୍ଡିକୁ କୁଣ୍ଢେଇକୁ ନେଇ ସ୍ଥାନରୁ ସ୍ଥାନାନ୍ତର ଘୂରି ବୁଲିବା ପ୍ରଭୃତି ଏହା ଦ୍ୱାରା ସାଂକେତିକ ହେଉଛି।

'ହାଟରୁ ଆସିଲେ ହାଣ୍ଡିରେ ପଶେ' – କିଣିଖିଆ ଘରେ ସବୁ ଜିନିଷ ବାହାରୁ କିଣିଲେ ରୋଷେଇ ହୁଏ। ଏହା ଅସଂପନ୍ନତାର ସୂଚକ।

'ପୁଞ୍ଜେ ଚାଉଳରେ ହାଣ୍ଡିଏ ଜାଉ, ଭୁଆସୁଣୀ କେତେ ଖାଇବ ଖାଉ' – ଅସମ୍ପନ୍ନ ପରିବାରରେ ନବ ବିବାହିତା ବଧୂଟି ଘୋର ଖାଦ୍ୟାଭାବରେ ପୀଡିତ ହୁଏ। ଅଳ୍ପ ଚାଉଳରେ ପାଣି ଭର୍ତ୍ତି କରି ଏକ ହାଣ୍ଡି ପରିମିତ ଜାଉ ପ୍ରସ୍ତୁତ କରାଯିବା ଏହାର ବାସ୍ତବତାକୁ ପ୍ରକାଶ କରିଥାଏ।

'ଗୁଡ ହାଣ୍ଡିରେ ପିମ୍ପୁଡି ପଡିଛି' –

'ଆଟିକାଖାଇକି ଗୁହାଳ ଯୋଗ'

'ନଉତି ଖାଇକି ନରସିଂହ ଭୋଗ' – ସ୍ୱଳ୍ପ ଭୋଜିନୀକୁ ବହୁ କଷ୍ଟରେ ଏବଂ ବିପୁଳ ଭୋଜିନୀକୁ ସୁମିଷ୍ଟ ଖାଦ୍ୟ ପ୍ରଦାନ ଏଇ ନ୍ୟାୟରେ ପ୍ରକାଶିତ।

'ନଉତେ ପଖାଳ ସକାଳୁ ଖାଇ, ଓଦା ପାରିଅଛି ନାନୀ ଅଖାଇ' – ବହୁ ଭୋଜିନୀ ଅଖାର ଦାନୀ ନଉତି ପରିମାଣର ପଖାଳ ସେବନ କରି ଓଷା ପାଳନ କରିବା ପ୍ରସଙ୍ଗକୁ ଏଠାରେ ଇଙ୍ଗିତ କରାଯାଇଛି।

'ହାଣ୍ଡିଏ ଖାଇକି ମାଣ୍ଡିଏ ମଣ୍ଡା, ଗାଁ ମୁଣ୍ଡେ ଦେଖାଏ ଭେଣ୍ଡା' – ମାଣ୍ଡିଆ ଚୂନାରେ ତିଆରି ଗଣ୍ଡା ଭଳି ସାଧାରଣ ଖାଦ୍ୟ ଖାଇ ଗାଁ ମୁଣ୍ଡରେ ଭେଣ୍ଡା ଫୁଟାଣି ମାରିବା ଘଟଣା ଏଠାରେ ବ୍ୟଞ୍ଜିତ।

'ଲୁଣ ଖାଏ ହାଣ୍ଡି, ଚିନ୍ତା ଖାଏ ଗଣ୍ଡି' – ଏହା ଚିନ୍ତା ଗ୍ରସ୍ତ ମଣିଷ କ୍ଷୀଣ ହେବା ପ୍ରସଙ୍ଗ ପରି ଲୁଣ ହାଣ୍ଡିକୁ ଜୀର୍ଣ୍ଣଶୀର୍ଣ୍ଣ କରିବା ଘଟଣା ସହିତ ତୁଳିତ ହୋଇଛି।

ଏଇ କ୍ରମରେ ବିଚାର କରି ବସିଲେ ହାଣ୍ଡି, ନଉତି, ଆଟିକାକୁ ନେଇ ଅନେକ ପ୍ରକାରର ଲୋକ ଢ଼ଗ, ଲୋକ ବୋଲି ଗଢ଼ି ଉଠିଥିବା ଲକ୍ଷ୍ୟ କରାଯାଏ। ତେବେ ହାଣ୍ଡିର

ସାହିତ୍ୟିକ ଦିଗ ଠାରୁ ଏହାର ସାଂସ୍କୃତିକ ଦିଗଟି ଅଧିକତ ଭାବରେ ଆମ ପରମ୍ପରା ପ୍ରତି ଦୃଷ୍ଟି ଆକର୍ଷଣ କରିଥାଏ। ଏବେ ହାଣ୍ଡି ସ୍ଥାନରେ ଆଲୁମିନିୟମ ପାତ୍ର ପ୍ରଚଳିତ ହେଉଛି। ଆମର ଦୈନନ୍ଦିନ ଜୀବନରେ ଅତୀତରେ ମୁଢ଼ି, ଚୂଡ଼ା, ମୁଗ, କୋଳଥ ଇତ୍ୟାଦି ଭାଜିବା ପାଇଁ ଭଜା ଭଜି ହାଣ୍ଡି, ଗୋରୁକୁ ତୋରାଣି ଦେବା ପାଇଁ ତୋରାଣି ହାଣ୍ଡି, ଘରଦ୍ୱାର ଲିପା ପୋଛା କରିବା ପାଇଁ ମାଟି ଗୋବର ହାଣ୍ଡି, ଧାନ ଉସେଇଁବା ପାଇଁ ଧାନ ଉଷୁଆଁ ହାଣ୍ଡି, ପାଉଁଶ ନେବା ପାଇଁ ପାଉଁଶ ହାଣ୍ଡି, କାଞ୍ଜି ତିଆରି ପାଇଁ କାଞ୍ଜିପାଣି ହାଣ୍ଡି, ଖିରି କରିବା ପାଇଁ ଖିରି ହାଣ୍ଡି ପ୍ରଭୃତି ସ୍ୱତନ୍ତ୍ର କ୍ଷେତ୍ର ପାଇଁ ଭିନ୍ନ ଭିନ୍ନ ହାଣ୍ଡି ବ୍ୟବହୃତ ହେଉଥିଲା। ଧର୍ମକାର୍ଯ୍ୟ ପାଇଁ ପଣା ପ୍ରସ୍ତୁତି ନିମିତ୍ତ ପଣା ହାଣ୍ଡି ବ୍ୟବହୃତ ହେଉଥିଲା। ଭାତ ରୋଷେଇ ପାଇଁ ଭାତ ହାଣ୍ଡି, ଡାଲି ତରକାରି ପାଇଁ ତିଅଣ ହାଣ୍ଡି, ଅଟକାଳି ଓ ଜାଉ ପାଇଁ ଜାଉ ହାଣ୍ଡି ଓ ଅଟକାଳି ହାଣ୍ଡି ପ୍ରଭୃତି ବ୍ୟବହୃତ ହେଉଥିଲା।

ବିଶେଷ ଭାବରେ ମୃତ ଅଶୌଚ ସମୟରେ ଛକ ମୁଣ୍ଡରେ ହାଣ୍ଡି ଦିଆଯାଏ। ମୃତକର ଅସ୍ଥି ନିକଟରେ ଅଖଣ୍ଡ ହାଣ୍ଡି ବସାଯାଏ। ଦଶ ଦିନ ଦଶ ହାଣ୍ଡି ବସାଇ ରନ୍ଧନ କରାଯାଏ। ଏକା ଦଶାହରେ ବିସର୍ଜନ ହାଣ୍ଡି ଦିଆଯାଏ। ଦଶ ତୁଠରେ କର୍ତ୍ତା ଦଶ ହାଣ୍ଡି ବାଡେଇ ଜଳ ସ୍ନାନ କରନ୍ତି। ଭୋଜ୍ୟ ପଦାର୍ଥ ହାଣ୍ଡିରେ ରଖି ପୁରୋହିତଙ୍କୁ ସମର୍ପଣ କରାଯାଏ। ଶୌଚ ହେବା ପରେ ପରେ ପାକଶାଳାର ସମସ୍ତ ମାରା ହାଣ୍ଡିକୁ ଫିଙ୍ଗି ଦେଇ ନୂତନ ପାକ ହାଣ୍ଡି ପ୍ରବେଶ କରାଯାଏ। ପ୍ରତି ଦିନ ପୁଣି ନୂତନ ପାଗ ହାଣ୍ଡି କରାଯାଏ।



ଆମ ସାମାଜିକ ଜୀବନରେ ବିବାହ ଓ ବ୍ରତୋପନୟନ ନିମିତ୍ତ ବିଭିନ୍ନ ପ୍ରକାରର ହାଣ୍ଡିର ବ୍ୟବହାର ଦେଖାଯାଏ। ମଙ୍ଗଳ କୃତ୍ୟରେ ହଳଦୀ, ସିନ୍ଦୂର ଦେଇ ମଙ୍ଗଳ ହାଣ୍ଡି ବସେ, ବ୍ରତ ଘରରେ ଭିକ୍ଷା ହାଣ୍ଡିରେ ଭିକ୍ଷାନ୍ନ ପାକ କରାଯାଏ, ବିବାହରେ ପ୍ରଥମ କରି ନବବଧୂଟି ଚତୁର୍ଥୀ ଦିନ ପାକଶାଳାରେ ପ୍ରବେଶ କରେ- ଯାହା ହାଣ୍ଡି ଛୁଆଁ ଭାବରେ ବିଦିତ। ଏଇ କ୍ରମରେ ଆମର ମାଙ୍ଗଳିକ କାର୍ଯ୍ୟରେ ହାଣ୍ଡିର ବ୍ୟବହାର ରହି ଆସିଛି।

ସଭ୍ୟତାର ଅଗ୍ରଗତି କ୍ରମରେ ସଂସ୍କୃତି ଓ ଚଳଣି ବଦଳିଚି। ମାତ୍ର ଯେତେ ବଦଳିଲେ ମଧ୍ୟ ଆମେ ଆମର ପରମ୍ପରାକୁ ଧରି ରଖିଛେ। ଶ୍ରାଦ୍ଧ, ଶୁଦ୍ଧିଘର, ଇତ୍ୟାଦିରେ ଆମେ ଡେକ୍‌ଚି ବ୍ୟବହାର କରୁନାହୁଁ। ଯେତେ ଆର୍ଥିକ ସ୍ୱଚ୍ଛଳ ବର୍ଗ ହେଲେ ମଧ୍ୟ, ଏସବୁ କର୍ମରେ ସେଇ ମାଟି ହାଣ୍ଡିର ବ୍ୟବହାର ଏବେ ବି ଚଳି ଆସୁଛି। ବିଭିନ୍ନ ପ୍ରକାରର ହାଣ୍ଡିର ବ୍ୟବହାର ଆମ ଚଳଣିର ସୂଚୀତାରେ ପ୍ରକାଶ। ଗୋଟାଏ ହାଣ୍ଡି ଯେଉଁ ଉଦ୍ଦେଶ୍ୟରେ ବ୍ୟବହୃତ ହୁଏ, ତାହାକୁ ଧୋଇ ମାଜି ଅନ୍ୟ କର୍ମରେ ବ୍ୟବହାର କରିବାର ବାରଣ କରାଯିବା ପ୍ରକୃତରେ ସ୍ୱାଗତଯୋଗ୍ୟ।

କଥାରେ ଅଛି - "ଖପରା ଯୋଡିରେ ହାଣ୍ଡି ନୁହେଁ, ହାଣ୍ଡି ଭାଙ୍ଗିଲେ ଖପରା ହୁଏ।"

କଥାଟା ନିହାତି ଅନୁଭୂୟମାନ ସତ୍ୟର ଉଦ୍‌ଘୋଷଣା କରିଥାଏ। ମନ ଫାଟିଗଲେ ଯାହା, ଫଟା ହାଣ୍ଡିରେ କାଦୁଅ ଲୋସିବା ତାହା। ସମ୍ପନ୍ନ ପରିବାର ବିଖଣ୍ଡିତ ହେଲେ ଏକକ ପରିବାର ହୁଏ, ଏହା ଖପରା ସହ ସମାନ। ଖପରାକୁ ଅତି ନିମ୍ନ ଦୃଷ୍ଟିରେ ଦେଖାଯାଏ। ସେଥିପାଇଁ କୁହାଯାଏ 'ଖପରାଖିଆ' - ଯେ ଖପରା ପାତି ମାଗିଖାଏ। ବିଖଣ୍ଡିତ ପାରିବାରିକ ଜୀବନରେ ତାହା ହିଁ ଫଳ।

'ହାଣ୍ଡିରେ ଖାଇବା' - ସର୍ବତ୍ର ଦୂଷଣୀୟ। ଏଥିପାଇଁ ହାଣ୍ଡିରୁ ବାଢ଼ିବା ପାଇଁ ଡଙ୍କା ବା ଅଣକ ରହିଥାଏ। ଖାଦ୍ୟ ବାଢ଼ି ଖାଇବାର ସୂଚୀତା ହାଣ୍ଡିରେ ଖାଇବାରେ ନ ଥାଏ। ହାଣ୍ଡିରେ ଖାଇଲେ ତାହା ଉଚ୍ଛିଷ୍ଟ ହୋଇଥାଏ। ବୈଜ୍ଞାନିକ ଦୃଷ୍ଟି କୋଣରୁ ତାହା ମଧ୍ୟ ନିନ୍ଦନୀୟ। ଏଣୁ ହାଣ୍ଡିରେ ଖାଇବା ଠାରୁ ବଢ଼ାଯାଏ ଖାଦ୍ୟ ଆହରଣ କରିବାର ଯେଉଁ ଶୁଚିମନ୍ତ ପରମ୍ପରାଟି ଆମ ସଂସ୍କୃତି ବହନ କରି ଆସିଥିଲା, ତାହା ସବୁକାଳ ପାଇଁ ବାରଣୀୟ ନୁହେଁ, ବରଣୀୟ।

ହାଣ୍ଡି - ଓଡ଼ିଆ ଜନଜୀବନରେ ବ୍ୟବହୃତ ଲୋକୋପକରଣର ଅବିଚ୍ଛିନ୍ନ ଅଙ୍ଗ, ଯାହା ଥିଲା, ଅଛି ଥାଉ ରହିବ ମଧ୍ୟ। ଧାର୍ମିକ, ସାମାଜିକ ଉପଚାର ଗୁଡିକରେ ଏହାର ବ୍ୟବହାର ଅଦ୍ୟାବଧି ଅତୁଟ ରହିଛି।

□□

ଲେଖକଙ୍କ ଇ-ମେଲ୍ ଠିକଣା:
ajayamishraodia@gmail.com



ଗଳ୍ପ

# ଜଟିଆ

ସନ୍ତୋଷ କୁମାର ପଟ୍ଟନାୟକ

ଯେଉଁଦିନ ଅଟିରା ଗାଁକୁ ସେ ବିରାଟକାୟ ଷଣ୍ଢଟା ଆସିଲା, ସେଦିନ ସେ ଗାଁରେ ଗୋଟିଏ ଛୋଟକାଟର ମେଳା ବସିଯାଇଥିଲା। ଗୋଟିଏ ଉଚ୍ଚାଡାଲା ଥିବା ଦଶଚକିଆ ଟ୍ରକରୁ ସେ ଷଣ୍ଢଟି ରାଜକୀୟ ଠାଣିରେ ତଳକୁ ଓହ୍ଲାଇଲା ବେଳେ ଗାଁ ଲୋକେ ବିଶେଷ କରି ଛୋଟ ପିଲାମାନେ ଖୁସିରେ ତାଳିମାରିଥିଲେ। ଏଭଳି ଏକ ପ୍ରକାଣ୍ଡ, ବପୁବନ୍ତ ଓ ଶକ୍ତିଶାଳୀ ହରିୟାନା ଷଣ୍ଢକୁ ଗାଁର ଅନେକ ଲୋକ ଆଗରୁ କେବେ ଦେଖି ନଥିଲେ। ସ୍ଥାନୀୟ ଷ୍ଟକମ୍ୟାନ ସେଣ୍ଟରକୁ ତାହା ସରକାରୀ ପଶୁପାଳନ ବିଭାଗ ତରଫରୁ ଉନ୍ନତ ଗୋଧନର ସୃଷ୍ଟିପାଇଁ ଦିଆଯାଇଥିଲା। ସରକାରଙ୍କ ତରଫରୁ ଦିଆଯାଇଥିବାରୁ ତାର ନାଁ 'ଗଭର୍ଣ୍ଣମେଣ୍ଟ' ବୋଲି ସମସ୍ତେ ବିନା ଦ୍ୱିଧାରେ ଗ୍ରହଣ କରି ନେଇଥିଲେ।



ଷଣ୍ଡର ଟ୍ରକରୁ ଅବତରଣ ଉତ୍ସବ ପରେ ସ୍ଥାନୀୟ ପଶୁଧନ ଡାକ୍ତର ସମବେତ ଗାଁବାଲାମାନଙ୍କ ପ୍ରତି ଏକ ଛୋଟକାଟିଆ ବକ୍ତୃତା ଦେଇଥିଲେ। ଯାହାର ସାରମର୍ମ ହେଲା ଅଟିରା ତଥା ଆଖପାଖ ସମସ୍ତ ଗାଁର ଲୋକମାନେ ଏହି ଗଭର୍ଣ୍ଣମେଣ୍ଟ ଷଣ୍ଢ ଦ୍ୱାରା ଉନ୍ନତ ଧରଣର ବାଛୁରୀ ପାଇପାରିବେ, ଯାହା ଦେଶୀ ଗାଈମାନଙ୍କଠାରୁ ବହୁ ଗୁଣରେ ଅଧିକା କ୍ଷୀର ଦେବେ। ଗାଁମାନଙ୍କଠାରୁ ପ୍ରଜଜନ ସୃଷ୍ଟି ହେବ ଓ ସେମାନଙ୍କର ଆର୍ଥିକ ଅବସ୍ଥାର ଉନ୍ନତି ହେବ। ଏଣୁ ସମସ୍ତଙ୍କୁ ଅନୁରୋଧ କରାଗଲା ଯେ, ସେମାନେ ନିଜ ନିଜର ଦେଶୀ ଗାଈମାନଙ୍କୁ ଆଣି, ବିନା ମୂଲ୍ୟରେ ଉନ୍ନତ ବାଛୁରୀ ପାଇବାର ସରକାରୀ ସୁବିଧାର ସୁଯୋଗକୁ ସଦୁପଯୋଗ କରନ୍ତୁ। ପୂର୍ବ ପ୍ରସ୍ତୁତି ଅନୁଯାୟୀ ଗାଁରେ ଥିବା ଭେଟେନାରୀ ଡାକ୍ତରଖାନାର ପରିସର ମଧ୍ୟରେ ଗଭର୍ଣ୍ଣମେଣ୍ଟ ଷଣ୍ଢର ଖୁଆଡ଼ ଓ ଖାଦ୍ୟପେୟର ବ୍ୟବସ୍ଥା ହୋଇ ସାରିଥିଲା। ଗଭର୍ଣ୍ଣମେଣ୍ଟ ଷଣ୍ଢର ଖୁଆଡ଼କୁ ଘେରି ରହିଥିବା ଗାଁ ବାଲାଙ୍କ ଅଲକ୍ଷ୍ୟରେ ଅନତି ଦୂରରେ ଗୋଟିଏ ବିଶେଷ ଘଟଣା ସଂଘଟିତ ହେଉଥିଲା,ଯାହାପ୍ରତି କାହାର ଦୃଷ୍ଟି ନଥିଲା, ନୂତନ ଷଣ୍ଢର ଆଗମନରେ ସମସ୍ତେ ଅଳ୍ପ ବହୁତ ଖୁସି ଥିଲେ ମଧ୍ୟ ଅଟିରାଗାଁର ଦେଶୀଷଣ୍ଢ 'ଜଟିଆ' ତାକୁ ଆଦୌ ସହଜରେ ଗ୍ରହଣ କରିପାରୁ ନଥିଲା। ଅଟିରା ତଥା ଆଖପାଖ କେତେଖଣ୍ଡ ଗାଁରେ ଜଟିଆର ଏକଚ୍ଛତ୍ର ଆଧିପତ୍ୟ ଥିଲା। ସେ ଅଞ୍ଚଳର ଶତାଧିକ ଗାଈମାନଙ୍କର ଜଟିଆ ହିଁ ଏକମାତ୍ର ବାଦ୍‌ଶାହୀ ପ୍ରେମିକ ଥିଲା। ସ୍ୱଭାବତଃ ସାମାନ୍ୟ ମାରଣା ହେଲେ ମଧ୍ୟ ଗାଁର ପୂଜାପାର୍ବଣରେ ଜଟିଆକୁ ଡକାଯାଇ ଖାଦ୍ୟଗ୍ରହଣ ପାଇଁ ଅନୁରୋଧ କରାଯାଉଥିଲା। ଏଭଳି ପରିସ୍ଥିତିରେ ଅଟିରା ଗାଁରେ ଗଭର୍ଣ୍ଣମେଣ୍ଟ ଷଣ୍ଢର ଅପ୍ରତ୍ୟାଶିତ ଆବିର୍ଭାବ ଜଟିଆ ପାଇଁ ଏକ ଆହ୍ୱାନ ଥିଲା। ଗଭର୍ଣ୍ଣମେଣ୍ଟ ଷଣ୍ଢକୁ ଟ୍ରକରୁ ଓହ୍ଲାଇ ଖୁଆଡକୁ ନେଲାବେଳେ ତାହା ଜଟିଆର ନଜରକୁ ଏଡାଇ ପାରି ନଥିଲା। ଖୁଆଡ଼ ଠାରୁ ଅଦୂରରେ ଥିବା ପୋଖରୀ ହୁଡ଼ାରେ ଜଟିଆ ନିଜ ଶିଙ୍ଘରେ ମାଟିତାଡ଼ି, ଖୁରାରେ ଧୂଳି ଉଡ଼ାଇ ଆଗନ୍ତୁକ ଷଣ୍ଢକୁ 'ଯୁଦ୍ଧଂଦେହି' ଆହ୍ୱାନ ଦେଉଥିଲା।

ସେଠାରେ ଏକତ୍ରିତ ଲୋକମାନଙ୍କ ମଧ୍ୟରୁ କେବଳ 'ଜିତ୍'ନାମକ ଏକ ଅବୋଧ ଶିଶୁ ଜଟିଆର କାର୍ଯ୍ୟକଳାପକୁ ଅପଲକ ନୟନରେ ଚାହିଁ ରହିଥିଲା।

ଶିଳ୍ପ ନଗରୀ ରାଉରକେଲାରେ ଶିଶୁ ଶ୍ରେଣୀରେ ପଢୁଥିବା 'ଜିତ୍' ସବୁ ଛୁଟିରେ ତାର ମାମୁଁ ଘର ଗାଁ ଅଟିରାକୁ ଆସିବାକୁ ଅଳି କରୁଥିଲା। କାରଣ ଅଟିରା ଗାଁରେ ତା'ପାଇଁ ଦୁଇଟି ବିଶେଷ ଆକର୍ଷଣ ଥିଲା। ପ୍ରଥମଟି ହେଲେ 'ଟୁଲାମାମୁଁ' ଯିଏ ତାର ଶିଶୁସୁଲଭ ସମସ୍ତ ଆବଶ୍ୟକ ଓ ଅନାବଶ୍ୟକ ଦାବୀକୁ ଅକାତରରେ ପୂରଣ କରୁଥିଲେ। ଅନ୍ୟଟି ହେଲା ଅଟିରା ଗାଁର ଦେଶୀଷଣ୍ଢ 'ଜଟିଆ'। ଜିତ୍‌ର ଜଟିଆ ପ୍ରତି ଆକର୍ଷଣର ଏକ

ବିଶେଷ କାରଣ ବି ଥିଲା। ବିଗତବର୍ଷ ଜିତ୍ ଖରାଛୁଟିରେ ତାର ମାମୁଁଘର ଅଟିରାକୁ ଆସିଥିବା ସମୟରେ ପାଖ ଗାଁକୁ ଦୋଳ ମେଲଣ ଦେଖିବାକୁ ଯାଇଥିଲା। ମେଲଣ ପଡିଆରେ ଘଟଣାକ୍ରମେ ଇତସ୍ତତଃ ବୁଲୁଥିବା 'ଜଟିଆ' ରାମଚନ୍ଦ୍ରପୁର ଗ୍ରାମର ଷଣ୍ଢ 'କାଳିଆ' ମୁହାଁମୁହିଁ ହୋଇଗଲେ। ଉଭୟ ଶିଙ୍ଘକୁ ଯୋଡ଼ି ପରସ୍ପରକୁ ପଛକୁ ଠେଲାଠେଲି କରୁକରୁ ଭୟଙ୍କର ସଂଘର୍ଷରେ ବ୍ୟାପୃତ ହୋଇଗଲେ। ଅଟିରା ଓ ରାମଚନ୍ଦ୍ରପୁରର ଲୋକମାନେ ଦୁଇଭାଗରେ ବିଭକ୍ତ ହୋଇ ତାଳିମାରି, ପାଟିକରି ଓ ହୁଇସିଲ ବଜାଇ ନିଜ ଗାଁର ଷଣ୍ଢମାନଙ୍କୁ ଉତ୍ସାହିତ କରିଥିଲେ। ପରିସ୍ଥିତି କ୍ରମେ ଏପରି ହେଲା ଯେ, ସତେ ଯେପରି ତାହା ଷଣ୍ଢ ଲଢ଼େଇ ନୁହେଁ, ଦୁଇଟି ଗାଁର 'ଇଜ୍ଜତ କା ସୱାଲ'। ଜିତ ମଧ୍ୟ ତାର ଟୁଲାମାମୁଁଙ୍କ କାନ୍ଧ ଉପରେ ବସି ଟୁଲାମାମୁଁ ସାଙ୍ଗରେ 'ଜଟିଆ' ସପକ୍ଷରେ ପାଟିକରି, ତାଳିମାରି ଜଟିଆକୁ ସମର୍ଥନ କରୁଥିଲା। ଶେଷକୁ କାଳିଆର ପରାସ୍ତ ଓ ଛତ୍ରଭଙ୍ଗ ଦେଇ ପଳାୟନ। ତାହା ତାର ଶିଶୁମାନସରେ ଏକ ଦୀର୍ଘସ୍ଥାୟୀ ଚିତ୍ର ରୁପେ ରହିଯାଇଥିଲା।

ସେଇଘଟଣା ପରଠାରୁ ଜଟିଆ ଜିତ୍‌ପାଇଁ ଏକ 'ରୋଲମଡେଲ'ରେ ପରିଣତ ହୋଇଥିଲା। ଅଟିରା ଗାଁ ଦାଣ୍ଡରେ ଜଟିଆ ବେପରୱା ହୋଇ ଚାଲିଯିବାବେଳେ, ଜିତ୍‌ର ନଜରରେ ପଡିଗଲେ, ଘର ଭିତରକୁ ଦୌଡ଼ିଯାଇ ଫଳ, ପରିବା କିଛି ନ ହେଲେ ନିଜପାଇଁ ଆସିଥିବା ବିସ୍କୁଟ କେଇଖଣ୍ଡ ଜଟିଆକୁ ପିଣ୍ଡା ଉପରେ ଠିଆ ହୋଇ ବଢ଼ାଇ ଦେଉଥିଲା। ଜଟିଆ ଆନନ୍ଦରେ ସେତକ ଉଦରସ୍ଥ କରି ଶିଙ୍ଘ ହଲାଇ ଚାଲିଯାଉଥିଲା। ଦିନେ ଦିନେ ଗାଁ ଦାଣ୍ଡରେ ଗଲାବେଳେ ଟୁଲାମାମୁଁଙ୍କର ଘର ପାଖରେ ଜିତ୍‌କୁ ନ ଦେଖିଲେ ଜଟିଆ କେଇ ସେକେଣ୍ଡ ପାଇଁ ସେଠାରେ ଅଟକିଯାଉଥିଲା। ଜିତ ଓ ଜଟିଆର ପରସ୍ପର ସ୍ନେହ ଓ ଆକର୍ଷଣ 'ଝୁଟାମାମୁଁ'ଙ୍କ ପାଇଁ ଏକ ଚିନ୍ତାର ବିଷୟ ହୋଇଥିଲା। କାରଣ ଜଟିଆ ଗୋଟିଏ ମାରଣା ଷଣ୍ଢ ଭାବରେ ଅଟିରା ଗାଁରେ କୁଖ୍ୟାତି ଅର୍ଜନ କରିଥିଲା। ସେ ଘରର ସମସ୍ତ ସଦସ୍ୟଙ୍କୁ ଜିତ ଯେପରି ଏକୁଟିଆ ଜଟିଆ ପାଖୁ ନ ଯାଏ ସେଥିପାଇଁ ସତର୍କ କରିଦେଇଥିଲେ।

**ସତେ ଯେପରି ତାହା ଷଣ୍ଢ ଲଢ଼େଇ ନୁହେଁ, ଦୁଇଟି ଗାଁର 'ଇଜ୍ଜତ କା ସୱାଲ'। ସେ ଟୁଲାମାମୁଁଙ୍କ କାନ୍ଧ ଉପରେ ବସି 'ଜଟିଆ' ସପକ୍ଷରେ ପାଟିକରି, ତାଳିମାରି ଜଟିଆକୁ ସମର୍ଥନ କରୁଥିଲା।**

ଗଭର୍ଣ୍ଣମେଣ୍ଟ ଷଣ୍ଢର ଆଗମନ ସତେ ଯେପରି ଜଟିଆ ପାଇଁ ସମସ୍ତ ଦୁର୍ଦ୍ଦଶା ନେଇ ଆସିଥିଲା ଜଟିଆ କ୍ରମେ ଅନୁଭବ କରୁଥିଲା ଅଟିରା ଗାଁର ଲୋକେ ତାକୁ ଧୀରେ ଧୀରେ ହତାଦର କରୁଛନ୍ତି। ତାର ନୂଆ ଓ ପୁରୁଣା ସମସ୍ତ ପ୍ରେମିକାମାନଙ୍କୁ ତା ସହିତ ମିଶିବାକୁ ଦିଆଯାଉନଥିଲା। ଯେଉଁ ପ୍ରେମିକାମାନଙ୍କୁ ଏକଦା ଜଟିଆ ନିଜର ଅନୁଗତ ବୋଲି ଭାବୁଥିଲା, ସେମାନେ ମଧ୍ୟ ଜଟିଆପ୍ରତି କ୍ରମେ ଅବଜ୍ଞା ଭାବ ପ୍ରଦର୍ଶନ କରିବାକୁ ଲାଗିଲେ। କିନ୍ତୁ ଯେଉଁଦିନ ଜଟିଆର ସର୍ବଶ୍ରେଷ୍ଠ ଆକର୍ଷଣ ପରମ ସୁନ୍ଦରୀ କଇଁ ତାର ପ୍ରେମନିବେଦନକୁ ଉପେକ୍ଷା କରି ନିଜର ସୁଗୋଲ ନିତମ୍ବକୁ ଦୋହଲାଇ, ଲମ୍ବାବେଣୀ ପରି ଲାଞ୍ଜକୁ ଛାଟି ଚାଲିଗଲା ସେଦିନ ଜଟିଆର ହୃଦୟ ଗଭୀର ଦୁଃଖରେ ଭାଙ୍ଗି ପଡ଼ିଲା। ତାର ସମସ୍ତ ପୁଞ୍ଜିଭୂତ କ୍ଷୋଭ ଓ ଅପମାନ ଗଭର୍ଣ୍ଣମେଣ୍ଟ ଷଣ୍ଢ ବିରୁଦ୍ଧରେ ପ୍ରତିଶୋଧର ବହ୍ନିରେ ପରିଣତ ହୋଇଥିଲା।

ପରିସ୍ଥିତି ଏଣେ ଏତେ ଗୁରୁତର ହେଲାଣି କିନ୍ତୁ ଅଟିରାବାସୀ ଏହାର ବିନ୍ଦୁବିସର୍ଗ ମଧ୍ୟ ଜାଣିନଥିଲେ। ଗଭର୍ଣ୍ଣମେଣ୍ଟ ଷଣ୍ଢଠାରୁ ପ୍ରତିଶୋଧ ନେବାପାଇଁ ଜଟିଆ ଅହରହ ଚେଷ୍ଟିତ ଥିଲା। ଦିନେ ବୋଧହୁଏ ଭେଟେରିନାରି ତତ୍ତ୍ୱାବଧାରକର ଅସାବଧାନତା ହେତୁ ଗଭର୍ଣ୍ଣମେଣ୍ଟ ଷଣ୍ଢର ଖୁଆଡ଼ର ମୁଖ୍ୟଦ୍ୱାର ଅଧା ଖୋଲାଥିବା ଜଟିଆ ନଜରରେ ପଡିଗଲା। ଅର୍ଦ୍ଧ ଉନ୍ମୁକ୍ତ ଦ୍ୱାରକୁ ଶିଙ୍ଗରେ ଠେଲି ଅବିଳମ୍ବେ 'ଜଟିଆ' ଖୁଆଡ଼ ଭିତରକୁ ପଶିଗଲା। ଖୁଆଡ଼ ଭିତରେ ଗଭର୍ଣ୍ଣମେଣ୍ଟ ଷଣ୍ଢ ଧ୍ୟାନରତ ଋଷିପରି ଆଖିବୁଜି ପାକୁଳି କରୁଥିଲା। ଜଟିଆର ହଠାତ୍ ଅନୁପ୍ରବେଶରେ ସେ ଆଶ୍ଚର୍ଯ୍ୟ ହେଲେ ମଧ୍ୟ ସାଙ୍ଗେ ସାଙ୍ଗେ ସତର୍କ ହୋଇଗଲା।

ଦୁଇଯୋଦ୍ଧା ମୁଣ୍ଡ ତଳକୁ କରି ରୁଦ୍ଧ ଶ୍ୱାସରେ ପରସ୍ପରକୁ ଆକ୍ରମଣ କରିବାକୁ ଚକ୍ରାକାରରେ ଘୁରିବାକୁ ଲାଗିଲେ। ପରବର୍ତ୍ତୀ ସଂଘର୍ଷ ତୀବ୍ର, ସଂକ୍ଷିପ୍ତ କିନ୍ତୁ ନିର୍ଣ୍ଣାୟକ ଥିଲା। କହିବା ବାହୁଲ୍ୟ ଆକ୍ରମଣର ପ୍ରଥମ ପର୍ଯ୍ୟାୟ ଜଟିଆ ହିଁ ଆରମ୍ଭ କରିଥିଲା। ଜଟିଆର ଆଘାତରେ ଗଭର୍ଣ୍ଣମେଣ୍ଟ ଷଣ୍ଢ କେଇପାଦ

ପଛକୁ ହଟିଗଲା ସତ କିନ୍ତୁ ତାର ପ୍ରତି ଆକ୍ରମଣ ଏତେ ଶକ୍ତିଶାଳୀ ଥିଲା ଯେ, ଜଟିଆ ଶୂନ୍ୟରେ ଉଠିଯାଇ ଖୁଆଡ଼ର ବାଡ଼ ଆରପଟେ କଚାଡ଼ି ହୋଇ ପଡିଥିଲା। ଏତେ ଉଚ୍ଚରୁ ପଡିଥିବା ଆଘାତରେ ଜଟିଆର ପଛଗୋଡଟି ଭାଙ୍ଗିଗଲା। ପରାସ୍ତ, ଆହତ ଓ ଅପମାନିତ ଜଟିଆ ତାର ଭଙ୍ଗାଗୋଡ଼କୁ ଘୋଷାଡି ଅତି କଷ୍ଟରେ ଗାଁର ପୋଖରୀ ପାଖରେ ଥିବା ଆମ୍ବତୋଟା ପର୍ଯ୍ୟନ୍ତ କେବଳ ଯାଇପାରି ଥିଲା।



ଜଟିଆର ଦୁର୍ଦ୍ଦଶା ଅବିଳମ୍ବେ ରେଡିଓ ଖବର ପରି ଅଟିରା ଗାଁ ସାରା ବ୍ୟାପିଯାଇଥିଲା। ସଂଧ୍ୟା ନଇଁ ଆସୁଥିଲେ ମଧ୍ୟ ଜିତ୍‌ର ଅଝଟରେ ତାର ଟୁଲାମାମୁଁ ତାକୁ ନେଇ ଜଟିଆ ପଡିଥିବା ଆମ୍ବତୋଟା ଭିତରକୁ ଯାଇଥିଲେ। ଆମ୍ବତୋଟାରେ ପହଞ୍ଚି ଜିତ୍ ଦେଖୁଥିଲା ଧୂଳି ଧୂସରିତ ଜଟିଆର ଦୁଇ ଆଖିରୁ ଅବିରତ ଲୁହଧାର ବୋହି ଚାଲିଛି।

ସେ ଜଟିଆର ନିକଟତର ହେଉଥିଲା। "ଆରେ ଏତେ ପାଖକୁ ଯାଆନା, ସେଟା ମାରଣାଟା ପୁଣି ଜଖମ ହୋଇଛି", ଟୁଲାମାମୁଁ ଆକଟ କଲେ।

କିନ୍ତୁ ଜିତ୍ ଯେପରି କିଛି ଶୁଣି ପାରୁ ନଥିଲା। ଜିତ ଜଟିଆ ପାଖକୁ ଲାଗି ଠିଆ ହୋଇଥିଲା। ଟୁଲାମାମୁଁ ଆଶ୍ଚର୍ଯ୍ୟ ହୋଇ ଦେଖୁଥିଲେ, ଜିତ୍ ଜଟିଆର ମୁଣ୍ଡକୁ ଆଉଁଷି ଚାଲିଛି, ଜଟିଆ ଜିତର ହାତକୁ ଚାଟୁଛି।

ପରଦିନ ଠିକ୍ ସୂର୍ଯ୍ୟୋଦୟ ପୂର୍ବରୁ ଜଟିଆ ନିଶବ୍ଦରେ ମୃତ୍ୟୁବରଣ କରିଥିଲା। ଅଟିରା ଗାଁର ଲୋକମାନେ ମୃତ ଜଟିଆକୁ ଶଗଡ଼ରେ ରଖି ଫୁଲ, ଧୂପ ଓ ଅବିର ଦେଇ ଘଣ୍ଟ, ମୃଦଙ୍ଗ ବଜାଇ ମହା ସମାରୋହରେ ଗାଁର ମୁଖ୍ୟ ରାସ୍ତାଦେଇ ବାଲୁକେଶ୍ୱର ମହାଦେବଙ୍କ ମନ୍ଦିର ପାଖକୁ ନେଉଥିଲେ। ସମସ୍ତଙ୍କ ପରି ଜିତ ମଧ୍ୟ ତାର ମାମୁଁଘର ପିଣ୍ଡାରେ ଠିଆ ହୋଇ ଜଟିଆର ଶେଷଯାତ୍ରା ଦେଖୁଥିଲା। ଟୁଲାମାମୁଁଙ୍କର ଇଙ୍ଗିତରେ ସେ ଜଟିଆର ଶବାଧାର ପ୍ରତି ତାର ଟିକି ପାପୁଲି ଯୋଡ଼ି ପ୍ରଣାମ ଜଣାଉଥିଲା ବେଳେ, ତାର ଗୋଲଗୋଲ ଆଖିରେ ଦୁଇବିନ୍ଦୁ ଲୁହ ମୁକ୍ତାପରି ଚକଚକ କରୁଥିଲା।

□□

ଲେଖକଙ୍କ ଇ-ମେଲ୍ ଠିକଣା:
santoshpatnaikcb@gmail.com

Greetings from:

DAWS
Design Advertisement Web Solution
Print Media Consultation

Design & Advertisement

**We Deal in :** Vinyl, Flex, Inkjet, Oneway, Translite & Offset Printing

**Contact us :**
C 2/140, Vibhuti Khand, Gomti Nagar, Lucknow - 226 010 (India)
Mobile : 9919001828, E-mail : vikas.daws@gmail.com, Website : www.dawsindia.com

ପ୍ରବନ୍ଧ

# ଦନାଇ ଦାସଙ୍କ ଗୋପୀଭାଷାରେ ପ୍ରୀତିତତ୍ତ୍ୱ



ଡ. ଅଶୋକ କୁମାର ପଣ୍ଡା

ଗୋପୀ ଭାଷାର କବି ଦନାଇ ଦାସଙ୍କ ସ୍ୱରଚିତ କାବ୍ୟ 'ଗୋପୀ ଭାଷା'। ବଡ଼ କନଡା ଓ ସାନ କନଡା ଚଉତିଶା ମାନଙ୍କରେ କବି ନିଜକୁ ଦନାଇ ଦାସ ବୋଲି ପରିଚୟ ଦେଇଛନ୍ତି। ଜନାର୍ଦ୍ଦନ ପଦର ଅପଭ୍ରଂଶ ଦନାଇ ବା ଦନେଇ। କବି ନିଜର ସମୟ, ବଂଶ ପରିଚୟ, ଜନ୍ମ ସ୍ଥାନ ପ୍ରଭୃତି ରଚନା ବଳୀରେ ଉଲ୍ଲେଖ କରିନାହାନ୍ତି। ଭକ୍ତକବି ଦନାଇ ଦାସ ବା ଜନାର୍ଦ୍ଦନ ସାମନ୍ତ ସିଂହାର ମହାପାତ୍ର ପଞ୍ଚଦଶ ଶତାବ୍ଦୀର ଶେଷ ଓ ଷୋଡଶ ଶତାବ୍ଦୀର ପ୍ରଥମାର୍ଦ୍ଧର ବୋଲି ଅନୁମାନ କରାଯାଏ। ସେ ଏକ କୁଳୀନ ସମ୍ଭ୍ରାନ୍ତ ଔଡ୍ର କ୍ଷତ୍ରିୟ ବଂଶରେ ଜନ୍ମ ଗ୍ରହଣ କରିଥିଲେ, ଯାହା ଅଧୁନା ଖୋର୍ଦ୍ଧା ଜିଲ୍ଲାର ବେଗୁନିଆ ଥାନା ଅନ୍ତର୍ଗତ ପିଚୁକୁଳି ନିକଟ ସାନପଦର ଗ୍ରାମ କବିଙ୍କର ଜନ୍ମଭୂମି। କବି ଭକ୍ତ ଚରଣ ଦାସ ମଧ୍ୟ ଏହି ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ। ସମାଲୋଚକମାନେ ଦନାଇ ଦାସଙ୍କୁ ଭିନ୍ନ ଭିନ୍ନ ସମୟର କବି ବୋଲି ମତପ୍ରଦାନ କରିଛନ୍ତି। କବି ଜଗନ୍ନାଥ ଦାସଙ୍କ ଭାଗବତ ଦ୍ୱାରା ବହୁଭାବରେ ପ୍ରଭାବିତ ହୋଇଥିବା ଜଣାଯାଏ। ଜଗନ୍ନାଥ ଦାସଙ୍କ ଷୋଳଜଣ ଶିଷ୍ୟ ମଧ୍ୟରୁ ଜନାର୍ଦ୍ଦନ ଦାସ ଜଣେ ଶିଷ୍ୟ ଥିଲେ। ସେହି ଜନାର୍ଦ୍ଦନ ଦାସଙ୍କୁ ଦନାଇ ଦାସ ବୋଲି ଅନୁମାନ କରାଯାଇପାରେ।




ଓଡ଼ିଆ ସାହିତ୍ୟର ଲୋକପ୍ରିୟ ଗ୍ରନ୍ଥମାନଙ୍କ ମଧ୍ୟରୁ ଗୋପୀଭାଷା ହେଉଛି ଅନ୍ୟତମ। ପ୍ରାଚୀନ କାଳରେ ଚାହାଳୀମାନଙ୍କରେ ଗୋପୀଭାଷାକୁ ପଢ଼ାଯାଉଥିଲା। କାରଣ ଏହାର ଭାଷା, ରଚନା ଶୈଳୀ ଓ ଛନ୍ଦ ଥିଲା ଅତ୍ୟନ୍ତ ସରଳ ତଥା ସାବଲୀଳ। ଏଗାର ଅକ୍ଷର ବିଶିଷ୍ଟ ଦୁଇ ପାଦରେ ଏକପଦ ଚକ୍ରକେଳୀ ରାଗରେ ସମଗ୍ର କାବ୍ୟଟି ରଚିତ ହୋଇଥିଲା। ପ୍ରଥମେ ତିନୋଟି ଛାନ୍ଦ ପ୍ରକାଶିତ ହୋଇଥିଲା। ପରେ ବତିଶି ଛାନ୍ଦ ବିଶିଷ୍ଟ ସମ୍ପୂର୍ଣ୍ଣ ପାଣ୍ଡୁଲିପି ପ୍ରାଚୀ ସମିତି ଆନୁକୂଲ୍ୟରେ ବିଚ୍ଛନ୍ଦ ଚରଣ ପଟ୍ଟନାୟକଙ୍କ ଦ୍ୱାରା ସଂକଳିତ ହୋଇ ପ୍ରକାଶିତ ହେଲା।

ମୁକ୍ତ ନିରୋଳା ଓଡ଼ିଆ କାବ୍ୟ ଧାରାରେ ଏହାର ଶୈଳୀ ସମ୍ପୂର୍ଣ୍ଣ ଅଣ ଅଳଙ୍କାରିକ, ପଦଯୋଜନା ସରଳ, ସାବଲୀଳ ଏବଂ କ୍ଲିଷ୍ଟ ପଦମୁକ୍ତ। ଗୋପୀଭାଷା ରାଧାକୃଷ୍ଣ ପ୍ରେମଲୀଳା ସମ୍ବଳିତ କାବ୍ୟ। ଶ୍ରୀକୃଷ୍ଣ ଏବଂ ଗୋପାଙ୍ଗନାମାନଙ୍କ ପ୍ରେମ ସାଧାରଣତଃ ପରକୀୟା ପ୍ରୀତି ଉପରେ ପ୍ରତିଷ୍ଠିତ। ପରକ୍ରିୟା ପ୍ରୀତିକୁ ଓଡ଼ିଶାରେ ଘୃଣା କରାଯାଇଥାଏ। ଅନେକ ବ୍ୟକ୍ତି ପରକୀୟା ପ୍ରୀତି ପ୍ରତି ନାକ ଟେକିଥାନ୍ତି। ବୈଷ୍ଣବ ସାହିତ୍ୟ ତତ୍ତ୍ୱରେ ସ୍ୱକୀୟା ଓ ପରକୀୟା ପ୍ରୀତି ଉପରେ ବିବାଦ ଲାଗି ରହିଥିଲା। ଆମ ସମାଜରେ ପୂର୍ବରୁ ସବୁବେଳେ କୃଷ୍ଣ ଏକାକୀ ପୂଜା ପାଉଥିଲେ। ତାପରେ ରାଧାକୃଷ୍ଣଙ୍କ ଯୁଗଳ ଲୀଳା ସହିତ ପରକୀୟା ପ୍ରୀତି ବୈଷ୍ଣବ ସମାଜରେ ଆଦୃତ ତଥା ଗ୍ରହଣୀୟ ହେଲା। ଦୀନକୃଷ୍ଣ ଦାସ ଓ ସଦାନନ୍ଦ କବିସୂର୍ଯ୍ୟ ବ୍ରହ୍ମା ବୈଷ୍ଣବ ସମାଜରେ ଅନାଦୃତ ହୋଇଥିଲେ ହେଁ ପରବର୍ତ୍ତୀ ସମୟରେ ଦୁହେଁ ଶ୍ରଦ୍ଧାର ସହିତ ଗ୍ରହଣୀୟ ହେଲେ। ରାଧାକୃଷ୍ଣ ବିଷୟ ସମ୍ବଳିତ କାବ୍ୟମାନଙ୍କ ଭିତରେ ସ୍ୱକୀୟା ପ୍ରୀତି ଓ ପରକୀୟା ପ୍ରୀତି ପରିଲକ୍ଷିତ ହୋଇଥାଏ। ସ୍ୱକୀୟା ପ୍ରୀତିରେ ବିଷୟ ସମ୍ବନ୍ଧ ରହିଥାଏ କିନ୍ତୁ ପରକୀୟା ପ୍ରୀତିରେ ବିଷୟ ସମ୍ବନ୍ଧ ପରିଲକ୍ଷିତ ହୁଏ ନାହିଁ। ସ୍ୱକୀୟା ପ୍ରୀତି ଭଳି ଏହା ପ୍ରୟୋଜନାର୍ଥିନୀ ନୁହେଁ। ମନସ୍ତାତ୍ତ୍ୱିକ ଦୃଷ୍ଟିକୋଣରୁ ବିଚାର କଲେ ଜଣାଯାଏ ଯେ, ସ୍ୱକୀୟା ଅପେକ୍ଷା ପରକୀୟା ପ୍ରୀତିରେ ସମ୍ବେଦନଶୀଳତା କ୍ଷୀପ୍ରତର ହୋଇଥାଏ। ମାନସିକ ସ୍ତରରେ ଏହି ପ୍ରବୃତ୍ତିର ଉଦ୍‌ଗମ କରାଯାଇପାରିଲେ

ଇଷ୍ଟ ପ୍ରାପ୍ତିର ପଥ ସୁଗମ ହୋଇପାରିବ। ଏହା 'ବିଦଗ୍ଧଚିନ୍ତାମଣି' କାବ୍ୟରୁ ଜଣାପଡିଥାଏ। କବି ଅଭିମନ୍ୟୁଙ୍କ ଭାଷାରେ-

"ବିଷୟ ସମ୍ବନ୍ଧ ପୀରତି
ସ୍ୱକୀୟ ସମ ଯମ ସେ ବୋଲାନ୍ତି
ଏଣୁ ସେ ଊଣା ପରକୀୟା ସାର
ସେ ପୁଣି ହୁଅଇ ବେନି ପ୍ରକାର।"

ଏଠାରେ କୁହାଯାଇପାରେ ଯେ, ପରକୀୟା ପ୍ରେମ ଆଦିମ ସହଜାତ ପ୍ରବୃତ୍ତିର ଅନ୍ଧ ଚରିତାର୍ଥତା ନୁହେଁ, ପଦ୍ମ ପତ୍ରରେ ଜଳବିନ୍ଦୁ ପରି ଏହାର ସଂପର୍କ ମନେ ହୋଇଥାଏ। କବି ଅଭିମନ୍ୟୁ ସାମନ୍ତ ସିଂହାରଙ୍କ 'ବିଦଗ୍ଧଚିନ୍ତାମଣି' କାବ୍ୟରେ-

"ଅନଳ ନୁହଇ ଦେହ ଦହଇ
ଅସ୍ତ୍ର ନୁହଇ ମରମ ଭେଦଇ
ନୁହଁ ସତ ଜଳ ବୁଡାଏ କୂଳ
ନୁହିଁଇ ମାଦକ କରେ ବିହ୍ୱଳ
ନୁହିଁଇ ବଡଶୀ ଗୋ
ବଳେ ମନ ମୀନ ନିଏ
ଆକର୍ଷି।" (୩୯ ଛାନ୍ଦ)




ଅନ୍ୟତ୍ର ପୁଣି କବି କହିଛନ୍ତି - ପରକୀୟା ପ୍ରୀତି ବଡ କଠିନ। ଏହି ପ୍ରୀତି କାର୍ଯ୍ୟ ରକ୍ଷା କରିହୁଏ ନାହିଁ। ଏ ପ୍ରୀତି ଶୂନ୍ୟବାଦୀମାନଙ୍କ ଯୋଗ ସାଧନାଠାରୁ ଅଧିକ କଠିନ ମନେ ହୋଇଥାଏ। କବି ଅଭିମନ୍ୟୁଙ୍କ ଭାଷାରେ-

"ବଡ କଠିନ ସେ ପ୍ରୀତିପାଳିବା
ତୀକ୍ଷ୍ଣ ଅସି ଧାରେ ପଥ ଚାଲିବା
ଶୂନ୍ୟ ଆରୋହଣ ଠାରୁ କଠିନ
ପବନଫାନ୍ଦେ ଧରିବା ଲକ୍ଷଣ
ପ୍ରୀତି ରକ୍ଷା ଠାରେ
ଯଥା ପାରଦ ରଖିବା ମୁଠାରେ।" (୩୯ ଛାନ୍ଦ)

ପରକୀୟା ପ୍ରୀତି ସାଧନାର ଏହି ମାର୍ଗ କାମ ପ୍ରମତ୍ତ ପ୍ରବୃତ୍ତିର କ୍ଷୁଧା ଚରିତାର୍ଥ ପାଇଁ ଉଦ୍ଦିଷ୍ଟ ନୁହେଁ ବୋଲି କୁହାଯାଇଛି।

ଗୋପୀମାନଙ୍କ ମଧ୍ୟରେ ସାଧାରଣତଃ ଦୁଇଟି ଶ୍ରେଣୀ ଅଛି। ଯଥା- ସଖୀ ଓ ମଞ୍ଜରୀ। ରାଧାଙ୍କ ସେବା ପରି ଯେଉଁ ମାନଙ୍କର ସ୍ୱତନ୍ତ୍ର ସେବା ରହିଥାଏ ସେମାନଙ୍କୁ ସଖୀ କୁହାଯାଏ। ସେମାନେ ହେଲେ ଯଥାର୍ଥରେ ଲଳିତା, ବିଶାଖା। ଯେଉଁମାନଙ୍କର ସେବା ଆନୁଗତ୍ୟମୟୀ ସେମାନେ ମଞ୍ଜରୀ ବା କିଙ୍କରୀ ନାମରେ ପରିଚିତ। ରାଧାକୃଷ୍ଣ କାବ୍ୟ ପରମ୍ପରାରେ ଲୀଳା ଦୁଇ ପ୍ରକାରର ଦୃଷ୍ଟିଗୋଚର ହୋଇଥାଏ। ଯଥା - ପ୍ରକଟ ଲୀଳା, ଅପ୍ରକଟ ଲୀଳା। ଅପ୍ରକଟଲୀଳାରେ ବିରହର ଅବକାଶ ନାହିଁ କିନ୍ତୁ ପ୍ରକଟ ଲୀଳାରେ ସୌନ୍ଦର୍ଯ୍ୟ ଓ ରସାତ୍ମକ ଭାବ ସମ୍ପୂର୍ଣ୍ଣ ରୂପେ ବିରହ ଉପରେ ନିର୍ଭର କରିଥାଏ। ମୁଖ୍ୟତଃ ପ୍ରକଟଲୀଳା ବିରହ ବୈଚିତ୍ର୍ୟର ଲୀଳା, ଯାହା ସୌନ୍ଦର୍ଯ୍ୟପୂର୍ଣ୍ଣ ଓ ରସାତ୍ମକ।

ମଧ୍ୟକାଳୀନ କାବ୍ୟାଦର୍ଶକୁ ଅନୁସରଣ କରି କବି ଦନାଇ ଦାସ ମଙ୍ଗଳାଚରଣରେ ନୀଳଶୈଳାଧିପତି ଶ୍ରୀଜଗନ୍ନାଥଙ୍କୁ ବନ୍ଦନା କରି କାବ୍ୟାରମ୍ଭ କରିଛନ୍ତି। ଈଶ୍ୱର ଏବଂ ପାର୍ବତୀଙ୍କ କଥୋପକଥନ ମଧ୍ୟରେ ଶ୍ରୀକୃଷ୍ଣ ଏବଂ ଗୋପୀମାନଙ୍କ ଚରିତକୁ ନେଇ ପୁରାଣ ଶୈଳୀରେ କାବ୍ୟଟି ରଚିତ ହୋଇଛି। ଶ୍ରୀକୃଷ୍ଣ ମଥୁରାରେ କଂସ ସମେତ ଅନ୍ୟ ଅସୁରମାନଙ୍କୁ ବଧ କରିବା ପରେ ଉଗ୍ରସେନଙ୍କୁ ରାଜ ସିଂହାସନ ପ୍ରଦାନ କଲେ। ତାପରେ ସେ ଆଉ ଗୋପପୁରକୁ ଫେରିଲେ ନାହିଁ। ଅପେକ୍ଷାରତା ଗୋପାଙ୍ଗନାମାନେ ଶ୍ରୀକୃଷ୍ଣଙ୍କ ଅନୁପସ୍ଥିତିରେ ଅଧିର ହୋଇ କୃଷ୍ଣ କଥା ସ୍ମରଣରେ ଦିନ ଅତିବାହିତ କରିଛନ୍ତି। ଗୋପନାରୀ ମାନଙ୍କର କୃଷ୍ଣଙ୍କ ପ୍ରତି ଥିବା ପ୍ରବଳ ଆସକ୍ତି, ଅନୁରାଗ, ଅଭିମାନ ଏବଂ କ୍ରୋଧ ରୂପାୟିତ ହୋଇଛି କାବ୍ୟଟିର ଛତ୍ରେ ଛତ୍ରେ। କେବଳ ଗୋପନାରୀମାନେ ନୁହଁନ୍ତି, ଗୋପପୁରର ସମସ୍ତ ମାନବ ସମାଜ, ଇତର ପ୍ରାଣୀ ଜଗତ ଓ ପ୍ରକୃତି ଜଗତରେ ମଧ୍ୟ ବିରହ ଭାବ ପ୍ରତିଫଳିତ ହୋଇଛି। ଏହି ଦୃଶ୍ୟ କବିଙ୍କ ଲେଖନୀ ସ୍ପର୍ଶରେ ଜୀବନ୍ତ ରୂପେ ଆତ୍ମପ୍ରକାଶ କରିଛି।

ଶ୍ରୀକୃଷ୍ଣଙ୍କର ସମସ୍ତ ଗୁଣକୁ ମନେ ପକାଇ ଯଥା- ଅଘା, ବକା, ପୁତନାକୁ ହତ୍ୟା, କଂସର ଧନୁଯାତ୍ରା ମନ୍ତ୍ରଣା, ମଞ୍ଚରୁ ପଡି କଂସର ମୃତ୍ୟୁ, ଇନ୍ଦ୍ର ଷୋଳ ସହସ୍ର ଗୋପକନ୍ୟା ଆଣି

କୃଷ୍ଣଙ୍କୁ ସମର୍ପଣ କରିବା, ନାବକେଳି, କାଚରା ବଣିଆ ବେଶ, କାଳୀୟ ଦଳନ, ଗୋପାଙ୍ଗନାମାନଙ୍କ କୃଷ୍ଣପୂଜା ଇତ୍ୟାଦି ସମସ୍ତ କଥା ମନେ ପକାଇ ଆଲୋଚନା କରିଛନ୍ତି। ଏ ସମୟରେ ବିରହିଣୀ ଗୋପୀମାନେ ରାଇଙ୍କୁ ରାଜା କରି ତାଙ୍କ ସେବାରେ ରହିଲେ। ରାଇ ଉଗ୍ରସେନଙ୍କୁ ପତ୍ର ଦେଲେ କୃଷ୍ଣଙ୍କୁ ଗୋପପୁରକୁ ପଠାଇବାକୁ। ଉଗ୍ରସେନ ଉତ୍ତର ଦେଲେ କୃଷ୍ଣ କାମ ଶେଷ କରି କିଛିଦିନ ଗଲେ ଯିବେ। ଋଷି ଅଙ୍ଗିର ଗୋପପୁରକୁ ଆସି ଗୋପୀମାନଙ୍କୁ ମନ୍ତ୍ରଦାନ କରିଗଲେ। ନାରଦ ଗୋପୀମାନଙ୍କୁ ବ୍ରହ୍ମଜ୍ଞାନ ଦେଲେ। ଏଭଳି କେତେକ ମନ୍ତ୍ର ଏବଂ ଉପଦେଶରେ ଗୋପୀମାନଙ୍କୁ ସାନ୍ତ୍ୱନା ଦିଆଯାଇଛି। ତଥାପି ଗୋପୀମାନେ ବିରହ ବିଧୁରା। କୃଷ୍ଣ ପ୍ରେମରେ ପାଗଳ ପ୍ରାୟ। ଗୋପୀ ଭାଷାରେ ବିଭିନ୍ନ କେଳି ଯଥା- ଭୂତ କେଳି, ନାବ କେଳି, ରାସଲୀଳା ସହିତ କେତେକ ସହଜିଆ ଲୀଳା ମଧ୍ୟ ବର୍ଣ୍ଣିତ ହୋଇଛି। କୃଷ୍ଣଙ୍କ ପ୍ରେମ ଏହି ଲୀଳାରେ ପାଗଳପ୍ରାୟ। ତେଣୁ ଶ୍ରୀକୃଷ୍ଣଙ୍କ ପ୍ରେମକୁ ଅବ୍ୟକ୍ତ, ଅକ୍ଷୟ, ଅଚିନ୍ତ୍ୟ ଓ ଅନିର୍ବଚନୀୟ ଭାବେ ବର୍ଣ୍ଣନା କରିଛନ୍ତି କବି ଦନାଇ ଦାସ।

**ଶ୍ରୀକୃଷ୍ଣଙ୍କ ପ୍ରେମକୁ ଅବ୍ୟକ୍ତ, ଅକ୍ଷୟ, ଅଚିନ୍ତ୍ୟ ଓ ଅନିର୍ବଚନୀୟ ଭାବେ ବର୍ଣ୍ଣନା କରିଛନ୍ତି କବି ଦନାଇ ଦାସ।**

ବିରହ ବିଧୁରା ଗୋପାଙ୍ଗନାମାନେ ବିରହ ଜ୍ୱାଳାରେ ନିଜ ନିଜର ମନୋଭାବକୁ ଦୃଢ଼ ଭାବରେ ଓ ଅସଙ୍କୋଚ ଚିତ୍ତରେ ବ୍ୟକ୍ତ କରିବାର ସତ୍ ସାହସ କମ୍ ନାରୀଙ୍କ ଠାରେ ଦେଖାଯାଇଥାଏ। କୃଷ୍ଣଙ୍କ ପ୍ରତି ଗୋପାଙ୍ଗନାମାନଙ୍କର ଅନାବିଳ ପ୍ରେମ ସେମାନଙ୍କ ମନରେ ଏଇ ସାହସ ଦେଇଥିଲା।

ଗୋପୀମାନେ କୃଷ୍ଣଙ୍କୁ ପ୍ରଥମେ ଭଗବାନ ବୋଲି ଜାଣିଥିବା ଗୋପୀଭାଷାରୁ ଜଣାଯାଏ। ସେମାନେ କୃଷ୍ଣଙ୍କୁ ମାୟାବୀ, ଚକ୍ରପାଣି, ଗୋପାଳ, ନାରାୟଣ, ବନମାଳୀ ପ୍ରଭୃତି ନାମରେ ସମ୍ବୋଧନ କରିଛନ୍ତି। ଗୋଟିଏ ଗୋପୀ ଏହି ଭାବକୁ ସ୍ୱଷ୍ଟ ଭାବରେ ବ୍ୟକ୍ତ କରି କହିଛି –

"ଗୁଣ ଘୋଷୁ ଘୋଷୁ ଜ୍ଞାନ ହୋଇଲା
ଏକ ଗୋପୀଏ ଥାଇଣ ବୋଇଲା
ଯାହା ମହିମା ଦେବଙ୍କୁ ଦୁର୍ଲ୍ଲଭ
କାହିଁ ପ୍ରାପତ ଆମ୍ଭଙ୍କୁ ସୁଲଭ
ଭାରା ଉଶ୍ୱାସିବା ପାଇଁ ଜନମ
ଆନ ବଳେ କରି ନୁହେଁ ଏ ମାନ। (୩ୟ ଛାନ୍ଦ)

ଗୋପୀମାନଙ୍କର ଐକାନ୍ତିକ ପ୍ରେମ କବି ଏକ ଗୋପୀମୁଖରେ ସୁନ୍ଦର ଭାବରେ ପ୍ରକାଶ କରିଛନ୍ତି। ଯାହାର ଘରେ ଯେଉଁ ଦ୍ରବ୍ୟ ଅପୂର୍ବ ତାକୁ ସେ କୃଷ୍ଣଙ୍କ ଠାରୁ ଲୁଚାଇ ରଖିଥାନ୍ତି କିନ୍ତୁ କୃଷ୍ଣ ହିଁ ତାହାକୁ କୌଶଳରେ ଭୋଗ କରନ୍ତି। ଗୋପାଳୁଣୀମାନେ ପତି, ତନୟ, ଗୁରୁ, ଗୌରବ ଲାଜ ପ୍ରତି ଆଦୌ ଦୃଷ୍ଟି ଦେଉନଥିଲେ। କୃଷ୍ଣ ହିଁ ସେମାନଙ୍କର ସବୁକିଛି। ବର୍ତ୍ତମାନ ତାଙ୍କୁ ନ ଦେଖି ବିକଳରେ ସେମାନେ ପ୍ରାଣ ରଡ଼ି ଛାଡୁଛନ୍ତି। କବିଙ୍କ ଭାଷାରେ-

"ଆମ୍ଭେ ପତି ତନୟ ଗୋ ନ ଜାଣୁ
ଗୁରୁ ଗଉରବ ଲାଜ ନ ମଣୁ
ଆମ୍ଭ ପତି ତନୟ ସବୁ ସେହି
ତାଙ୍କୁ ନ ଦେଖି ଯାଉଅଛି ଦେହୀ।" (୧ମ ଛାନ୍ଦ)

ଶାସ୍ତ୍ରତତ୍ତ୍ୱ ବା ଭକ୍ତିତତ୍ତ୍ୱରେ ରାଧାକୃଷ୍ଣଙ୍କର ମାଇଁ ଥିବା କଥା ଜଣାଯାଏ ନାହିଁ। ମାତୃତୁଲ୍ୟା, ପୂଜନୀୟା ମାତୁଳାଣୀଙ୍କ ସହ ଉତ୍କଟ ଶୃଙ୍ଗାରପୂର୍ଣ୍ଣ କାମଲୀଳା ନିତାନ୍ତ ଅନାଚାର ଗ୍ରସ୍ତ ହେଲେ ମଧ୍ୟ ଲୋକଗୀତ ମାନଙ୍କରେ ସହଜଯାନ ପ୍ରଭୃତିର ତାନ୍ତ୍ରିକ ବୌଦ୍ଧ ଭାବନାର ସଙ୍କେତ ରହିଛି। ସେଥିରୁ 'ଗୋପୀଭାଷା' କାବ୍ୟ ମଧ୍ୟ ମୁକ୍ତ ହୋଇନାହିଁ। କବିଙ୍କ ଭାଷାରେ-

"ଯମୁନା କୂଳକୁ ଗଲି ମୁଁ ଏକା
କଦମ୍ବ ମୂଳରେ କାହ୍ନୁକୁ ଦେଖା,
ମୋତେ ସୁରତି ମାଗିଲେ ସେକ୍ଷଣି
ମୁଁ ବୋଇଲି ତୁମ୍ଭେ ନିର୍ଲଜ ପୁଣି
ତୁମ୍ଭଙ୍କୁ ବୟସ ହେବ ଅଢ଼େଇ
ସୁରତି ରତି ମାଗ କାହା ପାଇଁ
ମୁଁ ତ ମଉଳାଣୀ ତୁମ୍ଭେ ଭଣଜା
ଅବିହିତ କହ ନନ୍ଦ ତନୁଜା।"

ଏଭଳି ଗ୍ରାମ୍ୟ ଓ ଇତର ସ୍ତରର ରତି ବିଳାସର ଚିତ୍ର ରହିଛି। ତାହାକୁ ଏଠାରେ ବର୍ଣ୍ଣନା କରାଯାଇପାରିବ ନାହିଁ।

ଅନେକ କାବ୍ୟରେ ରାସଲୀଳାରେ ପରକୀୟା ପ୍ରେମକୁ ବୃନ୍ଦାବନର ଗୋସ୍ୱାମୀମାନେ ସ୍ୱକୀୟ ବୋଲି ଦର୍ଶାଇଛନ୍ତି।

ଶ୍ରୀକୃଷ୍ଣଙ୍କ ଗୋପନାରୀ ବା ଗୋପାଙ୍ଗନା ମାନଙ୍କର ନିତ୍ୟ ଦାମ୍ପତ୍ୟ ସଂପର୍କ ରହିଅଛି। ପରକୀୟା ସଂପର୍କ ମାୟିକମାତ୍ର। ଶାସ୍ତ୍ର ବିଧାନରେ ପରକୀୟା ପ୍ରେମର ସମର୍ଥନ ନାହିଁ। ତାହାକୁ ଲୋକମାନେ ପ୍ରଶଂସା କରନ୍ତି ନାହିଁ। ଏହା ସବୁବେଳେ ନିନ୍ଦନୀୟ। ପରଲୋକରେ ସ୍ୱର୍ଗ କାମନା ନାହିଁ, ଯାହା ପାଇଁ ତ୍ୟାଗ ତାହାରି ପାଖରେ ପ୍ରତିପତ୍ତିର ସମ୍ଭାବନା। ଲୌକିକ ପରକୀୟା କଣ ହୋଇନପାରେ। ଅଲୌକିକ ପରକୀୟାରେ କାମ ନିଷ୍ପ୍ରଭ, ପ୍ରେମ ଉଜ୍ଜ୍ୱଳ, କାମ ଅନ୍ଧାର, ପ୍ରେମ ନିର୍ମଳ, ତଥା ଭାସ୍ୱର। କୃଷ୍ଣ ସୁଖରେ ପ୍ରେମ ହୁଏ ମହୀୟାନ। ଆତ୍ମସୁଖରେ କାମ ହୁଏ ମଳିନ।

କୃଷ୍ଣଙ୍କ ଅନୁପସ୍ଥିତିରେ ବିରହିଣୀ ଗୋପନାରୀ ମାନେ କୋହଭରା ଦୁଃଖରେ ଅସହାୟ ହୋଇପଡିଛନ୍ତି। ସେମାନେ କୃଷ୍ଣଙ୍କ ଗୁଣକୁ ଗୁଣୀ ହୋଇ ଅତୀତ ଦିନର କଥାକୁ ମନେ ପକାଇ ଝୁରି ହୋଇଛନ୍ତି। କବିଙ୍କ ଲେଖନୀରେ-

"କାହୁଁ ଦାରୁଣ ଅକ୍ରୂର ଆଇଲା,
କଂସ ଆଜ୍ଞା ବୋଲି ଗୋପେ କହିଲା।
କୃଷ୍ଣ ଆସିବେ ବୋଲି ଗଲେ ଭଣ୍ଡି
ତାହା ଜାଣିଲେ କିମ୍ପା ଦ୍ୟନ୍ତୁ ଛାଡି।
ରଥବେଢ଼ିଣ ସକଳ ତରୁଣୀ
ମାରି ମାରନ୍ତୁ ଅକ୍ରୂରକୁ ପୁଣି।
କଂସ ଯାହା କରୁ ପଛେ କରନ୍ତା
ଗୋପପୁର ଯାକ ପଛେ ମାରନ୍ତା।
ତହିଁ ମଲେ ହେଁ ହୁଅନ୍ତା କାରଣ
ଯାହା ଉପେକ୍ଷିଲେ ନାରାୟଣ।" (୧ମ ଛାନ୍ଦ)

ଶ୍ରୀକୃଷ୍ଣଙ୍କ କମନୀୟ ସୁନ୍ଦର କୋମଳ ରୂପର ସୌନ୍ଦର୍ଯ୍ୟରେ ଗୋପାଙ୍ଗନାମାନେ ପାଗଳପ୍ରାୟ। କୃଷ୍ଣ ମଥୁରାକୁ ଗଲେ ଗୋପକୁ ଫେରିଲେ ନାହିଁ। ଗୋପୀମାନେ ଚିନ୍ତା କଲେ ସେ ନ ଆସିବାର କାରଣ କେବଳ ମଥୁରାର ନାରୀମାନେ। ନାରୀ ସୁଲଭ ଈର୍ଷା ଓ ଅଭିମାନ ସେମାନଙ୍କୁ ବିଚଳିତ କରିଛି। କୃଷ୍ଣ ଗୋପନାରୀ ଅପେକ୍ଷା ମଥୁରା ନାରୀଠାରୁ ଅଧିକ ସୁଖ ପାଉଛନ୍ତି ବୋଲି ଧାରଣା କରି ଗୋପୀମାନଙ୍କ ମୁଖରେ କବି ବର୍ଣ୍ଣନା କରିଛନ୍ତି।



"ଯାକୁ ନାନା ରସପଣା ମିଳିବ।
ସେ ଗୋ ଗୁଡ ପଣା କିସ କରିବ ॥
ଯାକୁ ମିଳିବ ଦିବ୍ୟ ଶାଳୀ ଅନ୍ନ।
ତାର ବଗଡା ଭାବେ କାହିଁ ମନ ॥
ଯାକୁ ମିଳିବ ପଲଙ୍କ ସୁପାତି।
ତାର ଭୂମି ଶଯ୍ୟାରେ କାହିଁ ମତି ॥
ଯାକୁ ମିଳିବ ସୁବାସ ଚନ୍ଦନ।
ତାର ନିମ୍ବକାଠରେ କାହିଁ ମନ ॥" (୩ୟ ଛାନ୍ଦ)

ଶ୍ରୀରାଧାଙ୍କ ଦ୍ୱାରା ଥରେ ଶ୍ରୀକୃଷ୍ଣ ଅପମାନିତ ହୋଇ ବିଧାତାଙ୍କୁ ମନେ ପକାଇଲେ। ସେ ଆସିବାରୁ ତାଙ୍କୁ କହିଲେ।-

"ଛାର ଗୋପାଳୁଣୀ ନ ଘେନେ କଥା
ଏହା ଶୁଣି ବିଧାତା
ମୂରଲୀ ଗୋଟିଏ ଦେଇଣ ଗଲେ
ବୋଇଲେ ମୋହେ ହୋଇବେ ସକଳ
ବ୍ରହ୍ମା ଦେଇଣ ନିଜ ପୁର ଗଲେ
ମୂରଲୀ ଛଇଳ ବାଇଲେ
ରାଧା ରାଧା ବୋଲି ଡାକିଲେ ଯହୁଁ
ବ୍ରଜ ସୁନ୍ଦରୀ ମୋହୋ ହେଲେ ତହୁଁ
ରାଧାଙ୍କୁ ଦେଖିଣ ମାଧୋଇ ପୁଣ
ସମସ୍ତଙ୍କୁ ଦେଖି ସେ ନାରାୟଣ।
ଗୋଟିଏ ଗୋଟିଏ ରୂପ ହୋଇଲେ
ସମସ୍ତଙ୍କୁ ରତି ସୁରତି କଲେ।"

ଶ୍ରୀକୃଷ୍ଣ କୌଣସି ଏକ ଗୋପାଳୁଣୀର ଘରେ ରାତିରେ ପ୍ରବେଶ କରିଥିବା କଥା ସୁନ୍ଦର ଭାବରେ ବର୍ଣ୍ଣିତ ହୋଇଛି। ସେହିଦିନର ଚିତ୍ତାକର୍ଷକ ବର୍ଣ୍ଣନା ଆକର୍ଷଣୀୟ ଓ ହୃଦୟହାରୀ। କବିଙ୍କ ଭାଷାରେ-

"ନିଶାକାଳେ ମୋ ପୁରକୁ ଆଇଲେ

ଦଧି ଦୁଧ ସର ସବୁ ଖାଇଲେ
ଶାଶୁ ପଣତ ଧରି ଓଟାରଇ
ବୋହୂ ଚୋର ବୋଲି ରଡି ଛାଡଇ
ଦୀପ ବହନ କରିଣ ଧରଗୋ
ଆମ୍ଭ ଘରେ ପଶି ଅଛି ଚୋର ଗୋ।" (୨ୟ ଛାନ୍ଦ)

ଗୋପାଙ୍ଗନାମାନଙ୍କ ପ୍ରେମର ମହନୀୟ ତ୍ୟାଗ ବହୁ ସ୍ଥାନରେ ବର୍ଣ୍ଣିତ। ଗୋପାଙ୍ଗନାମାନଙ୍କ ହୃଦୟର ନୈରାଶ୍ୟ ମଧ୍ୟରେ ଗୋପୀ ହୃଦୟର ମହନୀୟ ଚିନ୍ତାଧାରା ଶାଶ୍ୱତ ଓ ସାର୍ବଜନୀନ ଭାବେ ପ୍ରକାଶିତ ହୋଇଛି। ଗୋପବାଳାମାନେ ସବୁବେଳେ ବ୍ୟସ୍ତ ଓ ବ୍ୟାକୁଳ। କୃଷ୍ଣ କାହାକୁ କଣ ଦାନ କରିଛନ୍ତି କି? କିନ୍ତୁ ସେମାନଙ୍କ ପାଇଁ ସେ କାହିଁକି ନିଷ୍ଠୁର ହୋଇଛନ୍ତି।

**ଗୋପାଙ୍ଗନାମାନଙ୍କ ହୃଦୟର ନୈରାଶ୍ୟ ମଧ୍ୟରେ ଗୋପୀ ହୃଦୟର ମହନୀୟ ଚିନ୍ତାଧାରା ଶାଶ୍ୱତ ଓ ସାର୍ବଜନୀନ ଭାବେ ପ୍ରକାଶିତ ହୋଇଛି।**

ଏକଥା ସେମାନେ ମନରେ ବାରମ୍ବାର ଭାଳୁଛନ୍ତି। ଯଥା-

"ପ୍ରହଲ୍ଲାଦ ମନ ଜାଣିଣ ହରି
ସ୍ୱର୍ଗ ପୁରରେ ଇନ୍ଦ୍ର ଦେଇ କରି
ଆମ୍ଭେ ଗୋପ ହୋଇ କି ଦୋଷ କଲୁ
ସେବା କରି କିଂପା ନିରାଶ ହେଲୁ।"

ଶ୍ରୀକୃଷ୍ଣଙ୍କ ପ୍ରେମରେ ପାଗଳ ହୋଇ ତାଙ୍କୁ ଆଶା କରି ଗୋପୀମାନେ ନିରାଶ ହୋଇଛନ୍ତି। ଗୋପାଙ୍ଗନାମାନେ ବିଭିନ୍ନ କଥା ମାଧ୍ୟମରେ କୃଷ୍ଣଙ୍କୁ ନିନ୍ଦା କରୁଛନ୍ତି। ତାହା କବିଙ୍କ ଭାଷାରେ-

"ଯେତେ ପୀରତି କଲେ ତେତେ ଦୂର
ଯେହ୍ନେ ପଦ୍ମରେ ମରଇ ଭ୍ରମର।
ଯେହ୍ନେ ବୃଷଭ ଆଶ କରେ ଗାଇ
ଧନ କୃପଣ ଯେସନେ ସଞ୍ଚଇ।
ନୀଚ ଲୋକର ଯେହ୍ନେ ବଡ ପଣ
ପିତୃ ସନ୍ତୋଷେ ଯେସେନ ଦର୍ପଣ।
କୁଳସ୍ତିରୀ ଯେସନ କରେ ଲଜ୍ଜା
ଅନ୍ୟ ପୁରୁଷେ ନୁହଁଇ ଭାରିଯା।
ସେହି ପରି ଯେ ହରି ହେଲେ ଅନ୍ତର
ଆମ୍ଭ ମନ ଯେ ହେଉଛି ବିକଳ।" (୪ର୍ଥ ଛାନ୍ଦ)

ଗୋପାଙ୍ଗନା ବା ଗୋପନାରୀମାନେ ରତି କେଳିକୁ ନିଃସଙ୍କୋଚରେ ପ୍ରକାଶ କରିଛନ୍ତି। ଗୋପାଙ୍ଗନାମାନଙ୍କର ଆନ୍ତରିକ ପ୍ରେମ ହିଁ ମୁଖ୍ୟ କାରଣ। କୃଷ୍ଣ ଗୋପୀମାନଙ୍କର ପରକୀୟା ପ୍ରେମର ଆବେଗ କାବ୍ୟ ମଧ୍ୟରେ ପ୍ରତିଫଳିତ। କୃଷ୍ଣଙ୍କ ପ୍ରତି ଗୋପୀମାନଙ୍କର ଐକାନ୍ତିକ ଅନାବିଳ ପ୍ରେମର ବାସ୍ତବ ଚିତ୍ର ଏଠାରେ ପ୍ରକାଶିତ।

"ଆମ୍ଭେ ପତି ତନୟ ଗୋ ନ ଜାଣୁ
ଗୁରୁ ଗଉରବ ଲାଜ ନ ମଣୁ।
ଆମ୍ଭ ପତି ତନୟ ସବୁ ସେହି
ତାଙ୍କୁ ନ ଦେଖି ଯାଉଅଛି ଦେହୀ।" (୧ମ ଛାନ୍ଦ)

କେତେକ ସ୍ଥାନରେ ବିଭତ୍ସ ଓ ଅଶ୍ଳୀଳ ଶୃଙ୍ଗାର ବର୍ଣ୍ଣନା ରହିଅଛି। ତା ମଧ୍ୟରେ ଆବେଗଧର୍ମୀ କୃତ୍ରିମତା ଓ ମାନସିକ ଭାବାବେଗ ପ୍ରଭୃତି ପ୍ରୀତି ତତ୍ତ୍ୱର ଗୋଟିଏ ଗୋଟିଏ ମାଧ୍ୟମ। ଅନତ୍ର ଗୋପାଙ୍ଗନାଙ୍କ ଶ୍ରୀକୃଷ୍ଣଙ୍କ ସହ ସମ୍ଭୋଗ ବର୍ଣ୍ଣନା କାବ୍ୟରେ ରସାଣିତ ହୋଇପାରିଛି। ଯଥା-

"ଚନ୍ଦନ କର୍ପୂର ବୋଳିଲେ ଅଙ୍ଗେ
ମୁଖେ ଚୁମ୍ବନ ଦେଲେ ଶିରୀ ଅଙ୍ଗେ।
ବେନିକୁଚ ଧରି କରେ ମର୍ଦ୍ଦନ
ମୁଖରେ ମୁଖ ଲଗାଇ ଚୁମ୍ବନ।
ରତି ସୁରତି ନାନା ବନ୍ଧ କଲେ
ମୋତେ ଘେନିଣ ପଲଙ୍କେ ଶୋଇଲେ।" (୫ମ ଛାନ୍ଦ)

ପରିଶେଷରେ ଏତିକି କହିଲେ ଯଥେଷ୍ଟ ହେବ ଯେ, 'ଗୋପୀଭାଷା'ରେ ଦନାଇ ଦାସଙ୍କ ପ୍ରୀତିତତ୍ତ୍ୱ ସମ୍ବନ୍ଧୀୟ ବିଶ୍ଳେଷଣ ଅଭିନବ। ରାଧାକୃଷ୍ଣ ପ୍ରୀତିକୁ ସେ ନିଖୁଣ ତଥା ଜୀବନ୍ତ ଭାବରେ ବର୍ଣ୍ଣନା କଲେ ହେଁ ତନ୍ମଧ୍ୟରେ ତାଙ୍କର ଗଭୀର ଜ୍ଞାନ, ବିସ୍ତୃତ ଆତ୍ମପ୍ରକାଶ କରିପାରିଛି, ଯାହାକୁ ପାଠ କଲେ ପାଠକ ପ୍ରାଣରେ ପ୍ରୀତିର ଅମନ୍ଦମନ୍ଦାକିନୀ ଧାରା ପ୍ରବାହିତ ହେବା ସହ କବି ପ୍ରାଣରେ ଥିବା ରାଧାକୃଷ୍ଣ ଓ ଗୋପାଙ୍ଗନାମାନଙ୍କ ପ୍ରୀତିର ଭାବାବେଗ ଓ ଭାବାବେଶ ମୂର୍ତ୍ତିମନ୍ତ ହୋଇଥାଏ କହିଲେ ସତ୍ୟର ଅପଳାପ ହେବ ନାହିଁ।

□□

ଲେଖକଙ୍କ ଇ-ମେଲ୍ ଠିକଣା:
akpanda382@gmail.com

ସାକ୍ଷାତକାର

# ବିଶିଷ୍ଟ କଥାକାର ବିଭୂତି ପଟ୍ଟନାୟକଙ୍କ ସହ ଏକ ଅନ୍ତରଙ୍ଗ ଆଲୋଚନା

*ପ୍ରବୀଣ କଥାକାର ଶ୍ରୀ ବିଭୂତି ପଟ୍ଟନାୟକ ଓଡ଼ିଆ ସାହିତ୍ୟ ଜଗତରେ ଜଣେ ବର୍ଷୀୟାନ ତଥା ସମ୍ମାନନୀୟ ବ୍ୟକ୍ତିତ୍ୱ। ୧୯୩୭ ମସିହାରେ ଜନ୍ମିତ ଏହି ପ୍ରଖ୍ୟାତ ଲେଖକଙ୍କର ଏଯାବତ ପ୍ରାୟ ଦେଢ଼ଶହରୁ ଊର୍ଦ୍ଧ୍ୱ ପୁସ୍ତକ ପ୍ରକାଶିତ ଏବଂ ଏ ବୟସରେ ମଧ୍ୟ ସେ ସେହି ସମାନ ଉତ୍ସାହର ସହ ରଚନା ପ୍ରବଣ। ଶାରଳା ସମ୍ମାନ, କେନ୍ଦ୍ର ଓ ଓଡିଶା ସାହିତ୍ୟ ଏକାଡେମୀ ପୁରସ୍କାର, ତଥା ଅତିବଡୀ ଜଗନ୍ନାଥ ପୁରସ୍କାର ଭଳି ଅନେକ ସାରସ୍ୱତ ସମ୍ମାନରେ ଭୂଷିତ ଏହି ବିଶିଷ୍ଟ ସାହିତ୍ୟ ସାଧକ ଅଧ୍ୟାପନା ବୃତ୍ତିରୁ ୧୯୯୫ ମସିହାରେ ଅବସର ଗ୍ରହଣ କରିଛନ୍ତି। ତାଙ୍କ ଲେଖକୀୟ ଜୀବନର ବିଭିନ୍ନ ଦିଗ ବିଷୟରେ ତାଙ୍କ ସହିତ ଆଲୋଚନା କରିଥିଲେ 'ସାହିତ୍ୟ ଚର୍ଚ୍ଚା'ର ସଂପାଦକ ନିହାର ଶତପଥୀ।*



**ସାହିତ୍ୟ ଚର୍ଚ୍ଚା:** ଆପଣଙ୍କ ପ୍ରଥମ ଉପନ୍ୟାସ 'ଶେଷ ବସନ୍ତ'ରୁ ସଦ୍ୟତମ 'ନୂତନ ଦ୍ରୌପଦୀ' ପର୍ଯ୍ୟନ୍ତ ଯାତ୍ରା ଦୀର୍ଘ ସାତ ଦଶନ୍ଧିର। ଏ ବିଷୟରେ କିଛି କହିବେ କି!

**ବିଭୂତି ପଟ୍ଟନାୟକ:** 'ଶେଷ ବସନ୍ତ' ୧୯୫୫ ମସିହାର ଉପନ୍ୟାସ ମାସିକ 'ଜନ ସାହିତ୍ୟ'ର ଚତୁର୍ଥ ସଂଖ୍ୟାରେ ପ୍ରକାଶିତ ହୋଇଥିଲା ସେତେବେଳେ ନାରୀ ତାର ଭାଗ୍ୟ ଓ ଭବିଷ୍ୟତକୁ ଭଗବାନଙ୍କ ହାତରେ ଛାଡି ଦେଇ ଥିଲା। ସେତେବେଳେ ଟଙ୍କାକୁ ଚଉଷଠି ପଇସା ଥିଲା। ସୁନା ଭରି ଥିଲା ଛୟାନବେ ଟଙ୍କା। ନୂତନ ଦ୍ରୌପଦୀ ପୁସ୍ତକ ଆକାରରେ ପ୍ରକାଶିତ ହୋଇଛି। ୨୦୨୧ ମସିହାରେ ଟଙ୍କାକ ଶହେ ପଇସା, ସୁନାଭରି ପଇଁଚାଳିଶ ହଜାର ଟଙ୍କା। ସେ ଯୁଗର ଦ୍ରୌପଦୀକୁ ଦୁଃଶାସନ କୁରୁସଭାରେ ବିବସ୍ତ୍ର କଲା ବେଳେ ସେ ଦୁଇ ହାତ ଉପରକୁ ଟେକି ଭଗବାନ ଶ୍ରୀକୃଷ୍ଣଙ୍କୁ ସ୍ମରଣ କରି ଥିଲେ। କିନ୍ତୁ ୨୦୨୧ ମସିହାରେ ନୂତନ ଦ୍ରୌପଦୀକୁ କେହି ଭୋଗ ଦଖଲ କରିବାକୁ ତାର କଳା ହାତ ବଢ଼ାଇଲା ବେଳେ ସେ ନିଜ ଇଜ୍ଜତ ରକ୍ଷା ପାଇଁ ଅଦୃଶ୍ୟ ଈଶ୍ୱରଙ୍କୁ ଡାକିବା ପାଇଁ ଉପରକୁ ହାତ ଟେକି ନ ଦେଇ ନିଜ ହ୍ୟାଣ୍ଡ ବ୍ୟାଗ୍ ଭିତରୁ ଏକେ-୪୭ ପିସ୍ତଲ କାଢ଼ି ଆଣି ଟ୍ରିଗର ଉପରେ ଆଙ୍ଗୁଠି ଟିପ ରଖୁଛି।

**ସାହିତ୍ୟ ଚର୍ଚ୍ଚା:** ଆଜି ଠିଆହୋଇ ଯେତେବେଳେ ପଛକୁ ଫେରି ଦେଖନ୍ତି, ସେତେବେଳେ ଅନୁଭବ କରନ୍ତି କି ଆପଣଙ୍କ ଲେଖକୀୟ ଜୀବନରେ ପରିପୂର୍ଣ୍ଣତାର ପୁଲକ?

**ବିଭୂତି ପଟ୍ଟନାୟକ:** ୧୯୫୫ ରୁ ୨୦୨୦, ଏହି ପଞ୍ଚଷଠି ବର୍ଷର କାଳ ଖଣ୍ଡ ମଧ୍ୟରେ ଆମର ସାମାଜିକ ଜୀବନ ଓ ଅର୍ଥନୈତିକ ପରିବର୍ତ୍ତନ ଫଳରେ ନାରୀ ଜୀବନରେ ଯେଉଁ ପରିବର୍ତ୍ତନ ଖଞ୍ଜି ଯାଇଛି, ତାକୁ ସଠିକ ଭାବରେ ମୋ ଉପନ୍ୟାସରେ ଉପସ୍ଥାପିତ କରି ପାରିଥିବାରୁ ମୁଁ ତୃପ୍ତ।

**ସାହିତ୍ୟ ଚର୍ଚ୍ଚା:** ଉପନ୍ୟାସ, ଗଳ୍ପ ସଂକଳନ, ପ୍ରବନ୍ଧ ଓ ଭ୍ରମଣ କାହାଣୀ ଓ ଅନ୍ୟାନ୍ୟ ବିଭାଗର ଆପଣ ଏ ଯାବତ ପ୍ରାୟ ଏକଶହ ଷାଠିଏଟି ପୁସ୍ତକର ସ୍ରଷ୍ଟା। ତଥାପି କ'ଣ ଅନେକ କିଛି ରହିଯାଇଛି ଅକୁହା ?

**ବିଭୂତି ପଟ୍ଟନାୟକ:** ଜୀବନର ସବୁ କଥା ଗୋଟିଏ ଜୀବନରେ କେହି କହି ପାରେ ନାହିଁ। କହିବା ଦରକାର ମଧ୍ୟ ନୁହେଁ। ମୋର ପ୍ରକାଶିତ ପୁସ୍ତକରେ ପରିବର୍ତ୍ତନଶୀଳ ଜୀବନ ଓ ଜଗତ ସଂପର୍କରେ ମୁଁ ଯାହା ଲେଖିଛି ବା ଲେଖୁଛି- ତାହା ମୋର ପାଠକ, ପ୍ରକାଶକ ଓ ସଂପାଦକମାନଙ୍କର ପ୍ରୟୋଜନୀୟତା ପୂରଣ ପାଇଁ। ଆବଶ୍ୟକତା ଅତିରିକ୍ତ କିଛି ଲେଖିବା ମୋର କାମ ନୁହେଁ।

**ସାହିତ୍ୟ ଚର୍ଚ୍ଚା:** ବାମପନ୍ଥୀ ବା ସମାଜବାଦୀ ଚିନ୍ତନ ସହ ଆପଣ ପାଦ ଥାପିଥିଲେ ସାହିତ୍ୟର ଦୁନିଆରେ। ଏ ଦୀର୍ଘ ଯାତ୍ରାପଥରେ ସେହି ଆଦର୍ଶାନୁଭୂତିରେ କିଛି ବିବର୍ତ୍ତନ ହୋଇଛି କି ?

**ବିଭୂତି ପଟ୍ଟନାୟକ:** ୧୯୫୬ ଐତିହାସିକ ସୀମା ଆନ୍ଦୋଳନର ନେତୃତ୍ୱ ନେଲା ପରେ ମୁଁ ସମାଜବାଦୀ ଆନ୍ଦୋଳନ ସହିତ ପ୍ରତ୍ୟକ୍ଷ ଭାବରେ ଜଡିତ ହୋଇ ପଡିଥିଲି। ମାର୍କ୍ସବାଦୀ ଦର୍ଶନ ମୋ ସାହିତ୍ୟିକ ଦୃଷ୍ଟିଭଙ୍ଗୀକୁ ପ୍ରଭାବିତ କରିଥିଲା। ପୂର୍ବରୁ ମୁଁ ପତ୍ର ପତ୍ରିକାରେ ଗଳ୍ପ, କବିତା ଲେଖୁଥିଲି, କିନ୍ତୁ ସମାଜବାଦୀ ଆନ୍ଦୋଳନରେ ଯୋଗ ଦେଲା ପରେ ଆରମ୍ଭ ହେଲା ମୋର ଉପନ୍ୟାସ ଲେଖା, ସେ ସୋସଲିଷ୍ଟ ନେତା ମାୟାଧର ଦାସ ଓ କିଶନ ପଟ୍ଟନାୟକ ମୋ ଉପନ୍ୟାସ ଲେଖାର ପ୍ରେରଣାର ଉତ୍ସ। ୧୯୬୦ରୁ ୧୯୬୫ ମସିହାରେ ପ୍ରକାଶିତ ମୋର 'ଏଇଗାଁ, ଏଇ ମାଟି', 'ଚପଳ ଛନ୍ଦା', 'ନାୟିକାର ନାମ ଶ୍ରାବଣୀ' ଓ 'ବଧୂ ନିରୂପମା- ଏହି ପ୍ରଥମ ଚାରିଖଣ୍ଡ ଉପନ୍ୟାସ ଭାବରେ ସେ ଦୁଇ ଜଣଙ୍କ ପ୍ରେରଣା ଓ ପ୍ରଭାବ ବିଶେଷ ଭାବରେ କାର୍ଯ୍ୟ କରିଥିଲା।

**ସାହିତ୍ୟ ଚର୍ଚ୍ଚା:** ତେବେ ଏହି ଆଦର୍ଶଗତ ଚେତନା ହେଉଛି ଆପଣଙ୍କ ରଚନା ସମଗ୍ରର ମୂଳ ଉତ୍ସ !

**ବିଭୂତି ପଟ୍ଟନାୟକ:** ମୋର ଦୃଢ଼ ବିଶ୍ୱାସ, ମୁଁ ଯଦି ସମାଜବାଦୀ ଆନ୍ଦୋଳନ ସହିତ ଜଡିତ ହୋଇ ନ ଥାନ୍ତି, ମାର୍କ୍ସବାଦୀ ଚିନ୍ତାଧାରା ଦ୍ୱାରା ପ୍ରଭାବିତ ହୋଇ ନ ଥାନ୍ତି, ତାହା ହେଲେ 'ଦିନ ଯାଏ ଚିହ୍ନ ରହେ', 'ରାଗ ଅନୁରାଗ', 'ପ୍ରେମିକା' ଭଳି ଚିତ୍ତାକର୍ଷକ ରୋମାଣ୍ଟିକ ଉପନ୍ୟାସର ଲୋକପ୍ରିୟ, ଔପନ୍ୟାସିକ ହୋଇ ରହି ଯାଇ ଥାଆନ୍ତି; 'ଏଇ ଗାଁ ଏଇ ମାଟି', 'ଚପଳ ଛନ୍ଦା', 'ଅଶ୍ୱମେଧର ଘୋଡା', 'ଅସବର୍ଣ୍ଣ' 'ଦିନକାଳ', 'ଘନ କୁହୁଡିର ଦିନ' କିମ୍ବା 'ଛବିର ମଣିଷ', 'ସ୍ୱପ୍ନର ସୌଦାଗର', 'ସମୟ ଅଗ୍ରସର' ଭଳି ସମାଜ ବାସ୍ତବବାଦୀ ଉପନ୍ୟାସ ଲେଖି ପାରିନଥାନ୍ତି।

**ସାହିତ୍ୟ ଚର୍ଚ୍ଚା:** ଆପଣ ଥରେ କହିଥିଲେ ଯେ ଜଣେ ବୁଦ୍ଧିଜୀବୀ ଚିନ୍ତକ ନୁହେଁ, ବରଂ ଜଣେ ହୃଦୟଜୀବୀ ଭାବୁକ ଭାବରେ ନିଜକୁ ଦେଖନ୍ତି। କାହିଁକି ମନେକରନ୍ତି ଏମିତି ?

**ବିଭୂତି ପଟ୍ଟନାୟକ:** ବୁଦ୍ଧିକୁ ସାହିତ୍ୟର ସାମଗ୍ରୀ ଭାବରେ ବ୍ୟବହାର କରି ସମାଲୋଚକମାନଙ୍କ ବୁଦ୍ଧିବଣା କରି ଦିଆଯାଇ ପାରେ, କିନ୍ତୁ ପାଠକମାନଙ୍କ ହୃଦୟ ଜିଣି ହୁଏ ନାହିଁ। ମୁଁ ସମାଜ ସଂସ୍କାର ନୁହେଁ, ମୁଁ ସମାଜର ପରିବର୍ତ୍ତନ ଚାହେଁ। ଏହି ସାମାଜିକ ଭାବନାକୁ ପାଠକ ହୃଦୟରେ ପ୍ରବେଶ କରାଇ ଦେଇ ପାରିଲେ ହିଁ ସମାଜ ବିପ୍ଳବର ପଥ ପ୍ରଶସ୍ତ ହୋଇ ପାରେ। ସମାଜ ପରିବର୍ତ୍ତନର ଭାବନା ମତେ ଏ ପର୍ଯ୍ୟନ୍ତ ଭାବୁକ କରି ରଖିଛି ବୋଲି ଏ ପରିଣତ ବୟସରେ ସୁଦ୍ଧା ମୁଁ କଲମ ଥୋଇ ଦେଇ ନାହିଁ।

**ସମାଜ ପରିବର୍ତ୍ତନର ଭାବନା ମତେ ଏ ପର୍ଯ୍ୟନ୍ତ ଭାବୁକ କରି ରଖିଛି ବୋଲି ଏ ପରିଣତ ବୟସରେ ସୁଦ୍ଧା ମୁଁ କଲମ ଥୋଇ ଦେଇ ନାହିଁ।**

**ସାହିତ୍ୟ ଚର୍ଚ୍ଚା:** ଆପଣଙ୍କ ସର୍ଜନାର ପ୍ରକ୍ରିୟା ଏବେବି ସକ୍ରିୟ ଥିବାର ବୋଧହୁଏ ଏହାହିଁ ରହସ୍ୟ।

**ବିଭୂତି ପଟ୍ଟନାୟକ:** ମୋର ପାଠକମାନେ ମତେ କଲମ ଛାଡି ବିଶ୍ରାମ ଦେବାକୁ ଦେଇ ନାହାନ୍ତି, ଦେଉ ନାହାନ୍ତି। ମୋର ସଦ୍ୟ ସମାପ୍ତ 'କାଳ ଅକାଳ' ଦୀର୍ଘ ଉପନ୍ୟାସ ତାର ଉଦାହରଣ।

**ସାହିତ୍ୟ ଚର୍ଚ୍ଚା:** କଥା ସାହିତ୍ୟକୁ ହିଁ କାହିଁକି ନିଜ ରଚନାର ପ୍ରମୁଖ ମାଧ୍ୟମ ଭାବରେ ବାଛିନେଲେ ଆପଣ ?

**ବିଭୂତି ପଟ୍ଟନାୟକ:** ଜୀବନ ଓ ଜଗତ ସଂପର୍କରେ ନିଜ ଭାବନାକୁ ପର୍ଯ୍ୟାପ୍ତ ଭାବରେ ପ୍ରକାଶ କରିବା ପାଇଁ କଥା ସାହିତ୍ୟ ହିଁ ଉତ୍କୃଷ୍ଟ ମାଧ୍ୟମ ବୋଲି ମୋର ଉପଲବ୍ଧି। କଥା ସାହିତ୍ୟ ଜରିଆରେ ହିଁ ବୃହତ୍ତର ପାଠକ ସମାଜ ପାଖରେ ପହଂଚି ହୁଏ ବୋଲି ସମ୍ଭବତଃ ଆୟୁଷ କ୍ଷୟ କରି ବହୁ ଦିବା

ରାତ୍ରି ମୁଁ ଗଳ୍ପ, ଉପନ୍ୟାସ ଲେଖାରେ ଖର୍ଚ୍ଚ କରିଛି।

**ସାହିତ୍ୟ ଚର୍ଚ୍ଚା:** ଓଡ଼ିଆ ଉପନ୍ୟାସ ଓ ଗଳ୍ପ ସାହିତ୍ୟକୁ ଲୋକଗ୍ରାହ୍ୟତାର ଏକ ସମ୍ଭ୍ରାନ୍ତ ସ୍ତରକୁ ଆଣିବାରେ ଆପଣ ଅଗ୍ରଣୀ ଭୂମିକା ନେଇଛନ୍ତି ବୋଲି ଆମେ ମନେକରୁ।ଓଡ଼ିଆ ଭାଷାରେ କଥା ସାହିତ୍ୟର ଏହି ଲୋକପ୍ରିୟତା ଆଗାମୀ ଦିନରେ ବି ବଜାୟ ରହିବ ବୋଲି ଆପଣ ଆଶା କରନ୍ତି କି ?

**ବିଭୂତି ପଟ୍ଟନାୟକ:** ସ୍ମାର୍ଟଫୋନ୍, କମ୍ପ୍ୟୁଟର, ଫେସ୍‌ବୁକ୍, ଇ-ବୁକ୍, ପରେ ଅଡିଓ-ବୁକ୍- ଗଳ୍ପ ଉପନ୍ୟାସ ମୁଦ୍ରିତ ବହିର ଚାହିଦା ହ୍ରାସ କରିଛି ବୋଲି ମୁଁ ମଧ୍ୟ ଅଭିଯୋଗ କରୁଛି। ଇଂଲିସ ମିଡିୟମ ସ୍କୁଲରେ ପଢୁଥିବା ପ୍ରତିଭାଶାଳୀ ଯୁବ ଲେଖକ ଓଡ଼ିଆ ଭାଷାରେ ଗଳ୍ପ, ଉପନ୍ୟାସ ଲେଖି ପାରୁନାହାନ୍ତି ଏବଂ ବହୁ ଓଡ଼ିଆ ପାଠକ ଓଡ଼ିଆ ଗଳ୍ପ ଉପନ୍ୟାସ ପଢ଼ି ଜାଣି ନାହାନ୍ତି, ଫଳରେ ଓଡ଼ିଆ ଗଳ୍ପ ନୁହେଁ, ଓଡ଼ିଆ ଉପନ୍ୟାସ ଲେଖାରେ କିଛି ପରିମାଣରେ ସଂକଟ ସୃଷ୍ଟି ହୋଇଛି। କିନ୍ତୁ ମୋର ଧାରଣା, ଏ ସଂକଟ ଦୀର୍ଘସ୍ଥାୟୀ ହେବ ନାହିଁ।



**ସାହିତ୍ୟ ଚର୍ଚ୍ଚା:** ଆପଣଙ୍କ ଅଧିକାଂଶ ଉପନ୍ୟାସରେ ନାରୀ ମନସ୍ତତ୍ତ୍ୱର ନିଛକ ପ୍ରତିଫଳନ ଦେଖିବାକୁ ମିଳେ। କ'ଣ ହୋଇପାରେ ଏହା ପଛର ପ୍ରେରଣା ?

**ବିଭୂତି ପଟ୍ଟନାୟକ:** ମୋର ଅଧିକାଂଶ ଉପନ୍ୟାସରେ ନାରୀ ମନସ୍ତତ୍ତ୍ୱର ନିଛକ ପ୍ରତିଫଳନ ଦେଖାଯାଏ, ପୁରୁଷ ଚରିତ୍ର ଚିତ୍ରଣରେ ଦେଖାଯାଏ ନାହିଁ, ଏ ଅଭିଯୋଗ ସମ୍ପୂର୍ଣ୍ଣ ସତ୍ୟ ନୁହେଁ। ଗତ କାଲି ଅଶି ଦଶକରେ ପ୍ରଥମ ସଂସ୍କରଣ ଭାବେ ପ୍ରକାଶିତ ଏକ ଉପନ୍ୟାସ 'ଅସତ୍ୟ ସହର'ର ନୂତନ ସଂସ୍କରଣରେ ଲେଖୁଥିଲି। ସେ ଉପନ୍ୟାସର ନାୟକ ଗ୍ରାମ୍ୟ କିଶୋର କାଳିଆ, ସହରକୁ ଯାଏ- ଜଣେ ଅବିବାହିତ ଝିଅ ଓ ଜଣେ ବିବାହିତା ନାରୀର ଇଜ୍ଜତ ଓ ଅଭାବ ପୂରଣ ପାଇଁ କିପରି କାଳୀଚରଣ ଓ କାଲୁ ସିଂ ମୂର୍ତ୍ତି ଧରିଥିଲା, ତାହା ପଢ଼ି ମୁଁ ନିଜେ ଚମକି ଉଠିଥିଲି, ଚାଳିଶି ବର୍ଷ ତଳେ ମୁଁ ଏଭଳି ଜଣେ ବଳିଷ୍ଠ ପୁରୁଷ ଚରିତ୍ରକୁ ନେଇ 'ଅସତ୍ୟ ସହର' ଉପନ୍ୟାସ ଲେଖିଥିଲି, ଭାବି ଚକିତ ହୋଇ ଉଠିଥିଲି, ନାରୀ-ପ୍ରଧାନ ଉପନ୍ୟାସରେ ପୁରୁଷ ଚରିତ୍ର ଓ ପୁରୁଷ-ପ୍ରଧାନ ଉପନ୍ୟାସରେ ନାରୀ ଚରିତ୍ର ଦୁର୍ବଳ ଦେଖାଯିବ- ଏଇଟା ସ୍ୱାଭାବିକ।

**ସାହିତ୍ୟ ଚର୍ଚ୍ଚା:** ଧରାବନ୍ଧା ଦୈନନ୍ଦିନ ଜୀବନଚର୍ଯ୍ୟା ଭିତରେ ଯେତେବେଳେ ଦିନେ କେବେ କେହି ଜଣେ ସମର୍ପିତ ଓ ମୁଗ୍ଧ ପାଠକ ଆପଣଙ୍କ ସହ ମୁହାଁମୁହିଁ ହୋଇଯାଆନ୍ତି, କେମିତି ଲାଗେ ଆପଣଙ୍କୁ।

**ବିଭୂତି ପଟ୍ଟନାୟକ:** ଅପରିଚିତ ପାଠକ ଅଚାନକ ଦେଖା ହୋଇଗଲେ ମୁଁ ଅପ୍ରତିଭ ବୋଧ କରେ, ଅନେକ ସମୟରେ ମୋ ବହି ପଢ଼ି ମୋ ସଂପର୍କରେ ସେମାନଙ୍କର ଯେଉଁ ଧାରଣା ଥାଏ, ଦେଖା ହେଲା ପରେ ସେ ଧାରଣା ସହିତ ମୋର ମେଳ ନ ଖାଇଲେ ସେମାନେ ଦ୍ୱନ୍ଦ୍ୱରେ ପଡି ଯାଆନ୍ତି।

**ସାହିତ୍ୟ ଚର୍ଚ୍ଚା:** ଏଭଳି କିଛି ସ୍ମରଣୀୟ ଘଟଣା ମନେଥିଲେ କହିବେ କି !

**ବିଭୂତି ପଟ୍ଟନାୟକ:** ୧୯୬୨ ମସିହାରେ ଥରେ କଟକ କ୍ୟାଣ୍ଟନମେଣ୍ଟ ରୋଡ୍‌ରେ ରହୁଥିବା ତତ୍‌କାଳୀନ ଓଡ଼ିଶା ଘରୋଇ ବିଭାଗ ମନ୍ତ୍ରୀ ନୀଳମଣି ରାଉତରାୟଙ୍କ ପତ୍ନୀ ନନ୍ଦିନୀ ଦେବୀ ରାଉତରାୟ ତାଙ୍କୁ ଦେଖା କରିବାକୁ ମତେ ଡକାଇ ପଠାଇ ଥିଲେ। ମୁଁ ଗାଡିରୁ ଓହ୍ଲାଇ ତାଙ୍କ ଦେଖା କରିବାକୁ ଫାଟକ ଖୋଲି ତାଙ୍କୁ କ୍ୱାର୍ଟର୍ସକୁ ଗଲି। ପରିଚାରିକା ଘର ଓଳାଉଥିଲା। ମୁଁ ମୋ ନାମ କହି ମାଡାମଙ୍କୁ ଦେଖା କରିବାକୁ ଆସିଛି ବୋଲି କହିବା ମାତ୍ରେ ପରିଚାରିକା ଝାଡୁ ଦେବା ବନ୍ଦ କରି ଦଉଡ଼ି ଗେଟ୍ ପାଖକୁ ଗଲା, ଗେଟ୍ ପାଖରେ ମତେ ଅପେକ୍ଷା କରି ଯେଉଁ ମଧ୍ୟ ବୟସ୍କା ଭଦ୍ର ମହିଳା ଛିଡା ହୋଇଥିଲେ, ସେ ନଳିନୀ ଦେବୀ ରାଉତରାୟ, ଜାଣି ମୁଁ ଖୁବ୍ ଅପ୍ରସ୍ତୁତ ବୋଧ କରିଥିଲି, ଆଉ ସେ ପରିଚାରିକା ସହ ଫେରି ଆସି ମତେ ଚିହ୍ନି ପାରି ନ ଥିବାରୁ ଜିଭ କାମୁଡି ପକାଇଥିଲେ। ମତେ ଚାହିଁ ମୃଦୁ ହସି କହିଥିଲେ- ଆପଣଙ୍କ

ଭଳି କୋଡିଏ, ବାଇଶି ବର୍ଷର ତରୁଣ ଯେ 'ଚପଳଛନ୍ଦା' ଭଳି ଏତେ ବଡ, ଏତେ ଭଲ ଉପନ୍ୟାସ ଲେଖିପାରନ୍ତି- ବର୍ତ୍ତମାନ ସୁଦ୍ଧା ମୁଁ ବିଶ୍ୱାସ କରି ପାରୁନାହିଁ, ମୋର ଧାରଣା ଥିଲା ଆପଣଙ୍କ ବୟସ ଚାଳିଶି- ପଚାଶ ବର୍ଷ, ହୋଇଥିବ, ସେଥିପାଇଁ ଗେଟ୍ ପାଖରେ ଆପଣଙ୍କୁ ଦେଖି ସୁଦ୍ଧା ଆପଣ ବିଭୂତି ପଟ୍ଟନାୟକ ହୋଇ ଥିବେ ବୋଲି ଭାବି ପାରିନଥିଲି।

**ସାହିତ୍ୟ ଚର୍ଚ୍ଚା:** ତହୁଁ, କ'ଣ ଥିଲା ଆପଣଙ୍କ ପ୍ରତିକ୍ରିୟା ?

**ବିଭୂତି ପଟ୍ଟନାୟକ:** ମୁଁ ତାଙ୍କର ଭ୍ରମ ସଂଶୋଧନ କରିଦେଇ କହିଥିଲି- କୋଡିଏ-ବାଇଶି ନୁହେଁ, ମୋର ବୟସ ପଚିଶ ବର୍ଷ, କିନ୍ତୁ କ'ଣ ପାଇଁ ମତେ ଡି.ପି.ଆଇ ଅଫିସରୁ ଡକାଇ ଆଣିଛନ୍ତି ? ନଳିନୀଦେବୀ ମତେ ଖୁବ୍ ଆଦର ଯତ୍ନରେ ବସାଇ, ଚାହା ବଦଳରେ ଗୋଟାଏ ବଡ କଂସା ଗ୍ଲାସ୍‌ରେ ମୋଟା ସର ପଡିଥିବା କ୍ଷୀର ବଳେଇ ବଳେଇ ପିଆଇସାରି କହିଥିଲେ, ଗତ ରବିବାର ଦୈନିକ 'କଳିଙ୍ଗ' କାଗଜରେ ମୁଁ ଆପଣଙ୍କ ଚପଳଛନ୍ଦା ବହିର ସମୀକ୍ଷା ଲେଖିଛି। ସମୀକ୍ଷାର ଶେଷରେ ଲେଖିଥିଲି- ଏ ଉପନ୍ୟାସ ନୋବେଲ ପ୍ରାଇଜ୍ ପାଇବା ଭଳି ଉପଯୁକ୍ତ ଉପନ୍ୟାସ। ଏ ଶେଷ ଧାଡିଟା ସଂପାଦକ ମନ ମୋହନ ମିଶ୍ର କାଟି ଦେଇଛନ୍ତି, ମୋ ହାତ ଲେଖା କପି ଆପଣଙ୍କୁ ଦେଖାଇବି ବୋଲି ଡାକିଛି। ମନ ମୋହନ ବାବୁ ସେ ଶେଷ ଧାଡିଟା କାଟି ଦେଇ ମତେ ମୁଖ ଲଜ୍ଜାରୁ ରକ୍ଷା କରିଛନ୍ତି- କହି ମୁଁ ତାଙ୍କୁ ସେଥିପାଇଁ 'କଳିଙ୍ଗ' ସଂପାଦକଙ୍କୁ ଦୋଷ ନ ଦେବା ଲାଗି ଅନୁରୋଧ କରିଥିଲି।

**ଗଳ୍ପ ଉପନ୍ୟାସ ଲେଖିଲା ବେଳେ ମୁଁ ଜଣେ ସାହିତ୍ୟ ଅଧ୍ୟାପକ ବୋଲି ଭୁଲିଯାଏ।**

**ସାହିତ୍ୟ ଚର୍ଚ୍ଚା:** ଆପଣଙ୍କ ଗୋଟିଏ ମାତ୍ର କବିତା ପୁସ୍ତକ ପ୍ରକାଶିତ ହୋଇଛି 'ସେ ଏକ ପ୍ରଗଲ୍ଭା ନଦୀ' ନାମରେ। ଏହା ପରେ ଆପଣଙ୍କୁ ଆଉ କବିତା ମାଡ଼ି ନାହିଁ, ନା ମାଡ଼ିଲେ ବି ତା'କୁ ନିଜ କଥା ସାହିତ୍ୟ ଭିତରକୁ ଚ୍ୟାନେଲାଇଜ୍ କରିଦେଇଛନ୍ତି !

**ବିଭୂତି ପଟ୍ଟନାୟକ:** 'ସେ ଏକ ପ୍ରଗଲ୍ଭା ନଦୀ ଓ ଅନ୍ୟାନ୍ୟ କବିତା' ଗ୍ରନ୍ଥରେ ସନ୍ନିବିଷ୍ଟ କବିତା ଗୁଡିକ ବ୍ୟତୀତ ମୁଁ ଆଉ କବିତା ଲେଖି ନାହିଁ, କିନ୍ତୁ କବିତାର ଆଙ୍ଗିକରେ 'ରାଗ ଅନୁରାଗ' ଓ 'ପ୍ରେମିକା' ଭଳି ଉପନ୍ୟାସ ଲେଖିଛି। ଗଦ୍ୟ କବିତା ଓ କାବ୍ୟ ଧର୍ମୀ ଗଦ୍ୟ ମଧ୍ୟରେ ବ୍ୟବଧାନ ଏତେ ସଂକୁଚିତ ହୋଇ ଆସିଛି ଯେ ବ୍ୟକ୍ତି କୈନ୍ଦ୍ରିକ କବିତା ବଦଳରେ ସମାଜ-କୈନ୍ଦ୍ରିକ ଗଳ୍ପ ଉପନ୍ୟାସ କବିତାର ଭାଷାରେ ଲେଖିବାରେ ମୁଁ ଅଧିକ ମନଯୋଗ ଦେଇଛି।

**ସାହିତ୍ୟ ଚର୍ଚ୍ଚା:** ବିଭିନ୍ନ ଉଚ୍ଚ ଶିକ୍ଷାନୁଷ୍ଠାନର ଓଡିଆ ଭାଷା ଓ ସାହିତ୍ୟ ବିଭାଗରେ ଦୀର୍ଘ ୨୫ ବର୍ଷକାଳର ଅଧ୍ୟାପନାର ଅନୁଭବ ଆପଣଙ୍କ ଲେଖକୀୟ ଜୀବନକୁ ପରିପୁଷ୍ଟ କରିବାରେ ସହାୟକ ହୋଇପାରିଛି କି ?

**ବିଭୂତି ପଟ୍ଟନାୟକ:** ଅଧ୍ୟାପନା ବେଳେ ଶ୍ରେଣୀ ଗୃହରେ ମୁଁ ଜଣେ ଶିକ୍ଷକ, ଲେଖକ ନୁହେଁ। ଆଉ ଘରେ ଗଳ୍ପ ଉପନ୍ୟାସ ଲେଖିଲା ବେଳେ ମୁଁ ଜଣେ ସାହିତ୍ୟ ଅଧ୍ୟାପକ ବୋଲି ଭୁଲିଯାଏ। ସେଥିପାଇଁ ଅଧ୍ୟାପକ ଜୀବନର ତିକ୍ତ ମଧୁର ଅନୁଭୂତି ମୋ ଗଳ୍ପ ଉପନ୍ୟାସ ଉପରେ ଛାୟା ବିସ୍ତାର କରି ନାହିଁ।

**ସାହିତ୍ୟ ଚର୍ଚ୍ଚା:** ବିଭୂତି ପଟ୍ଟନାୟକଙ୍କ ସର୍ଜନାତ୍ମକ ଉର୍ଜାର ପ୍ରମୁଖ ସ୍ରୋତ କ'ଣ ?

**ବିଭୂତି ପଟ୍ଟନାୟକ:** ସମାଜବାଦୀ ଚେତନା, ମାର୍କ୍ସ, ଗାନ୍ଧି ଆଉ ଦାରୁଦେବତା ଶ୍ରୀଜଗନ୍ନାଥ ମୋ ସାହିତ୍ୟ ସର୍ଜ୍ଜନାର ମୂଳ ଉତ୍ସ। ପତିତ ଜନର ଉତ୍‌ଥାପନ, ଗ୍ରାମ୍ୟ ସମାଜ ଗଠନର ଆଦର୍ଶ- ଏ ତିନି ମୂର୍ତ୍ତିଙ୍କ ଠାରୁ ମୁଁ ପାଇଛି।

**ସାହିତ୍ୟ ଚର୍ଚ୍ଚା:** ଏବଂ ଦୁର୍ବଳତା ?

**ବିଭୂତି ପଟ୍ଟନାୟକ:** ମୁଁ ଆଧ୍ୟାତ୍ମିକତାରେ ବିଶ୍ୱାସ କରେ କିନ୍ତୁ ଈଶ୍ୱରଙ୍କ ଅସ୍ତିତ୍ୱରେ ନୁହେଁ- ଏହା ହିଁ ବୋଧହୁଏ ମୋର ବଡ ଦୁର୍ବଳତା।

**ସାହିତ୍ୟ ଚର୍ଚ୍ଚା:** ଆମ ନୂତନ ପୀଢିର ଔପନ୍ୟାସିକ ମାନଙ୍କର ଦଶା ଓ ଦିଶା ସଂପର୍କରେ ଆପଣ କ'ଣ କହିବେ !

**ବିଭୂତି ପଟ୍ଟନାୟକ:** ଉପନ୍ୟାସ ହେଉଛି ସମୟର ଶିଳ୍ପ ରୂପ, ସମୟର ପରିବର୍ତ୍ତନ ସହ ଜୀବନ ଓ ଜଗତରେ ଯେଉଁ ସବୁ ପରିବର୍ତ୍ତନ ଘଟିଯାଉଛି, ତାକୁ ସଠିକ୍ ଭାବରେ ବୁଝି ଉପନ୍ୟାସରେ ତାର ସଠିକ୍ ରୂପାୟନ କରିବା ହେଉଛି ନୂତନ ଔପନ୍ୟାସିକର ଦାୟିତ୍ୱ।

**ସାହିତ୍ୟ ଚର୍ଚ୍ଚା:** ଆଜିର ଏହି ମନୋଜ୍ଞ ଆଲୋଚନାଟି ପାଇଁ ଆପଣଙ୍କୁ ଅଶେଷ ଧନ୍ୟବାଦ।

□□



**କବିତା**

# କେଇପଦ ସମ୍ବଲପୁରୀ

**ପ୍ରଫୁଲ୍ଲ କୁମାର ତ୍ରିପାଠୀ**



**ସମ୍ବଲପୁରୀ:**

## ଆମର୍ ଭାଗ୍ୟରେଖା

ନିଜର୍ ଭିତ୍‌ରେଁ ଲୁକିଛେ ଯେନ୍
ମୁନୁଷ୍‌ପନ୍‌କେ ଖୁଜୁଁ
ସେଟା’ନ ଆମର୍ ଅବ୍‌ଗା ମାଲିକ୍
ଏତ୍‌କି ଆଘୋ ବୁଝୁଁ

ଜାଂଗଲ୍, ସଂସାର୍ କେନ୍‌ସି ଠାନେ
ନାଇନ କିଛି ଅଭାବ୍
ଜୀବନ୍ ଧନ୍ ପାଏବାର୍ ଲାଗି
ବଦ୍‌ଲେଇ ଦଉଁ ସ୍ୱଭାବ୍

ବଏସିରା ସବୁ ବଂଧନ୍ ଆ’ନ୍
ସେନୁ ପାଏଲେଁ ମୁକ୍ତି
ମନ୍ ଭିତ୍‌ରେ କଅଁଲିବା ଫେର୍
ନୂଆଁ ଜ୍ଞାନ୍, ଭାବ୍, ଭକ୍ତି

ନୂଆଁ ରକ୍‌ମେ ଜିଇଁ ଶିଖ୍‌ଲେଁ
ଜୁନ୍‌ହାଁ ନାଇଁଦିଏ ଦେଖା
ନୂଆଁ ରୂପ୍ ଧରି ଉପ୍‌କି ଉଠ୍‌ବା
ଆମର୍ ଭାଗ୍ୟରେଖା

**ଓଡ଼ିଆ ଭାଷାନ୍ତର:**

## ଆମର ଭାଗ୍ୟରେଖା

ନିଜ ଭିତରେ ଲୁଚିରହିଥିବା
ମଣିଷପଣିଆ ଖୋଜୁଁ
ତାହା ହିଁ ଆମର ପ୍ରକୃତ ମାଲିକ
ଏତିକି ଆଗ ବୁଝୁଁ

ଶରୀର, ସଂସାର କୌଣସିଠାରେ
ନାହିଁ ତ କିଛି ଅଭାବ
ଜୀବନ ଧନ ପାଇବା ନିମଂତେ
ବଦଳାଇଦେଉଁ ସ୍ୱଭାବ

ଅଭ୍ୟାସ ସବୁ ଆମର ବଂଧନ
ତହିଁରୁ ପାଇଲେ ମୁକ୍ତି
ମନ ଭିତରେ କଅଁଳିବ ପୁଣି
ନୂଆ ଜ୍ଞାନ, ଭାବ, ଭକ୍ତି

ନୂଆ ପ୍ରକାରେ ଜିଇଁବା ଶିଖିଲେ
ପୁରୁଣା ଦେବନି ଦେଖା
ନୂଆ ରୂପ ଧରି ଉକୁଟି ଉଠିବ
ଆମର ଭାଗ୍ୟରେଖା



□□

(କବିଙ୍କ କଲମରୁ ଏହି ସ୍ତମ୍ଭରେ
ପ୍ରତି ମାସରେ ପଢ଼ିବା
କେଇପଦ ସମ୍ବଲପୁରୀ କବିତା)

**ପ୍ରବନ୍ଧ**

# ସନ୍ଥକବି ଭୀମଭୋଇଙ୍କ ତମସାଚ୍ଛନ୍ନ ଜୀବନ ରହସ୍ୟ



ଡ. ରମାକାନ୍ତ ନାୟକ

ଉନବିଂଶ ଶତାବ୍ଦୀ ଦ୍ୱିତୀୟାର୍ଦ୍ଧରେ ଯେତେବେଳେ ଅନୀତି, ଦୁର୍ନୀତି, ଅତ୍ୟାଚାର ଓ ଶୋଷଣ ବ୍ୟାପକ ଭାବେ କାୟା ବିସ୍ତାର କରି ଅତ୍ୟନ୍ତ ଦୁର୍ବିସହ କରିଦେଇଥିଲା ସାମାଜିକ ବ୍ୟବସ୍ଥା ଓ ଜାତୀୟ ଜୀବନକୁ ଏବଂ ନୈତିକତା, ଆଧ୍ୟାତ୍ମିକତା ଓ ମାନବିକତାର ଭାବ ନିଷ୍ପ୍ରଭ ହୋଇଯାଇଥିଲା ସେହି ସମୟରେ ଦିଗଭ୍ରାନ୍ତ ମଣିଷକୁ ଯଥାର୍ଥ ମାର୍ଗ ପ୍ରଦର୍ଶନ ଅଭିପ୍ରାୟରେ ମନସ୍ୱୀ ମନୀଷୀ ସନ୍ଥ, ପ୍ରବକ୍ତା, ଚିନ୍ତକ, କବି ଓ ପ୍ରଜ୍ଞାବିତ୍ ଭୀମଭୋଇଙ୍କର ପ୍ରଭାବଶାଳୀ ଭୂମିକା ଥିଲା ତାତ୍ପର୍ଯ୍ୟପୂର୍ଣ୍ଣ। ସତ୍ୟସନ୍ଧାନର ଅଦମ୍ୟ ତୃଷ୍ଣାରେ ଉଦ୍ଦୀପିତ ସାଧୁ ଭୀମଭୋଇ ବିସ୍ତୀର୍ଣ୍ଣ ମାନସିକ ସୃଜନଶୀଳତା ଓ ଭାବଗମ୍ଭୀର ଚେତନାର କ୍ଷିପ୍ର ଆବେଗମୟ ସ୍ଫୁରଣ ମଧ୍ୟରେ ଯେପରି ସାଧନା ଉନ୍ମୁଖ ହୋଇଛନ୍ତି, ତାହା ବିସ୍ମୟକର। ସତ୍ୟ ମହିମାଧର୍ମର ତୃତୀୟ ପିଢ଼ିର ଏହି ଦୀପ୍ତିମାନ ସାଧକ ଅକଥନୀୟ ବିଷାଦରେ ଭାରାକାନ୍ତ ଅଥଚ ଆଧ୍ୟାତ୍ମିକ ତନ୍ମୟତା ଓ ବିଶ୍ୱଦରଦୀ ପ୍ରାଣର ଶାଶ୍ୱତ ଅନାବିଳ ଅନୁଭବରେ ପରିପୂର୍ଣ୍ଣ ଜୀବନ ଏବେ ମଧ୍ୟ ଅନେକାଂଶରେ ତମସାଚ୍ଛନ୍ନ ଓ ରହସ୍ୟାବୃତ। ତାଙ୍କର ଜନ୍ମସ୍ଥାନ, ଜନ୍ମକାଳ, ଦୃଷ୍ଟିଶକ୍ତି, ଗୃହସ୍ଥ ଜୀବନ ସମ୍ବନ୍ଧିତ କିମ୍ବଦନ୍ତି ନିସୃତ ଅଲୌକିକ କାହାଣୀ ଯେତିକି ରୋମାଞ୍ଚର ସେତିକି ବିସ୍ମୟକର।

ଭୀମଭୋଇଙ୍କ ଜନ୍ମ ସମ୍ବନ୍ଧରେ ଐତିହାସିକ ନବୀନ କୁମାର ସାହୁଙ୍କ ମତ "ଅନ୍ଧ ଶିଶୁକୁ ପରିତ୍ୟକ୍ତ ଅବସ୍ଥାରେ ଜଟାଶିଙ୍ଗା ଗାଁ ମୁଣ୍ଡର ଘୋର ଅରଣ୍ୟ ମଧ୍ୟରେ ଅସହାୟ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। କଙ୍କଡ଼ାପଡ଼ାର କୁଡ଼ିଆ ମଧ୍ୟରେ ରହି ଜୀବନଯାପନ କରୁଥିବା ବେଳେ ଏକଦା ସେ ଗାଈ ଚରାଇବାକୁ ଯାଇ ଜଙ୍ଗଲ ମଧ୍ୟସ୍ଥ ଏକ କୂପ ମଧ୍ୟରେ ଖସି ପଡ଼ିଥିଲେ। କନ୍ଧବାଳକ ଦୀର୍ଘ ତିନିଦିନ କାଳ କ୍ଷୁଧା ପ୍ରପୀଡ଼ିତ ହୋଇ କୂଅ ଭିତରେ ରହିଲେ। ଜୀବନର ସବୁ ଆଶା କ୍ଷୀଣ ହୋଇଯାଇଥିବା ବେଳେ ଭୀମଭୋଇଙ୍କ ଆର୍ତ୍ତକ୍ରନ୍ଦନ ମହିମା ଗୋସେଇଁଙ୍କ କାନରେ ପଡ଼ିଲା। ସେ ଦୟାପରବଶ ହୋଇ ତାଙ୍କୁ କୂପରୁ ଉଦ୍ଧାର କରିଥିଲେ। ଭୀମ ଆସନ୍ନ ମୃତ୍ୟୁମୁଖରୁ ରକ୍ଷା ପାଇ ମହିମା ସ୍ୱାମୀଙ୍କ ଶିଷ୍ୟତ୍ୱ ଗ୍ରହଣ ପୂର୍ବକ ସେହି ଧର୍ମରେ ଦୀକ୍ଷିତ ହେଲେ।" କିନ୍ତୁ ପ୍ରଫେସର ନରେନ୍ଦ୍ର ନାଥ ବସୁ ତାଙ୍କର ପୁସ୍ତକ "ମଡର୍ଣ୍ଣ ବୁଦ୍ଧିଜିମ୍ ଆଣ୍ଡ ଇଟ୍‌ସ ଫଲୋଅର ଇନ୍ ଓଡ଼ିଶା" ରେ ଉଲ୍ଲେଖ କରିଛନ୍ତି, ଭୀମଭୋଇ ଢେଙ୍କାନାଳ ରାଜ୍ୟ ଅନ୍ତର୍ଗତ ଯୋରନ୍ଦା ଗ୍ରାମରେ ଜନ୍ମଲାଭ କରିଥିଲେ।

**ଜୀବନର ସବୁ ଆଶା କ୍ଷୀଣ ହୋଇଯାଇଥିବା ବେଳେ ଭୀମଭୋଇଙ୍କ ଆର୍ତ୍ତକ୍ରନ୍ଦନ ମହିମା ଗୋସେଇଁଙ୍କ କାନରେ ପଡ଼ିଲା। ସେ ଦୟାପରବଶ ହୋଇ ତାଙ୍କୁ କୂପରୁ ଉଦ୍ଧାର କରିଥିଲେ।**

ତାଙ୍କର ସମ୍ପୂର୍ଣ୍ଣ ନାମ ଥିଲା ଭୀମସେନ ଭୋଇ ଅରକ୍ଷିତ ଦାସ। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଉନବିଂଶ ଶତାବ୍ଦୀର ମଧ୍ୟଭାଗରେ ଯୋରନ୍ଦା ଅଞ୍ଚଳରେ କୌଣସି କନ୍ଧବସତି ଥିବାର ପ୍ରମାଣ ପରିଦୃଷ୍ଟ ହୁଏ ନାହିଁ। ପ୍ରଫେସର ଆର୍ତ୍ତବଲ୍ଲଭ ମହାନ୍ତି କହନ୍ତି, ଭୀମଭୋଇ ପ୍ରାୟତଃ ୧୮୫୫ ମସିହାରେ ରେଢ଼ାଖୋଲ ନିକଟସ୍ଥ ଗ୍ରାମଡିହାରେ ଜନ୍ମଗ୍ରହଣ କରିଥିଲେ। ଗବେଷକ ଭାଗୀରଥି ନେପାକଙ୍କ ମତରେ ବଲାଙ୍ଗିରର ଜଟାସିଙ୍ଗା ଗ୍ରାମ ତାଙ୍କର ଜନ୍ମସ୍ଥଳୀ ଥିଲା। ଅନାଥ ବାଳକ ଭୀମଙ୍କୁ ଲାଳନ ପାଳନ କରିଥିଲେ କନ୍ଧ ଦମ୍ପତି ଦାନରା ଓ ଗୁରୁବାରୀ। ପଣ୍ଡିତ ବିନାୟକ ମିଶ୍ର ମତ ପୋଷଣ କରନ୍ତି, ଭୀମ ଭୋଇଙ୍କ ଜନ୍ମ ୧୮୬୦ ଓ ମୃତ୍ୟୁ ୧୮୯୫ ମସିହାରେ ହୋଇଥିଲା। ପ୍ରଖ୍ୟାତ ଐତିହାସିକ ବିଜୟ ଚନ୍ଦ୍ର ମଜୁମଦାର ତାଙ୍କ ରଚିତ ପୁସ୍ତକ "ଟିପିକାଲ ସିଲେକ୍‌ସନ ଫ୍ରମ୍ ଓଡ଼ିଆ ଲିଟରେଚର" ରେ ବର୍ଣ୍ଣନା କରିଛନ୍ତି, "ଭୀମ ଭୋଇ ୱାଜ୍ ବର୍ଣ୍ଣ ଇନ୍ ଏ ପୁଅର କନ୍ଧ ଫ୍ୟାମିଲି ଇନ୍ ଦି ଫେଡୁଟୋରୀ ଷ୍ଟେଟ୍ ଅଫ୍ ରାଇରାଖୋଲ, ନଟ୍ ୟର୍ଲିଅର ଦେନ୍ ୧୮୫୫ ଫର ହ୍ୱେନ୍ ହି ଡାଏଡ୍ ଇନ୍ ଖଲିଆପାଲି ଇନ୍ ୧୮୯୫"।

ବିଶିଷ୍ଟ ସମାଲୋଚକ ଚିତ୍ତରଞ୍ଜନ ଦାସ ତାଙ୍କର "ଓଡ଼ିଶାର ମହିମା ଧର୍ମ" ଗ୍ରନ୍ଥରେ ଭୀମଭୋଇଙ୍କ ଜୀବନକାଳକୁ ଓଡ଼ିଆ ସାହିତ୍ୟର ଭଞ୍ଜଯୁଗୀୟ ସମୟ ଭାବରେ ନିରୂପଣ କରନ୍ତି। ତାଙ୍କ ଜନ୍ମପୂର୍ବରୁ ସିଦ୍ଧକବି ଶ୍ରୀଧର ସ୍ୱାମୀ ସିଦ୍ଧ ଚନ୍ଦ୍ରିକାରେ ଭୀମଭୋଇଙ୍କ ଜନ୍ମ ସମ୍ପର୍କରେ ଜଗନ୍ନାଥ ଓ ବାରଙ୍ଗ କଥୋପକଥନ ପ୍ରସଙ୍ଗରେ ବ୍ୟକ୍ତ କରିଥିଲେ,

"ବଉଦ ରେଢ଼ାଖୋଲ ଠାରେ, ପ୍ରଭୁ ବିଜୟ ଏକାନ୍ତରେ।
କନ୍ଧ ଅଂଶରେ ଜନ୍ମ ହୋଇ, ନିତ୍ୟ ରାଧିକା ଥିବ ତହିଁ।
ପୁଂଲିଙ୍ଗେ ହୋଇଥିବ ଜାତ, ଜନ୍ମରୁ ନେତ୍ର ତା ମୁଦ୍ରିତ।
ଅନ୍ତେ ତା' ସ୍ଫୁରୁଥିବ ନାମ, ବାଛୁରୀ ରଖୁଆଳ କର୍ମ।
ଜନ୍ମରୁ ଅନ୍ଧଥିଲା ହୋଇ,
ନେତ୍ର ଫିଟିଲା ପ୍ରଭୁ ଚାହିଁ॥"

(ସିଦ୍ଧ ଚନ୍ଦ୍ରିକା, ଅଷ୍ଟମ ଅଧ୍ୟାୟ)

ଏହା ବ୍ୟତୀତ ଅଚ୍ୟୁତାନନ୍ଦ ଦାସଙ୍କ 'ଆଦି ସଂହିତା', 'କଳ୍ପ ସଂହିତା'ରେ ମଧ୍ୟ ଅନୁରୂପ ଭାବେ ଭବିଷ୍ୟତ ବାଣୀ ଉଲ୍ଲିଖିତ ହୋଇଥିଲା। ଚିତ୍ତରଞ୍ଜନ ଦାସ କହନ୍ତି, ଏକଦା ମଧ୍ୟରାତ୍ରରେ ସ୍ୱୟଂ ମହିମା ସ୍ୱାମୀ ସାଧୁ ସିଦ୍ଧ ଗୋବିନ୍ଦ ବାବାଙ୍କ ସହିତ ଭୀମଭୋଇଙ୍କ ଗୃହକୁ ଆଗମନ କରି ତାଙ୍କୁ ଦୃଷ୍ଟିଶକ୍ତି ପ୍ରଦାନ ପୂର୍ବକ ମହିମାଧର୍ମର ପ୍ରଚାର ପାଇଁ ନିର୍ଦ୍ଦେଶ ଦେଇଥିଲେ। ଗୁରୁଙ୍କ କୃପା ଯୋଗୁଁ ଦୃଷ୍ଟିଶକ୍ତି ଫେରିପାଇଥିବା ଭୀମଭୋଇ ମହିମା ଗୋସେଇଁଙ୍କ ପାଦପଦ୍ମ ଦର୍ଶନ ପରେ  ପାର୍ଥିବ ଜଗତର କଲ୍ମଷକୁ ଅବଲୋକନ କରି ମର୍ମାନ୍ତିକ ଯାତନା ଭୋଗ କରିବାକୁ ଅନିଚ୍ଛା ପ୍ରକାଶ କଲେ। ବରଂ ନିର୍ଲିପ୍ତ ସାଧନା ମଧ୍ୟରେ ଅନ୍ତର୍ଜ୍ୟୋତିକୁ ନିରୀକ୍ଷଣ କରିବାର ଦିବ୍ୟ ଅନ୍ତର୍ଦୃଷ୍ଟି ପ୍ରଦାନ କରିବାକୁ ସେ ପ୍ରାର୍ଥନା କଲେ। ଗୁରୁକୃପା ଯୋଗୁଁ ଭୀମଭୋଇଙ୍କର ବାହ୍ୟଦୃଷ୍ଟି ଅନ୍ତର୍ହିତ ହୋଇଗଲା ଏବଂ ଅନ୍ତଃକରଣ ଐକାନ୍ତିକ ଜ୍ୟୋତିରେ ଉଦ୍‌ଭାସିତ ହୋଇଗଲା। ତାଙ୍କର ଅନ୍ତର୍ଦୃଷ୍ଟି ଶତଗୁଣରେ ବିସ୍ତାରିତ ହୋଇଗଲା। ଏହି ତଥ୍ୟକୁ ଅଭିବ୍ୟକ୍ତ କରି "ସତ୍ୟମହିମା ଧର୍ମ ଇତିହାସ"ରେ ବିଶ୍ୱନାଥ ବାବା ବର୍ଣ୍ଣନା କରି କହନ୍ତି, ସମ୍ଭବତଃ ଭୀମଭୋଇ ତାଙ୍କ ଜୀବନର ଏହି ଅଲୌକିକ ଘଟଣାକୁ ତାଙ୍କ ଲିଖିତ "ନିର୍ବେଦ ସାଧନା" ପୁସ୍ତକରେ ଉଲ୍ଲେଖ କରିଛନ୍ତି। 'ସ୍ତୁତି ଚିନ୍ତାମଣି'ରେ ମଧ୍ୟ ଗୁରୁଙ୍କ ନିର୍ଦ୍ଦେଶ କ୍ରମେ ଜନ୍ମସ୍ଥାନ ପରିତ୍ୟାଗ କରିଥିବା ବିଷୟ ସେ ବର୍ଣ୍ଣନା କରିଛନ୍ତି। ୬୪ ବୋଲିରେ ଉଲ୍ଲେଖ ଅଛି – "ଜନମଭୂମିରୁ କାଢ଼ି ଆଣି ମୋତେ, ବଇଷ୍ଣବ ଦୀକ୍ଷା ଦେଲେ।
ସାଧୁ ପଣେ ଥାଇ ଗୃହୀ ମୁଁ ହୋଇଲି, କରତା ଏତକ କଲେ॥"



ଯେତେବେଳେ ମାତ୍ର ଚାରିବର୍ଷ ବୟସ୍କ ହୋଇଥିଲେ, ଭୀମଭୋଇ ଶଙ୍ଖ, ଚକ୍ର ପ୍ରଭୃତି ପବିତ୍ର ଚିହ୍ନରେ ଶୋଭିତ ଜଣେ ପରିବ୍ରାଜକ ଯୋଗୀଙ୍କୁ ନିଜ ଗ୍ରାମରେ ଦର୍ଶନ କରି ଐଶ୍ୱରୀୟ ମହାଭାବରେ ତଲ୍ଲୀନ ହୋଇଥିଲେ। 'ସ୍ତୁତି ଚିନ୍ତାମଣି'ର ୨୧ ବୋଲିରେ ଉଲ୍ଲେଖ କରିଛନ୍ତି,

"ଚାରିବର୍ଷ ସମ୍ପୂର୍ଣ୍ଣ ସମୟରେ
ଦେଖାଦେଲା ଜ୍ୟେଷ୍ଠ ମାସେ,
ନିର୍ବେଦ କ୍ରମେ ଯୋଗୀପୁତ୍ର
ଗୋଟିଏ ଭ୍ରମୁଥିଲେ ଗ୍ରାମ
ଦେଶେ॥"

ସମ୍ଭବତଃ ସେହି ଯୋଗୀ ଥିଲେ ମହିମା ଗୋସେଇଁ, ଯାହାଙ୍କ ଉଦ୍ଦେଶ୍ୟରେ ତାଙ୍କର ଅନେକ ଆଧ୍ୟାତ୍ମିକ ତନ୍ମୟତାଭରା ଈଶ୍ୱରାନୁରାଗ ସମ୍ବଳିତ ଭଜନ ଓ କବିତା ଉତ୍ସର୍ଗ କରିଛନ୍ତି।

ଭକ୍ତକବି ଭୀମଭୋଇ ଜନ୍ମାନ୍ଧ ଥିଲେ ବୋଲି ଐତିହାସିକ ନଗେନ୍ଦ୍ର ନାଥ ବସୁ ମତ ପ୍ରକାଶ କରୁଥିବା ବେଳେ, ଏହାକୁ କେନ୍ଦ୍ର କରି ପ୍ରବଳ ମତଦ୍ୱନ୍ଦ୍ୱ ଦେଖାଯାଏ। ପ୍ରଫେସର ବସୁଙ୍କର ଏହି ଉକ୍ତିକୁ ଗବେଷକ ବିଜୟ ଚନ୍ଦ୍ର ମଜୁମଦାର, ପଣ୍ଡିତ ବିନାୟକ ମିଶ୍ର ଓ ପ୍ରଫେସର ଆର୍ତ୍ତବଲ୍ଲଭ ମହାନ୍ତି ଦୃଢ଼ ସମର୍ଥନ କରୁଥିବା ବେଳେ, ପ୍ରତ୍ନତତ୍ତ୍ୱବିତ୍ କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ଓ ଗବେଷକ ଭାଗୀରଥି ନେପକ ଭୀମଭୋଇଙ୍କ ଅନ୍ଧତ୍ୱକୁ ସ୍ୱୀକାର କରନ୍ତି ନାହିଁ। 'ସ୍ତୁତି ଚିନ୍ତାମଣି'ର ମୁଖବନ୍ଧରେ ପ୍ରଫେସର

ଆର୍ତ୍ତବଲ୍ଲଭ ମହାନ୍ତି ଦର୍ଶାଇଛନ୍ତି, ଶ୍ୟାମଘନଙ୍କ ଅଲେଖ ମାଳିକା, ଅଚ୍ୟୁତାନନ୍ଦଙ୍କ ମହାଶୂନ୍ୟ ସଂହିତା, କଣ୍ଠ ସଂହିତା, ନିର୍ଗୁଣ ସଂହିତା, ଯଶୋବନ୍ତଙ୍କ ମାଳିକା ଏବଂ ଶ୍ରୀଧରଙ୍କର "ସିଦ୍ଧ ଚନ୍ଦ୍ରିକା"ରୁ ପ୍ରମାଣ ମିଳେ ଯେ, ଭୀମଭୋଇ ନିଃସନ୍ଦେହରେ ଆଜନ୍ମ ଅନ୍ଧ ଥିଲେ। ଏହି ପ୍ରସଙ୍ଗରେ ବିଜୟଚନ୍ଦ୍ର ମଜୁମଦାରଙ୍କର ଉକ୍ତି, "ଆଇ କ୍ୟାନ୍ ଅନ୍ ଦି ଷ୍ଟ୍ରେଙ୍ଗଥ୍ ଅଫ୍ ସମ୍ ଇଣ୍ଟରନାଲ ଏଭିଡେନ୍ସ୍ କଲେକ୍ଟଡ୍ ଫ୍ରମ୍ ହିଜ୍ ରାଇଟିଂ ଦ୍ୟାଟ୍ ହି ୱାଜ୍ ନଟ୍ ବର୍ଣ୍ଣ ବ୍ଲାଇଣ୍ଡ ବଟ୍ ବିକେମ୍ ବ୍ଲାଇଣ୍ଡ ଡ୍ୟୁରିଂ ଦି ଯଲିୟର ଇୟରସ୍ ଅଫ୍ ହିଜ୍ ୟୁଥ୍" ଡ. ମାୟାଧର ମାନସିଂ, ତାଙ୍କ ରଚିତ ଗ୍ରନ୍ଥ "ହିଷ୍ଟ୍ରି ଅଫ୍ ଓଡ଼ିଆ ଲିଟରେଚର"ରେ ବର୍ଣ୍ଣନା କରିଛନ୍ତି, ଭୀମ ତାଙ୍କର ବାଲ୍ୟକାଳରେ ବସନ୍ତ ରୋଗରେ ପୀଡ଼ିତ ହୋଇ ଦୃଷ୍ଟିଶକ୍ତି ହରାଇଥିଲେ। ଚିତ୍ତରଞ୍ଜନ ଦାସ "ଓଡ଼ିଶାର ମହିମା ଧର୍ମ" ପୁସ୍ତକରେ ଏହି ମତକୁ ସମର୍ଥନ କରନ୍ତି। ସତ୍ୟ ମହିମା ଧର୍ମର ଅନ୍ୟତମ ପ୍ରବକ୍ତା ବିଶ୍ୱନାଥ ବାବା ତାଙ୍କ ରଚିତ ବିଭିନ୍ନ ରଚନାବଳୀରେ ଭୀମଭୋଇ ଅନ୍ଧ ଥିବା ଦୃଢ଼ କଣ୍ଠରେ ବ୍ୟକ୍ତ କରନ୍ତି।

**ଭାଗୀରଥି ନେପାକ ଭୀମଭୋଇଙ୍କ ରଚନାବଳୀର ଅନୁଧ୍ୟାନ କରି ସେସବୁର ପ୍ରମାଣ ଆଧାରରେ ମତ ପୋଷଣ କରନ୍ତି ଯେ ଭୀମଭୋଇ ଆଦୌ ଅନ୍ଧ ନଥିଲେ।**

ମହାତ୍ମା ଭୀମଭୋଇଙ୍କ ସ୍ୱରଚିତ ବୋଲି, ଭଜନ, ଚଉତିଶା, ଜଣାଣ ଓ ଗୀତ ଗୁଡ଼ିକରେ ସେ ବାସ୍ତବରେ ସ୍ଥୂଳ ଶରୀରରେ ଦୃଷ୍ଟିହୀନ ଥିବାର କୌଣସି ସତ୍ୟତା ଅନୁଭବ କରିହୁଏ ନାହିଁ। ଗୋଟିଏ ମାତ୍ର ପଙ୍କ୍ତିରେ ନିଜର ଅନ୍ଧତ୍ୱକୁ ସେ ସ୍ୱୀକାର କରିଛନ୍ତି, ଯାହା ସାଂସାରିକ ଓ ସାମାଜିକ ବ୍ୟବସ୍ଥା ପ୍ରତି ତାଙ୍କର ନିଗୂଢ଼ ଅଜ୍ଞତା ଓ ଉଦାସୀନତାର ଭାବକୁ ପ୍ରକାଶ କରିବା ନିମିତ୍ତ ଉଦ୍ଦିଷ୍ଟ ଥିବା ଭଳି ବୋଧହୁଏ।

"ଭଣିଲେ ଭୀମ କନ୍ଧ ମୁଁ ପାପୀ ଜନ୍ମ ଅନ୍ଧ
ଭାଗ୍ୟଥିଲେ ଧରିଥିବି ଶ୍ରୀଗୁରୁ ପାଦ॥" (ଭୀମଭୋଇ ଗ୍ରନ୍ଥାବଳୀ -ପୃ-୨୫୫)

ଅନ୍ୟପକ୍ଷରେ 'ସ୍ତୁତି ଚିନ୍ତାମଣି'ର ୭୧ ବୋଲିରେ ଉଲ୍ଲେଖ କରିଛନ୍ତି,

"ରୂପଗୁଣ ବର୍ଣ୍ଣ ଜାନୁ ଯଉବନ ନେତ୍ରେ ଯାହା ଅଛି ଦେଖି,
ଶୋଭା ସୁନ୍ଦର ସୁରଙ୍ଗ ଦ୍ରବ୍ୟମାନ ଯାହା ଦେଖିଅଛି ଆଖି॥"

ପୁନଶ୍ଚ ୨୧ ବୋଲିରେ ଲେଖିଛନ୍ତି, "ମେଦ ମେଦା ପୃଥ୍ୱୀ ଦେହ ବହୁଛନ୍ତି ତରୁ ଅଛନ୍ତି କି କରି,
ଚାହିଁ ଆକାଶକୁ ଭାଳଇ ମନକୁ ଦେହ ଯାଉଥାଏ ମରି।"

ସ୍ୱଚକ୍ଷୁରେ ଦେଖୁଥିବା ବିଷୟ ସେ ଅନ୍ୟ ଏକ ପ୍ରସଙ୍ଗରେ ମଧ ବର୍ଣ୍ଣନା କରିଛନ୍ତି-

"ଆକାଶକୁ ଚାହିଁ କେତେ ବର୍ଣ୍ଣିବି ପଦ।
କଳିଯୁଗ ମୋର ଠାରେ ଲାଗିଛି ବାଦ॥"
(ଭୀମଭୋଇ ଗ୍ରନ୍ଥାବଳୀ ପୃ-୨୫୩)

ଗୁରୁଙ୍କ ସ୍ୱର୍ଗାରୋହଣ ପରେ ଅବ୍ୟକ୍ତ ଦୁଃଖ ଓ ଅନୁଶୋଚନାରେ ମ୍ରିୟମାଣ କବିଙ୍କ କଣ୍ଠରୁ ନିସୃତ ହୋଇଛି,

"ପ୍ରତ୍ୟକ୍ଷରେ ଦେଖିଥିଲୁ ନୟନ ପୂରାଇ।
ଏବେ କାହିଁ ଛାଡ଼ିଗଲେ ଢ଼ାଙ୍କୁଣୀ ଘୋଡ଼ାଇ,
ସ୍ଥାନ ମାନ ଅସୁନ୍ଦର
ମନ୍ଦିରକୁ ଚାହିଁ ନେତ୍ରୁ ବହୁଅଛି ନୀର॥"

କବି ଚକ୍ଷୁସ୍ମାନ ଥିବାର ପ୍ରମାଣ ତାଙ୍କ ରଚିତ 'ଚଉତିଶା ମଧୁଚକ୍ର'ରୁ ମଧ ଉଲବ୍ଧି ହୁଏ।

"ଶୂନ୍ୟ ପ୍ରଭୁଙ୍କୁ ମୁଁ କରୁଛି
ଭଜନା।
ଟଳି ଯାଉଅଛି ମୋର ଆଗତ
ପାଞ୍ଜନା,
ଟାକି ଅଛି କରତାଙ୍କୁ,
ଟିକସ ବସିଗଲାଣି ନେତ୍ରେ ଦେଖୁ ଦେଖୁ। (ପୃ-୨)

ଭାଗୀରଥି ନେପାକ ଭୀମଭୋଇଙ୍କ ରଚନାବଳୀର ଅନୁଧ୍ୟାନ କରି ସେସବୁର ପ୍ରମାଣ ଆଧାରରେ ମତ ପୋଷଣ କରନ୍ତି ଯେ ଭୀମଭୋଇ ଆଦୌ ଅନ୍ଧ ନଥିଲେ। ସେ ଯୁକ୍ତି ଉପସ୍ଥାପନ କରନ୍ତି, ଜଣେ ଦୃଷ୍ଟିହୀନ ବାଳକ ପକ୍ଷରେ ଜଙ୍ଗଲ ମଧ୍ୟରେ ଗୋଚାରଣ ପ୍ରଭୃତି କାର୍ଯ୍ୟ ନିର୍ବାହ କରିବା ଅସମ୍ଭବ। 'ସ୍ତୁତି ଚିନ୍ତାମଣି'ରେ କବି ନିଜର ବ୍ୟଥାତୁର ଜୀବନକୁ ବର୍ଣ୍ଣନା କରିଛନ୍ତି, "ବୁଲୁଥାଇ ବନେ ନିତି ପ୍ରତିଦିନେ ବତ୍ସାକୁ ସଙ୍ଗତେ ଘେନି,
କ୍ଷୁଧା ତୃଷା କାଳେ ଜୀବନ ବିକଳେ ପିଉଥାଏ ଝର ପାଣି॥"
ଆକାଶକୁ ଚାହିଁ ମନରେ ଭାଳଇ କରୁଥାଇ ପରା ହେଜ,
ବେଳେ ହୋଇନାହିଁ ଯିବି ମୁଁ କି ହୋଇ ନମିଳିବ ପାଣି ପେଜ॥

ଏଥିରେ ମଧ ତାଳପତ୍ର ପୋଥି ଓ ଲେଖନୀ ମୁନରେ ସ୍ୱୟଂ

ରଚନା କରୁଥିବା କଥା ଏକାଧିକବାର ଉଲ୍ଲେଖ କରିଛନ୍ତି। ତେବେ ଗଭୀର ରାତ୍ରରେ ମହିମା ଗୋସେଇଁଙ୍କ ଅପାର କୃପାରୁ ଭୀମଭୋଇ ଯେଉଁ ଦୃଷ୍ଟିଶକ୍ତି ପ୍ରାପ୍ତ ହୋଇଥିଲେ, ତାହା ସ୍ଥୂଳ ଶାରୀରିକ ନୁହେଁ ବରଂ ଅଜ୍ଞାନ ତିମିରର ଆବରଣକୁ ବିଦୀର୍ଣ୍ଣ କରିବାର ପ୍ରତିକାତ୍ମକ ସୂକ୍ଷ୍ମ ଦୃଷ୍ଟିଶକ୍ତି। ଏହା ସ୍ୱୀକାର୍ଯ୍ୟ ଯେ, ମହିମା ଧର୍ମର ସଂସ୍ପର୍ଶରେ ଆସିବା ଯୋଗୁଁ ତାଙ୍କ ଚେତନାର ଦିଗ୍‌ବଳୟରେ ଐଶ୍ୱରୀୟ ପ୍ରେରଣାର ନବୀନ ସୂର୍ଯ୍ୟ ଉଦିତ ହୋଇଥିଲା। ଗବେଷକ ନେପାକ ଅନୁଭବ କରନ୍ତି ଯେ ମହିମାଧର୍ମକୁ ଗୌରବାନ୍ୱିତ କରିବା ନିମିତ୍ତ ଅନ୍ଧ ଭୀମଭୋଇ ଅସୀମ ଗୁରୁକୃପା ହେତୁ ଉଚ୍ଚକୋଟୀର ସାହିତ୍ୟ ସାଧକରେ ରୂପାନ୍ତରିତ ହୋଇ ଅଜସ୍ର ସାରସ୍ୱତ କୃତି ସମ୍ଭାର ସୃଜନ କରିବାରେ ସକ୍ଷମ ହୋଇପାରିଥିବା କଳ୍ପନା ପ୍ରସୂତ ଉପାଖ୍ୟାନକୁ ଇଚ୍ଛାକୃତ ଭାବରେ ସୃଷ୍ଟି କରାଯାଇଛି। ପ୍ରତ୍ୟେକ ଧର୍ମରେ ଏତାଦୃଶ ଅତିଭୌତିକ ଓ ଆଶ୍ଚର୍ଯ୍ୟଜନକ ଘଟଣାବଳୀ ଅବତାରଣା କରି ସରଳ ଭକ୍ତମାନଙ୍କ ମନରେ ଧର୍ମ ପ୍ରତି ପ୍ରଗାଢ଼ ବିଶ୍ୱାସ ଓ ଭକ୍ତି ଭାବନା ଜନ୍ମାଇବାର ପରମ୍ପରା ଅନାଦି କାଳରୁ ପ୍ରଚଳିତ ଅଛି। ଶ୍ରୀ ନେପାକଙ୍କ ମତରେ ମହିମା ଧର୍ମର ଅନୁବର୍ତ୍ତୀ ହେବା ପୂର୍ବରୁ ତାଙ୍କ ରଚିତ 'ଚଉତିଶା ମଧୁଚକ୍ର' ଓ 'ଚଉତିଶା ରସର କେଳି'ରେ ଯେଉଁ ସବୁ ଢଗଢମାଳି ଓ ସାଂସାରିକ ସୁଖଭୋଗ ଏବଂ ରାଧାଙ୍କର କୃଷ୍ଣଙ୍କ ପ୍ରତି ଗଭୀର ପ୍ରେମାଭିଳାଷ ଓ ମିଳନାକାଂକ୍ଷାର ଅବତାରଣା ହୋଇଛି, ତାହାକୁ ଅନୁଶୀଳନ କଲେ ତାଙ୍କର ଯେ ଦୃଷ୍ଟିଶକ୍ତି ନଥିଲା, ତାହା ସ୍ୱୀକାର କରି ହେବନାହିଁ। ଏହା ମଧ୍ୟ ନିଃସନ୍ଦେହରେ ପ୍ରମାଣିତ ହୁଏ ଯେ, ମହିମାଧର୍ମରେ ଦୀକ୍ଷିତ ହେବାପୂର୍ବରୁ ତାଙ୍କର ଅପୂର୍ବ କବି ପ୍ରତିଭା ଓ ସ୍ଥାନୀୟ ଅଞ୍ଚଳରେ ପ୍ରଚଳିତ ପରମ୍ପରା, ରୁଢ଼ି ତଥା ଭାଷା ଉପରେ ତାଙ୍କର ଯଥେଷ୍ଟ ସାମର୍ଥ୍ୟ ଥିଲା।




ଗ୍ରନ୍ଥ ଅପେକ୍ଷା ଜନଜୀବନର ପ୍ରାଞ୍ଜଳ ଅଧ୍ୟୟନରୁ ଭୀମଭୋଇଙ୍କ ଚେତନାରେ ଶାଶ୍ୱତ ଜ୍ଞାନ ଓ କବିତ୍ୱର ଉନ୍ମେଷ ଘଟିଥିଲା। ମହିମା ଧର୍ମ ସହିତ ସନ୍ନିବନ୍ଧିତ ହେତୁ ଏହି ସିଦ୍ଧାଚାର୍ଯ୍ୟଙ୍କୁ ଅକଥନୀୟ ଲାଞ୍ଛନା, ଅତ୍ୟାଚାର, ପ୍ରପୀଡନର ଶିକାର ହେବାକୁ ପଡ଼ିଥିଲା। ସମାଜର ଉଚ୍ଚଶ୍ରେଣୀୟ ବ୍ୟକ୍ତିଙ୍କ ବିଭୀଷିକାମୟ ଉତ୍ପୀଡ଼ନରେ ତାଙ୍କ ବିକଳ ବ୍ୟଥିତ ହୃଦୟ କ୍ରନ୍ଦନ କରିଉଠିଥିଲା। ଏହି ବିଭୀତ ପ୍ରାଣରୁ ଉଚ୍ଛ୍ୱସିତ ତାଙ୍କ ସାରସ୍ୱତ ସର୍ଜନାରେ ସେଥିପାଇଁ ପ୍ରତୀୟମାନ ହୁଏ ବିପ୍ଳବର ଉଗ୍ରସ୍ୱର। ଅବଶ୍ୟ ଏହି ସ୍ୱର କୌଣସି ନିର୍ଦ୍ଦିଷ୍ଟ ଜାତି ବା ଶ୍ରେଣୀ ବିରୋଧରେ ଅଭିପ୍ରେତ ହେବା ପରିବର୍ତ୍ତେ ଏହା ଥିଲା ସମଗ୍ର ମାନବ ସମାଜର ମଙ୍ଗଳ ପାଇଁ ଉଦ୍ଦିଷ୍ଟ। ମୁଖ୍ୟତଃ ନୈତିକ ମୂଲ୍ୟବୋଧର ଅବନତି ଓ ବ୍ୟକ୍ତିଗତ ସଚ୍ଚୋଟତାର ଅବକ୍ଷୟକୁ ପ୍ରତିବାଦ କରି ସେ ତାଙ୍କର ତୀବ୍ର ଅସନ୍ତୋଷ ବ୍ୟକ୍ତ କରିଥିଲେ। ତାଙ୍କ ପ୍ରକାଶ ଭଙ୍ଗୀରେ ଅଦମ୍ୟ ନିର୍ଭୀକତା ଓ ଦୃଢ଼ ଆତ୍ମବିଶ୍ୱାସ ପ୍ରଦର୍ଶନ କରିବା ସହ ମାନବୀୟ ପ୍ରେମ ଓ ସମ୍ବେଦନାକୁ ମୂର୍ତ୍ତ କରିବା ଥିଲା ପ୍ରମୁଖ ବୈଚିତ୍ର୍ୟ। ଈଶ୍ୱରଙ୍କ ଉପରେ ତାଙ୍କର ଅଟଳ ବିଶ୍ୱାସ ଥିଲା। ଚଉତିଶାରେ ସେ ତାଙ୍କ ବେଦନା ବିଧୁର ଜୀବନ ଚରିତକୁ ବର୍ଣ୍ଣନା କରି ଲେଖିଥିଲେ,

"ଖାତ ଭିତରେ ପକାଇ ମୋତେ,
ଗୋଡ଼ି ପୋତୁଅଛନ୍ତି ଖତରେ,
ଖ୍ୟାତି ଗଞ୍ଜଣା ଦେଲେ ସମସ୍ତେ।
ଗାଇ ପ୍ରାୟେ ଗଡ଼ାଇ ଭୂମିରେ,
କ୍ଷମାଦି ସାଗର ଉଦ୍ଧାର ନକଲେ,
ଗୁରୁଦେବ ସ୍ୱାମୀ ଉଦ୍ଧାର ନକଲେ,
ଖତ ହୋଇଲୁଟି ଆମ୍ଭେ ଜାଣ, ହେ ମହିମା॥"
ଜ୍ଞାନ ହଜିଲା ଦଣ୍ଡ ଶାସ୍ତିରେ, ହେ ମହିମା॥"

ପୂର୍ବସୂରି ସାରଳା ଦାସଙ୍କ ପରି ଭୀମ ଭୋଇ ତାଙ୍କ କବି ପ୍ରତିଭାର ସାମଗ୍ରିକ ଶ୍ରେୟ ଦୈବକୃପା ଓ ସର୍ବଶକ୍ତିମାନ ଈଶ୍ୱରଙ୍କୁ

ସବିନୟେ ଅର୍ପଣ କରିଛନ୍ତି। ସେ ପ୍ରଚଣ୍ଡ ଧୀଶକ୍ତିର ଅଧିକାରୀ ଥିବା ସତ୍ତ୍ୱେ ତାଙ୍କ ସାରସ୍ୱତ କୃତିର ଏକମାତ୍ର ଉତ୍ସ କେବଳ ବିଭୁକୃପା ବୋଲି ମୁକ୍ତ କଣ୍ଠରେ ସ୍ୱୀକାର କରନ୍ତି। ସେ "ଆଦିଅନ୍ତ ଗୀତା"ର ଅଷ୍ଟମ ଅଧ୍ୟାୟରେ ଏକାନ୍ତ ବିନତ ସ୍ୱରରେ ଗାଇଛନ୍ତି,

"ଜନମ କାଳରୁ ମୁର୍ଖ ମୁଁ ହୋଇଥିଲି,
ଷୋଳ ବରଷକେ କବି ମୁଁ କୃତ୍ୟ କଲି।
ବେଦଶାସ୍ତ୍ର ବୋଲି କିଛି ମୁଁ ଜାଣେ ନାହିଁ,
ଗୁରୁ ହୃଦ ପଦ୍ମେ ବସି ଯେ ଦେଲେ କହି।"

ଏହା ସତ୍ୟ ଯେ ଦୁଃସ୍ଥ ଅନାଥ ବାଳକ ଭୀମଭୋଇଙ୍କର ସୃଜନଶୀଳତା ମହିମା ଗୋସେଇଁଙ୍କୁ ଅଭିଭୂତ କରି ଦେଇଥିଲା। ୧୮୬୨ ମସିହାରେ ଉଭୟଙ୍କ ମଧ୍ୟରେ ମିଳନ ଭୀମଙ୍କ ଜୀବନରେ ଅପୂର୍ବ ପରିବର୍ତ୍ତନର ସୂତ୍ରପାତ କଲା। ଏହି ଘଟଣାପରେ ସେ ଅପ୍ରତିହତ ଭାବରେ ବିପୁଳ ସଂଖ୍ୟକ ଭଜନ, ଜଣାଣମାନ ରଚନା କରି ଚାଲିଲେ। ଷୋଳବର୍ଷ ବୟସ ବେଳକୁ ମହିମାଧର୍ମର ଜଣେ ସୁବିଖ୍ୟାତ ପ୍ରବକ୍ତା ଭାବରେ ଜନାଦୃତ ହୋଇସାରିଥିଲେ। କିମ୍ବଦନ୍ତି ପ୍ରଚଳିତ ଅଛି, ସେ ସ୍ତୁତି ଓ ଭଜନଗାନ କରୁଥିବା ସମୟରେ ସେଗୁଡ଼ିକୁ ଦୁଇଜଣ ବ୍ରାହ୍ମଣ ଶିଷ୍ୟ ହରିପଣ୍ଡା ଓ ବାସୁଦେବ ପଣ୍ଡା ଏବଂ ଦୁଇଜଣ ବୈଷ୍ଣବ ଭକ୍ତ ଧର୍ମାନନ୍ଦ ଦାସ ଓ ମାର୍କଣ୍ଡ ଦାସ ଲିପିବଦ୍ଧ କରିଦେଉଥିଲେ। ତାଙ୍କ ରଚନାରେ ପୁରାଣଶାସ୍ତ୍ର, ବିଜ୍ଞାନ, ଉର୍ଦ୍ଧ୍ୱତର ଚିନ୍ତନ, ମାନବିକତାର ସ୍ୱର ସ୍ପଷ୍ଟ ବିମ୍ବିତ ହୁଏ। ରାମାୟଣ, ମହାଭାରତ, ଓଡ଼ିଶା ଇତିହାସର ପ୍ରମୁଖ ଘଟଣାବଳୀ, ଗୋହିରାଟିକିରି ଯୁଦ୍ଧ, 'ରାସୀ ଯୁଦ୍ଧ, ମାଳିକା ପ୍ରସଙ୍ଗ, ନେପାଳ ଓ ଉଦୟବଟ ପ୍ରସଙ୍ଗର ଉପସ୍ଥାପନା ସହିତ ସାରଳା ଦାସ, ବଳରାମ ଦାସ ଓ ଉପେନ୍ଦ୍ର ଭଞ୍ଜଙ୍କ ନାମ ତାଙ୍କ ରଚନାବଳୀରେ ସଂଶ୍ଳିଷ୍ଟ ଥିବାର ଦୃଷ୍ଟିଗୋଚର ହୁଏ।

ତତ୍କାଳୀନ ରକ୍ଷଣଶୀଳ କନ୍ଧ ସମାଜରେ ଶିକ୍ଷାଲାଭର କୌଣସି ସୁଯୋଗ ଉପଲବ୍ଧ ନଥିବା ସତ୍ତ୍ୱେ ସେ ଯେପରି ଅଗଣିତ ସାରସ୍ୱତ ସର୍ଜନା ସମ୍ଭାର ସୃଷ୍ଟି କରିଯାଇଛନ୍ତି, ତାହା ବିଚାର କଲେ ବିସ୍ମିତ ହେବାକୁ ପଡ଼େ। ତାଙ୍କ ପ୍ରଣିତ ସାରସ୍ୱତ ବିନ୍ୟାସ ମଧ୍ୟରେ ପ୍ରସିଦ୍ଧ ଥିଲା ସ୍ତୁତି ଚିନ୍ତାମଣି, ଆଦିଅନ୍ତ ଗୀତା, ନିର୍ବେଦ ସାଧନା, ମହିମା ବିନୋଦ, ଅଷ୍ଟକ ବିହାରୀ ଗୀତା, ସ୍ତୁତି ନିଷେଧ ଗୀତା, ବ୍ରହ୍ମ ନିରୂପଣ ଗୀତା, ବ୍ରହ୍ମ ଚାଳକ, ପଦ୍ମକଳ୍ପ, ମନୁ ସଭାମଣ୍ଡଳ, ତିନି ଶହରୁ ଉର୍ଦ୍ଧ୍ୱ ଭଜନ, ଚଉତିଶା ମଧୁଚକ୍ର, ପ୍ରଭାତ ଅବକାଶ ପ୍ରଭୃତି। ଏହା ବ୍ୟତୀତ ବଙ୍ଗଳାଭାଷାରେ ସନ୍ଥକବିଙ୍କର କେତେକ ରଚନା ଦେଖିବାକୁ ମିଳେ। ଏତଦ୍‌ଭିନ୍ନ ଅନେକ ଭଜନ, ଜଣାଣ, ସ୍ତୁତି, ଚଉତିଶା ଅଦ୍ୟାବଧି ମଧ୍ୟ ଅପ୍ରକାଶିତ ହୋଇ ରହିଥିବା ଜଣାଯାଏ। ଓଡ଼ିଶାର ପୁରପଲ୍ଲୀରେ ଅଲେଖ ଟୁଙ୍ଗୀ ଓ ଗାଦିଗୁଡ଼ିକରେ ପ୍ରତ୍ୟହ ସନ୍ଧ୍ୟାରେ ଯେତେ ଭଜନ ଖଞ୍ଜଣି ସହିତ ଗାନ କରାଯାଏ ସେଥିମଧ୍ୟରୁ ଅନେକ ଅପ୍ରକାଶିତ। ଏହିସବୁ ସାହିତ୍ୟ ସମ୍ଭାର ତାଙ୍କ ମହାନ ସାରସ୍ୱତ ସାଧନାର ଅମ୍ଳାନ ସ୍ୱର୍ଣ୍ଣାଭ ସ୍ୱାକ୍ଷର ବହନ କରେ। ଆଧ୍ୟାତ୍ମିକ ଚେତନା, ବିଶୁଦ୍ଧ ଦାର୍ଶନିକ ଚିନ୍ତନ, ସମସାମୟିକ ସାମାଜିକ ବ୍ୟବସ୍ଥାର ପ୍ରାଞ୍ଜଳ ପ୍ରତିଛବି ଏବଂ ସର୍ବୋପରି ନିର୍ଗୁଣ ଶୂନ୍ୟବ୍ରହ୍ମ ଉପାସନାର ଅଭ୍ରାନ୍ତ ମାର୍ଗ ପ୍ରଦର୍ଶିତ କରି ଉତ୍କଳୀୟ ସାହିତ୍ୟ ଓ ଧର୍ମୀୟ ପରମ୍ପରାକୁ ସେ ବହୁଳ ଭାବରେ ପରିପୁଷ୍ଟ କରିଯାଇଛନ୍ତି।

**ଓଡ଼ିଶାର ପୁରପଲ୍ଲୀରେ ଅଲେଖ ଟୁଙ୍ଗୀ ଓ ଗାଦିଗୁଡ଼ିକରେ ପ୍ରତ୍ୟହ ସନ୍ଧ୍ୟାରେ ଯେତେ ଭଜନ ଖଞ୍ଜଣି ସହିତ ଗାନ କରାଯାଏ ସେଥିମଧ୍ୟରୁ ଅନେକ ଅପ୍ରକାଶିତ।**

କେନ୍ଦୁଝର ଆଗମନ କାଳରେ ୧୮୭୬ ମସିହା ଫାଲ୍‌ଗୁନ ଦଶମୀରେ ମାଢ଼ୀ ବା ଆଧୁନିକ କାମାକ୍ଷାନଗରଠାରେ ଦିବ୍ୟଗୁରୁ ମହିମା ଗୋସାଇଁଙ୍କର ମହାପ୍ରୟାଣ ଘଟିଲା। ଭୀମଭୋଇଙ୍କୁ ଏହା ଦାରୁଣ ଆଘାତ ଦେଇଥିଲା। ଏହାପରେ ସେ ଯୋରନ୍ଦା ପରିତ୍ୟାଗ କରି ବଲାଙ୍ଗିରର ଅଙ୍ଗନଦୀ ତଟରେ ଅବସ୍ଥିତ ଖଲିଆପାଲିଠାରେ ନିଜର ଆଶ୍ରମ ପ୍ରତିଷ୍ଠା କରି ଅବସ୍ଥାନ କଲେ। ୧୮୭୭ ମସିହାରୁ ଏହି ଆଶ୍ରମ ମହିମାଧର୍ମର ଏକ ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ରସ୍ଥଳୀ ଭାବରେ ପରିଚିତି ଲାଭ କଲା। ଯେଉଁମାନେ ଭୀମଭୋଇଙ୍କୁ ଗୁରୁ ଭାବରେ ଗ୍ରହଣ କଲେ ସେମାନେ କୁମ୍ଭୀପଟିଆ ଭାବରେ ବିବେଚିତ ହେଲେ। କୁମ୍ଭୀ ବୃକ୍ଷର ବଲ୍‌କଳ ପ୍ରସ୍ତୁତ ରଜ୍ଜୁକୁ ସେମାନେ କଟି ଚତୁଃପାର୍ଶ୍ୱରେ ପରିଧାନ କରୁଥିବାରୁ, ସେମାନଙ୍କୁ କୁମ୍ଭୀପଟିଆ କୁହାଯାଉଥିଲା। ଅଲେଖ ବା କୁମ୍ଭୀପଟିଆମାନେ ମୂର୍ତ୍ତି ଉପାସନାକୁ ତୀବ୍ର ବିରୋଧ କରୁଥିଲେ ଏବଂ ନିରାକାର ଈଶ୍ୱରଙ୍କୁ ବିଶ୍ୱାସ କରୁଥିଲେ। ବହୁ ଈଶ୍ୱରବାଦ, ବିଗ୍ରହ ଉପାସନା ଏବଂ ହିନ୍ଦୁଧର୍ମର ଯାବତୀୟ କୁସଂସ୍କାର ବିରୁଦ୍ଧରେ ସେମାନେ ସ୍ୱର ଉତ୍ତୋଳନ କରୁଥିବାରୁ

ଉତ୍କଳୀୟ ଶ୍ରୀଜଗନ୍ନାଥ ପରମ୍ପରା ସହିତ ସେମାନଙ୍କର ଦ୍ୱନ୍ଦ୍ୱ ଲାଗିରହିଥିଲା। ଏପରିକି ଶ୍ରୀ ଜଗନ୍ନାଥଙ୍କ ସମର୍ଥକ ଓ ପୂଜକ ମାନଙ୍କ ସହିତ ରକ୍ତାକ୍ତ ସଂଘର୍ଷ ହୋଇ କେତେକ ମୃତାହତ ହୋଇଥିବା ଘଟଣା ପ୍ରଚଳିତ ଜନସ୍ମୃତିରୁ ସୂଚନା ମିଳେ। ବିଜୟ ଚନ୍ଦ୍ର ମଜୁମଦାର ଓ ନଗେନ୍ଦ୍ର ନାଥ ବସୁଙ୍କ ଗବେଷଣା ଲବ୍ଧ ତଥ୍ୟରୁ ଏହି ଘଟଣାର ପ୍ରମାଣ ମିଳେ। ମାତ୍ର ଏହା ସପକ୍ଷରେ ଶ୍ରୀମନ୍ଦିର କାର୍ଯ୍ୟାଳୟ ଓ ସମସାମୟିକ ଦସ୍ତାବିଜରୁ କୌଣସି ସତ୍ୟାସତ୍ୟ ପରିଲକ୍ଷିତ ହୁଏ ନାହିଁ। ବରଂ ଭୀମଭୋଇ ବୁଦ୍ଧଙ୍କୁ ଜଗନ୍ନାଥଙ୍କର ଅବତାର ଭାବରେ ଚିତ୍ରଣ କରି ମହିମାଧର୍ମର କେତେକ ତତ୍ତ୍ୱକୁ ଜଗନ୍ନାଥ ଦର୍ଶନ ସହିତ ସମନ୍ୱିତ କରି, ହିଂସ୍ର ମୌଳିକବାଦୀ ଶିଷ୍ୟମାନଙ୍କୁ ଶାନ୍ତ କରିଥିବା ଜଣାଯାଏ।

**ଭୀମଭୋଇ ବୁଦ୍ଧଙ୍କୁ ଜଗନ୍ନାଥଙ୍କର ଅବତାର ଭାବରେ ଚିତ୍ରଣ କରି ମହିମାଧର୍ମର କେତେକ ତତ୍ତ୍ୱକୁ ଜଗନ୍ନାଥ ଦର୍ଶନ ସହିତ ସମନ୍ୱିତ କରି, ହିଂସ୍ର ମୌଳିକବାଦୀ ଶିଷ୍ୟମାନଙ୍କୁ ଶାନ୍ତ କରିଥିବା ଜଣାଯାଏ।**

ସନ୍ଥକବି ଭୀମଭୋଇ ଗୃହସ୍ଥ ଭକ୍ତ ଥିଲେ। ତାଙ୍କର ସାଂସାରିକ ଜୀବନ ମଧ୍ୟ ଗୁରୁକୃପା ଓ ପୂର୍ବଜନ୍ମର ସୁକୃତ ବୋଲି ସେ ସ୍ୱୀକାର କରି "ସ୍ତୁତି ଚିନ୍ତାମଣି"ର ୬୩ ବୋଲିରେ ଉଲ୍ଲେଖ କରିଛନ୍ତି,

"ମୁହିଁ କି ବିଚାରିଥିଲି ମୋ, ମନରେ କରିବି ଭାରିଯା ପୁତ୍ର,
ଗୁରୁସେବା କରି ନିଷ୍କାମରେ ଥିଲି, ପାଇ ବ୍ରହ୍ମଜ୍ଞାନ ମନ୍ତ୍ର॥
ଧନ ଦାରା ସୁତ ପାଇ ଆନନ୍ଦ ଏ, ମୋର କପାଳରେ ଥିଲା,
ପୂର୍ବ କମାଣିର ଜଞ୍ଜାଳ ଭୁଞ୍ଜୁଛି, କାହାର ବା କିସ ଗଲା॥"

ମା' ଅନ୍ନପୂର୍ଣ୍ଣା ପଣ୍ଡା ଥିଲେ ଆଶ୍ରମରେ ତାଙ୍କର ଆଧ୍ୟାତ୍ମିକ ମାର୍ଗର ସହଗାମୀ। ଭୀମଭୋଇଙ୍କର ଗୋଟିଏ ପୁତ୍ର ଓ ଗୋଟିଏ କନ୍ୟା ଜାତ ହୋଇଥିଲେ। ସେମାନଙ୍କର ନାମ ଯଥାକ୍ରମେ କପିଳେଶ୍ୱର ଓ ଲାବଣ୍ୟବତୀ। ୧୮୯୪ ମସିହାରେ ୪୫ ବର୍ଷ ବୟସରେ ଭୀମଭୋଇ ଇହଲୀଳା ସମ୍ବରଣ କଲେ।

ବିଶ୍ୱ ଅଧ୍ୟାତ୍ମ ସାଧନା ମାର୍ଗରେ ଅଭିନବ ଅଭ୍ରାନ୍ତ ମାର୍ଗ ପ୍ରଦର୍ଶିତ କରି, ଆନ୍ତରିକ ବିମର୍ଷରୁ ନିଷ୍ପନ୍ନ ସିଦ୍ଧାନ୍ତ ନିରାକାର ଶୂନ୍ୟ ବ୍ରହ୍ମତତ୍ତ୍ୱର ପ୍ରାମାଣିକ ଭିତ୍ତିଭୂମିକୁ ସୁଦୃଢ଼ କରି ସତ୍ୟ ମହିମା ଧର୍ମର ସେ ଥିଲେ ଜଣେ ଉତ୍ତୁଙ୍ଗ ପୁରୋଧା। ବାସ୍ତବରେ ତାଙ୍କ ବ୍ୟଥାତୁର ଜୀବନ ଚରିତ, ଯାହା ବହୁ ପ୍ରଚଳିତ ଜନଶ୍ରୁତିର ଅନ୍ୟତମ ଅଂଶ, ତାହା ଯେତିକି ବିସ୍ମୟକର, ସେତିକି ଅଲୌକିକ ଓ ପ୍ରେରଣାଦୀପ୍ତ।

□□

ଲେଖକଙ୍କ ଇ-ମେଲ୍ ଠିକଣା:
rknprincipalbbm@gmail.com

---

ଆମର ଏକ ନୂଆ ପ୍ରୟାସ...
AMESABU
WE ALL. FOR ALL.
ଆମେସବୁ
ଓଡ଼ିଶାର
ସଂସ୍କୃତି-ଐତିହ୍ୟ-ପରମ୍ପରା
କେବଳ ଆମେସବୁ ପ୍ଲାଟଫର୍ମରେ
ANDROID APP ON Google Play
@ amesabu

**ଜୀବନୀ**

# କୁହେଳିରେ ଥିବା ଗୌତମୀମାନେ



ସରୋଜିନୀ ସାହୁ

**ପ୍ରକାଶ ଅପେକ୍ଷାରେ ଥିବା ସ୍ୱନାମଧନ୍ୟ କଥାକାର ସ୍ୱର୍ଗତ ଜଗଦୀଶ ମହାନ୍ତିଙ୍କର ଜୀବନୀରୁ ମନଛୁଆଁ ଅଧ୍ୟାୟଟିଏ, ତାଙ୍କର ସହଧର୍ମିଣୀ ତଥା ବିଶିଷ୍ଟ ଲେଖିକା ସରୋଜିନୀ ସାହୁଙ୍କ କଲମରୁ।**

**ଗୌତମୀ-୧**

ଗୌତମୀରେ, ମୁଁ ଯେମିତି ସର୍କସୀ ଝିଅ ଭଳି
ସାରୁ ପତ୍ରର ଶିରରେ ଟୋପାଏ ପାଣ୍ଡିତ୍ୟ
ବାଁ ନା ଡାହାଣ ? କେଉଁ କଡ ?
ନିରନ୍ଧ୍ର ହଲେଇ ଦିଏ ରଂଗୀନ ଛତା

**ଗୌତମୀ-୨**

ସୁଖ ନିର୍ଭେଜାଲ ସୁଖ କାହିଁ
କଷ୍ଟବିନା
ତୋ ପ୍ରେମରେ କଷ୍ଟଅଛି
ଗୌତମୀତୋତେ ଦେଖିଲେ
ମୋର କଷ୍ଟହୁଏ- ପ୍ରେମ
ହୁଏ ସବୁ ଥର
ମୋତେ ଜଳେଇ ଦେ
ଗୌତମୀରେ ବଂଚେଇ ଦେ।

**ଗୌତମୀ-୩**

ଯନ୍ତ୍ରଣାର ଧୂଳି ଭିତରେ
ସେଦିନ ଛୁଟିର ବିଗୁଲ ଶୁଣି
ଧାଇଁ ଯାଇଥିଲି ଅମଡା ବାଟରେ
ଦେଖିଲି, ସେଠି ବି ଯନ୍ତ୍ରଣାର କୁହୁଡ଼ି
ପହଁରା ଚାଲିଛି।
ଏଥର ସେଇ ଭିତରେ ମୋତେ ନିରୁଦ୍ଦେଶରେ
ହଜେଇ ଦେ
ମିଳେଇ ଦେ
ଦୁଃଖ ଦେ ରେ
ସୁଖ ଦେ।

ଗୌତମୀ ସେତେବେଳକୁ ଜୀବନ୍ତ ଚରିତ୍ର, ଚଳ ଚଞ୍ଚଳ ଜଗଦୀଶଙ୍କ ଗଳ୍ପ ମାନଙ୍କରେ। ଇଏ କୌଣସି କାଳ୍ପନିକ ପରି କଥାର ଚରିତ୍ର ନୁହଁ, ପାଠକମାନେ ଜାଣି ସାରିଛନ୍ତି। ଏ କବିତା ତାଙ୍କ ଡାଏରୀରେ ଲେଖାଥିଲା। ସେ ଗାଁରେ ଥିଲା ବେଳେ ଲେଖିଥିଲେ। ଗୌତମୀକୁ ନେଇ ଗଳ୍ପ, ଗୌତମୀକୁ ନେଇ କବିତା, ସେ ସମୟର ଯୁବ ପିଢ଼ିର ଲେଖକ ଓ କବି ମାନଙ୍କୁ ଖୁବ୍ ପ୍ରଭାବିତ କରିଥିଲା। ଗୌତମୀ କିଏ ଜାଣିବାର ଉତ୍ସୁକତାର ରହିଥିଲା ଅନେକଙ୍କର, କିଛି ଝିଅ (ଲେଖିକା) ନିଜକୁ ଗୌତମୀ ବୋଲି ଭାବି ବି ନେଇଥିଲେ। ଜଗଦୀଶଙ୍କ ପାଖକୁ ଲେଖୁଥିବା ସେମାନଙ୍କର କିଛି ଚିଠି ମୁଁ ଦେଖିଥିଲି। ଏମିତିରେ ଜଗଦୀଶ ଚିଠି ଲେଖିବାରେ ଧୁରନ୍ଧର ଥିଲେ। ଯାହା ଲେଖା ତାଙ୍କୁ ଭଲ ଲାଗୁଥିଲା, ସେ ଯେଉଁ ବୟସର (ଲେଖକ ଅବା ଲେଖିକା) ହୁଅନ୍ତୁ ଚିଠି ଦେଇ ଉତ୍ସାହିତ କରିବା, ମତାମତ ଦେବା କାମଟି କରିଥାନ୍ତି। ଯଦି କୌଣସି ଲେଖକ ବା ଲେଖିକାଙ୍କ ସହ ବନ୍ଧୁତା ହେଇ ଯାଇଥାଏ ତେବେ ତିନି ଚାରି ପୃଷ୍ଠାର ଆଲୋଚନା ସମ୍ବଳିତ ଚିଠିଟି ଲେଖି ପାରନ୍ତି। ତେଣୁ କିଛି ଲେଖିକା ଜଗଦୀଶଙ୍କୁ ନିଜର ନିକଟତମ ମଣିଷ ଭାବିବା ସ୍ୱାଭାବିକ ଥିଲା। ଗୌତମୀକୁ ନେଇ ସେତେବେଳେ ଯୁବ ପିଢ଼ିର ଯେଉଁ 'କ୍ରେଜ' ଥିଲା, ସବୁ ପ୍ରକାର କଷ୍ଟ ସତ୍ତ୍ୱେ ବି ମୋତେ ଗୌତମୀ ହେଇ ରହିବାକୁ ସୁଖକର ଲାଗୁଥିଲା।

ଜଗଦୀଶଙ୍କୁ ପ୍ରେମ କରିବାଟା ହିଁ ସେ ସମୟରେ ମୋର ଥିଲା ସବୁଠୁଁ ବଡ ଅସହାୟତା। ଯଦିଓ ଗୋଟେ ପଟେ ମୁଁ ସ୍ୱାଧୀନ ଭାବରେ ତାଙ୍କ ସହ ମିଶି ପାରୁଥିଲି, ମାତ୍ର ମୋର ମନେ ହେଉଥିଲା ଏସବୁ ଯଦି (ପ୍ରେମ) ମୋ ଜୀବନରେ ନ ଥାନ୍ତା ତେବେ ଆହୁରି ଯଥେଷ୍ଟ ସ୍ୱାଧୀନ ଭାବରେ ଘରେ ବିଚରଣ କରିପାରିଥାନ୍ତି। ସମସ୍ତଙ୍କ ପ୍ରଶ୍ନବାଚୀ ଭରା ଆଖିର ଶୀକାର ହେବାକୁ ପଡିନଥାନ୍ତା। ଶିକ୍ଷିତ ହେଲେ ବି ଆମର ଗୋଟେ ରକ୍ଷଣଶୀଳ ମଧ୍ୟବିତ୍ତ ପରିବାର। ତେଣୁ ବଂଶରେ କେହି କଥାଟାକୁ ସହଜରେ ଗ୍ରହଣ କରିପାରୁ ନ ଥିଲେ। ଯେମିତି ଜଗଦୀଶ ହିଁ ମୋର ପ୍ରାରବ୍ଧ ସବୁ ଦେଖୁଥିଲେ ବି

ଜାଣୁଥିଲେ ବି କେହି ମୋତେ ଗାଳି ଗୁଲଜ କରିବା, ମାରପିଟ୍ କରିବା ଭଳି ଆଚରଣ ଦେଖେଇ ନ ଥିଲେ। ତାହା ହିଁ ମୋତେ ସବୁବେଳେ ତାଜୁବ୍ କରୁଥିଲା। ଯଦିଓ ଏମିତି ଏକ ଘଟଣାକୁ ନେଇ ଆମ ଖଞ୍ଜାରେ ଖୁବ୍ ଝାମେଲା ହେଇଥିଲା, ପୂର୍ବରୁ ଅନ୍ୟ ଜଣଙ୍କ ସହ।

ଜଗଦୀଶ ଆମ ଘରୁ ଫେରିଗଲା ବେଳେ, ଡ୍ରଇଁ ରୁମ୍‌ର କାନ୍ଥ ଆଢୁଆଳକୁ ଟାଣିନେଇ 'ଚୁମା' ଟେ ଖାଉଥିଲେ ଓ ତୁରନ୍ତ ଚାଲି ଯାଉଥିଲେ। ଭୟରେ ମୋ ଗୋଡ ହାତ ସେତେବେଳେ ଥରୁଥିଲା। ଏତେ ଅଚାନକ ଭାବରେ ସେ ଉଠି ଯିବା ପାଇଁ ବାହାରୁଥିଲେ ଯେ ମୋର ପ୍ରତିରୋଧ କରିବାର ଶକ୍ତି ରହୁନଥିଲା। ପରେ କିନ୍ତୁ ଚିଠିରେ ମୁଁ ଭୀଷଣ ବିରକ୍ତ ହେଉଥିଲି। ସେ ସବୁବେଳେ ଅତି ଛୋଟିଆ ଉତ୍ତରଟେ ଦେଉଥିଲେ ମୋ କ୍ରୋଧର, "ଏଇଟା ହେଉଛି ପ୍ରେମ"।



୧୯୭୬ ଜୁଲାଇ କି ଅଗଷ୍ଟ ମାସ ହେଇଥିବ, ମୁଁ ରେଭେନ୍ସାକୁ ପଢ଼ିବାକୁ ଆସିଥିଲି। ସେତେବେଳେ ମୋ ବଡ ଭଉଣୀ ରେଭେନ୍ସାରେ ପଢୁଥିଲା। ତେଣୁ ମୁଁ ଲେଡିଜ୍ ହଷ୍ଟେଲ ଯାଇ ତା ରୁମ୍‌ରେ ରହିଲି। ଯେହେତୁ ତାର ପଢ଼ା ସରି ଆସିଥିଲା ଓ ଅଳ୍ପ ଦିନରେ ତାର ଘରକୁ ଫେରିଯିବାର ଥିଲା, ତାରି ବେଡ୍ ଟି ମୋ ନାରେ ହେଇଯାଇଥିଲା। ମୁଁ ଲେଡିଜ୍ ହଷ୍ଟେଲର ଚଉଦ ନମ୍ବର ରୁମ୍‌ରେ ରହୁଥିଲି। ଦିନେ କଲେଜରେ ମୋର କ୍ଲାସ୍ ଚାଲିଥିଲା ବେଳେ ଦେଖିଲି ଜଗଦୀଶ ବାରଣ୍ଡାରେ ଛିଡା ହେଇଛନ୍ତି। ତାଙ୍କୁ ଅଚାନକ କ୍ଲାସ୍ ରୁମ୍ ବାହାରେ ଦେଖି ମୁଁ ଆଉ କ୍ଲାସ୍‌ରେ ମନ ଯୋଗ ଦେଇ ପାରିନଥିଲି। ଘର କଥା ଅଲଗା ଥିଲା। ବାପା-ମା, ଭାଇ-ଭଉଣୀ ସମସ୍ତେ ଥିଲେ। ଏଠି ପଢ଼ିବାକୁ ଆସିଛି, ଅଯଥା ବଦ୍‌ନାମ ହେବା କଥା। କ୍ଲାସ୍ ସରିଲେ ପରେ ମୁଁ ବାହାରକୁ ଆସି ପଚାରିଥିଲି, "କୁଆଡେ ଆସିଛ ?"

ସେ ସିଧା ସଳଖ ଉତ୍ତର ଦେଇଥିଲେ, "ତୋତେ ଦେଖା କରିବାକୁ"। "ହେ ଭଗବାନ୍, ତମେ ଡିପାର୍ଟମେଣ୍ଟକୁ ସିଧା ପଳେଇ ଆସିଲ ? ମୋ ସାଙ୍ଗମାନେ ତମକୁ ଦେଖିବା ଆଗରୁ ତମେ ଏ ଠୁଁ ଯା" ମୁଁ କାନ୍ଦୁଣୁ-ମାନ୍ଦୁଣୁ ହେଇ କହିଥିଲି। ମୁଁ ପ୍ରକୃତରେ ବହୁତ ନର୍ଭସ ହେଇ ଯାଇଥିଲି। କାରଣ ଢେଙ୍କାନାଳ କଲେଜରେ ମୋ ସଙ୍ଗେ ପଢୁଥିବା ମାଧୁରୀ ତ୍ରିପାଠୀ, ମୋ ସହ ରେଭେନ୍ସାରେ ପଢୁଥିଲା। ତା'ଛଡା ଅଧ୍ୟାପକ ରବିନାରାୟଣ ବରାଳ, ଅଧ୍ୟାପକ ରତ୍ନାକର ଚଇନି ଉଭୟେ ଢେଙ୍କାନାଳରେ ମୋର ସାର୍ ଥିଲେ, ରେଭେନ୍ସାରେ ବି। ସେମାନଙ୍କ ଭିତରୁ କାହାରି ନଜର ଯଦି ପଡିଗଲା, ମୁଁ ତାଙ୍କୁ କହିଥିଲି, "ତମେ ଯା' ଏଠୁ।"

ମୋର ସେଇ ସମୟରେ ମନେ ପଡି ଯାଇଥିଲା, ମୋ ବଡ ଭଉଣୀ ଯେତେବେଳେ ରେଭେନ୍ସାକୁ ପଢ଼ିବା ପାଇଁ ଆସିଲା, ବାପା ତା ପାଖରୁ କଣ୍ଟେ କାଗଜରେ ଲେଖେଇ ନେଇଥିଲେ ଯେ, ମୁଁ ବାହାରକୁ ପାଠ ପଢ଼ିବାକୁ ଯାଇ ଏମିତି କିଛି କାମ କରିବିନି ଯାହା ଦ୍ୱାରା କି ପରିବାର ଇଜ୍ଜତରେ ଆଞ୍ଚ ଆସିବ। ମୋ ପାଖରୁ ବାପା ସେମିତି କିଛି ଲେଖେଇ ନ ଥିଲେ। ତେବେ ବାପାଙ୍କର ବାଣୀବିହାର ଉପରେ ଭଲ ଧାରଣା ନ ଥିଲା। ତେଣୁ ଆମେ ଦି ଭଉଣୀ ଯାକ ରେଭେନ୍ସାରେ ପଢ଼ିଥିଲୁ। ଢେଙ୍କାନାଳରୁ କଟକ ପାଖ ଓ ବାପା ବ୍ୟବସାୟିକ କାମରେ ପ୍ରାୟ କଟକ ଆସୁଥିଲେ। ୧୯୭୨/୭୩ ଆଡର କଥା। ମୁଁ ଆଇ.ଏ. ପଢୁଥିଲି ସେତେବେଳକୁ। କଲେଜରେ ମୋ ସାଙ୍ଗ ମାନେ ସେମାନଙ୍କ ପ୍ରେମିକ ମାନଙ୍କ ନାଁ ସର୍ଟଫର୍ମରେ କୁହାକୁହି ହେଇ ଥଟ୍ଟା ମଜ୍ଜା କରୁ ଥିଲେ। ଥରେ ମୋତେ ଧରି ପକେଇ ଥିଲେ ସେମାନେ। "ସତ କହ ତୁ କାହାକୁ ଭଲ ପାଉ", ଜୋର୍ ଜବରଦସ୍ତି କରିଥିଲେ। ମୁଁ କହିଥିଲି 'ଜମ'। ତା' ପରଠୁଁ ମୋତେ ଦେଖିଲେ ସେମାନେ ଜମ ଚିଡେଇଥିଲେ। ମୁଁ କିନ୍ତୁ ସେମାନଙ୍କ ଗ୍ରୁପ୍ ଖୁବ୍ ଶୀଘ୍ର ଛାଡି ଦେଇଥିଲି। ସେଇଟି ବୋଧହୁଏ ପ୍ରଥମ ଥିଲା ବାହାର ମଣିଷଙ୍କ ଆଗରେ, ଜଗଦୀଶଙ୍କୁ ପ୍ରେମ କରେ ବୋଲି ସ୍ୱୀକାର କରିଥିଲି।

କିନ୍ତୁ ମୁଁ କେବେ ବି ଚାହୁଁନଥିଲି ମୋ ପାଇଁ ମୋ ବାପା ମା ଦୁଃଖି ହୁଅନ୍ତୁ। ତେଣୁ ଅଚାନକ ରେଭେନ୍ସାରେ ଜଗଦୀଶଙ୍କୁ ଦେଖି ମୁଁ ମୋର ପ୍ରତିକ୍ରିୟା ପ୍ରକାଶ କରିଥିଲି। ସେ ସଙ୍ଗେ

ସଙ୍ଗେ ରେଭେନ୍ସା କଲେଜର ଓଡ଼ିଆ ଡିପାର୍ଟମେଣ୍ଟ ଛାଡି ଚାଲି ଯାଇଥିଲେ। ସେ ଚାଲି ଗଲା ପରେ ମୋର ବହୁତ ମନ ଦୁଃଖ ହେଇଥିଲା, କାହିଁକି ତାଙ୍କୁ ଚାଲିଯିବାକୁ କହିଲି ବୋଲି ମନସ୍ତାପ ବି କରିଥିଲି। ସେଦିନ ହଷ୍ଟେଲ୍ ଫେରି ଚୁପ୍ ଚାପ୍ ଶୋଇ ପଡିଥିଲି। ହଷ୍ଟେଲର ରୁମ୍ ଗୁଡିକରେ ଚାରୋଟି ଝରକା ଥିଲା। ରାସ୍ତାପଟକୁ ଦୁଇଟି, ଭିତର ବାରଣ୍ଡା ଆଡକୁ ଦୁଇଟି। ମୋ ବେଡ୍ ଓ ଟେବୁଲ ରାସ୍ତା ପଟ ଝରକା ପାଖକୁ ରହିଥିଲା। ସଂଧ୍ୟା ଆଡକୁ ଟେବୁଲକୁ ଆଉଜି ବେଡ୍ ଉପରେ ବସିଥାଏ, ଦେଖିଥିଲି କିଛି ପିଲାଙ୍କ ସହ ଜଗଦୀଶ ନିଉ ପି.ଜି ହଷ୍ଟେଲ ଆଡକୁ ଯାଉଛନ୍ତି। ସେଇ ପିଲାମାନଙ୍କ ଭିତରେ, ମୋ କ୍ଲାସ୍‌ର ଦି ଜଣ ପିଲା ଥାନ୍ତି। ମନ୍ମଥ ନାୟକ ଓ ମନ ମୋହନ ଦାଶ।

ପରଦିନ ସକାଳେ ଜଗଦୀଶ ହଷ୍ଟେଲ୍ ଆସି ମୋତେ ପ୍ଲାଷ୍ଟିକ୍ ତାରରେ ବୁଣା ବ୍ୟାଗ୍‌ଟେ ଦେଇଥିଲେ। ଯେଉଁଟା ପୂର୍ବ ସଂଧ୍ୟାରେ ତାଙ୍କ କାନ୍ଧରେ ଝୁଲୁଥିଲା। ବ୍ୟାଗ୍‌ଟି ମୋତେ ଦେଇ କହିଥିଲେ ଏଇଟା ମୋ ସାନ ମଝିଆ ଭାଉଜ ବନେଇଛନ୍ତି। "ନେ, ରଖ," ମୁଁ ବ୍ୟାଗ୍‌ଟା ତାଙ୍କ ପାଖରୁ ନେଇଥିଲି। ମୋ ସହ କଥାବାର୍ତ୍ତା କରି ବିଦା ହେଲା ପରେ ମୁଁ ବ୍ୟାଗ୍‌ଟା ନେଇ ମୋ କିପ୍ ବୋର୍ଡର ଉପର ଥାକରେ ରଖି ଦେଇଥିଲି। ମୋ ଅଲକ୍ଷ୍ୟରେ ବ୍ୟାଗ୍‌ର ଫିତାଟା ତଳକୁ ଝୁଲି ରହିଥିଲା ମୋ ଝରକାରେ ପର୍ଦ୍ଦା ଥିଲେ ବି ପବନ ଆସିବା ପାଇଁ ମୁଁ ପର୍ଦ୍ଦା ମୋଡି କରି ରଖି ଦେଇଥିଲି। ତିନି ମହଲା ବିଶିଷ୍ଟ ସେ ହଷ୍ଟେଲର ମୁଁ ଦ୍ୱିତୀୟ ମହଲାରେ ରହୁଥିଲି। ଜଗଦୀଶଙ୍କ ସହ ବୁଲାବୁଲି କରୁଥିବା ମୋର ସହପାଠୀମାନଙ୍କ ଭିତରୁ କାହାର କେଜାଣି ନଜର ସେ ବ୍ୟାଗ୍ ଉପରେ ପଡିଯାଇଥିଲା। ତା' ପରଠୁଁ ଗୌତମୀଟି କିଏ ଜାଣିବାରେ ଅସୁବିଧା ହେଇ ନ ଥିଲା ସେମାନଙ୍କର।

ସେତେବେଳେ ରେଭେନ୍ସା ଓ ବାଣୀ ବିହାରରେ ତାଙ୍କର ବହୁ ପ୍ରଶଂସକ ରହିଥିଲେ। ସେ ଯେମିତି ସାହିତ୍ୟ ଜଗତରେ ଗୋଟେ ଝଡ। କେବଳ ବାଣୀବିହାର ନୁହଁ, ଜ୍ୟୋତି ବିହାର ଭଞ୍ଜ ବିହାରରେ ମଧ୍ୟ ତାଙ୍କର ଅନେକ ପ୍ରଶଂସକ ଥାନ୍ତି। ବିଭିନ୍ନ ସମୟରେ ମିଟିଂକୁ ଡାକନ୍ତି ସେମାନେ। ଜଗଦୀଶ ମଧ୍ୟ ପହଞ୍ଚି ଯାଆନ୍ତି।

ସେଇ ଯେ ଲେଡିଜ୍ ହଷ୍ଟେଲ୍ ଆସି ବ୍ୟାଗ୍‌ଟି ଦେଇ ଯାଇଥିଲେ ସେ, ତା'ପରେ ସେ ରାମପୁରକୁ ଫେରିଲେ କି ନାହିଁ ମୋ ପାଖରେ କିଛି ଖବର ନ ଥିଲା। ହଠାତ୍ ଗୋଟେ ପୋଷ୍ଟକାର୍ଡ ଚିଠି ମୋ ପାଖରେ ଆସି ପହଞ୍ଚିଥିଲା। ଚିଠିଟି ଆସିଥିଲା ଜଗଦୀଶଙ୍କ ପାଖରୁ। ଜଗଦୀଶ କେବେ ବି ମୋତେ ପୋଷ୍ଟକାର୍ଡରେ ଚିଠି ଦେଉ ନଥିଲେ। ମୁଁ ଚିଠି ଟି ପଢ଼ିଥିଲି। ଲେଖା ଥିଲା, ମୋତେ ଚିକେନ୍ ପକ୍ସ ହୋଇଛି। ମୁଁ ଏଠି କଟକ ମେଡିକାଲ୍‌ର ଇନ୍‌ଫେକେସିୟସ୍ ଓ୍ୱାର୍ଡରେ ଭର୍ତ୍ତି ହେଇଛି। ଚିଠି ପଢ଼ି ମନ ବହୁତ ଖରାପ ହେଇଯାଇଥିଲା। ମୋ ରୁମ୍ ମେଟ୍, ଇଂରାଜୀରେ ଏମ୍.ଏ ପଢୁଥିବା ପ୍ରତିମା ନାୟକକୁ ମୁଁ ଜଗଦୀଶଙ୍କ କଥା କହିଲି। ପ୍ରତିମା ଯଦିଓ ମୋ ସାଙ୍ଗରେ ପଢୁଥିଲା। ମାତ୍ର ବୟସରେ ମୋ ଠୁ ଦି ବର୍ଷ ବଡଥିଲା। ସାଙ୍ଗ ହେଲେ ବି ସେ ମୋ ପ୍ରତି ଖୁବ୍ ଯତ୍ନଶୀଳ ଥିଲା। ମୁଁ ଜଗଦୀଶଙ୍କ ଚିଠି ବେଳେବେଳେ ଏଣେ ତେଣେ ପକେଇ ଦେଇଥାଏ। ସେ ହସ୍ତାକ୍ଷରରୁ ଇଏ ଜଣେ ନିର୍ଦ୍ଦିଷ୍ଟ ଲୋକର ଚିଠି ବୋଲି ଜାଣି ପାରି, ଚିଠି ସବୁକୁ ମୋ ଗଦି ତଳେ ରଖି ଦେଉଥିଲା। କ୍ରମଶଃ ଜଗଦୀଶଙ୍କ ସହ ମୋ ଘନିଷ୍ଠତା କଥା ତାକୁ ଜଣା ପଡିଥିଲା ଓ ଦିନେ ବଜାର ଯାଇ ଆମେ ଉଲ୍ କିଣି ଆଣିଥିଲୁ ଓ ସେ ଜଗଦୀଶଙ୍କ ପାଇଁ ସ୍ୱେଟର ଟେ ବି ବୁଣି ଦେଇଥିଲା।

**ସେ ଯେମିତି ସାହିତ୍ୟ ଜଗତରେ ଗୋଟେ ଝଡ। କେବଳ ବାଣୀବିହାର ନୁହଁ, ଜ୍ୟୋତି ବିହାର, ଭଞ୍ଜ ବିହାରରେ ମଧ୍ୟ ତାଙ୍କର ଅନେକ ପ୍ରଶଂସକ ଥା'ନ୍ତି।**

ତେଣୁ ଜଗଦୀଶଙ୍କ ପୋଷ୍ଟକାର୍ଡ ପାଇବା ପରେ ପ୍ରତିମା (ରୁନା) ଓ ମୁଁ ଦିହେଁ ଏସ୍.ସି.ବି ମେଡିକାଲକୁ ଯାଇଥିଲୁ। ଏସ୍.ସି.ବି.ରେ ସେତେବେଳେ ମୋ ବଡବାପାଙ୍କ ଝିଅ, ମୋର ଜଣେ ନାନୀ ଗାଇନୋକଲଜିରେ ପି.ଜି. କରୁଥିଲେ। ତାଙ୍କୁ ତ ସିଧା ସଳଖ ଇନ୍‌ଫେକସିୟସ୍ ଓ୍ୱାର୍ଡ ବିଷୟରେ ପଚାରିବା ସମ୍ଭବ ନ ଥିଲା, ତାଙ୍କର ଜଣେ ସାଙ୍ଗ ସଙ୍ଗେ ଦେଖା ହେଇ ଯାଇଥିଲା ରାସ୍ତାରେ। ତାଙ୍କ ପାଖରୁ ସେଇ ଓ୍ୱାର୍ଡକୁ ଯିବା ରାସ୍ତା ଜାଣି ପାରିଥିଲୁ ଓ ଆମେ ଦିହେଁ ଯାଇ ଥିଲୁ ତାଙ୍କ ବତେଇଥିବା ରାସ୍ତାରେ। ଗୋଟେ ନାଲି କମ୍ବଳ ଘୋଡେଇ ହେଇ ଶୋଇଥିଲେ ଜଗଦୀଶ। ପାଖରେ ଗୋଟେ

ରଂଗଛଡା, କଳଙ୍କି ଲଗା ଛୋଟ ମେଜ ଥିଲା। ତା ଉପରେ ଧଳା ଏନାମେଲ ଛାଡି ଯାଇଥିବା ଟିଣ ବାସନଟେ ଥୁଆ ଯାଇଥାଏ। ସେଇ ଓ୍ୱାର୍ଡଟା ଗୋଟେ ବସ୍‌ଷ୍ଟାଣ୍ଡର ଓ୍ୱେଟିଂ ରୁମ୍ ପରି ଦିଶୁଥିଲା। ଭିତରେ କୁକୁର ଦି'ଟା ବୁଲୁଥିଲେ। ଯିଏ ସେ ଦୃଶ୍ୟ ଦେଖିବ ସେ କେବେ ବି ହସ୍ପିଟାଲରେ ଭର୍ତ୍ତି ହେବାକୁ ଚାହିଁବ ନାହିଁ। ତାଙ୍କ ସଂଗେ ପାଞ୍ଚ ଦଶ ମିନିଟ୍ କଥା ହୋଇ ମୁଁ ଚାଲି ଆସିଥିଲି। ତାଙ୍କ ମୁହଁ ସାରା ଫୋଟକା ପରି ହେଇ ଚିକେନ୍ ପକ୍ସର ଘା' ସବୁ ହେଇଥିଲା। ମୋତେ ତାଙ୍କ ଅବସ୍ଥା ଦେଖି ଦୁଃଖ ଲାଗି ଥିଲା। ସେ ଏଇଠି ଭର୍ତ୍ତି ନ ହେଇ ରାମପୁର ଫେରିଯାଇ, ସେଇଠି ହସ୍ପିଟାଲରେ ଭର୍ତ୍ତି ହେଇଥିଲେ ଭଲ ହେଇଥାନ୍ତା ବୋଲି କହିଥିଲି। ସେ କହିଥିଲେ, ତାଙ୍କୁ ପ୍ରଚଣ୍ଡ ଜ୍ୱର ଆସିଛି। ଜ୍ୱର ଦେହରେ ରଖି ଆଠ ଘଣ୍ଟା ବସ୍ ଯାତ୍ରା କଷ୍ଟକର ହେଇ ପଡିଥାନ୍ତା। ତାଙ୍କ ଚେହେରା ଖୁବ୍ ମଳିନ ପଡି ଯାଇଥିଲା। ତାଙ୍କ ପୁରୁଣା ଡାଏରୀରେ ସେ ସମୟରେ ଲେଖିଥିବା କିଛି ଅଂଶ ଏଇଠି ରଖୁଛି।

**ଭଙ୍ଗା ତାଟିଆରେ ସେ ଦୁଧ ଓ ପାଉଁରୁଟି ଧରି ଶୂନ୍ୟରେ ଆକାଶକୁ ଅନେଇ କହନ୍ତି, ମୋର ଗୋଟେ ସୁନ୍ଦର କବିତା ଭଳି, ନାରୀଟିଏ ଅଛି।**

"ସ୍ୱପ୍ନ ସମ୍ରାଟଙ୍କୁ ଜ୍ୱର ଆସିଛି। ତଣ୍ଟି ବ୍ୟଥା। ଦେହ ଯାକ ବସନ୍ତର ଫୋଟକା। ସାରା ଦେହ ବିଭୂତି ବୋଳା। ବ୍ୟାଟିକ୍ ପ୍ରିଣ୍ଟର ଲୁଙ୍ଗି ପିନ୍ଧି, ସ୍ୱପ୍ନ ସମ୍ରାଟ ନଇଁ ପଡିଥିଲେ। ଟ୍ୟୁବ୍ ୱେଲ୍ ପାଖରେ। ତମେ ଦେଖିଛ ଗୋଟେ ଗୋରୁ, ଗୋଟେ କୁକୁର ଡରି ଯାଇ ଭୁରୁଡି ଯାଇଥିଲେ।-

ସ୍ୱପ୍ନ ସମ୍ରାଟଙ୍କ ଗର୍ବ ଅଛି। ଇଗୋ ଅଛି। ଗୌତମୀ ଭଳି ସୁନ୍ଦରୀ ପ୍ରେମିକା ଅଛି। ତାଙ୍କର ନିଜସ୍ୱ ରାଜତ୍ୱ ଅଛି। କବିତାର ଶବ୍ଦ ନେଇ ନିତି ବାହାରନ୍ତି ଅଭିସାରରେ।

ତାଙ୍କ ଚାରିପଟେ ଏବେ ମୁର୍ଖଙ୍କର ମେଳ। ଭଙ୍ଗା ତାଟିଆରେ ସେ ଦୁଧ ଓ ପାଉଁରୁଟି ଧରି ଶୂନ୍ୟରେ ଆକାଶକୁ ଅନେଇ କହନ୍ତି, ମୋର ଗୋଟେ ସୁନ୍ଦର କବିତା ଭଳି, ନାରୀଟିଏ ଅଛି। ଗରମ ନିଃଶ୍ୱାସ ତଳେ, ଏଭଳି ଚାଲିଯାଏ ଦିନ। ଚିରକାଳ ବସିଥାନ୍ତି କି ଗୌତମୀର ଅପେକ୍ଷାରେ। ସେ ସ୍ୱପ୍ନ ସମ୍ରାଟ, ତାଙ୍କ କଲମ ମୁନରେ, କବିତା ରାଜ୍ୟରେ ଆସେ ଭୂମିକମ୍ପ। ଶୈଶବରେ ତାର ପ୍ରତିଟି ଜ୍ୱର ଭିଜା ଦିନର ଦାମ୍ ଥିଲା ଚାରିଅଣା। ସେଇ ଦରଦୀ ଅଥଚ ଦୀର୍ଘ ବପୁ ପ୍ରଚଣ୍ଡ ବ୍ୟକ୍ତିତ୍ୱ ବାପା, ଯିଏ ପୋଛି ନେଇଥିଲେ ତା ଆଖିରୁ ଗରମ ଲୁହକୁ ସେ ଆଜି ସ୍ୱର୍ଗରେ। ଏବେ ତାକୁ ଜ୍ୱର ହେଇଛି। ହସ୍ପିଟାଲର ମସିଆ ବେଡ୍‌ରେ, ଘଡି ଦେଖି ସଫା ସୁତୁରା ନର୍ସଟିଏ ଔଷଧ ଦେଇ ଯିବା ପରେ, ଏକାକୀ ଭାବରେ ସେ ଏକା। ଫ୍ୟାନ୍‌ର ଗରମ ହାଓ୍ୱା, ପୃଥିବୀଟା ଯେମିତି କାଚ ବାକ୍ସରେ ବନ୍ଦୀ। ସେ କିଛି କହିବାକୁ ଚାହେଁ। ଅନେକ କିଛି ସେ ପାଇନି ବହୁତ ଦିନରୁ। ତା ପ୍ରେମିକାର ଓଠ ଅନେକ କିଛି ଭୁଲ୍ କରିବି ପାଇଛି। ହସ୍ପିଟାଲର ନିରବ ଚିତ୍ର ଭିତରୁ ତାକୁ କହିବାକୁ ଦିଅ; ମୁଁ ସୁଖୀ ଲୋକ, ମୋ ଜ୍ୱର ଭିଜା ଦିନର ଦାମ୍ ଚାରିଅଣା।" (ଜଗଦୀଶଙ୍କୁ ପିଲା ଦିନେ ଜ୍ୱର ହେଉଥିଲେ, ତାଙ୍କ ବାପା ପ୍ରତିଦିନ ଚାରିଅଣା ଦେଉଥିଲେ)

ବହୁଦିନରୁ ସେ ଭୁଲି ଯାଇଥିଲେ ସୁଖ। ବହୁଦିନରୁ ଭୁଲିଯାଇ ଥିଲେ ନିଦ। ନକ୍ଷତ୍ରର ସ୍ୱପ୍ନ ସବୁ ତାଙ୍କର ନ ଥିଲା। ତେଣୁ ସେ ସୁଖର ଇଲାକାରୁ ନିର୍ବାସନରେ ଚାଲିଯାଇଥିଲେ। କିନ୍ତୁ ତଥାପି ଛାତି ଭିତରେ, ଥଣ୍ଡା ସ୍ନାନ ପରେ ଶାନ୍ତ ହାତରେ କେହି ତୋଳି ନେବ ସୁଖର ଫସଲ। ଦେହରେ ଖେଳିବ ସଂଧ୍ୟାର ସୁଖୀ ପବନ। ଏବଂ ଗୌତମୀ ହିଁ ଜାଣେ ସର୍ବସତ୍ତ୍ୱ ସଂରକ୍ଷିତ ସ୍ୱର୍ଗର ଠିକଣା। ଏଇ ଭଳି ଏମିତି ଧାରଣା ନେଇ ଖୋଳି ପକେଇବ କଷ୍ଟରେ କିଣିଥିବା ନିଜସ୍ୱ ପୃଥିବୀକୁ ସେ ଦିନେ ଚାଲି ଆସିଲେ ପୁରୁଣା ସହରକୁ। ସେ ରାଜକୁମାର-ରାଜକୁମାର ଗୌତମୀର ଛାତିର ବ୍ରଜ ପାଖକୁ।

ସହରରେ ପହଞ୍ଚି କିନ୍ତୁ ବନ୍ଦୀ ହେଲେ। ଏମିତି ହିଁ ଥାଏ ଭାଗ୍ୟରେ। ସୁନେଲି କବରରେ ଅଛନ୍ତି ସେ ସମ୍ରାଟ ଭଳି, ରାଜଦଣ୍ଡ ଛୁଇଁ। ଏବେ ସେ ରାସ୍ତା କଡର ଷ୍ଟାଚ୍ୟୁ। ଗୌତମୀର ହାତର ସ୍ପର୍ଶରେ କେବେ ଦିନେ ମୁକ୍ତ ହେବେ ଏଇ ପ୍ରତୀକ୍ଷାରେ।

(ପ୍ରକାଶ ଅପେକ୍ଷାରେ ଥିବା ସ୍ୱର୍ଗତ ଜଗଦୀଶ ମହାନ୍ତିଙ୍କର ଜୀବନୀ 'ଜଣେ ବୋହେମିଆନ୍‌ର କାହାଣୀ'ରୁ ଗୋଟିଏ ଅଧ୍ୟାୟ।)

□□

ଲେଖିକାଙ୍କ ଇ-ମେଲ୍ ଠିକଣା:
sarojinisahoo@gmail.com

**ରମ୍ୟରଚନା**



# ଏଇ ମଣିଷ

ଡା. ଅଭୟ ଦାଶ

ଏଇ ମଣିଷଙ୍କ ମଧ୍ୟରେ ଜନ୍ମ ହୋଇ ଏଇମାନଙ୍କ ମଧ୍ୟରେ କାଳକ ବିତିଗଲାଣି। ସବୁଠେଇଁ ଦେଖି ଆସୁଛି ଏମାନଙ୍କୁ। ଘରେ ବାହାରେ ଦେଶ ବିଦେଶରେ ସବୁଠିଁ ଦେଖି ଆସୁଛି। ଶୁଣି ଆସିଛି, କୁଆଡେ, ଦେବତା ମାନେ ବି ମଣିଷ ହୋଇ ଜନ୍ମ ନେବାକୁ ତପସ୍ୟା କରନ୍ତି। ପୁରାଣ ଶାସ୍ତ୍ରରୁ ଯାହା ଶୁଣିଛୁ, ସେହି ନର ରୂପ ଧାରୀ ଦେବତା ମାନେ ଧରାପୃଷ୍ଠରେ ଅବତରଣ କରି ମଣିଷ ଭଳିଆ ବ୍ୟବହାର ଦେଖାଇଛନ୍ତି। ମାଡ ଗୋଳ, ଜମି ବାଡ଼ି ଗଣ୍ଡଗୋଳ, ରାଜ୍ୟ ଜୟ କରିବା ପାଇଁ ଲଢ଼େଇ, କଣ ନକରିଛନ୍ତି ଏମାନେ? କିଏ କାହା ଭାରିଜା କୁ ନେଇ ଗଲା, କିଏ କାହା ଭଉଣୀ କୁ ସ୍ୱୟମ୍ବର ସଭାରୁ ଉଠେଇ ନେଲା। ଲଢ଼େଇ ହେଲା, ଯିଏ ହାରିଲା ତା ମୁଣ୍ଡରେ ଷ୍ଟିକର ଲାଗିଲା ରାକ୍ଷସ। ଇଏ ହେଲେ ଦେବତା! ସମସ୍ତେ ଯାଙ୍କର ବାହାବା କଲେ। ଏ ମାଟିର ଗୁଣ ଆଜ୍ଞା! ଏଠି ଜୋର ଯାହାର ମୁଲକ ତାହାର ନ୍ୟାୟ ଚାଲେ।



ଧରନ୍ତୁ, ଆମ ବାପା। ଛୋଟ ବେଳୁଁ ଦେଖି ଆସିଛୁ, ଭାରି ପାୱାରଫୁଲ୍। ଯେମିତି ହିଟଲର! ଆମେ ଭାଇ ଭଉଣୀ, ତାଙ୍କ ଆଗରେ ଠିଆ ହୋଇପାରୁନାହିଁ। ସେଥିପାଇଁ ବୋଉ ଥିଲା ଆମର ଓକିଲ। ଜେଜେ ବାପା ଜଜ୍। ଆମେ ତାଙ୍କ ଦୟାରୁ ଖସିଯାଉ। କେଶ୍ ରଫା ହୋଇ ଯାଏ। ଜେଜେ ବାପା, ମାଆ ବୁଢ଼ା ବୁଢ଼ୀ ହୋଇଯିବାରେ ତାଙ୍କର ଏକ୍ଜିକ୍ୟୁଟିଭ୍ ପାୱାର କମିଯାଏ। ବାପା ହୋଇ ଯାଆନ୍ତି ଅଲ୍ ପାୱାରଫୁଲ୍। ଜେଜେଙ୍କର ସୋସିଆଲ ଷ୍ଟାଟସ୍ ଆଗରେ ଆମେ ସମସ୍ତେ ନତମସ୍ତକ ହୋଇଯାଉ। ସିଏ ଆମକୁ ସର୍ବକ୍ଷମା ବା ଆମ୍ନେଷ୍ଟି ଦେଇ ପାରନ୍ତି। ଜେଜେଙ୍କ ମହାନୁଭବତା ରୁ ଆମେ ରକ୍ଷା ପାଇଯାଉ। ସିଏ ଆମକୁ ବୁଝନ୍ତି, ଆମେ ତାଙ୍କୁ ବୁଝିପାରୁ। କାହିଁକି ନା, ଆମେ ମଣିଷ! ବାପା ବି ଜେଜେଙ୍କୁ ବୁଝନ୍ତି ଜେଜେ, ବାପାଙ୍କୁ। ଏହା ଆମର ଶାନ୍ତି ପୁର୍ଣ୍ଣ ସହାବସ୍ଥାନ ନୀତି।

ଏଇ ମଣିଷ ନିଜର ବୁଦ୍ଧି ବଳରେ ଭୟଙ୍କର ଶକ୍ତିଶାଳୀ ଜନ୍ତୁମାନଙ୍କୁ ଆୟତ୍ତ କରିପାରେ। ଦୁର୍ବଳ ମଣିଷ ଉପରେ ଆକ୍ରମକ ଶକ୍ତି ପ୍ରଦର୍ଶନ କରେ। ନିଜର ପ୍ରତିପତ୍ତି ବିସ୍ତାର କରେ। ଯଥା ବ୍ରିଟିଶ ଶାସନ। କୁଆଡେ ତାଙ୍କ ଶାସନରେ ସୂର୍ଯ୍ୟାସ୍ତ ନଥିଲା! ଏଠୁ ସେଠୁ ଲୁଟିନେଇ ବଡଲୋକ ସାଜିଲେ। ଆମଦେଶ କୋହିନୁର ହୀରା ନେଇ ଗଲେ, ନିଜ ମୁକୁଟରେ ଲଗେଇଛନ୍ତି। କାହା ଜିନିଷ ? କୁଆଡେ ଯାଇଥାଆନ୍ତା? କିଏ ନେଇ ଗଲା? କଣ ନା ରାଜାଧିରାଜ! ମୋନାର୍କ୍!

ଶକ୍ତିଶାଳୀ ଦେଶ! ଗରିବ ଦେଶଙ୍କୁ ବସେଇ ଉଠେଇ ଦଉନାହାନ୍ତି! ଦି ଭାଇଙ୍କ ଭିତରେ ପାଚେରି ଉଠେଇ ଦେବେ। ନିଜ ବେପାର କେମିତି ଚାଲିବ? ଯାକୁ ତାଳଫୋଟକା ବିକିବେ, ତାକୁ ହାବେଳୀ! ସଂଯୁକ୍ତ ରାଷ୍ଟ୍ରରେ ଦିହିଙ୍କ ପାଇଁ କାନ୍ଦଣା। ମଣିଷ! ଏଇ ମଣିଷ ଆଜ୍ଞା। ରଜା ମହାରାଜା ସେହି କାମ କରି ଗଲେ! ଏବେ ଏଇମାନେ।

ମଣିଷ ଅନ୍ୟ ମଣିଷ ମାନଙ୍କୁ କି ଜ୍ଞାନ ଦିଏ, କି ପ୍ରବଚନ! ଦି ଟଙ୍କା ପାଇଁ ରିକ୍ସା ବାଲା ସାଙ୍ଗରେ ଝଗଡା, ଆଠଣା ପଇସା ପାଇଁ ଜଗନ୍ନାଥ ମନ୍ଦିର ଆଗରେ ବଳିତା ବିକୁଥିବା ଗରିବ ସ୍ତ୍ରୀ

ଲୋକ ଟି ସାଙ୍ଗରେ କଳି, ହୋଟେଲରେ ୱେଟରକୁ ଶହେଟଙ୍କା ଟିପ୍, ନହେଲେ ବଡପଣରେ ବାଧା ଆସିବ ? ଦେଶୀ କୁକୁରଙ୍କୁ ବାଡେଇ ଗୋଡାଏ, ବିଲାତି ମିଶା କୁକୁରକୁ କାଖେଇ କରି ବୁଲାଇ ଥାଏ, ନିଜ ପିଲାଙ୍କ ଖଟରେ ଶୁଆଏ, ଏଇ ମଣିଷ। ମୂଷା, ମାଛି,ପିମ୍ପୁଡି, ମଶା ଭଳିଆ ଛୋଟ ପ୍ରାଣୀ ମାନଙ୍କୁ ବିଷ ପ୍ରୟୋଗ କରି ମାରି ଦେବାକୁ ପଛାଏ ନାହିଁ ଏଇ ମଣିଷ।

**ମାତ୍ର ଏପରି ଏକ ସମୟର ସାମନା କରିବାକୁ ହୁଏ ଯେଉଁଠି ମଣିଷକୁ ହାର ମାନିବାକୁପଡେ।**

ଆଧିପତ୍ୟ ପ୍ରତିପତ୍ତି, ପ୍ରତିଷ୍ଠା,ବଢିଯାଏ। କୋଟି କୋଟି ଟଙ୍କାର ମାଲିକାନା ହାତକୁ ଆସି ଯାଏ, ଯେମିତି ବା ଆସୁ, ବଡଲୋକ ହୋଇ ଗଲା ଭାବିନିଏ। ନିଜ ଲୋକଙ୍କ ଠାରୁ ଦୂରେଇଯିବା ଆରମ୍ଭ ହୁଏ। ସବୁ ଶକ୍ତି ଉପରୁ ବିଶ୍ୱାସ କମିଯାଏ। ସମୟ ଗଡି ଚାଲେ, ମନବୋଧ ଚଉତିଶା, ସ୍ତୁତି ଚିନ୍ତାମଣି, ମୋହ ମୁଦ୍ଗର ମୁଖସ୍ଥ ହେଲେବି କି ଲାଭ ? ଏଇ ମଣିଷ ହୋଇ ପାରେ ଶାସକ, ପ୍ରଶାସକ, ବୈଜ୍ଞାନିକ, ସମାଲୋଚକ, ବୁଦ୍ଧିଜୀବୀ ମାତ୍ର ଏପରି ଏକ ସମୟର ସାମନା କରିବାକୁ ହୁଏ ଯେଉଁଠି ହାର ମାନିବାକୁପଡେ। ଯାହାକୁ ଖୋଜି ହୁଏ ସିଏ ଦେଖା ଦିଏନାହିଁ। ଦେଖା ଦେଲେ ବି,ଏହାକୁ ଚିହ୍ନିବା ଶକ୍ତି ନଥାଏ,ଖାଲି ଜୁଳୁ ଜୁଳୁ ହୋଇ ଚାହିଁ ଥାଏ। ଲୋକମାନେ ଦୟା ଭାବ ଦେଖାଇ କହି ହୁଅନ୍ତି, ଆହାହା ! କଣଥିଲା ! କଣ ହୋଇଗଲା, ଏ ମଣିଷ ? ଦିନ ସରିଆସେ, ସବୁ ଛାଡ଼ି ଦେଇ ଯିବାକୁ ମନ ହେଲେ ବି, ଯାଇପାରେନାହିଁ। ସର୍ବ ଶେଷରେ ମିଳେ କଣ ? ପାଉଁଶ ଗଣ୍ଡିଏ ହୋଇ ଯାଏ ଏଇ ମଣିଷ।

□□

ଲେଖକଙ୍କ ଇ-ମେଲ୍ ଠିକଣା:
abhaydash1@gmail.com





ଅନୁବାଦ ଗଳ୍ପ

# ତୃଷ୍ଣା- ତୁ ନ ଗଲେ



ମୂଳ ଲେଖା: ଡ. ସୁଧା ପାଣ୍ଡେ ଅନୁବାଦ: ଡ. କିଶୋର ମହାନ୍ତି

ବାରଣାସୀ ରାଜା ଭୌତିକ ସୁଖ ପ୍ରତି ଏତେ ଅଧିକ ଭାବରେ ଆସକ୍ତ ଥିଲେ ଯେ ତାଙ୍କୁ ଯେତେ ଦେଲେ କେଉଁ ଥିରେ ସେ ସନ୍ତୁଷ୍ଟ ନ ଥିଲେ। ଧନ ରାଜ୍ୟ ଓ ଐଶ୍ୱର୍ଯ୍ୟ ପାଇବା ପଛରେ ଏତେ ପାଗଳ ଥିଲେ ଯେ ଗୋଟାକ ପରେ ଗୋଟାଏ ରାଜ୍ୟ ଜୟ କରି ଅପାର ଧନ ପାଇବା ସଂଗେ ସଂଗେ ନିଜ ରାଜ୍ୟର ପରିସୀମାକୁ ଆହୁରି ବର୍ଦ୍ଧିତ କରିବାରେ ମଧ୍ୟ ସଦା ସର୍ବଦା ଲାଗି ରହିଥିଲେ। ଦିନକରେ ରାଜଦ୍ୱାର ସମୀପରେ ଜଣେ ତରୁଣ ବ୍ରହ୍ମଚାରୀ ଆସି ପହଞ୍ଚିଲେ। "କଣ ପାଇଁ ଆସିଛ" ରାଜା ପଚାରି ବସିଲେ ସହସା। ରାଜା ପଚାରିବା ପରେ ସେ ତରୁଣଟି ସ୍ୱାଭାବିକ ଢ଼ଙ୍ଗରେ ଉତ୍ତର ପ୍ରଦାନ କଲେ, ମହାଭାଗ; ମୋତେ ଏମିତି ତିନୋଟି ମନ୍ତ୍ର ଜଣା ଅଛି ଯାହାକି ଧନ, ସ୍ୱର୍ଣ୍ଣ, ଅଳଙ୍କାରାଦିରେ ଭରପୁର ଅଛି। ସେହି ରାଜ୍ୟଗୁଡିକୁ ବଡ ସହଜରେ ଆପଣ ଜୟ କରିପାରିବେ। ମୁଁ ଆପଣଙ୍କୁ ସେଇ ସବୁ ରାଜ୍ୟର ଅଧିକାର ପାଇଁ ସାହାଯ୍ୟ ଦେବାକୁ ଆସିଥିଲି।



"କେବେ ଯିବେ ଆପଣ!" ରାଜାଙ୍କର ଉତ୍କଣ୍ଠାର ସୀମା ନ ଥିଲା। "ହଉ, କାଲି ପ୍ରଭାତରୁ ପ୍ରସ୍ଥାନ କରିବା। ଆପଣ ଶୀଘ୍ର ଆପଣଙ୍କର ସେନାମାନଙ୍କୁ ପ୍ରସ୍ତୁତ କରନ୍ତୁ।" ତରୁଣ ବ୍ରହ୍ମଚାରୀଜଣକ ଏତକ କହି ନିଜ ସ୍ଥାନକୁ ବିଦାୟ ମାଗିଲେ। ବାଃ, କେତେ ସୁ ଖବର ସତରେ ଇଏ, ସେଇ ବ୍ରାହ୍ମଣ ତରୁଣ କଣ ଆସି ମୋ ଭାଗ୍ୟର ଦ୍ୱାର ଖୋଲିଦେଲେ! ବିନା ପ୍ରଚେଷ୍ଟାରେ ବା ସଂଘର୍ଷରେ ଉତ୍ତର ପାଞ୍ଚାଳ ଇନ୍ଦ୍ରପସ୍ଥ, ଆଉ କେକୟ ଏହି ତିନୋଟି ରାଜ୍ୟ ଉପରେ ବିଜୟ ପ୍ରାପ୍ତ କରିବା ସଂଦେଶ ଦେଇ ଚାଲିଗଲେ। ଶୀଘ୍ର ସେନାଗଣଙ୍କୁ ପ୍ରସ୍ତୁତ କରି ପ୍ରଭାତରୁ ସେଇ ତରୁଣ ବ୍ରହ୍ମଚାରୀଙ୍କୁ ସାଥିରେ ନେଇ ତିନୋଟି ରାଜ୍ୟ ନିଶ୍ଚିତ ଭାବରେ ଜୟ କରିପାରିବେ। ଧନଧାନ୍ୟ ଐଶ୍ୱର୍ଯ୍ୟରେ ଭରପୁର ଏହି ତିନି ରାଜ୍ୟ ପ୍ରାପ୍ତି ଜୀବନରେ ଅଶେଷ ସୁଖଶକ୍ତି ନିଶ୍ଚିତ ଭାବରେ ପ୍ରଦାନ କରିବ। ନିଜେ ରାଜା ସବୁ ଆଡେ ଏକଥା ଘୋଷଣା କରି ଦେଲେ ଓ ମନ୍ତ୍ରୀ ମହୋଦୟଙ୍କୁ ଡକାଇ ନିଜ ସାଥିରେ ଯିବା ପାଇଁ ଆମନ୍ତ୍ରିତ କଲେ।

କାଲି ସୁପ୍ରଭାତରୁ ବିଜୟ ଯାତ୍ରା ପାଇଁ ସମସ୍ତେ ଉଦ୍‌ଗ୍ରୀବ ଥିଲେ। କିନ୍ତୁ ଶେଷରେ ସେଇ ତରୁଣ ଜଣକ ଆସିଲେ ନାହିଁ। ରାଜାଙ୍କ ଆଦେଶ ହେଲା ତାଙ୍କୁ ଅତିଶୀଘ୍ର ଖୋଜି ଆଣ।!

ମହାରାଜ, ତାଙ୍କୁ କେଉଁଠୁ ଖୋଜିବୁ। ଆପଣ ତାଙ୍କୁ କେଉଁଠି ରହିବାକୁ କହିଥିଲେ?

- ମୁଁ ତା ରହିବା ପାଇଁ କିଛି କହିନଥିଲି।

- ଖାଇବା ପାଇଁ ମହାପ୍ରଭୁ କିଛି ଅର୍ଥ ଦେଇଥିଲେ କି- ମନ୍ତ୍ରୀ ପଚାରିଲେ।

- ତା ବି ଦେଇ ନାହିଁ।

- ତେବେ ତାକୁ କେଉଁଠି ଖୋଜିବା।

- ଆରେ ସାରା ବସ୍ତି, ଗଳି କନ୍ଦି ସବୁଆଡେ ଖୋଜ

କେତେ କେତେ ଜାଗା ବୁଲି ବୁଲି କରି ସ୍ୱୟଂ ମନ୍ତ୍ରୀ ନିସ୍ତେଜ ହେଇ ପଡିଲେ ଓ ନିରୁପାୟ ହୋଇ ଫେରି ଆସିଥିଲେ। "ମହାରାଜ- ସେ ବ୍ରହ୍ମଚାରୀଙ୍କର କେଉଁଠି ହେଲେ ଦେଖା ମିଳିଲା ନାହିଁ। ଏବେ କଣ କରିବା।

- ଆରେ, ମୋ ହାତରୁ ଏତେ ବଡ ଐଶ୍ୱର୍ଯ୍ୟ ଯେ ଚାଲିଯିବ।

ରାଜା ଦୁଃଖରେ ଭାଙ୍ଗି ପଡିଲେ। ତାଙ୍କ ହୃଦୟର ଜ୍ୱଳନ ତୀବ୍ରତର ହେବାରେ ଲାଗିଲା। ବିଚଳିତ ହୋଇଥିବାରୁ ତାଙ୍କ ରକ୍ତ ତାତି ଉଠିଲା। ଅତ୍ୟଧିକ ରକ୍ତଚାପ ରୋଗ ପୀଡାର ଉପଶମ ଓ ରାଜାଙ୍କ ଚିକିତ୍ସା ପାଇଁ ରାଜାଙ୍କର ବଡ ବଡ ବୈଦ୍ୟ ଆସି ପହଞ୍ଚିଲେ କିନ୍ତୁ ରାଜା ସୁସ୍ଥ ହେଲେ ନାହିଁ।

ଏବେଳରେ ମହାମନ୍ତ୍ରୀ ବ୍ୟସ୍ତ ବିବ୍ରତ ଥିଲେ। ସେ ବା କଣ କରି ପାରିବେ।

ବୋଧିସତ୍ୱ ଶକ୍ର, ଦେବେନ୍ଦ୍ର ରୂପରେ ଉପବିଷ୍ଟ ଥିଲେ। ସେହି ସମୟରେ। କହିଲେ ରାଜାଙ୍କର ରୋଗ ଜାଣିକରି ଭଲ ଭାବରେ ଚିକିତ୍ସା କରିବି।

ବ୍ରାହ୍ମଣ ରୂପରେ ସେହି ବୈଦ୍ୟ ଆସି ହଠାତ୍ ପହଞ୍ଚିଲେ ରାଜଦ୍ୱାର ପାଖରେ।

- ମହାରାଜ; ଜଣେ ବୈଦ୍ୟ ବ୍ରାହ୍ମଣ ଆପଣଙ୍କ ଚିକିତ୍ସା ଉଦ୍ଦେଶ୍ୟରେ ଦ୍ୱାର ପାଖରେ ଦଣ୍ଡାୟମାନ, ଡାକିବି ଭିତରକୁ। 'ଆରେ ବଡ ବଡ ରାଜବୈଦ୍ୟଙ୍କ ଚିକିତ୍ସା ଫଳବତୀ ହେଲା ନାହିଁ, ଆଉ ଇଏ କଣ କରିବ ତାକୁ କିଛି ଖର୍ଚ୍ଚ ଦେଇ ବିଦା କରିଦିଅ।' ରାଜା ବିବ୍ରତ ହେଇ ଆଦେଶ ଦେଲେ।

- ମୋର ଭୋଜନର ଆବଶ୍ୟକତା ଅଛି ନା ମୋର ଖର୍ଚ୍ଚ ଲୋଡା। ବୈଦ୍ୟ ପାଉଣା ବି ନେବାକୁ ଚାହେଁନା। କେବଳ ମୁଁ ରାଜାଙ୍କ ଚିକିତ୍ସା କରିବି। ରାଜା ଯଦି ଥରୁଟିଏ ମିଳନ୍ତେ ବିନତି କରନ୍ତି ତାଙ୍କ ପାଖରେ, ଥରେ ତାକୁ ଦେଖେ।

- ଦ୍ୱାରଦେଶରେ ଠିଆ ହେଇଥିବା ବୈଦ୍ୟଙ୍କୁ ଭିତରକୁ ଆସିବା ପାଇଁ ଅନୁମତି ଦିଅ ଅମାତ୍ୟ। ରାଜା ସ୍ୱୟଂ ଅଦେଶ ପ୍ରଦାନ କଲେ। ବୈଦ୍ୟ ଜଣକ ପ୍ରବେଶ କରନ୍ତେ ରାଜା କହିଲେ- ତମେ ମୋର ଚିକିତ୍ସା କରିବ?

-ହଁ- ମହାରାଜ।

- ତେବେ ଚିକିତ୍ସା ଆରମ୍ଭ କର।

ରାଜାଙ୍କ କଥାରେ ଯେମିତି ତାଚ୍ଛଲ୍ୟ ଭାବ ଥିଲା।

ରାଜ ସଭାରେ ସେତେବେଳକୁ ନିରବତା ରାଜୁତି କରୁଥିଲା। ସନ୍ନାଟା ଛାଇ ଯାଇଥିଲା। ମହାମନ୍ତ୍ରୀଙ୍କ ସହ ସମସ୍ତ ରାଜ କର୍ମଚାରୀ ଖୁବ୍ ଚିନ୍ତିତ ଥିଲେ ଯେମିତି ହଠାତ୍ ରାଜାଙ୍କର ଉପରେ ବଡ ବିପତ୍ତି ଘନେଇ ଆସିଛି।

'ମହାରାଜ! ମୋତେ ଆପଣଙ୍କର ରୋଗର ଲକ୍ଷଣ କୁହନ୍ତୁ। କେଉଁ କାରଣରୁ ଏ ରୋଗ ଆପଣଙ୍କ ଶରୀରରେ ଦେଖା ଦେଲା। ଏମିତିକି ଖାଦ୍ୟ ପାନୀୟ ଯୋଗୁଁ, ନତୁବା ଦେଖିବା ଆଉ ଶୁଣିବାରେ ହେଲା କି?'

ନବାଗତ ବୈଦ୍ୟ ସମସ୍ତଙ୍କ ଧାନ ଭାଙ୍ଗି ଦେଇ ଏ ପ୍ରଶ୍ନଟି ପଚାରି ବସିଲେ।

"ମୋର ଏ ରୋଗଟି କେବଳ ଶୁଣିବା କାରଣରୁ ହେଇଛି", ରାଜା ସ୍ପଷ୍ଟ ଭାବରେ ଏହି କଥାଟି ବୈଦ୍ୟଙ୍କ ଆଗରେ ଉପସ୍ଥାପିତ କଲେ।

"ଶୁଣିବା କାରଣରୁ" ଆଶ୍ଚର୍ଯ୍ୟ ହେଲେ ବୈଦ୍ୟ।

ଏ ତ ବଡ ଆଶ୍ଚର୍ଯ୍ୟକର କଥା।

କୁହନ୍ତୁ ମହାଭାଗ ଆପଣ କଣ ଶୁଣିଥିଲେ।

"ହଠାତ୍ ଏକ ତରୁଣ ବ୍ରହ୍ମଚାରୀ ମୋ ରାଜ ଦରବାରକୁ ଆସି କହିଲେ- 'ମୁଁ ତିନି ରାଜ୍ୟ ଜୟ କରିବାରେ ସହଯୋଗ କରିବି।' ଏକଥା କହି ସେ କେଉଁ ଆଡେ ଚାଲିଗଲେ। ମୁଁ ତାଙ୍କର ରହିବା ପାଇଁ ତଥା ଖାଦ୍ୟ ପାନୀୟର କିଛି ବି ବ୍ୟବସ୍ଥା କରି ନଥିଲି। ଅବା ତାଙ୍କର ଭଲ ମନ୍ଦ କଥା ମୁଁ ଥରୁଟିଏ ବି ପଚାରି ନଥିଲି। ମୁଁ ଭାବୁଛି ସେ ଏଥିରେ କ୍ରୋଧାନ୍ୱିତ ହୋଇ ଅନ୍ୟ ରାଜାଙ୍କ ପାଖକୁ ଚାଲି ଯାଇଥିବେ। ମୋର ବିପୁଳ ପରିମାଣର ଧନ ସମ୍ପତ୍ତି, ଐଶ୍ୱର୍ଯ୍ୟ ସେ ଛଡାଇ ନେଇଗଲେ। ଏହି କଥା ଭାବି ଭାବି ମୁଁ ଅସ୍ଥିର ହୋଇ ପଡିଲି ଆଉ ଏ ରୋଗର ଶୀକାର ହେଇଛି।"

"ମୋର ଏ ରୋଗଟି କେବଳ ଶୁଣିବା କାରଣରୁ ହେଇଛି", ରାଜା ସ୍ପଷ୍ଟ ଭାବରେ ଏହି କଥାଟି ବୈଦ୍ୟଙ୍କ ଆଗରେ ଉପସ୍ଥାପିତ କଲେ।

'ଆପଣଙ୍କୁ କୌଣସି ଔଷଧର ଆବଶ୍ୟକତା ଅଛି। କିଛି କିଛି କବିରାଜ କଳା ସାପର ବିଷରେ ଚିକିତ୍ସା କରନ୍ତି। କିଛି ଭୂତ ପ୍ରେତ ଦ୍ୱାରା କବଳିତ ହୋଇଥିବା ହେତୁ ଝଡାଫୁଙ୍କା ବି କରନ୍ତି। କିନ୍ତୁ କାହା ଦ୍ୱାରା ବଶୀଭୂତ ମନୁଷ୍ୟଙ୍କୁ ଜ୍ଞାନକୁ ଛାଡି ଦେଇ ଆଉ କେଉଁଥିରେ ଚିକିତ୍ସା କରା ହୋଇନପାରେ। ଯାହାକି ବୈଦ୍ୟଧର୍ମର ମର୍ଯ୍ୟାଦା ଲଂଘିପାରେ, ଏହା ମନ୍ତ୍ର ଓ ନିଦାନରେ ଚିକିତ୍ସା ହେଇପାରେ। ବ୍ରାହ୍ମଣ କବିରାଜ ନିଗ୍ରହ ପୂର୍ବକ ରାଜାଙ୍କୁ ଲଜ୍ଜିତ କରିବାର ପ୍ରୟାସ ଆରମ୍ଭ କରି ଦେଇଥିଲେ।

ରାଜା ଗଭୀର ଚିନ୍ତାରେ ପୁଣି ନିମଗ୍ନ ହୋଇଗଲେ। କେବଳ ଐଶ୍ୱର୍ଯ୍ୟ। ତିନୋଟି ରାଜ୍ୟ ଜୟ କରିବାର ଅଭିଳାଷ ଯଦ୍ୱାରା ସେ ଅମାପ ସଂପତ୍ତିର ଅଧିପତି ହେବେ। ଏହି ପ୍ରକାର ଦୁଃଶ୍ଚିନ୍ତାରେ ପଡି ସେ ଅଧିକ ଉଦାସ ହେଇଗଲେ। ତାଙ୍କର କିଛି ବୋଧେ ହେଇଯାଇଥିଲା। ବିଚରା ବ୍ରାହ୍ମଣ ବୈଦ୍ୟ

ପରିସ୍ଥିତିଟିର ଗଭୀରତାକୁ ବୁଝି ଦେଇଥିଲେ ଆଉ ସୁଯୋଗ ପାଇଲେ, ପୁଣି କହିଲେ, 'ହେ- ମହାରାଜ, ଥରେ ବୁଝିବାକୁ ଚେଷ୍ଟା କରୁ ନାହାଁନ୍ତି କାହିଁକି ? ଯଦି ଆପଣ ଏହି ତିନୋଟି ରାଜ୍ୟକୁ ଅଧିକାର କରିବାକୁ ଚାହାଁନ୍ତି। ନିଜେ ହିଁ ତ ସେଇ ରାଜ୍ୟ ଶାସନ କରିବେ କଣ ସେଇ ସବୁ ନଗରରେ ଶାସନ କରିବା ସମୟରେ ଆପଣ ଏକା ସାଥିରେ ଚାରୋଟି ବସ୍ତ୍ର ପିନ୍ଧିବେ ନା କଣ ? ଅଥବା ଚାରୋଟି ସ୍ୱର୍ଣ୍ଣ ଥାଳିରେ ଭୋଜନ କରିବେ ? ଅବା ଚାରୋଟି ହସ୍ତୀଦନ୍ତ ଖଚିତ ପଲଙ୍କରେ ଶୟନ କରିବେ। କଣ ଚାରୋଟି ରୂପରେ ବସି ପରିଭ୍ରମଣ କରିବେ କି ? ମହାରାଜ ଏ ତୃଷ୍ଣା ହିଁ ରୋଗର କାରଣ। ଏହାକୁ ପ୍ରଶମିତ କରିବା ଦୁଃସାଧ୍ୟ। ଏହି ତୃଷ୍ଣା ବଢ଼ିଗଲେ ତହିଁରୁ ଉତ୍ପନ୍ନ କାମନା ବ୍ୟକ୍ତିକୁ ଅଧିକ ଦୁଃଖ ଦେବ। ଏଥିରୁ ମୁକ୍ତି ପାଇବାର ମାର୍ଗ ଅତି ସହଜରେ ମିଳି ପାରିବ ନାହିଁ।' ଏହା ଶୁଣି ରାଜା ଭୟରେ ଥରିବାକୁ ଲାଗିଲେ। 'ଆରେ ମୁଁ ବୃଥାରେ ସୁଖ ସଂଧାନରେ ଦୌଡ଼ୁଥିଲି। ନିଜ ପାଖରେ ପର୍ଯ୍ୟାପ୍ତ ଧନ ସଂପତ୍ତି ଐଶ୍ୱର୍ଯ୍ୟ ଥିବା ସତ୍ତ୍ୱେ ମୁଁ ଅଧିକରୁଅଧିକ କାମନାରେ ଜଳୁଥିଲି। ହେ- ମହାବୈଦ୍ୟ ଆପଣ ପ୍ରକୃତରେ ମୋ ଆଖି ଖୋଲି ଦେଲେ। ଏହି କ୍ଷଣଭଂଗୁର ଭୌତିକ ବିଭବ ଚିନ୍ତାରେ ମୁଁ ଘୁରି ଯାଉଥିଲି ଓ ତାରି ଦ୍ୱାରା ଉତ୍ପନ୍ନ ଶୋକର ଜଞ୍ଜାଳନୌଷଧୀରେ ମୁଁ ନିଜେ ଚିକିତ୍ସା କଲି। ଆପଣ ଧନ୍ୟ। ଆପଣ ଧନ୍ୟ ଆପଣ ମହାନ୍।'

**ସେଇ ସବୁ ନଗରରେ ଶାସନ କରିବା ସମୟରେ ଆପଣ ଏକା ସାଥିରେ ଚାରୋଟି ବସ୍ତ୍ର ପିନ୍ଧିବେ ନା କଣ ?**

ଧର୍ମୋପଦେଶରେ ରାଜା ଶୋକରହିତ ହୋଇ ଯାଇଥିଲେ। ଶକ୍ର ବେଶଧାରୀ ଏହି ବ୍ରାହ୍ମଣ ଯିଏ ରାଜାଙ୍କର ପରୀକ୍ଷା ନେବା ପାଇଁ ଆସିଥିଲେ ସେ ଯଥା ଶୀଘ୍ର ନିଜ ସ୍ଥଳକୁ ପ୍ରତ୍ୟାବର୍ତ୍ତନ କଲେ, ରାଜା ସ୍ୱୟଂ ସ୍ୱଧର୍ମ ପ୍ରତିଷ୍ଠା କରି ନିଜ ଜୀବନକୁ ଧନ୍ୟ କରି ଅବଶିଷ୍ଟ ଜୀବନ ସୁଖରେ କଟାଇଲେ।

□□

ଲେଖକଙ୍କ ଇ-ମେଲ ଠିକଣା:
kishoremohanty5@gmail.com

## ସାହିତ୍ୟ ଚର୍ଚ୍ଚା ବର୍ତ୍ତମାନ ମୋବାଇଲ ଆପ୍ ରେ





ଆପଣଙ୍କ **ଆଣ୍ଡରଏଡ୍ ମୋବାଇଲ ଫୋନ୍** ପାଇଁ **'ସାହିତ୍ୟ ଚର୍ଚ୍ଚା'ର ଆପ୍** ବର୍ତ୍ତମାନ **'ପ୍ଲେ ଷ୍ଟୋର୍'ରେ** ଉପଲବ୍ଧ ଅଛି।

ପତ୍ରିକାର ସମସ୍ତ ନୂତନ ଲେଖା ତୁରନ୍ତ ପଢ଼ିବା ପାଇଁ ଏହାକୁ ଡାଉନଲୋଡ୍ କରି ବ୍ୟବହାର କରନ୍ତୁ।

Search **Sahitya Charcha** on **Play Store**.

କବିତା



# ତୁମେ

ପୁଷ୍ପାଞ୍ଜଳି ପଣ୍ଡା

ତୁମେ ତ ଭରସାର
ବିଶ୍ୱାସର,
ଭକ୍ତିର ଶକ୍ତିର
ମହାବାହୁ ମହା ଦ୍ରୁମ,
ବାଞ୍ଛିତ ପୃଥିବୀରେ
ଜୀବନର
ଦୃଢ଼ ଅଙ୍ଗୀକାର,
ସ୍ୱର୍ଗୀୟ ପୀୟୁଷ ସମ ॥

ଲୋଡେ ମୁଁ, ତୁମ ଦୟାର
ଦିବ୍ୟତାର
ପୁଣ୍ୟ ପାରାବାର
ଅଣୁ ପରମାଣେ ରେଣୁ,
ସବୁ କର୍ମର ଅକର୍ମର
ସୌଦାଗର
ସଂସାର ବଣିକ ତୁମେ
ଜୀବନେ ମଧୁର ବେଣୁ ॥

ଚାହେଁ ମୁଁ ତବ କୃପାର
କର୍ପୂରର
ନିର୍ମାଲ୍ୟ ଟିକିଏ,
କରୁଣା ସିକ୍ତ ସମୀର,
ଭୂଲେ ମୁଁ ସବୁ ଦୁଃଖକୁ
ଚାହିଁ ଦେଲେ
ତୁମ ମୋହନ ମୟୁଖ
ମୁକ୍ତି ପଥ ଏକା ଜୀବନର ॥

ଭାବେ ମୁଁ ଆନନ୍ଦ ଯୁକ୍ତ
ବିଷାଦ ଠୁ
ମୁକ୍ତ ଅନୁଭବେ ମିଳୁ
ନିତ୍ୟ ସଂସାରଟିଏ,
ଜାଣେ ମୁଁ ତୁମକୁ ଛାଡ଼ି
ଠିଆହୋଇ
ମୃତ୍ୟୁର ଦୁଆରେ,
ନିତ୍ୟ ସୁଖ କେବେ ପ୍ରାପ୍ତ ନୁହେଁ ॥



ସହେ ମୁଁ ଅସହ୍ୟ ପୀଡା
ବେଦନାର
ଯାବତ ଯନ୍ତ୍ରଣା
ନିତି ପ୍ରତି ବାଟବଣା
ସାରେ ମୁଁ ଆୟୁଷର ଗାର
ପାରିବାର
ପାରିଲା ପଣର
ନହୁଅ ଆଉ ଜାଣି ଅଜଣା ॥

ବନ୍ଧା ମୁଁ ତୁମରି ହାତେ
ରଖ ମତେ
କିଅବା ମାରିବ,
ତାରିବ, ତୁମେ ଜାଣ
ଛନ୍ଦା ମୁଁ ପ୍ରେମର ଡୋରେ
ପଡିବିନି
ବିଶ୍ୱାସ ନିଶ୍ୱାସ
ସବୁ କରୁଅଛି ସମର୍ପଣ ॥

ଧନ୍ୟ ମୁଁ ଶ୍ରେଷ୍ଠ ମଣୁଛି
ଅର୍ପଣରେ
ନିଜକୁ ସମର୍ପି
ଦେଇଛି ହେ ପ୍ରେମମୟ
ମୁକ୍ତ ମୁଁ ସଂସାର ମାୟାରୁ
ମୋହ ଠାରୁ
ଦୂରେଇ ନେବ ହେ
ମତେ ଦୟାକରି ଦୟାମୟ ॥

□□

କବୟିତ୍ରୀଙ୍କ ଇ-ମେଲ ଠିକଣା:
pandapuspanjali233613@gmail.com

ବ୍ୟଙ୍ଗ

# ଘୋଡ଼ା ମୁହାଁ

ବିଭୁ ପ୍ରସାଦ ନାୟକ (ଡ. ଧର୍ମଛଡା)



ଓଡ଼ିଆରେ ପ୍ରବାଦ ଅଛି ଘର ବୁଡ଼ିଲା ବେଳକୁ ଘୋଡ଼ା ମୁହାଁ ପୁଅ ଜନ୍ମ ହୁଅନ୍ତି। ଏହାର ଅର୍ଥ ଆପଣମାନଙ୍କୁ ବୁଝାଇବାର ଆବଶ୍ୟକତା ନାହିଁ ବୋଲି ମୁଁ ଭାବୁଛି। କିନ୍ତୁ ଘୋଡ଼ା ମୁହାଁର ଅନେକ ଅର୍ଥ ଅଛି। ଦେଖାଯାଏ ଯେଉଁ ଲୋକ ଉପର ମୁହାଁ ହୋଇ ଚାଲୁଥାନ୍ତି, ଦେଖି ନଦେଖିଲା ପରି ବ୍ୟବହାର ଦେଖାନ୍ତି ତାଙ୍କୁ ଆମର ବୟୋଜ୍ୟେଷ୍ଠ ବ୍ୟକ୍ତି ମାନେ 'ଘୋଡ଼ା ମୁହାଁ' କହିଥାନ୍ତି। ଏହି ଶ୍ରେଣୀର ଘୋଡ଼ା ମୁହାଁ ଜନ୍ତୁ ସାଧାରଣ ସରକାରୀ ଅଫିସରେ ଦୃଶ୍ୟମାନ ହୋଇଥାନ୍ତି। ଅନ୍ୟ ଏକ ଲକ୍ଷଣଯୁକ୍ତ ଘୋଡ଼ା ମୁହାଁ ହେଲେ ଯେଉଁ ମାନେ କିଛି କାରଣ ନଥାଇ ତଥା ଅନାବଶ୍ୟକ ସ୍ଥଳେ ହେଁ ହେଁ ହୋଇ ଘୋଡ଼ା ପରି ହସିଥାନ୍ତି, ତାଙ୍କୁ ଆମର ପୁରୁଣା କାଳିଆ ଲୋକେ ଘୋଡ଼ା ମୁହାଁ କହିଥାନ୍ତି। ଏହି ପ୍ରକାରର ଘୋଡ଼ା ମୁହାଁମାନେ ସାଧାରଣ ଭାବେ ନିର୍ବାଚନୀ ପ୍ରଚାର ସମୟରେ ଭୋଟରଙ୍କୁ ଦେଖିବାର ସୌଭାଗ୍ୟ ପ୍ରାପ୍ତି ହୋଇଥାନ୍ତି। ଓଡ଼ିଆ ବ୍ୟାକରଣ କହିବା ଅନୁସାରେ, 'ଘୋଡ଼ା ମୁହଁ ପରି ମୁହଁ ଯାହାର, ସିଏ ଘୋଡ଼ା ମୁହାଁ'। ଏହି ପ୍ରକାରର ବ୍ୟକ୍ତିଙ୍କର ପ୍ରକୃତରେ ପଶୁ ଘୋଡ଼ା ପରି ମୁହଁ ନୁହେଁ, ବରଂ ପ୍ରକୃତିଗତ ଭାବେ ସେମାନେ ଘୋଡ଼ା ପରି ବିକୃତ ମୁଖଭଙ୍ଗୀର ଈଶ୍ୱର ପ୍ରଦତ୍ତ ବ୍ୟକ୍ତି ଅଟନ୍ତି। ବ୍ୟାକରଣ ବ୍ୟତୀତ ଓଡ଼ିଶାରେ ବ୍ୟବହୃତ ସାଧାରଣ ଅର୍ଥରେ, ଘୋଡ଼ା ହୋଇଥିବା ମୁହଁର ବ୍ୟକ୍ତିଙ୍କୁ ଘୋଡ଼ା ମୁହାଁ ବୋଲି ଥଟ୍ଟା ତାମସାରେ କହିଥାନ୍ତି। ଏହି ପ୍ରକାର ଘୋଡ଼ା ମୁହାଁମାନେ ସାଧାରଣତଃ ପାଞ୍ଚ ପ୍ରକାରର ବୋଲି ଆମ ଲୋକମାନେ କୁହନ୍ତି। ପ୍ରଥମ ପ୍ରକାରର ଘୋଡ଼ା ମୁହାଁ ପରୀକ୍ଷାରେ ଫେଲ୍ ହୋଇ ଗାଁ ଦାଣ୍ଡରେ କିଛିଦିନ ମୁହଁ ଘୋଡ଼ାଇ ଯାଆନ୍ତି, ଲାଜରେ ଘରକଣରେ ବସିଥାନ୍ତି, ବାପା ମା ଚିଲ୍ଲେଇ କହୁଥାନ୍ତି, 'ହଇରେ ଘୋଡ଼ା ମୁହାଁ, ଶେଷରେ ଆମ ନାଁ ପକେଇଲୁ'। ଏଭଳି ଘୋଡ଼ା ମୁହାଁ ସାଧାରଣତଃ ସବୁଠି ଦୃଶ୍ୟମାନ ହୁଅନ୍ତି।



ଦ୍ୱିତୀୟ ପ୍ରକାରର ଘୋଡ଼ା ମୁହାଁ ସାଧାରଣତଃ କାଠୁଆ ଶୀତଦିନେ ଅତ୍ର ତତ୍ର ସର୍ବତ୍ର ଦେଖାଯାଇଥାନ୍ତି। ଏମାନେ ଦେହର ଲୁଗା, ଲୁଙ୍ଗି କିମ୍ବା ଗାମୁଛାକୁ ମୁହଁରେ ଘୋଡ଼ାଇ ବାହ୍ୟ ମଳମୂତ୍ର ତ୍ୟାଗ କରୁଥିବା ପଡ଼ିଆ, ନାଳବନ୍ଧ, ଜାତୀୟ ରାଜପଥ କଡ଼ରେ ଅତିମାତ୍ରାରେ ଦୃଶ୍ୟମାନ ହୋଇଥାନ୍ତି। ତୃତୀୟ ପ୍ରକାରର ଘୋଡ଼ା ମୁହାଁ ହେଲେ ଗାଁ ଟାଉଟର ଓ କୁଜିନେତା, ଯେଉଁମାନେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ରାସନ କାର୍ଡ, ବାର୍ଦ୍ଧକ୍ୟ ଭତ୍ତା, ପାଇଖାନା ଇତ୍ୟାଦି କରେଇଦେବା ନାଁରେ ଲୋକଙ୍କ ଠାରୁ ଟଙ୍କା ନେଇଥାନ୍ତି ହେଲେ ଯୋଗାଇ ପାରିନଥାନ୍ତି। ସେଇମାନେ ଟଙ୍କା ନେଇଥିବା ଲୋକଙ୍କୁ ଦେଖିଲେ ମୁହଁ ଘୋଡ଼ାଇ ଚାଲିଯାଆନ୍ତି। ଏଭଳି ଘୋଡ଼ା ମୁହାଁ ଗାଁ ଠୁ ସହର ସର୍ବତ୍ର ଦୃଶ୍ୟମାନ ହୋଇଥାନ୍ତି। ଚତୁର୍ଥ ପ୍ରକାରଙ୍କୁ ସାଧାରଣତଃ ପୋଲିସ, ଅବକାରୀ ବିଭାଗ ଏବଂ ସି.ବି.ଆଇ ବାଲା ଘୋଡ଼ା ମୁହାଁ ସଜେଇଥାନ୍ତି। କିଏ ଅନୈତିକ କାର୍ଯ୍ୟ କରି ତ କିଏ ଦୁଷ୍କର୍ମ କରି ଧରା ପଡ଼ିଥାନ୍ତି, କିଏ ଲାଞ୍ଚ ନେଇ ତ କିଏ ଦୁର୍ନୀତି ମାମଲାରେ ଧରା ପଡ଼ିଥାନ୍ତି, କିଏ ଚୋରିକରି ତ କିଏ ଚୋରା ନିଶାଦ୍ରବ୍ୟ ବେପାର କରି ଧରା ପଡ଼ିଥାନ୍ତି। ଏମାନେ ପ୍ରାୟତଃ ଟିଭି ପରଦା କିମ୍ବା ଖବରକାଗଜ ପୃଷ୍ଠାରେ ଦୃଶ୍ୟମାନ ହୁଅନ୍ତି। ପଞ୍ଚମ ତଥା ଶେଷ ଘୋଡ଼ା ମୁହାଁ ହେଲେ ଚୋରାପୀରତି କରି ବହେ ଛେଚା ଖାଇ ମୁହଁରେ ଚୂନକାଳି ବୋଳାହୋଇ ଗାଁର ଲୋକେ ବୁଲେଇଥିବା ରସିକ ନାଗର ମାନେ। ଏମାନେ ସିଜିନ୍ ମୁତାବକ ଦେଖା ଦେଇଥାନ୍ତି।

ଆମ ଖତୁଆ ହେଲା ଜଣେ ଟ୍ରାଡିସନାଲ ଘୋଡ଼ା ମୁହାଁ। ସ୍କୁଲରେ ସେ ସବୁବେଳେ ଏକ ନମ୍ବର, ମାନେ ତଳ ଆଡୁ। ସେଥିପାଇଁ ସ୍କୁଲର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ତାକୁ ଘୋଡ଼ା ମୁହାଁ ଡାକିଥାନ୍ତି। ସବୁ ଶ୍ରେଣୀରେ ଦୁଇ ତିନିଥର ଲେଖା ଫେଲ ହୋଇ ବାପା ମାଆ ତା' ନାଁ ଭୁଲି ତାକୁ ଘୋଡ଼ା ମୁହାଁ ବୋଲି ଡାକିଥାନ୍ତି। ବଦମାସରେ ଏକ ନମ୍ବର ହୋଇଥିବାରୁ ତାକୁ ଗାଁ ଟା ସାରା ଲୋକେ ଘୋଡ଼ା ମୁହାଁ ଉପାଧି ଦେଇଛନ୍ତି। ଯେମିତି 'ଉତ୍କଳମଣି' କହିଲେ 'ଗୋପବନ୍ଧୁ ଦାସ'ଙ୍କୁ ବୁଝାଯାଏ, 'ସ୍ୱଭାବ କବି' କହିଲେ 'ଗଙ୍ଗାଧର ମେହେର'ଙ୍କୁ ବୁଝାଯାଏ, 'ବ୍ୟାସକବି' କହିଲେ 'ଫକୀରମୋହନ ସେନାପତି'ଙ୍କୁ ବୁଝାଯାଏ ଠିକ୍ ସେହିପରି 'ଘୋଡ଼ା ମୁହାଁ' କହିଲେ ଗାଁର ଲୋକେ 'ଖତୁଆ'କୁ ବୁଝନ୍ତି।

ଖତୁଆର ପାଠଶାଠ ନହେବାରୁ ତା' ବାପା ମାଆ ସ୍ଥିର କଲେ ପିଲାଟିକୁ ବାହାଘର କରିଦେଲେ କାଳେ ତାର ଜ୍ଞାନ ଉଦୟ ହେବ। ପାଖ ଗାଁର ଗୋଟିଏ ଭଲ ଝିଅ ଦେଖି ବାହାଘର କଲେ, ହସ୍ତଗଣ୍ଠି ପରେ ପଖାଳ ଖିଆ ପରେ ଝିଅ ବିଦା ସମୟରେ ଖତୁଆର ଶାଶୁ ଖତୁଆକୁ ଧରି ବାହୁନିବାରେ ଲାଗିଲା, ଏଭଳି ଅନୁଭବ ଖତୁଆର ପ୍ରଥମ ହୋଇଥିବାରୁ ସିଏବି ଶାଶୁଙ୍କୁ ଧରି ବାହୁନିବାକୁ ଲାଗିଲା, ଶାଶୁଙ୍କୁ ତୁନି କରିବାକୁ ଯାଇ କହୁ କହୁ କହିଦେଲା, 'ବୋଉ ତମ ଝିଅ କ'ଣ ମୋ ଝିଅ ନୁହେଁ?' କାନ୍ଦୁଥିବା ଶାଶୁ ଫେଁ କରି ହସିଦେଇ ଓଢ଼ଣା ଟାଣି ଘରଭିତରକୁ ପଳାଇଲେ। ଦୂରରେ ଥାଇ ଗୁଗୁଲା ସାର୍ ଏସବୁ ଦେଖିଥିଲେ ସିଏ ଗାଁରେ ପହଞ୍ଚି ଏକଥା କହିଦେବାରୁ ଗାଁ ସାରା ଲୋକେ ଖତୁଆକୁ ବାଟ ଚଲେଇଦେଲେ ନାହିଁ। ଯିଏ ଖତୁଆକୁ ଦେଖିଲା କହିଲା, 'ବୋଉ ତମ ଝିଅ କ'ଣ ମୋ ଝିଅ ନୁହେଁ?'। ଗାଁରେ ଖତୁଆ ଲୋକଙ୍କୁ ଦେଖିଲେ ମୁହଁ ଘୋଡ଼ାଇ ଚାଲିଲା। ତେଣୁ ଲୋକେ ତାକୁ ଘୋଡ଼ା ମୁହାଁ ବୋଲି ଡାକିଲେ।

**ଶାଶୁଙ୍କୁ ତୁନି କରିବାକୁ ଯାଇ କହୁ କହୁ ସେ କହିଦେଲା, 'ବୋଉ ତମ ଝିଅ କ'ଣ ମୋ ଝିଅ ନୁହେଁ?'**

ଅଭାବରୁ ସ୍ୱଭାବ ନଷ୍ଟ ହୁଏ, ଖତୁଆର ବି ସ୍ୱଭାବ ନଷ୍ଟ ହେଲା। ବେଣାକୁ ଛୋଟ ଘାସକୁ ମୋଟ, ବେରୋଜଗାରୀଆ ଖତୁଆ ନିର୍ବାଚନ ସମୟରେ ନେତାଙ୍କ ପଛରେ ପତାକା ଧରି ଜିନ୍ଦାବାଦ୍ ପକେଇ ମାଗଣାରେ ମୋଟର ସାଇକେଲ ପାଇଁ ପେଟ୍ରୋଲ, ଭାତ ମାଉଁସ ଏବଂ ନାଲିପାଣି ସହିତ ଦିନକୁ ୫୦୦ଟଙ୍କା ଭାତିଆ ପାଇ ବନିଗଲା ନେତାଙ୍କ ଗୁଣ୍ଡାବାହିନୀରୁ ଗାଁ ଟାଉଟର। ନିର୍ବାଚନ ପରେ ନେତାଙ୍କର ପ୍ରତିନିଧି ସାଜି ରାସନକାର୍ଡ, ଆବାସ ଯୋଜନା, ବାର୍ଦ୍ଧକ୍ୟ ଭତ୍ତା ଇତ୍ୟାଦି କରେଇଦେବ ବୋଲି କହି ଲୋକମାନଙ୍କ ଠାରୁ ଲକ୍ଷ ଲକ୍ଷ ଟଙ୍କା ଲୁଟି ଘର, ଗାଡ଼ି, ଜମି ଇତ୍ୟାଦି କରିଚାଲିଲା। ଯେଉଁ ଲୋକ ଟଙ୍କା ଦେଇ ଭତ୍ତା, ଆବାସ, ରାସନକାର୍ଡ ଇତ୍ୟାଦି ପାଇଲେ ତାଙ୍କ ପାଖରେ ଖତୁଆ କରିତକର୍ମା ଘୋଡ଼ା ଯିଏ ନପାଇଲା ତାଙ୍କୁ ଦେଖି ଖତୁଆ ମୁହଁ ଘୋଡ଼ାଇ ଚାଲିଲା। ଖତୁଆର ଭାଗ୍ୟ ବି ପରିବର୍ତ୍ତନ ହେବାରେ ଲାଗିଲା ଖତୁଆ ପ୍ରଥମେ ସରପଞ୍ଚ ଏବଂ ଏବେ ସିଏ ବିଧାୟକ ସାଜିଛି। ବିଧାୟକ ସାଜିବା ପରେ ପରେ ସିଏ ଧାରାବାହିକ ଭାବେ ଘୋଡ଼ା ମୁହାଁ ସାଜିଚାଲିଛି। ପ୍ରଥମେ ଛୋଟ ଛୋଟ ଝିଅଙ୍କୁ ଅପହରଣ କରାଇ ତାଙ୍କ ଆଖି, ଲିଭର, କିଡିନୀ ପ୍ରଭୃତି ଅଙ୍ଗ ବେପାର କରି ଭଲ ପଇସା ରୋଜଗାର କଲା। ଯେତେବେଳେ ଧରାପଡ଼ିଲା ମୁହଁ ଘୋଡ଼ାଇ ଚାଲିଲା, ପରେ ସରକାରୀ କଳର ଅପବ୍ୟବହାର କରି ନିର୍ଦ୍ଦୋଷକୁ ଦୋଷୀ ସାବ୍ୟସ୍ତ କରାଇ ସର୍କାରୀ ଘୋଡ଼ା ସାଜିଲା।

ଖତୁଆର ଆଳୁଦୋଷ ପାଇଁ ସେ ବେଶ୍ ଜଣାଶୁଣା। ଆଳୁଝୋଳ ଖାଇବା ପାଇଁ ନିଜ ପୃଷ୍ଠପୋଷକତାରେ ଚଳାଇଲେ ବେସରକାରୀ ଶିକ୍ଷା ଅନୁଷ୍ଠାନ। ସେଠାରେ ସିଏ ବିଧାୟକ ପଦବୀର ଅପବ୍ୟବହାର କରି ଆଳୁଝୋଳ, ଆଳୁକଷା, ଆଳୁ ଚୋଖା ଖାଇ ଚାଲିଲେ। ଏକା ଖାଇବା ସହ ଡକେଇତ ସାଜି (ଯିଏ ଡାକିଡୁକି ଆଣେ, ତାକୁ ଡକେଇତ କୁହନ୍ତି) ଆଳୁଦୋଷ ଯୁକ୍ତ ମାନ୍ୟଗଣ୍ୟମାନଙ୍କୁ ଆଳୁଝୋଳ ଖୋଇଚାଲିଲା। ଯେତେବେଳେ ଆଳୁ ପରିବର୍ତ୍ତେ ଓଲୁଅ ଖାଇଛନ୍ତି ଜଣାପଡ଼ିଲା, ଚାଲିଲା ଗଲ-ଗଲ ରମ୍ପ-ରମ୍ପ। ଓଲୁଅର ପାର୍ଶ୍ୱ ପ୍ରତିକ୍ରିୟାରୁ ମୁହଁ, ଦେହହାତ, ଫୁଲିଗଲା। ଅଜାଗା ଘା ଦେଖି ହୁଏ ନା ଦେଖେଇ ହୁଏ, ଖତୁଆ ପୁଣି ମୁହଁ ଘୋଡ଼ାଇବାରେ ଲାଗିଲା। ଏହି ଗଲୁରୋଗ ନିବାରଣ ପାଇଁ କିଛି ବିଶେଷଜ୍ଞ ମାନେ ଅଣ୍ଡାମାଇସିନ୍ ପ୍ରୟୋଗ କଲେ, ହେଲେ କିଛି ପ୍ରଭାବ ପଡ଼ିଲା ନାହିଁ। କିଛି ବିଶେଷଜ୍ଞ

ମତଦେଲେ ଏହି ଗଲଗଲ ରମ୍ପରମ୍ପ ରୋଗ କରୋନା ଠାରୁ ବି ମାରାତ୍ମକ ତେଣୁ ତାଙ୍କୁ ସମାଜରୁ ବାସନ୍ଦ କରିବା ଆବଶ୍ୟକ। ହେଲେ ବିଭାଗୀୟ ମୁଖ୍ୟ କହିଲେ ରୋଗକୁ ଘୃଣା କର ହେଲେ ରୋଗୀକୁ ନୁହେଁ। ଏହି ମହନୀୟ ସଂଦେଶ ପ୍ରଚାର କରିବା ପାଇଁ, ମୁଖ୍ୟ ବିଶେଷଜ୍ଞ ଏକ ଯାତ୍ରା ମଞ୍ଚର ପରିକଳ୍ପନା କରି ଖତୁଆକୁ ଡାକିହାକି ମଞ୍ଚରେ ନିଜ ପାଖରେ ବସାଇ ଲୋକଙ୍କୁ ଜଣେଇଲେ ଖତୁଆର ଆଉ ଆଳୁଦୋଷ ନାହିଁ। ଆପଣ ମାନେ ଲକ୍ଷ୍ୟ ରଖିଥିବେ ଗଲୁଆ ମାନଙ୍କର ଗଲୁ ହେଲେ ସେମାନେ ଥାନ ଅଥାନ କିଛି ମାନନ୍ତି ନାହିଁ। ଟେରାମାଇସିନ୍ ଲଗେଇ ଟେରା ହୋଇଯିବେ ପଛକେ ରମ୍ପାରମ୍ପି ଛାଡ଼ନ୍ତି ନାହିଁ।

**ଖତୁଆ ବି ଦୌଡୁଛି, ହେଲେ ଯେଉଁଠିକୁ ଯାଉଛି ଘୋଡ଼ା ମୁହାଁ ସାଜି ଫେରି ଆସୁଛି।**

ଆଗକୁ ପଞ୍ଚାୟତ ନିର୍ବାଚନ, ସେଥିପାଇଁ ସବୁ ଦଳ ସବୁ ନେତା ମାରାଥନ ଦୌଡ଼ କରୁଛନ୍ତି। ଖତୁଆ ବି ଦୌଡୁଛି ହେଲେ ଯେଉଁଠିକୁ ଯାଉଛି ଘୋଡ଼ା ମୁହାଁ ସାଜି ଫେରି ଆସୁଛି। ନିର୍ବାଚନ ମଣ୍ଡଳୀର ଲୋକେ କହୁଛନ୍ତି, ଯେଉଁ ନେତା ନିଜ ଘରକୁ ସମ୍ଭାଳି ପାରୁନି ସିଏ ନିର୍ବାଚନ ମଣ୍ଡଳୀ ସମ୍ଭାଳିବ କଣ ? ପ୍ରକାଶ ଥାଉକି ବିଧାୟକ ଖତୁଆ ଏବଂ ସ୍ତ୍ରୀ ରଙ୍ଗବତୀଙ୍କ କେସ୍ ଦାଣ୍ଡରେ ପଡ଼ି ହାଟରେ ଗଡ଼ିଲା ପରେ ବିଚାରପତି ବିଚାର ପାଇଁ ତାରିଖ ପରେ ତାରିଖ ଗଡ଼ଉଛନ୍ତି ହେଲେ ଫଳ ଶୂନ। ତେଣୁ ଖତୁଆ ନିଜର କେସ୍ ବୁଝୁ ବୁଝୁ ଦିନଯାଉଛି ହେଲେ ସମାଧାନ ହୋଇପାରୁନି, ସିଏ ଜନତାଙ୍କ କେସ୍ କଣ ସମାଧାନ କରିବେ ? ନିର୍ବାଚନ ସମୟରେ ଦେଇଥିବା ପ୍ରତିଶ୍ରୁତି ସବୁ ଭୁଲି ଯାଇଛନ୍ତି। କାମ କରିଥିଲେ ସିନା ଜନତାଙ୍କ ପ୍ରଶ୍ନର ଉତ୍ତର ଦେବେ, ଠିକାଦାର ଆଉ ବିଧାୟକଙ୍କ ମଧୁଚନ୍ଦ୍ରିକାରେ ସବୁ ବାଟମାରଣା। କେଉଁଠି ନଦୀ ଭିତରେ ଷ୍ଟାଡିୟମ ତ କେଉଁଠି ଗଣ୍ଡ ଭିତରେ ପୋଖରୀ ହୋଇଛି କହି ଅର୍ଥ ହଡ଼ପ କରିଛନ୍ତି। ଆଉ ସେସବୁ ଗାଁକୁ ଯେତେବେଳେ ଯାଉଛନ୍ତି, ଗାଁର ଲୋକମାନଙ୍କ ପ୍ରଶ୍ନ ବାଣରେ ଘାଇଲା ହୋଇ ମୁହଁ ଘୋଡ଼େଇ ହୋଇ ଫେରୁଛନ୍ତି। ଫେରିଗଲା ବେଳେ ଲୋକେ କହୁଛନ୍ତି ହେଇ ଦେଖ 'ଘୋଡ଼ା ମୁହାଁ' ଯାଉଛି।

□□

ଲେଖକଙ୍କ ଇ-ମେଲ୍ ଠିକଣା:
bibhuprasad.nayak27@gmail.com7



**ପ୍ରବନ୍ଧ**



# ଓଡ଼ିଶାର ପାଲା ପରମ୍ପରାରେ ସାହିତ୍ୟିକ ମୂଲ୍ୟବୋଧ

**କୃଷ୍ଣଚନ୍ଦ୍ର ରଥ**

ପାଲା ଓଡ଼ିଶାର ଲୋକ ସଂସ୍କୃତି ଓ ଲୋକ ନାଟକ ଭାବରେ ସୁପରିଚିତ। ଓଡ଼ିଶାର ପାଲା ସଂସ୍କୃତି ବହୁ ପ୍ରାଚୀନ। ଓଡ଼ିଶାର ପ୍ରାଚୀନ ତଥା ଆଧୁନିକ ସାହିତ୍ୟ, କଳା ଓ ସଂସ୍କୃତିର ପ୍ରସାର ପ୍ରଚାର କରିବାରେ ପାଲା ଅନୁଷ୍ଠାନର ଭୂମିକା ଅତୁଳନୀୟ। ଯୁଗେ ଯୁଗେ ସାହିତ୍ୟ, କଳା, ସଂସ୍କୃତି ସମାଜର ଶ୍ରେଷ୍ଠତାକୁ ପ୍ରତିପାଦନ କରି ସାଧାରଣ ଜନଜୀବନକୁ ପ୍ରଭାବିତ କରି ଆସିଛି। ସାହିତ୍ୟ ସମାଜର ଦର୍ପଣ। ସାହିତ୍ୟ ଲୋକଙ୍କ ହୃଦୟକୁ ସ୍ପର୍ଶ କରି ସମାଜର ଉନ୍ନତି ସାଧନ କରିପାରେ। ସାହିତ୍ୟ ଆଲୋଚନା ଦ୍ୱାରା ପାଲା ସଂସ୍କୃତି ଆଜି ସମୃଦ୍ଧ ଓ ଉନ୍ନତ ହୋଇପାରିଛି। ସାହିତ୍ୟ ସମାଜର ହିତସାଧନ କରିବା ସଂଗେ ସଂଗେ ପାଲା ଅନୁଷ୍ଠାନ ମାଧ୍ୟମରେ ପଲ୍ଲୀଠାରୁ ସହର ପର୍ଯ୍ୟନ୍ତ ସମସ୍ତ ବର୍ଗର ଲୋକମାନଙ୍କୁ ଆନନ୍ଦ ପ୍ରଦାନ କରିବାରେ ସହାୟକ ହୋଇପାରିଛି। ସାହିତ୍ୟ ହିଁ ପାଲା ସଂସ୍କୃତିକୁ ମନୋଜ୍ଞ ଓ ରସାଳ କରିଥାଏ। ପାଲାରେ ଉଚ୍ଚାଙ୍ଗ ସାହିତ୍ୟିକମାନଙ୍କ କାବ୍ୟ କବିତାର ବ୍ୟାଖ୍ୟା ହେବା ଯୋଗୁ ସାଧାରଣ ଜନତା ସେମାନଙ୍କ ସାରସ୍ୱତ ପ୍ରତିଭାକୁ ଜାଣିବାର ସୁଯୋଗ ପାଇଥାନ୍ତି। ସାହିତ୍ୟକୁ ନେଇ ସଂସ୍କୃତି ଓ ପରମ୍ପରାର ବିକାଶ ଘଟିଥାଏ।



ପାଲା ପ୍ରକୃତରେ ସାହିତ୍ୟ ନୁହେଁ, ସାହିତ୍ୟର ପ୍ରସାରକ! ସାହିତ୍ୟ ଚର୍ଚ୍ଚା ଏହାର ମୂଳ ଭିତ୍ତିଭୂମି। ପାଲାର ପ୍ରମୁଖ ଚେତନା ଓ ଅନ୍ତଃସ୍ୱର ହେଉଛି ସାହିତ୍ୟୋପଲବ୍ଧି। ସମାଜକୁ ସୁଶିକ୍ଷିତ, ସୁସଂହତ, ଶୃଙ୍ଖଳିତ କରିବା ସହିତ ଆଧ୍ୟାତ୍ମିକ ଚେତନାର ବୀଜ ରୋପଣ କରି ଏକ ସୁସ୍ଥ ସମାଜ ଗଠନ କରିବାର ଦାୟିତ୍ୱ ପାଲା ଗ୍ରହଣ କରିଥାଏ।

ପାଲାକୁ ରସାଣିତ କରିବା ନିମନ୍ତେ ଗାୟକମାନେ ବିଶିଷ୍ଟ କବିମାନଙ୍କର କାବ୍ୟ କବିତା ଆଲୋଚନା କରିବା ସମୟରେ ଅନେକ ପୌରାଣିକ ବିଷୟବସ୍ତୁ ଯଥା - ଧର୍ମ-ଅଧର୍ମ, ଦେବା-ଦେବୀ, ବନ-ଉପବନ, ନଦୀ-ଝରଣା, ପଶୁ-ପକ୍ଷୀ, ପାହାଡ଼-ପର୍ବତ, ଋତୁ ବର୍ଣ୍ଣନା, ରାଜା-ରାଣୀ କାହାଣୀ ପ୍ରେମ-ପ୍ରତାରଣା, ଜୀବନ-ମୃତ୍ୟୁ, ଜଣାଣ-ଭଜନ ପ୍ରଭୃତିଙ୍କୁ ପ୍ରାଧାନ୍ୟ ଦେଇଥାନ୍ତି। ସଂସ୍କୃତର କାଳିଦାସ, ଶ୍ରୀହର୍ଷଙ୍କ ଠାରୁ ଆରମ୍ଭ କରି ସାରଳା ଦାସ, ମଧ୍ୟଯୁଗୀୟ ଓଡ଼ିଆ ସାହିତ୍ୟ, ପଞ୍ଚସଖା, ଭଞ୍ଜ ସାହିତ୍ୟ (ରୀତି ସାହିତ୍ୟ), ଅଳଙ୍କାର ଯୁଗର ସାହିତ୍ୟ, ରାଧାନାଥ ଯୁଗ, ସତ୍ୟବାଦୀ ଯୁଗ, ସବୁଜ ଯୁଗ, ଆଧୁନିକ ଯୁଗର କବି ମାନଙ୍କର କାବ୍ୟ କବିତାର ଉଦ୍ଧୃତାଂଶଙ୍କୁ ପାଲା ପରିବେଷଣ ସମୟରେ ଉପସ୍ଥାପନ କରି ପରିବେଶ, ପରିସ୍ଥିତି ଓ ପାତ୍ର ଅନୁଯାୟୀ ବାଖ୍ୟା ଓ ବର୍ଣ୍ଣନା କରି ଦର୍ଶକମାନଙ୍କୁ ମୁଗ୍ଧ କରିଥାନ୍ତି। ଜୟଦେବ, ସାରଳା ଦାସ, ଉପେନ୍ଦ୍ର ଭଞ୍ଜ, ଦୀନକୃଷ୍ଣ, ଅଭିମନ୍ୟୁ ସାମନ୍ତସିଂହାର, ଜଗନ୍ନାଥ ଦାସ, ବଳରାମ ଦାସ, ବନମାଳି ଦାସ, ଯଦୁମଣି, ଗୋପବନ୍ଧୁ, ଗୋଦାବରୀଶ, ରାଧାନାଥ, ଗଙ୍ଗାଧର, ଫକୀର ମୋହନ, ମଧୁସୂଦନ, ନନ୍ଦିକିଶୋର, ଚିନ୍ତାମଣି, ଲକ୍ଷ୍ମୀକାନ୍ତ ମହାପାତ୍ର, କୁନ୍ତଳାକୁମାରୀ, ଅନ୍ନଦା ଶଙ୍କର ରାୟ, ବୈକୁଣ୍ଠନାଥ, ମାୟାଧର ମାନସିଂହ, ଅନନ୍ତ ପଟ୍ଟନାୟକ, ସଚ୍ଚିଦାନନ୍ଦ ରାଉତରାୟ, ରାଧାନାଥ ଗଡ଼ନାୟକ ଇତ୍ୟାଦିଙ୍କ ଛାନ୍ଦ, ଚଉପଦୀ, ଓଡ଼ିଶୀ, ଜଣାଣ, ଚମ୍ପୁ ଓ କାବ୍ୟ କବିତା ଇତ୍ୟାଦିକୁ ଉପସ୍ଥାପନ କରି ଗାୟକମାନେ ପାଲାରେ ଏକ ନବଯୁଗର ପ୍ରବର୍ତ୍ତନ କରିବାକୁ ପ୍ରୟାସ ଜାରି

ରଖିଥାନ୍ତି । ପୂର୍ବରୁ ପାଲା କହିଲେ ଛନ୍ଦ, ଚମ୍ପୁ, ଚଉପଦୀ, ଓଡ଼ିଶୀ ଜଣାଣ ଇତ୍ୟାଦିର ଆବୃତ୍ତି ଓ ବ୍ୟାଖ୍ୟା କରାଯାଉଥିଲା । ସାଂପ୍ରତିକ ସମୟରେ ପୂର୍ବର ମୌଳିକତାକୁ ରକ୍ଷା କରି ଆଧୁନିକ ଓଡ଼ିଆ କାବ୍ୟ କବିତାର ସଫଳ ପ୍ରୟୋଗ କରାଯାଉଛି । ଏଥିରୁ ଆମେ ନିଶ୍ଚିନ୍ତ ଯେ ଓଡିଆ ସାହିତ୍ୟର ଗୁଣବତ୍ତାକୁ ଅଧିକ ମାତ୍ରାରେ ପାଲାରେ ପରିବେଷଣ କରାଯାଉଛି ଓ ପ୍ରାଚୀନ କବିମାନଙ୍କ କାବ୍ୟ କବିତା ସହିତ ତୁଳନାତ୍ମକ ଭାବରେ ଉପସ୍ଥାପନ କରି ସାଂପ୍ରତିକ ପାଲାକୁ ସମୃଦ୍ଧ କରାଯାଉଛି । ସଂସ୍କୃତ ସାହିତ୍ୟର କାବ୍ୟ କବିତା ସହିତ ଆଧୁନିକ ଯୁଗର ସାହିତ୍ୟର ଏକ ସମନ୍ୱୟ ସ୍ଥାପନ କରିବାକୁ ପାଲା ଗାୟକମାନେ ସର୍ବଦା ଚେଷ୍ଟିତ ଓ ସଫଳ ମଧ୍ୟ ହେଉଛନ୍ତି । ଏଥିପାଇଁ ଗାୟକମାନେ ବହୁ ଶାସ୍ତ୍ର ଅଧ୍ୟୟନ କରି ଭାରତୀୟ ବେଦ, ବେଦାନ୍ତ, ଉପନିଷଦ, ଦର୍ଶନ ତତ୍ତ୍ୱର ବିଭିନ୍ନ ପ୍ରୟୋଗ କରି ପାଲାକୁ ଜନରଞ୍ଜନ କରିବାରେ ସକ୍ଷମ ହୋଇପାରିଛନ୍ତି ।

ପାଲାର ଉତ୍ପତ୍ତି ବୈଦିକ ଯୁଗରୁ ଆରମ୍ଭ ହୋଇ ବହୁ କ୍ରମବିବର୍ତ୍ତନ ମଧ୍ୟ ଦେଇ ଆଜିର ଆଧୁନିକ ପାଲାରେ ପହଞ୍ଚି ପାରିଛି । ଗାୟକଙ୍କ ଜ୍ଞାନ, ଗରିମା, ପାଣ୍ଡିତ୍ୟ ତଥା ଅଭିନୟ କଳା, ବାଦ୍ୟ, ନୃତ୍ୟ, ସଙ୍ଗୀତ ଯେତେ ଉତ୍କୃଷ୍ଟ ସେ ପାଲା ଅନୁଷ୍ଠାନ ସେତିକି ବଳିଷ୍ଠ ଓ ପ୍ରଭାବଶାଳୀ ହୋଇଥାଏ । ପାଲା ଦୁଇ ପ୍ରକାର ୧- ବୈଠକ ପାଲା ଓ ୨- ଠିଆପାଲା । ଗବେଷକଙ୍କ ମତରେ ବୈଠକ ପାଲା ଶ୍ୟାବ୍ୟ, କାବ୍ୟ ପର୍ଯ୍ୟାୟଭୁକ୍ତ କିନ୍ତୁ ଦୃଶ୍ୟ କାବ୍ୟ ନୁହେଁ । ଠିଆ ପାଲାକୁ ଦୃଶ୍ୟ କାବ୍ୟ ବା ନାଟ୍ୟ ରୂପ (ଲୋକନାଟକ) ବୋଲି କୁହାଯାଏ । ଏଥିରେ (୧) ବିଷୟବସ୍ତୁ, (୨) ଚରିତ୍ରଗଣ, (୩) ସଂଳାପ, (୪) ଗଗନାଗମନ (ସ୍ଥାନ ପରିବର୍ତ୍ତନ), (୫) ସଂଗୀତ, (୬) ପ୍ରେକ୍ଷା (ଦର୍ଶକ ଯାହା ଆଖିରେ ଦେଖିପାରେ, ଚରିତ୍ର ମାନଙ୍କର ବେଶଭୁଷା ଇତ୍ୟାଦି) । ପରେ ଏହି ଠିଆ ପାଲାରୁ ବାଦୀ ପାଲା ଓ ପ୍ରତିଯୋଗୀତା ମୂଳକ ପାଲାର ଆରମ୍ଭ ହୁଏ । ଦୁଇ ଦଳ ଭିତରେ ଯେଉଁ ଠିଆ ପାଲା ଅନୁଷ୍ଠିତ ହୁଏ ତାହାକୁ ବାଦୀପାଲା କୁହନ୍ତି । ବାଦୀପାଲାରେ ଉଚ୍ଚାଙ୍ଗ ସମୃଦ୍ଧ, ବୌଦ୍ଧିକ ସାହିତ୍ୟ, ଦର୍ଶନ, ଇତିହାସ ଇତ୍ୟାଦି ଚର୍ଚ୍ଚାର ପରିସରଭୁକ୍ତ ହୋଇଥାଏ । ଗାୟକଙ୍କ ଜ୍ଞାନ, ଗରିମା, ଆଶୁ କବିତ୍ୱ, ସୁଲଳିତ କଣ୍ଠ ସଂଗୀତ ଓ ଅଭିନୟର ଉତ୍କର୍ଷ ଏହି ପାଲାରେ ପରିଲକ୍ଷିତ ହୋଇଥାଏ ।

ପାଲା ଲୋକକଳା ପର୍ଯ୍ୟାୟଭୁକ୍ତ ଓ ଏହା ମନୋରଞ୍ଜନ ଧର୍ମୀ, ନୃତ୍ୟ, ସଙ୍ଗୀତ, ନାଟକ ଓ ବୈଦ୍ଧିକ ସାହିତ୍ୟର ସମ୍ମିଶ୍ରଣ କହିଲେ ଅତ୍ୟୁକ୍ତି ହେବ ନାହିଁ । ଅଭିନୟ ପାଲାର ଏକ ବିଶେଷ ଅଙ୍ଗ । ବାଦ୍ୟ, ସଙ୍ଗୀତ, ପାଲାର ପ୍ରାଣ । ଅସ୍ଥିମଜ୍ଜା ହେଲା ସାହିତ୍ୟ । ବିଷୟବସ୍ତୁ ହେଲା ପୌରାଣିକ ବା ଐତିହାସିକ ବା ସାମାଜିକ । ପାଲା ଅଭିନୟର ଏକ ମାର୍ଜିତ ରୂପ । ପାଲା ପ୍ରାଚୀନ ବିଦଗ୍ଧ ସାହିତ୍ୟ ଓ ଆଧୁନିକ ସାହିତ୍ୟ, ଲୋକ ସାହିତ୍ୟ ଓ ଅଭିନୟ କଳାର ଏକ ମିଶ୍ରିତ କ୍ରମବିକାଶ । ଏହା ଦର୍ଶକଙ୍କୁ ବିମଳ ମନୋରଞ୍ଜନ ଓ ଆନନ୍ଦ ପ୍ରଦାନ କରିଥାଏ । ଓଡ଼ିଆ ସାହିତ୍ୟ, ସଙ୍ଗୀତରେ ଥିବା ରାଗ, ରାଗିଣୀ, ତାଳ, ଲୟ, ଅଳଙ୍କାର, ବ୍ୟାକରଣ ଚମତ୍କାର ଶୈଳୀରେ ବ୍ୟାଖ୍ୟା ଫଳରେ ପାଲା ଅଧିକ ଲୋକପ୍ରିୟ ହୋଇପାରିଛି । ପାଲାକୁ ଶ୍ରୁତିମଧୁର କରିବାକୁ ନବରସ ପରିବେଷଣ ଯଥା ହାସ୍ୟ ରସ, କରୁଣରସ, ବୀରରସ, ଶୃଙ୍ଗାର ରସକୁ ଅଧିକ ପ୍ରାଧାନ୍ୟ ଦିଆଯାଇ ଦର୍ଶକଙ୍କ ଚିତ୍ତବିନୋଦନ କରାଯାଉଛି ।

**ଏହା ମନୋରଞ୍ଜନ ଧର୍ମୀ, ନୃତ୍ୟ, ସଙ୍ଗୀତ, ନାଟକ ଓ ବୈଦ୍ଧିକ ସାହିତ୍ୟର ସମ୍ମିଶ୍ରଣ କହିଲେ ଅତ୍ୟୁକ୍ତି ହେବ ନାହିଁ । ଅଭିନୟ ପାଲାର ଏକ ବିଶେଷ ଅଙ୍ଗ । ବାଦ୍ୟ, ସଙ୍ଗୀତ, ପାଲାର ପ୍ରାଣ ।**

ସାଂପ୍ରତିକ ପାଲା ଜନ-ଜୀବନକୁ ପ୍ରଭାବିତ କରିବା ସଂଗେ ବୁଦ୍ଧିଜୀବୀ ପଣ୍ଡିତମାନଙ୍କୁ ଅଧିକ ଆକୃଷ୍ଟ କରୁଛି । ଓଡ଼ିଶାର ପାଲା ସଂସ୍କୃତି ଓ ପରମ୍ପରା ଭବିଷ୍ୟତରେ ଆହୁରି ସଂପ୍ରସାରିତ ହୋଇ ସାରସ୍ୱତ ପ୍ରତିଭାମାନଙ୍କର ଶ୍ରେଷ୍ଠ କାବ୍ୟକବିତାର ବିମୁଗ୍ଧ ପଦ୍ୟାଂଶ ବହୁ ଜନ ମାନସରେ ଅବତାରଣା କରି ସେଥିରେ ଥିବା ରସାଳ ଓ ବର୍ଣ୍ଣାଢ଼୍ୟ ସାହିତ୍ୟିକ ମୂଲ୍ୟବୋଧକୁ ପ୍ରଚାରିତ କଲେ ଅଧିକ ପ୍ରଶଂସିତ ହୋଇପାରିବ । ବର୍ତ୍ତମାନର ପାଲା ବହୁ ପରୀକ୍ଷା ନୀରିକ୍ଷା ଭିତରେ ଗତି କରୁଛି । ଆଜିର ପାଲାରେ ବିଷୟବସ୍ତୁ ସୀମିତ ନୁହେଁ, ଏହାର ପରିସୀମା ବିସ୍ତୃତ ଓ ପରିବ୍ୟାପ୍ତ ହୋଇ ରେଡ଼ିଓ ଏବଂ ଦୂରଦର୍ଶନରେ ପ୍ରଚାର ଓ ପ୍ରସାରିତ ହୋଇ ପାଲା ଅନୁଷ୍ଠାନକୁ ସମୃଦ୍ଧ ଓ ଋଦ୍ଧିମନ୍ତ କରୁଛି ।

□□

ଲେଖକଙ୍କ ଇ-ମେଲ୍ ଠିକଣା:
krushchandrarath@gmail.com

ଗଳ୍ପ



# ପାପଗର୍ଭ

ଚୌଧୁରୀ ବରଦାପ୍ରସନ୍ନ ଦାସ

ବାପ, ମା'ଙ୍କ ଆଗରେ ସନ୍ତାନ ସନ୍ତତି ଆରପାରିକୁ ଚାଲିଯିବା ମଣିଷ ଜୀବନ ପାଇଁ ଗୋଟାଏ ବଡ ଦୁଃଖ। ଯିଏ ଏ ଦୁଃଖକୁ ଅଙ୍ଗେ ନିଭେଇଛି ସିଏ ନିଶ୍ଚୟ କହେ "ହେ ଭଗବାନ ଏ ଦୁଃଖ ଶତ୍ରୁକୁ ନହେଉ।" ବନ୍ଧୁ ପରିବାର, ସାଇପଡିଶା ଏ କରୁଣ ଦୃଶ୍ୟକୁ ଭୁଲିଯିବେ କିନ୍ତୁ କେବେବି ଭୁଲିପାରିବେନି ବାପ, ମା'।

ସୁରମା ଆଜି ଆମ ଆଗରୁ ଚାଲିଯାଇଛି। କାଲିପରି ଲାଗୁଚି ସେ ହସିହସି ଆମକୋଳକୁ ଆସିଥିଲା। ଶଶିକଳା ପରି ବଢି ବଢି ଆଜି କଷ୍ଟେମଷ୍ଟେ ପେଟେଇ ପଡିଲା, ପୁଣିକାଲି ଘୁସୁରି ଘୁସୁରି ଖଟ ଏ ମୁଣ୍ଡରୁ ସେ ମୁଣ୍ଡକୁ ଚାଲିଗଲା। ସମୟକ୍ରମେ ଥରଥର ହୋଇ ଠିଆହେଲା ଆଉ ଆମ ଆଖିସାଥୀରେ ଆଖି ମିଳେଇ ଦରୋଟି କଣ୍ଠରେ ବା, ମା' ବୋଲି ଡାକିଲା। ଏବେ ସେ ବଡ ହୋଇ କଲେଜ ଛାତ୍ରୀ ପାଲଟିଥିଲା। ସେ କଣ ସ୍ୱପ୍ନ ଦେଖୁଥିଲା କି ନାହିଁ ହେଲେ ତାକୁ ନେଇ ଆମେ ଅନେକ ସ୍ୱପ୍ନ ଦେଖିଥିଲୁ। ସେ ସ୍ୱପ୍ନ ଦିବା ସ୍ୱପ୍ନ ଭଳି ଅବିଶ୍ୱାସନୀୟ ନଥିଲା ବରଂ ଥିଲା ସାକାର କରିପାରିବା ଭଳି ଅନେକ ସ୍ୱପ୍ନ। ଭଲ ପାଠପଢୁଥିଲା। ଇଂରେଜୀ ଭାଷାରେ ତାର ଥିଲା ଯଥେଷ୍ଟ ଦକ୍ଷତା ଅଥଚ ସେ ମର୍ମେ ମର୍ମେ ବୁଝିଥିଲା ପାରମ୍ପରିକ ଓଡିଆ ସାହିତ୍ୟକୁ। ମୋ ବୋଉ ପାଖରେ ବସି ଯେତେବେଳେ ସିଏ ଭାଗବତ ପଢେ ମତେ ଶୁଣିଲେ ଲାଗେ ଯେମିତି ନିଜେ ଜଗନ୍ନାଥ ଦାସ ଆମ ଅଗଣାକୁ ଓହ୍ଲାଇ ଆସିଛନ୍ତି।



ହେଲେ ଆଜି ସବୁ ମିଛ ହୋଇଗଲା ଆଉ ଦୁନିଆରେ ସବୁଠୁଁ ବଡ ସତ୍ୟ ମୃତ୍ୟୁ ଆମ ସାମନାରେ ଆସି ଠିଆହେଲା। କିଛି ସମୟ ପରେ ସୁରମାର ଦେହଟା ସ୍ୱର୍ଗଦ୍ୱାର ଶ୍ମଶାନରେ ପାଉଁଶ ହୋଇଯିବ ଆଉ ମହୋଦଧିରେ ମିଶିଯିବ। ସେଦିନ କଲେଜ ଯାଇପାରିଲା ନାହିଁ ସୁରମା। ପେଟରେ ଅନୁଭବ କରୁଥିଲା ଯନ୍ତ୍ରଣା। କଣ କରିବୁ ବୋଲି ଭାବିଭାବି ତାକୁ ନେଇ ଆମେ ସ୍ୱାମୀସ୍ତ୍ରୀ ପହଁଚିଥିଲୁ ପ୍ରଫେସର ସ୍ୱାଇଁଙ୍କ ପାଖରେ। ସହରର ଯେ ଜଣାଶୁଣା ସ୍ତ୍ରୀ ରୋଗ ବିଶେଷଜ୍ଞ। ପରଦା ଅନ୍ତରାଳରେ କିଛି ସମୟ ପରୀକ୍ଷା କଲାପରେ ଫେରି ସ୍ୱାଇଁ ଡାକିନେଲେ ତାଙ୍କ ଚାମ୍ବରକୁ। ଯାହା କହିଲେ ତାଶୁଣି ଆକାଶ ଭାଙ୍ଗିପଡିଲା ଆମ ଉପରେ। ସେ ନାମକରା ଡାକ୍ତରାଣୀ। କହିଲେ ଝିଅଟି ଅନ୍ତସତ୍ତ୍ୱା। ପେଟରେ ପାପର ସ୍ୱାକ୍ଷର। ଗର୍ଭପାତ କରିବାର ସମୟ ଗଡିଯାଇଛି। ଝିଅଟା ହତାଦରର ମୂର୍ତ୍ତି ପାଲଟିଗଲା। ତାପରେ ଆଦରର ସେଇ ସୁଲକ୍ଷଣୀ ଝିଅଟା ଅମଙ୍ଗଳୀ ପାଲଟିଗଲା। ଯାଉଣୁ ଆସୁଣୁ ତା ମାର ତାକୁ ଗୋଟିଏ ପ୍ରଶ୍ନ "କହ ତୁ ଏ ପାପ କଲୁ କେଉଁଠି ?" ପରିବାର ଭିତରେ ଥାଇ ମରୁଭୂମୀର ତତଲା ବାଲି କଣାଟିଏ ପାଲଟିଗଲା ସୁରମା। ବିକଳରେ କେବଳ ଅନାଏ। ବେଳେବେଳେ ମୁଁ ଭାବେ ସେ କଣ ପଥର ହୋଇଗଲା ? ଆଉ ବେଳେବେଳେ ମୁଁ ଶୁଣେ ତା ମା ପାଖରେ କାନ୍ଦି କାନ୍ଦି ସେ ବାରବାର କହେ "ବୋଉଲୋ ମୁଁ ଏ ସବୁକିଛି ଜାଣେନି, ମତେ ବିଶ୍ୱାସ କର।" ତା କଣ୍ଠର ଆକୁଳତା କି ତା ଆଖିର ଅସହାୟତା ଭରା କାରୁଣ୍ୟ କେବେବି ଆମ ମନକୁ ଛୁଏଁନା। ଡାକ୍ତରାଣୀ ସ୍ୱାଇଁଙ୍କ ଉପରେ ଆମର ଅଗାଧ ବିଶ୍ୱାସ।

ପିଲାଟିବେଳୁ କେବେ ତା ଦେହରେ ହାତ ଦେଇନଥିଲି। ହେଲେ ସେଦିନ ମୋ ମାଡ ଆଉ ଅଶ୍ରାବ୍ୟ ଗାଳିରେ ସେ କେବଳ ନିରବରେ ରହିଁଥିଲା, ଚିତ୍କାର ବି କଲାନି। ତା ପିଠିରେ

ପିଟୁପିଟୁ ଯେତେବେଳେ ସ୍କେଲଟା ଭାଙ୍ଗିଗଲା ସ୍ୱୀ ଧରିପକେଇ କହିଲେ "ମାରିଦବ ନା କଣ ?" ରାଗରେ ଯେତେବେଳେ ମୁଁ କହିଲି "ଏଭଳି ଝିଅ ଥାଇ ଲାଭ କଣ ବରଂ ମରିଗଲେ ଭଲ। ସେତିକି ବେଳେ ଅସ୍ପଷ୍ଟ ଭାବରେ ତା ପାଟିରେ କେବଳ ବାହାରି ପଡିଥିଲା "ବାପା"। ଆଖିରୁ ଆଶ୍ଚର୍ଯ୍ୟ ଆଉ ହତାଶାର ଭାବ ବିଚ୍ଛୁରି ଯାଇଥିଲା। ବିକଳରେ ସେ କେବଳ କହିଥିଲା "ମୁଁ ସବୁ ଜନମରେ ତମରି ଝିଅ ହେବି।"

ଆଶ୍ଚର୍ଯ୍ୟଜନକ ଉପାଦାନରେ ଗଢା ଝିଅଗୁଡାଙ୍କର ମନ। ଯେତେଦୂରକୁ ଚାଲିଗଲେବି ମନଟା ଲାଖିଥିବ ବାପା ମା'ଙ୍କ ପାଖରେ। ଏତେ ମାଡଗାଳି ଭିତରେ ବି ସେ ମୋ ପାଖକୁ ଲାଗିଆସି କହିଥିଲା "ମତେ ବିଶ୍ୱାସ କର ବାପା ।" ବାରବାର ଯୋଗାଯୋଗ କରିଥିଲି ପ୍ରଫେସର ସ୍ୱାଇଁଙ୍କୁ ସେଇ ଗୋଟିଏ ଉତ୍ତର ପାପଗର୍ଭ।

ସନ୍ଦେହ ଭିତରେ ରହିଲେ ଆମ ଘରକୁ ଆସୁଥିବା ପ୍ରତ୍ୟେକ ଲୋକ। ତାର ସାଙ୍ଗସାଥୀଙ୍କ ସାଙ୍ଗରେ ମିଶିବା ମନା ହେଲା। ତାର ରହିବା ଘରଟା ଧିରେ ଧିରେ ଗୋଟାଏ କଏଦୀଖାନା ପାଲଟିଗଲା। ଖାଇବା ବେଳେ କବାଟ ଖୋଲି ଖାଇବା ଥୋଇ ଦିଆଯାଏ। କେତେବେଳେ ଖାଏତ, ପୁଣି କେତେବେଳେ ଥାଳିକି ଚାହିଁ ସେମିତି ବସିରହେ। ତାର ଏଇ ଉଦାସୀନତା ଆମକୁ ଆହୁରି ଆହୁରି କଠୋର କରିଦିଏ। ଆମେ ଖାଲି ଦିନଗଣୁ। ସୁରମା ଆମର ଗୋଟିଏ ବୋଲି ସନ୍ତାନ। ଆଗତ ପ୍ରାୟ କଳାବାଦଲ ଆମକୁ ଖାଲି ବିବ୍ରତ କଲା। ଥରେ ଝିଅ ଅନୁରୋଧ କଲା, ଆଉ କୋଉ ଡାକ୍ତରଙ୍କୁ ଦେଖେଇବାକୁ। ଡାକ୍ତର ସ୍ୱାଇଁଙ୍କର ବହୁତ ସୁନାମ। ଆମେ ଚାହିଁଲୁ ନାହିଁ ଏ ଘଟଣାକୁ ଆଉ ପ୍ରଘଟ କରିବାକୁ। ସହରରେ ଆମ ପରିବାରର ସୁନାମ ଅଛି, ପରିଚିତି ବି ଅଛି। ସ୍ଥିରକଲୁ ଝିଅକୁ ବାହାର ରାଜ୍ୟର କେଉଁ ଡାକ୍ତରଖାନାକୁ ନେଇଯିବୁ ଆଉ ତାର ଅବୈଧ ସନ୍ତାନକୁ କେଉଁ ଅନାଥଶ୍ରମରେ ଛାଡିଦେବୁ।

"ରମାଦେବୀ ଅଛନ୍ତି ? ରମାଦେବୀ ଅଛନ୍ତି ?" ବୋଲି ଡାକଶୁଣି ଆମେ ଦୁଆର ପାଖକୁ ଗଲାବେଳକୁ ଘର ଭିତରକୁ ପଶି ଆସିଲେ ସ୍ୱନାମଧନ୍ୟ କର୍କଟ ରୋଗ ବିଶେଷଜ୍ଞ ପ୍ରଫେସର ମହାନ୍ତି, ଆଜି ଅବସରପ୍ରାପ୍ତ। ଏଇ ଗାନ୍ଧିବାଦୀ ପ୍ରଫେସର ସୁରମାକୁ ଶ୍ରଦ୍ଧାରେ ରମାଦେବୀ ବୋଲି ଡାକନ୍ତି। ସୁରମାର ଶୁଭ୍ର ଚେହେରା, ନିର୍ମଳ ଦୃଷ୍ଟି ଆଉ ଦରଦୀ ମନକୁ ଦେଖି ପ୍ରଫେସର ମହାନ୍ତି ତାଙ୍କୁ ରମାଦେବୀ ବୋଲି ଖୁସିରେ ସମ୍ବୋଧନ କରନ୍ତି। ମାନବସେବା ଆଉ ଦେଶସେବାର ରକ୍ତମାଂସର ପ୍ରତିମା ଥିଲେ ମହିୟସୀ ରମାଦେବୀ। ହସିଦିଏ ମୁଁ। ବେଳେବେଳେ ମନରେ ଗର୍ବ ଆସେ। ବଡ ହେଲେ ସୁରମା ସତରେ ରମାଦେବୀଙ୍କ ପରି ନାଁ କରିବ ଭାବି ମନରେ ଖୁସି ହାବୁକା ମାରେ। ହେଲେ ସୁରମା ସେସବୁ ସ୍ୱପ୍ନକୁ ଭାଙ୍ଗିଦେଇଛି। ଏକଥା ମୋତେ ବିବ୍ରତ କରେ।

ବାଧ୍ୟ ହୋଇ ତାଙ୍କ ସାମନାକୁ ଡାକିଲି ସୁରମାକୁ। ସୁରମାକୁ ଦେଖୁଦେଖୁ ଟିକେ ଅନମନା ହୋଇ ତାକୁ ପ୍ରଫେସର ମହାନ୍ତି ପୁଣି ଡାକିନେଲେ ତାର ବେଡରୁମକୁ। ତେବେ କଣ ପ୍ରଫେସର ମହାନ୍ତି ସୁରମାର ସ୍ପର୍ଦ୍ଧିତ ଦେହକୁ ଦେଖି ଅଟକି ଗଲେ। ଲାଗିଲା ସନ୍ଦେହ କରିଛନ୍ତି। ନିବୃତ କରିବାକୁ ଯାଇ ମୁଁ କହିଲି "ଗାଇନା କଲୋଜିଷ୍ଟ ଦେଖୁଛନ୍ତି।" ମୋ କଥାର କିଛି ପ୍ରଭାବ ପଡିଲାନି ତାଙ୍କ ଉପରେ। ଭୟ ଲାଗିଲା କଥାଟା ପ୍ରଘଟ ହୋଇଯିବ ବୋଲି।

**ସେ ଚିତ୍କାର କରୁଥାଏ "ମତେ ବିଶ୍ୱାସ କରନ୍ତୁ ମତେ ବିଶ୍ୱାସ କରନ୍ତୁ।" ବିରକ୍ତିରେ ମୁହଁ ଫେରେଇଥିଲି ମୁଁ। ନିରନ୍ତର ଭାବେ ତାର ସେଇ ସଫେଇ ମୋ ଉପରେ କିଛି ରେଖାପାତ କରିନଥିଲା।**

ଖଟ ଉପରେ ଶୁଆଇ ପ୍ରଫେସର ମହାନ୍ତି ଯେତେବେଳେ ସୁରମାର ରୋଗ ନିରୂପଣ ପାଇଁ କିଛି ପରୀକ୍ଷା କଲେ ସେତେବେଳେ ସେ ଚିତ୍କାର କରୁଥାଏ "ମତେ ବିଶ୍ୱାସ କରନ୍ତୁ ମତେ ବିଶ୍ୱାସ କରନ୍ତୁ।" ବିରକ୍ତିରେ ମୁହଁ ଫେରେଇଥିଲି ମୁଁ। ନିରନ୍ତର ଭାବେ ତାର ସେଇ ସଫେଇ ମୋ ଉପରେ କିଛି ରେଖାପାତ କରିନଥିଲା। ଭାବୁଥିଲି ପ୍ରଫେସର ମହାନ୍ତିଙ୍କୁ ଅନୁରୋଧ କରିବି ସୁରମାର ଏଇ କାହାଣୀ କେଉଁଠି ପ୍ରକାଶ ନ କରିବାକୁ। କିନ୍ତୁ ମୋତେ ଚକିତ କରି ପ୍ରଫେସର ମହାନ୍ତି ଯାହା କହିଲେ ତା ଥିଲା ଗୋଟାଏ ବିରାଟ ଭୂସ୍ଖଳନପରି।

ମୋ ନାଁ ଧରି କହିଲେ ଶୁଭେନ୍ଦୁ, ସୁରମାକୁ ଟାଟା ମେମୋରିଆଲ୍ ତୁରନ୍ତ ନେଇଯାଇପାରିବ ? ପ୍ରାୟ ସେକେଣ୍ଡ ଷ୍ଟେଜ ଟପି ଗଲାଣି, "ପେଟରେ କ୍ୟାନସର"। ତାଙ୍କର ଏଇ

ଉକ୍ତି ଉପରେ ମୁଁ କିଛି ଭାବିବା ଆଗରୁ ମୋ ହାତକୁ ଜାବୁଡିଧରି କାନ୍ଦି ଉଠିଲେ ଏଇ ମାନବବାଦୀ ଡାକ୍ତର। ପୁଣି କହିଲେ "ଏ ଷ୍ଟେଜରେ ଏଠି ଚିକିତ୍ସା ସମ୍ଭବ ନୁହେଁ। ପେଟ ଭିତରେ ପ୍ରାୟ ଦୁଇ କିଲୋର ମାଂସପିଣ୍ଡୁଳା।" ପ୍ରଫେସର ମହାନ୍ତି ଚାଲିଯିବା ଯାଏ ସୁରମା କେବଳ କହୁଥାଏ "ମୋତେ ବିଶ୍ୱାସ କର ମୋତେ ବିଶ୍ୱାସ କର।" ସେତେବେଳକୁ ମୁଁ କିନ୍ତୁ ଗୋଟାଏ ଭୁଲ ରାସ୍ତାରେ ଚାଲିଯାଇଥିଲି ଅନେକ ଦୂର , ଅନେକ ଦୂର। ରାସ୍ତା ନିଶ୍ଚୟ ଥିଲା ଅଫେରନ୍ତିର।



ବହୁ ମାନସିକ ଦ୍ୱନ୍ଦ୍ୱ ଭିତରେ ଯେତେବେଳେ ଟାଟା ମେମୋରିଆର କ୍ୟାନସର ହସପିଟାଲ ମୁମ୍ବାଇକୁ ଯିବା କଥା କହିଲି ଆଶ୍ଚର୍ଯ୍ୟଜନକ ଭାବରେ ଠିକଣା ପାଇଲା ପରି ହସିଦେଲା ସୁରମା। ଶେଷରେ ଗଲୁ ଟାଟା ମେମୋରିଆଲ ହସ୍ପିଟାଲ, ପରେଲ ମୁମ୍ବାଇ। ହସ୍ପିଟାଲର ବେଡ୍ ତାର ଶେଷ ଠିକଣା ହେଲା। ଚାଲିଯିବା ଆଗରୁ ଏକ ଦାର୍ଶନିକ ପରି କହିଲା "ବାପା ମୁଁ ହସିହସି ଯାଉଛି କାରଣ ତମର ବିଶ୍ୱାସକୁ ଜିତିପାରିଛି। ଆଜି ବି କଣ ମୋତେ ବିଶ୍ୱାସ କରିବନି ବାପା, ମୁଁ ପାପ ନୁହେଁ, ତୁମର ପୁଣ୍ୟମୟ ସୃଷ୍ଟି।" କାନ୍ଦିବାକୁ ଲୁହ ନଥିଲା ମୋ ଆଖିରେ।

ସୁରମାର ଦେହଟା ଜଳିଯାଉଛି ଏବେ ସ୍ୱର୍ଗଦ୍ୱାର ଶ୍ମଶାନରେ। ସତରେ ସେ ନୁହେଁ ମୁଁ ଥିଲି ପାପଗର୍ଭର ପାପୀ। ଇଚ୍ଛା ହେଉଛି ଏ ଦୁନିଆଁ ସାରା ବୁଲିବୁଲି ସମସ୍ତଙ୍କୁ କହିବି ମୋ ପରି ଏମିତି ପାପ ଆଉ କେହି ନ କରନ୍ତୁ, ନ କରନ୍ତୁ।

□□

ଲେଖକଙ୍କ ଇ-ମେଲ୍ ଠିକଣା:
barada.das@gmail.com

*ଶୁଭେଚ୍ଛା ସହ:*

ଓଡିଶାର ପ୍ରମୁଖ ପୁସ୍ତକ ପ୍ରକାଶନ ଓ ବିତରଣ ସଂସ୍ଥା

**ଧାରା ଶ୍ରୀରାଧା ଟ୍ରଷ୍ଟ**

DHARA SHREE RADHA TRUST Regd. No.: 41081705388 Bhubaneswar, Odisha



**DHARA SHREE RADHA TRUST**
**(A Literary & Cultural Organisation)**
**Email - dharashreeradha2017@gmail.com**

**ଅନୁଭୂତି**

# ଇଟାଲୀଆନ୍ ସେଲୁନ



ପ୍ରକାଶ ନାୟକ

ଏବେଭଳି ସେତେବେଳେ ସାଂସଦମାନଙ୍କୁ ସରକାରୀ ବାସଭବନରେ ନରହି ହୋଟେଲ କିମ୍ବା ନିଜ ଘରେ ଦିଲ୍ଲୀରେ ରହିବାକୁ ପଡୁଥିଲା। ଓଡ଼ିଶାର ଏକୋଇଶି ଲୋକସଭା ଓ ହାତ ଗଣତି ରାଜ୍ୟସଭା ସାଂସଦ ମାନଙ୍କର ଭିଡ ଥାଏ ବେଶୀ ନର୍ଥ ଆଉ ସାଉଥ୍ ଏଭେନ୍ୟୁ ରେ। ରାଷ୍ଟ୍ରପତି ଭବନ ଓ ସଂସଦର ଉତ୍ତର ପଶ୍ଚିମରେ ସେଇସବୁ ଘର। ଲମ୍ବା ଲମ୍ବା ରାସ୍ତା, ଲ୍ୟୁଟେନ୍ ଦିଲ୍ଲୀର ମାତ୍ର ଦୁଇ ମହଲିଆ କୋଠା। ମୋର ପରିଚୟ କୌଣସି ସଂସଦୀୟ ବ୍ୟାପାର ଉପରେ ଗବେଷଣା କରୁଥିବା ଗୋଟିଏ ସଂସ୍ଥା, ଯାହା ୭୩ ନର୍ଥ ଏଭେନ୍ୟୁ ରେ ଚାଲୁଥିଲା। ନର୍ଥ ଏଭେନ୍ୟୁ ରେ ସାଧାରଣ ମଣିଷ ପାଇଁ ଦୁଇ ତିନୋଟି ଆକର୍ଷଣ ଥାଏ। ପ୍ରଥମଟି ହେଲା ରେଳବାଇ ବିଭାଗ ଦ୍ଵାରା ଚାଲୁଥିବା, ସାଂସଦ ମାନଙ୍କ ଲାଗି କ୍ୟାଣ୍ଟିନ। କିଛି ଚାହା ଦୋକାନ ଆଉ ଖୋଲା ଜାଗା। କ୍ୟାଣ୍ଟିନ ରେ ଏବେ ବି ୩୫ ଟଙ୍କା ରେ ଭୋଜନ ବ୍ୟବସ୍ଥା ଅଛି। ସଫାସୁତର , ସୁଷମ ଓ ଶସ୍ତାରେ ଖାଦ୍ୟ ଦିଲ୍ଲୀରେ ବୋଧେ ଅନ୍ୟ କେଉଁଠି ମିଳେ ନାହିଁ । ୨୦୧୯ ମସିହା ଜାନୁଆରୀ ମାସ। ସାଂସଦ ମାନେ ଜାଣି ଗଲେଣି, ମାର୍ଚ୍ଚ ଅପ୍ରେଲ ସୁଦ୍ଧା ନିର୍ବାଚନ ହେବ,ସେଥିପାଇଁ ନର୍ଥ ଏଭେନ୍ୟୁ ଟିକେ ଖାଲି ଖାଲି ଲାଗୁଥାଏ। ଅଧିକାଂଶ ସାଂସଦ ଓ ସେମାନଙ୍କର ସହକର୍ମୀ ନିର୍ବାଚନ ପ୍ରସ୍ତୁତି ଓ ପ୍ରଚାର ପାଇଁ ରାଜ୍ୟ ମାନଙ୍କୁ ଯାଇଥାନ୍ତି।



ଅଧା ରୁ ଅଧିକ ସାଂସଦ ଡ୍ରାଇଭର, ପିଅନ ଓ ପିଏ, ଚେଲା ଚାମୁଣ୍ଡା ମାନଙ୍କ ସହ ଆସି କ୍ୟାଣ୍ଟିନ ରେ ଖାଦ୍ୟ ଖାଆନ୍ତି। ପାଖରେ ବ୍ୟାଙ୍କ୍ ଏଟିଏମ୍, କାମଚଳା ତେଜରାଜି ତଥା ଷ୍ଟେସନାରୀ ଦୋକାନ, ଇସ୍ତ୍ରି ଦୋକାନ ଥାଏ। ମାତ୍ର ସେଲୁନ ନଥାଏ। ମୋ ଅଫିସ୍ ସଂସଦ ମାର୍ଗରେ ଥିଲା, ତେଣୁ କେବେ କେବେ ଅଟୋ ଧରି ନର୍ଥ ଏଭେନ୍ୟୁ ଆସିଛି ଖାଇବାକୁ। ସେଠାରେ ଚିକେନ ପ୍ଲେଟ ପ୍ରାୟ ସବୁଠୁ ଶସ୍ତା ଓ ସୁଆଦିଆ। କିଛି ଲେଖାଲେଖି କରୁଥିବାରୁ ମୁଁ ୭୩ ନର୍ଥ ଏଭେନ୍ୟୁ ଯାଏ, ବସାଉଠା ଓ ଖିଆପିଆ ବି କରେ ସେଠି। ନୂଆ ନୂଆ ନେତା, ସାଂସଦ, ସାମ୍ବାଦିକ, ଓକିଲ ଇତ୍ୟାଦିଙ୍କ ସହ ଭେଟ ପଡେ ନର୍ଥ ଏଭେନ୍ୟୁ ରେ। ଯେଉଁ ନେତା ମାନଙ୍କୁ ଓଡ଼ିଶାରେ ଦେଖିବାର ସୁଯୋଗ ମିଳେ ନାହିଁ, ସେମାନେ ନର୍ଥ ଏଭେନିୟୁରେ ଚାଲି ଚାଲି ଯିବା ଆସିବା କରିବା ମୁଁ ଦେଖିଛି ନିଜ ଆଖିରେ। ମୁହାଁ ମୁହିଁ ହେଲେ କେତେବେଳେ କେମିତି ନମସ୍କାର ପକାଏ। ଥଣ୍ଡା ପଡ଼ିବାରୁ ଅଫିସ ଆସିବା ବହୁତ୍ କଷ୍ଟ ହେଲା ଓ ନିଷ୍ପତ୍ତି ନେଲି ନର୍ଥ ଏଭେନ୍ୟୁ ରେ କିଛି ଦିନ ରହିଯିବି। ସେୟା ହେଲା, ମୁଁ ରହିଲି ୭୩ ନର୍ଥ ଏଭେନ୍ୟୁ ପାଖରେ। ଅଫିସ, କ୍ୟାଣ୍ଟିନ , ରହିବା ପାଇଁ ଆଭିଜାତ୍ୟର ସୁବିଧା, ତେଣୁ ବେଶୀ କିଛି ଦିନ ଖୁସିରେ କଟିଗଲା। ଦୁଇ ସପ୍ତାହ ପରେ ଦେଖେ ତ ମୁଣ୍ଡରେ ବାଳ ସାଙ୍ଗକୁ ମୁହଁରେ ଦାଢ଼ି ବଢ଼ିଯାଇଛି। କଣ କରିବି, ବାଳ ଓ ଦାଢ଼ି କାଟିବା ପାଇଁ କ'ଣ ଶହେ ଟଙ୍କା ଅଟୋ ଖର୍ଚ୍ଚ କରି ଆରକେ ପୁରମ୍ ବା ଆଇଏନେ ମାର୍କେଟ ଯିବି? ଏଇମିତି ଦ୍ଵନ୍ଦ୍ଵରେ ପଡ଼ି ଭାବିଲି ଏତେ ବଡ କଲୋନୀରେ, ସେଲୁନ୍ ନିଶ୍ଚୟ ଥିବ, ତାକୁ ପ୍ରଥମେ ଖୋଜିବା। ଶନିବାର ଆସିଲା, ସେଇ ଛୁଟି ଦିନରେ ସକାଳୁ ସେଲୁନ୍ ଖୋଜା ଆରମ୍ଭ ହେଲା। ପ୍ରଥମେ ପ୍ରଥମେ ସମସ୍ତେ ସେଲୁନ ନାହିଁ ବୋଲି ସିଧା ସଳଖ କହିଲେ। ଚାହା ଦୋକାନୀକୁ ପଚାରିଲି। ସେ ଇଟାଲୀଆନ୍ ସେଲୁନ ଟିଏ ଅଛି ବୋଲି କହିଲା। ତାରି ଠାରୁ ସେଲୁନର ରାସ୍ତା ପଚାରି ପଚାରି କ୍ୟାଣ୍ଟିନ ପଛ ମାର୍କେଟ ପର୍ଯ୍ୟନ୍ତ ଗଲି।

ଦୋକାନ ସବୁ ସରିଗଲା, ବାକି ରହିଲା ଲମ୍ବା କାନ୍ଥ ଟାଏ ।ପଚାରିବାକୁ କାହାକୁ ରାସ୍ତାରେ ଦେଖିବାକୁ ନପାଇ ସିଧା ଇସ୍ତ୍ରି ଦୋକାନ ପାଖକୁ ଗଲି । ଦୁଇ ଜଣ ଲୋକ ନିଜ ଭିତରେ କିଛି କଥା ବାର୍ତ୍ତା ହେଉଥିଲେ । ଇଟାଲୀଆନ୍ ସେଲୁନ କଥା ପଚାରିବାରୁ ଜଣେ ମଧ୍ୟ ବୟସ୍କ ଲୋକ 'ଆସନ୍ତୁ' ବୋଲି କହି ପାଛୋଟି ନେଲା । ଆଉ ମଧ୍ୟ କହିଲା, ଏତେକଷ୍ଟ କରି କାହିଁକି ଆସିଲି ! ପିଅନ ଦ୍ୱାରା କି ଫୋନରେ ଡାକିଦେଇଥିଲେ ,ସେ ୭୩ ନମ୍ବର କ୍ୱାର୍ଟର କୁ ସିଧା ଚାଲିଯାଇଥାଆନ୍ତା । ପ୍ରଥମେ ସେ ଟିକେ ଡରି ଯାଇଥିଲା । ସେ କେବେ ୭୩ ନମ୍ବର କ୍ୱାଟରର ସାଂସଦକୁ ଦେଖିନଥିଲା,ତେଣୁ ମୋତେ ସାଂସଦ ବୋଲି ଭାବି ନେଇଥିଲା । ମୁଁ କିନ୍ତୁ କହିଲି, ମୁଁ ସାଂସଦ ନୁହେଁ, ମାତ୍ର ତାଙ୍କର ପରିଚିତ । ତାପରେ ସେ ପ୍ରକୃତିସ୍ଥ ହେଲା । ମୁଁ ପଚାରିଲି, ସେଲୁନ କାହିଁ,ଯେଉଁଠି ମୋର ବାଳ ଓ ଦାଢ଼ି କରାଯିବ ? ସେ କିଛି ଉତ୍ତର ଦେଇ ନପାରି, କାନ୍ଥରେ ଟଙ୍ଗା ଯାଇଥବା ଆଇନା ଓ ଗୋଟିଏ ଭଙ୍ଗା ଚିଆର ଆଡ଼କୁ ଦେଖେଇଲା । ଅବଶ୍ୟ ପାଖରେ ଖରା ପଡୁଥିବା ଜାଗାରେ ଦୁଇଟି ଇଟା ପଡିଥିବାର ଦେଖିଲି । କିଛି କଟା ଯାଇଥିବା ବାଳ ଇତସ୍ତତଃ ପଡିଥିବାର ମଧ୍ୟ ଦେଖିଲି, ମାତ୍ର ମୋତେ ଇଟାଲୀୟାନ ସେଲୁନ କୋଉଠି ବୋଲି ସଠିକ୍ ଉତ୍ତର ଦେଇପରିଲାନି ସେ ।

ଯା ଭିତରେ ସେ ଖୋଲା ଆକାଶ ତଳେ ମୋତେ ଭଙ୍ଗା ଚେୟାର ରେ ବସେଇ, ମୋ ବେକରେ କପଡା ଟିଏ ଘୋଡ଼େଇ ସାରିଲାଣି । ମୁଁ ପୁରୁଣା ଆଇନାରେ ନିଜ ମୁହଁକୁ ଖୋଜୁଥିଲି । କଥାବାର୍ତ୍ତା ଆରମ୍ଭ ହେଲା, ଯେମିତି ଅନ୍ୟ ସେଲୁନ ରେ ବାରିକ ସହ କଥା ହୁଏ । ସେ ମୋତେ ପଚାରିଲା ମୁଁ କେଉଁ ରାଜ୍ୟରୁ ଆସିଛି ବୋଲି । ମୁଁ ଉତ୍ତର ଦେଲି ' ଓଡ଼ିଶା' । ସଙ୍ଗେ ସଙ୍ଗେ ସେ ନର୍ଥ ଏଭେନ୍ୟୁ ରେ କେତେ ଓଡ଼ିଆ ସାଂସଦ ଅଛନ୍ତି କହିଦେଲା । ଏମିତିକି କୋଉ ମହିଳା ସାଂସଦ ଙ୍କ ସ୍ୱାମୀ କୋଉଠି ସାଂସଦ ପ୍ୟାଡକୁ ରଦି କାଗଜ ଦୋକାନରେ ବିକି ଗୁଟୁଖା କିଣନ୍ତି, ସେକଥା କହିଲା । କେତେକ ଅନ୍ୟ ଓଡ଼ିଆ ସାଂସଦମାନଙ୍କ ଘରକୁ କେତେ ମଦ ବୋତଲ ଓ ଝିଅ ଯାଆନ୍ତି, ତାର ମଧ୍ୟ ହିସାବ ଦେଲା । ଲାଜରେ ମୁହଁ ପୋତି ହୋଇ ଯାଉଥାଏ । କଥାକୁ ବଦଳାଇ ମୁଁ ପ୍ରଶ୍ନ କଲି ସେ କଣ ଘଟଣା ସବୁ ଦେଖୁଛନ୍ତି, ସଂସଦ ଓ ଅନ୍ୟ ସାଂସଦ ମାନଙ୍କୁ ନେଇ । ସେ କହିଲା ଅତୀତର କଥା । ସେ ନୂଆ ନୂଆ ସେଲୁନ ରେ ଦାଢ଼ି ଓ ବାଳ କଟା ଶିଖୁଥାଏ, ସେଇ ସମୟରେ ଇନ୍ଦିରା ଗାନ୍ଧୀଙ୍କୁ ହତ୍ୟା ଘଟଣା ଓ ତା ପରେ ପରେ ଶିଖ ବିରୋଧୀ ଦଙ୍ଗା ସେ ନିଜେ ଦେଖିଛି । କିଛିଦିନ ପର୍ଯ୍ୟନ୍ତ, ସେଲୁନ କୁ ବନ୍ଦ୍ କରିବାକୁ ପଡ଼ିଥିଲା ତାକୁ । ପାର୍ଲିଆମେଣ୍ଟ ଭିତରେ ଉଗ୍ରବାଦୀ ପଶିଥିବାର ପ୍ରତ୍ୟକ୍ଷଦର୍ଶୀ ଅଭିଜ୍ଞତା ବି ବଖାଣିଲା ସେ । ବାଜପେୟୀ ପ୍ରଧାନ ମନ୍ତ୍ରୀ ଥିଲାବେଳେ କେମିତି ଅନାସ୍ଥା ପ୍ରସ୍ତାବରେ ହାରିଯାଇଥିଲେ, ସେକଥା କହିଲା । ଆହୁରି ଅନେକ କଥା କହୁଥିଲା ବେଳେ ଓଡ଼ିଶାର ସାଂସଦମାନଙ୍କ ଉପରେ କହିଲା । କୋଉ ଓଡ଼ିଆ ସାଂସଦ ରାସ୍ତାରେ ଲୁଙ୍ଗି ପିନ୍ଧି ଦାନ୍ତରେ ଗୁଡ଼ାଖୁ ଘସନ୍ତି, ସେକଥା ମଧ୍ୟ କହିଲା । କେଉଁ ଓଡ଼ିଆ ଏମପି ଙ୍କ ପୁଅ ଓ ଝିଅ ଚାନ୍ଦା ଆଦାୟ କରନ୍ତି । କେଉଁ ଦାଢ଼ିଆ ବାବା ପାଖକୁ ଦାଢି କାଟିବାକୁ ଯାଇଥିଲା, ସେକଥା ମଧ୍ୟ କହିଲା । ପଚାରିଲା, ଦାଢ଼ିଆ ବାବାଙ୍କୁ ଓଡ଼ିଶା ସରକାର ଏମପି ଚାକିରି କରେଇ ଦେଇଥିଲେ କି ? ଆହୁରି ମଧ୍ୟ ପଚାରିଲା, ଓଡ଼ିଆ ସାଂସଦ ମାନେ ହିନ୍ଦୀ କାହିଁକି କହିପାରନ୍ତି ନାହିଁ ଓ ଦିଲ୍ଲୀ ଶୀତ ସହି ନପାରି, କାହିଁକି ଓଡ଼ିଶା ପଳେଇ ଯାଆନ୍ତି ? ଏଇମିତି ଅନେକ କିଛି ପ୍ରଶ୍ନ ପଚାରିଲା ମୋତେ । ମୁଣ୍ଡ ବାଳ କଟା ଓ ଦାଢ଼ି କଟା ପରେ ମାଲିସ ଆରମ୍ଭ କରୁଥାଏ, ମୁଁ ତାର କଠିନ ପ୍ରଶ୍ନର ସରଳ ଉତ୍ତର ଦେଇ ନପାରି ଖାଲି ହୁଁ ଟି ମାରୁଥାଏ ।

**ସେ ଆହୁରି ମଧ୍ୟ ପଚାରିଲା, ଓଡ଼ିଆ ସାଂସଦ ମାନେ ହିନ୍ଦୀ କାହିଁକି କହିପାରନ୍ତି ନାହିଁ ଓ ଦିଲ୍ଲୀ ଶୀତ ସହି ନପାରି, କାହିଁକି ଓଡ଼ିଶା ପଳେଇ ଯାଆନ୍ତି ?**

ମୋହମ୍ମଦ ହେଉଛି ତା ନାଁ । ଦେଶ ସ୍ୱାଧୀନତା ପାଇବା ପରଠାରୁ, ତାରି ପରିବାର ନର୍ଥ ଏଭେନ୍ୟୁ ରେ ବାରିକ କାମ କରି ଆସୁଛନ୍ତି । ସରକାରଙ୍କ ତରଫରୁ ସେଲୁନ ପାଇଁ ଜାଗାଟିଏ ନଥିବାବେଳେ, ସେ କାନ୍ଥରେ ଆଇନା ଟାଙ୍ଗି ବ୍ୟବସାୟ ଜାରି ରଖିଛି । ଏବେ ବି ବେଳେବେଳେ ଅଲକ୍ଷ୍ୟରେ ତା'କଥା ମୋ ସ୍ମୃତିରେ ଜାଗରିତ ହୋଇଉଠେ ।

□□

ଲେଖକଙ୍କ ଇ-ମେଲ୍ ଠିକଣା:
prakashcnayak@gmail.com

ଶିଶୁ ଗଳ୍ପ

# ମାନିବ ନାଇଁରେ ମାନିବ ନାଇଁ



ସଂଗ୍ରାମ କେଶରୀ ପୃଷ୍ଟି

ଆଗକୁ ଆସୁଛି ଦୋଳ ଯାତରା। ଗାଁରେ ମେଳଣ ବସିବ। କେତେ କେତେ ଦୋକାନ ବଜାର ବସିବ। ଏଣୁ କୁଲୁ ମାଙ୍କଡର ଖୁସି କହିଲେ ନ ସରେ ସେ ନୂଆ ଜାମା ପିନ୍ଧିବ। ମନ ଭରି ପିଠା ଖାଇବ। ଆଉ ବୁଲି ବୁଲି ଯାତରା ଦେଖିବ। ଏଇ କଥା ଭାବି ତା ଗୋଡ ତଳେ ଲାଗୁନଥାଏ।

ଦିନେ ବେଳକାଳ ଦେଖି କୁଲୁ ମାଙ୍କଡ ବାପା ହନୁମାଙ୍କଡ଼ ପାଖକୁ ଆସିଲା। ଲସରପସର ହେଲା। ଗେହ୍ଲେଇ ହୋଇ କହିଲା, "ବାପା... ବାପା ମା! ଦୋଳଯାତରା ଆଉ ଦିନ କେଇଟା ରହିଲା। ମୋ ପାଇଁ ନୂଆ ଜାମା ହଳେ ଆଣି ଦିଅନା! ମୁଁ ଯାତରାରେ ପିନ୍ଧିବି। ଭାରି ମଜା ହେବ।"



ପୁଅ କଥା ଶୁଣି ହନୁମାଙ୍କଡ ଚିଡିଉଠି କହିଲା, "ହଇରେ, ଏବେ ପରା ତୋ ପାଇଁ ଜାମା ହଳେ କରିଦେଇଥିଲି। ତା ଛଡା ମାମୁ ବି ହଳେ ଆଣିଦେଇଥିଲେ। ଏସବୁ ଥାଉ ଥାଉ ପୁଣି ନୂଆ ଜାମା କଣ ହେବ ଯେ?"

"ବାପା, ସେଗୁଡା ପରା ପୁରୁଣା ହୋଇସାରିଲାଣି। ମୋ ସାଙ୍ଗମାନେ ତ ଦୋଳ ପରବକୁ ନୂଆ ନୂଆ ପୋଷାକ ପିନ୍ଧିବେ। ମୁଁ କେମିତି ଭଲା ପୁରୁଣା ପିନ୍ଧିବି କହିଲ! ନାଇଁ ନାଇଁ ସେ କଥା ହେବନି। ତୁମେ ଯେମତି ହେଲେ ବି ମୋ ପାଇଁ ନୂଆ ଜାମା ଆଣି ଦିଅ।" କୁଲୁ ମାଙ୍କଡ ଜିଦି ଲଗାଇଲା।

ହନୁମାନଙ୍କଡ଼ ଜାଣେ, ପୁଅଟା ତା'ର ଭାରି ଅବୁଝା। ଯାହା ବୁଝିଥିବ ସେଇଆ। ନୂଆ ଜାମା ପାଇଁ ସେ ମନ ବଳେଇଛି ଯେତେବେଳେ, ତାହା ନ ପାଇଲା ଯାଏଁ ଛାଡିବନି। ଖାଲି ରାଗିବ-ରୁଷିବ। ଖାଇବ ନାଇଁ କି ପିଇବ ନାଇଁ। ଗୁମ୍ମାରି ରହିବ। ଏତେ କଥାକୁ ମୋର କିଏ ସମ୍ଭାଳିବ। ଏଣୁ ସେ କୁଲୁ କଥାରେ ରାଜି ହୋଇଗଲା। ଏଥର କୁଲୁମାଙ୍କଡର ଖୁସି କହିଲେ ନ ସରେ। ସେ ଡିଆଁମାରି ନାଚିବାକୁ ଲାଗିଲା।

ଦୋଳପରବକୁ ଦି ଦିନ ବାକି ଅଛି, କୁଲୁ ମାଙ୍କଡ଼ ଯାଇ ବାପାଙ୍କ ପାଖରେ ହାଜର। କହିଲା, "ବାପା, ତମେ କହିଥିଲ ନା ଜାମା କିଣି ଦେବ ବୋଲି! ଏବେ ଚାଲନା ବଜାରକୁ ଯିବା। ହରିଣ ମଉସାଙ୍କ ଦୋକାନରୁ ଜାମା କିଣି ଆଣିବା।"

ହନୁ ଏଥର କରେ କ'ଣ! ପୁଅକୁ ଆଗରୁ ହଁ ଟା ମାରିଛି ଯେତେବେଳେ ନୂଆ ଜାମା ନ କିଣି ବାଟ ନାହିଁ। ଏଣୁ ସେ ପୁଅକୁ ଧରି ଚାଲିଲା ହରିଣ ଦୋକାନକୁ। ବାଟରେ ଯାଉ ଯାଉ ଭାବୁଥାଏ, ଏମିତି ବାଟ ବାହାର କରିବ ଯେମିତି ପୁଅ ଆଉ ନୂଆ ଜାମା ପାଇଁ ମନ ବଳେଇବ ନାହିଁ।

କିଛି ସମୟ ପରେ ବାପ-ପୁଅ ଦୁହେଁ ଆସି ହରିଣର ପୋଷାକ ଦୋକାନରେ ପହଞ୍ଚିଲେ। ହରିଣ ତା' ଦୋକାନ ଥାକରୁ କାଢ଼ି ବାହାର କରିଦେଲା ଭଳିକିଭଳି ପୋଷାକ। ବାଃରେ ବାଃ...। କେତେ ସୁନ୍ଦର ମ! କେତେ ରଙ୍ଗର, କେତେ ଜାତିର। ଦେଖିଲେ ମନ ଲାଖି ଯାଉଛି। କୁଲୁ ମନ ଖୁସିରେ ତା' ପାଇଁ ଜାମା ବାଛିବାରେ ଲାଗି ପଡିଥାଏ। ମଉକା ଦେଖି ହନୁମାନଙ୍କଡ଼ ହରିଣ କାନରେ ଫୁସ୍‌ଫୁସ୍ କରି କଣ କହିଦେଲା। ହରିଣ କ'ଣ ବୁଝିଲା କେଜାଣି ମୁଣ୍ଡ ଟୁଙ୍ଗାରି ହଁ ଭରିଲା।

ଗଦା ଗଦା ପୋଷାକ ଭିତରୁ କୁଲୁମାଙ୍କଡ଼କୁ ଜାମା ହଳେ ପସନ୍ଦ ଆସିଲା। ସେଇଟାକୁ ସେ ହରିଣ ଆଡକୁ ବଢ଼ାଇ ଦେଇ କହିଲା, "ଏଇ ହଳକ ମୋର ପସନ୍ଦ ଆସିଲା ମଉସା। ତାକୁ ଦେଇ ଦିଅନ୍ତୁ।" କୁଲୁ ହାତରୁ ଜାମାଟିକୁ ନେଇ ତାକୁ ଭଲ ଭାବରେ ଦେଖାଦେଖି କଲା ପରେ ହରିଣ କହିଲା "ଆରେ ହେ... ଶେଷକୁ ଏଇଟା ତୋର ପସନ୍ଦ ହେଲା! ନେବୁ ଯଦି ନେ ହେଲେ କହିଦେଉଛି, ଇଏ ତୋତେ ମାନିବ ନାଇଁରେ ମାନିବ ନାଇଁ।"



ହନୁମାଙ୍କଡ଼ ଓ ହରିଣ ଭାବୁଥିଲେ, ଏକଥା ଶୁଣି କୁଲୁ ବୋଧେ ଆଉ ଜାମା କିଣିବାକୁ ମନ ବଳେଇବ ନାହିଁ। ଥାଉ କହି ରଖିଦେବ। ହେଲେ ଏମିତି କିଛି ଘଟିଲା ନାହିଁ। ଓଲଟି କୁଲୁ ମାଙ୍କଡ଼ ଖେଁ..... ଖେଁ.... ହୋଇ ହସି ଉଠି କହିଲା, "କ'ଣ କହିଲ ମଉସା! ଇଏ ମୋତେ ମାନିବ ନାଇଁ? ରୁହ ଦେଖିବ ଯେ! ମୋତେ ତ ସମସ୍ତେ ମାନନ୍ତି। ମୁଁ ପରା ପୋଷା କୁକୁର-ବିଲେଇକୁ ମନେଇ ଦେଇଛି। ଶୁଆକୁ ରାମ ନାମ ପୋଷେଇ ଦେଇଛି। ଆଉ ଏ ଜାମା ତ ଛାର। ନମାନି ବିଚରା ଯିବ କୁଆଡେ।"

କୁଲୁ କଥା ଶୁଣି ଦୁହିଙ୍କ ପାଟି ଚୁପ୍। ହରିଣ ଚୁପ୍‌ଚାପ୍ ସେଇ ଜାମା ହଳକ କାଗଜରେ ଗୁଡେଇ କୁଲୁକୁ ଦେଲା। ଆଉ ହନୁମାଙ୍କଡ଼! ବିଚରାର ଆଉ ମନା କରିବାର ବାଟ କିଛି ନ ଥିଲା। ସେ ମୁଣ୍ଡ କାନ ଆଉଁସି ଦୋକାନୀ ହାତକୁ ବଢ଼ାଇ ଦେଲା ପଇସା।

ସେଥର ନୂଆ ଜାମାରେ କୁଲୁମାଙ୍କଡର ଦୋଳ ଯାତରାଟା ବେଶ୍ ଜମିଲା।

□□

ଲେଖକଙ୍କ ଇ-ମେଲ୍ ଠିକଣା:
sangramprusty2012@gmail.com

ଧାରା ଶ୍ରୀରାଧା ଟ୍ରଷ୍ଟର ଏକ ଅନବଦ୍ୟ ପ୍ରକାଶନ




ଧାରା ଶ୍ରୀରାଧା

କବି - ମଙ୍ଗଳାପ୍ରସାଦ ପ୍ରଧାନ

DHARA SHREE RADHA TRUST
(A Literary & Cultural Organisation)
Email - dharashreeradha2017@gmail.com

**ପୁସ୍ତକ ସମୀକ୍ଷା**

# ବିରହ ଶତକ

**କବି : ଜାନକୀ ବଲ୍ଲଭ ଦାଶ**

**ପ୍ରକାଶକ : ଶ୍ରଦ୍ଧା ପବ୍ଲିକେସନ, ବାଲେଶ୍ୱର**

**ପୃଷ୍ଠା : ୧୦୮, ମୂଲ୍ୟ : ଟ.୧୦୦/-**




ପ୍ରବୀଣ କବି ଜାନକୀ ବଲ୍ଲଭ ଦାଶଙ୍କ ଲେଖନୀ ନିସୃତ ବିରହ ନିର୍ଝର ଅବାରିତ ହୋଇ ବହିଯାଇଛି ସଂକଳନଟିରେ। ସଂକଳନ ତ ନୁହେଁ, ବରଂ ବିରହ ରାଗିଣୀର ଏକକ ତାନ ବୋଲି କହିବାକୁ ହେବ। କାରଣ ଏଥିରେ ସନ୍ନିବେଶିତ ଶହେଟି ଯାକ କବିତା ସେହି ଏକକ ଭାବ, ଅର୍ଥାତ୍ ପ୍ରଣୟିନୀଙ୍କ ବିୟୋଗାନ୍ତେ କବି-ମାନସରେ ପ୍ରତିଭାତ ହୋଇଥିବା ବିଷର୍ଣ୍ଣତା ଉପରେ ପର୍ଯ୍ୟବେସିତ। ଏ ଦୃଷ୍ଟିରୁ ପୁସ୍ତକଟିରେ ସ୍ଥାନ ପାଇଥିବା ଶହେଟି କବିତାକୁ ଗୋଟିଏ ହିଁ କାବ୍ୟ ସତ୍ତାର ସାର୍ଥକ ଚିତ୍ରାୟନ ବୋଲି କହିବା ଅଧିକ ସମୀଚିନ ହେବ, ଯାହାର କେବଳ ଭିନ୍ନଭିନ୍ନ ପ୍ରସ୍ଥ ହିଁ ଖୋଲିଯାଇଛି ବିବିଧ କବିତାରେ।

ପୁସ୍ତକଟିର ଅଗ୍ରଲେଖରେ ଏହି କାବ୍ୟସିକ୍ତ ବିରହ ମୂର୍ଚ୍ଛନାର ଅନୁପ୍ରେରଣା ଯେ ତାଙ୍କର ଦିବଂଗତା ପତ୍ନୀ, ଏକଥା କବି ସ୍ପଷ୍ଟ କରିଦେଇଛନ୍ତି। ତା'ଙ୍କ ଭାଷାରେ, "(ମୋର) ପ୍ରତ୍ୟେକ ପ୍ରେମ କବିତାର ଉପଜିବ୍ୟ ଯେ ସେ ନିଜେ ଏକଥା ସିଏ ନିଜେ ଜାଣି ନଥାନ୍ତି। ମୁଁ ବି ତାଙ୍କୁ ଜାଣିବାର ସୁଯୋଗ ଦିଏନି। କାରଣ 'ଈର୍ଷା ନାରୀର ଏକ ସ୍ୱଭାବ ସୁଲଭ ଗୁଣ' ଯାହା ମୋତେ ଆମୋଦିତ କରେ ଏବଂ ଏହି ସୁଯୋଗରେ ମୁଁ ଅଧିକ କିଛି ସୃଜନର ଖୋରାକ ଯୋଗାଡ଼ କରିନିଏ।"

ପୁସ୍ତକଟିରେ ସଂକଳିତ ସମସ୍ତ କବିତା ଛନ୍ଦୋବନ୍ଧ ଓ ରୀତିଯୁଗୀୟ କାବ୍ୟଛଟାର ସ୍ୱାକ୍ଷର ବହନ କରେ। ଭାବର ସାନ୍ଦ୍ରତା ସହ ତାଳ ଦେଇ ଭାଷାର ଲୟ ପ୍ରବାହ ମଧ୍ୟ ଅତି ସ୍ୱଚ୍ଛନ୍ଦରେ ଗତି କରିଛି, ଯେମିତି,

ସୁନୀଳ ସାଗର ତରଙ୍ଗ ଅଧିର
ଜୋଛନା ମଧୁର ରାତି
ଅଧରେ ଅଧର ପ୍ରଣୟ ବିଧୁର
ସପନ ଦୁର୍ବାର ସ୍ମୃତି।
ଦୂରତା ଅପାର ଅଫେରା ପ୍ରାନ୍ତର
ପ୍ରଗତି ମନ୍ଥର କୀର୍ତ୍ତି
ଶ୍ରାବଣୀ ରାତିର ସମ୍ଭୋଗ ତୃପ୍ତିର
ବିନିଦ୍ରିତ ଅମା ରାତି।

ଏମିତି ଯମକ ଓ ଯତିପାତର କମନୀୟ ଅଳଙ୍କାରରେ ସଜ୍ଜିତ କବିଙ୍କର ସମସ୍ତ କବିତା। ଅନ୍ୟ ଏକ ଲକ୍ଷ୍ୟଣୀୟ ଦିଗ ହେଲା ଯେ ସମସ୍ତ କବିତା ଗୋଟିଏ ଆକୃତି ଓ ଫର୍ମାଟ୍ ରେ ବନ୍ଧା। ତେଣୁ ଏଥିରେ ପରିବେଷିତ କବିତାଗୁଡିକ ଗୋଟିଏ ସୂତ୍ରରେ ଗୁନ୍ଥା ହୋଇଥିବା ସୁସଜ୍ଜିତ ମାଳାଟିଏ ଭଳି ପ୍ରତୀୟମାନ ହୁଏ।

ସମସ୍ତ କବିତାର ଶୀର୍ଷକ 'ତୁମେ' ଏବଂ କାବ୍ୟନାୟିକାଙ୍କ ପ୍ରତି ବିଶୁଦ୍ଧ ପ୍ରେମ ଓ ସମର୍ପଣର ଭାବ ସେଗୁଡିକର ଛତ୍ରେ ଛତ୍ରେ ଫୁଟିଉଠିଛି। କବି ଯେମିତି କୋହଭରା କଣ୍ଠରେ ଗାଇଉଠିଛନ୍ତି,

ତୁମ ଅନୁଭବ ସ୍ମୃତିର ବିଭବ
ଭାବି ଭାବି ଯାଏ ଦିନ
ଅତୀତର କଥା ତୁମର ବାରତା
ଶୁଣିବାକୁ ଚାହେଁ ମନ।

ଅବଶ୍ୟ କେତେକ କବିତାରେ 'ଧୈର୍ଯ୍ୟ' ଓ 'ମଗ୍ନ' ଭଳି ଗାଦ୍ୟିକ ଶବ୍ଦ ପରିବର୍ତ୍ତେ ସେଗୁଡ଼ିକର ପଦ୍ୟରୂପ ପ୍ରୟୋଗ ହୋଇଥିଲେ ଛନ୍ଦ ପ୍ରବାହର ସାବଲୀଳତା ଆହୁରି ଅଧିକ ସମୃଦ୍ଧ ହୋଇପାରିଥାନ୍ତା ଭଳି ମନେହୁଏ।

ପୁସ୍ତକାକାରରେ ପ୍ରକାଶିତ ହେବା ପୂର୍ବରୁ ଏଥିମଧ୍ୟରୁ ଅଧିକାଂଶ କବିତା କବି ସାମାଜିକ ଗଣ ମାଧ୍ୟମ ଜରିଆରେ ଲୋକଲୋଚନକୁ ଆଣିଥିଲେ। କିନ୍ତୁ ଆଲୋଚ୍ୟ ପୁସ୍ତକରେ ସେଗୁଡ଼ିକର ସମ୍ପାଦନାଗତ ପରିଚ୍ଛନ୍ନତା ବିଶେଷ ଭାବରେ ଦୃଷ୍ଟିରେ ପଡେ। ପୁସ୍ତକଟି ବିଦଗ୍ଧ କାବ୍ୟରସ ପିପାସୁଙ୍କ ହୃଦୟର ସମ୍ବେଦନାକୁ ସ୍ପର୍ଶ କରିବାର ଯଥେଷ୍ଟ ସାମର୍ଥ୍ୟ ରଖେ।

*ନିହାର ଶତପଥୀ*

## ଶେଷ ପୃଷ୍ଠା





# ଅମଣଖମଣ *

ସୁଧୀ ସାହିତ୍ୟପ୍ରେମୀ ସୁହୃଦ ସମଗ୍ର,
ଆସନ୍ତୁ ଆପଣଙ୍କୁ ଆଜି ଆଉଥରେ କିଛି କଥା କହିବି, ଆମ ଓଡ଼ିଆ ସାହିତ୍ୟ ସଂସାରର। ହୁଏତ କଥାଟି ରସୁଆଳ ଲାଗିପାରେ ଅବା ଅଖାଡୁଆ ହେଲେ ମୁଁ ଏଇଠି ପୁଣି ଥରେ କହିବି; କଥା ହେଲେବି ଲେଖାଟି ସତ। ସେଇଦିନ ଭାଷାକୋଷକୁ ଲେଉଟାଇବା ବେଳେ ବ୍ୟାକରଣ ସଂଗ୍ରହର ଏଇ ଶ୍ଳୋକଟି ଆଖିରେ ପଡ଼ିଲା;

*'ସତ୍ତାଜୀବନଶୟନକ୍ରିଡ଼ାଃ ଭୀତକ୍ଷୟଜରବାସବ୍ରୀଡ଼ାଃ ଉଦୟପଲାୟନମଜ୍ଜନଦୀପ୍ତିଃ*

*ଭ୍ରମମୋହସ୍ଥିତିଧାରନଶୁଦ୍ଧିଃ ଚେଷ୍ଟା କ୍ରୋଧୋ ନିଦ୍ରା କମ୍ପୋ ମରଣଂ ନୃତ୍ୟଂ ପତନଂ ସଙ୍ଗଃ*

*ବୃଦ୍ଧିର୍ଜାଗରରୋଦନଯତ୍ନାଃ ଯୁଦ୍ଧୋଦ୍ୟୋଗୋ ହର୍ଷଃ ଶୋଷଃ ହେରମ୍ବନାଥ।'*

କହିବାକୁ ଗଲେ ଅକର୍ମକ କ୍ରିୟାକୁ ମନେ ରଖିବା ନିମନ୍ତେ ଜଣେ କର୍ତ୍ତା ଏହି କର୍ମ କରିଥିଲେ। ଅକର୍ମକ କ୍ରିୟାର କୌଣସି କର୍ମ ନଥାଏ ଅବା ଏହା କୌଣସି କର୍ମକୁ ଅପେକ୍ଷା କରିନଥାଏ। ଏହି କଥା ଆମ୍ଭେ ସାହିତ୍ୟ ସଂସାରର ପୁରସ୍କାର ପ୍ରସଙ୍ଗକୁ ନେଇ କହୁଛୁ। ଏଇ ପ୍ରକ୍ରିୟାଟିଏ ଏବେ ହଗିବା ପ୍ରାୟେକ ଲକ୍ଷଣ ହୋଇଛି ପ୍ରାୟତଃ ଅଧିକାଂଶ ଛତୁଫୁଟା ଚହଟା ସାହିତ୍ୟିକ/କାଙ୍କ ପାଇଁ। ଯେମିତି କି ହଗିବା ଏମିତି ସେମିତି କର୍ମ ନୁହେଁ; ମଣିଷକୁ ଅଥୟ କରି ପକେଇବ ହୋ! ସେଇଥି ପାଇଁ ପରା କଥାରେ ଅଛି "ହଗା ଆଗରେ କି ବାଘର ଡର"। ଏଣୁ ଏଇ ଦଧିକ ଗୋଷ୍ଠୀ ଏବେ ସାହିତ୍ୟ ମଞ୍ଚରେ କସପୀ ନଚେଇବାରେ ବ୍ୟସ୍ତ।

କଣ ସମଝି ପାରୁଛନ୍ତି କି ନାଇଁବା! ଯଦି ସମଝି ପାରୁନାହାନ୍ତି ତେବେ ଏଇୟା କହିବି ଯେ, ଯେତେବେଳେ କୌଣସି ଲୋକକୁ ଅତର୍ଚ୍ଛା ମଳ ବିସର୍ଜନ କରିବାକୁ ଥାଏ; ସେ କେବଳ ଏଇ ଲୋକକଥାକୁ ବୁଝି ପାରିବ। ଏଣୁ ଯାହାକୁ ପୁରସ୍କାର ପାଇବାକୁ ଅତର୍ଚ୍ଛା ଥାଏ ସେଇ ମହାଶୟ/ୟାମାନଙ୍କୁ ଏଇ କଥାର ଗଇ ଜଣା।

ଆଜିକାଲି ଯେତେବେଳେ ସାହିତ୍ୟ ପ୍ରସଙ୍ଗରେ ବଡ଼ ଜାକଜମକରେ ରଙ୍ଗବିରଙ୍ଗର ସଭାରେ ସମ୍ମାନଟିଏ ଦିଆଯାଏ; ତାହା ଦେଖି ଆମର ଅନେକ ସାହିତ୍ୟିକ ବନ୍ଧୁ ଖପା। କୁହନ୍ତି ମୋତେ; କିହୋ ସିଏ କି ସାହିତ୍ୟିକ? କିସ ସାହିତ୍ୟ ରାମ୍ପିଛି ସିଏ କହିଲ ଆମ୍ଭଙ୍କୁ ! ଆଉ ତେମେ ଆପଣେ ଏକୁଁ ଏକ ଦିନ ଶିବରାତ୍ରୀ କରି କଣ ଓଝାଳି ପକେଇଛ ? ସେମାନଙ୍କୁ କହିଲି, କିହୋ ଦେବା ଲୋକଙ୍କ ଉପରେ କିଆଁ ଗରଜ ! ନେବା ଲୋକ ତ ନିଜ ଆସ୍ୟା ଜାଣିଥିବା କଥା। ହମହମ ହେଇ ଯାଇତାଇ ମଞ୍ଚରେ ଧରି ପକେଇଲେ ତ ହେବ ନାହିଁ। ତାଙ୍କୁ ଅବହାସରେ କହିଲେ; ସେଇ ପରା 'ସ' ଆକାରେ 'ସା', 'ହ' ଇକାରେ 'ହି' ଆଉ 'ତ'ରେ ଯଫଳା ଦେଇ 'ସାହିତ୍ୟ' ଲେଖିଛି; ଏଣୁ ସେ ମଧ୍ୟ ସାହିତ୍ୟିକ। କଥା, କବିତା ଲେଖିଲେ କି ଏକା ସାହିତ୍ୟିକ !

ଅତି ପରିତାପର ବିଷୟ, ଆଜିକାଲି ପଢ଼ାପଢ଼ି ହେଉନି ସାହିତ୍ୟର। ଅଣଚାଶ ସରିକି ଅକ୍ଷର ଆସିଗଲେ ବନା, କାର, ଯୋଗ, ଫଳା, ପ୍ରଭୃତିର ଗତିଜ୍ଞାନ ନଥାଇ ଲେଖା ଚାଲିଛି। ଓଳିଆରୁ ଗଜା ସଭିଏଁ। ଲେଖା ସରିଥିବ କି ନାହିଁ; ଛପା। ଛପା ସରିଥିବ କି ନାହିଁ ପୁରସ୍କାର ହାତେଇବାକୁ କାଉଳିଆ। ପୁରସ୍କାର ଘୋଷଣା ହୋଇଥିବ କି ନାହିଁ ଇନ୍‌ଷ୍ଟାଗ୍ରାମ୍?, ହ୍ୱାଟ୍‌ସ୍‌ଆପ୍, ଫେସ୍‌ବୁକ୍, ଟ୍ୱିଟର ଓ ସର୍ବୋପରି ଖବରକାଗଜରେ ପ୍ରଚାର ଓ ପ୍ରସାର କରି ସଭିଙ୍କୁ ଅଥୟ କରି ପକାଇବେ। ଖଜୁରୀ ଗଛର କିସ ବାହୁନିବା; ସଭିଙ୍କୁ ଏବେ ଅତର୍ଚ୍ଛା ପୁରସ୍କାରଟିଏ ହାତେଇବାକୁ। ଏଣେ ନିରୀହ ସାହିତ୍ୟିକଟିଏ ନିଜର ସାହିତ୍ୟ ସର୍ଜନାକୁ ଅଙ୍କପାଳିରେ ଧରି ବସିଛି; ପାଠକଟିଏ ପାଇଁ। ହେଲେ ପାଠକ କାହିଁ! ସିଏତ ଏଇ ଅମଣଖମଣ* ସାହିତ୍ୟମଞ୍ଚର ରଙ୍ଗବିରଙ୍ଗରେ ବାଇ!
ହାଏ ରେ !

-ପ୍ରଭୂ

* ଉଚ୍ଚନୀଚ ବା ଅସମାନ

# Jugaad Corner

A bit of Jugaad & lots of Love





Jugaad Corner deals with supplies of raw bases for art and craft purposes for artists and Crafters PAN India.

www.jugaadcorner.com
www.facebook.com/jugaadcorner
www.instagram.com/jugaadcorner







We design, customize and manufacture all kinds of MDF and pinewood products that are further used by artists and crafters all over India for their creative projects.

Our designs are exclusively curated for home décor, utility and gifting purposes.

J.C. CREATIONS
Shop No. 2, Plot No. 137,
Mahavir Vihar,
Near Patia Railway Station,
Kalarahanga, Patia,
Bhubaneswar - 751024, Odisha
Contact - 9439034505,

Blessed Fingers deals with art and craft finished products and orders even accepted on çustomizations.

www.blessedfingers.com
www.facebook.com/theblessedfingers
www.instagram.com/theblessedfingers

# Blessed Fingers










Printed & Published by Nihar Ranjan Satpathy on behalf of Nihar Ranjan Satpathy and Printed at Gayatri Industries, TS 3/193, Mancheswar Industrial Estate, Bhubaneswar - 751010 and published from SB-19, Arya Village, Dumuduma, Phase-4, Bhubaneswar - 751019.
Editor : Nihar Ranjan Satpathy